# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୯/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, April 29/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 154 | ମୂଲ୍ୟ ₹୭/-





# ପିଓକେରୁ ଆତଙ୍କବାଦୀଙ୍କୁ ଖାଲି କଲା ପାକ୍ ସେନା



ନୂଆଦିଲ୍ଲୀ,୨୮।୪

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ୁଥିବାବେଳେ ନୂଆଦିଲ୍ଲୀ ପକ୍ଷରୁ ଜବାବୀ କାର୍ଯ୍ୟାନୁଷ୍ଠାନ ଆଶଙ୍କା ଦେଖାଦେଇଛି। ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନକୁ ଦୃଷ୍ଟିରେ ରଖି ପାକିସ୍ତାନୀ ସେନା ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକୁ ଖାଲି କରିବାରେ ଲାଗିଛି। ଆତଙ୍କବାଦୀମାନଙ୍କୁ ସେନା ଆଶ୍ରୟସ୍ଥଳ ଏବଂ ବଙ୍କର ମଧ୍ୟକୁ ନିଆଯାଉଥିବା ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି।

ପିଓକେରେ ଆତଙ୍କବାଦୀଙ୍କର ଅନେକ ସକ୍ରିୟ ଲଞ୍ଚ୍‌ପ୍ୟାଡ୍ ରହିଛି, ଯେଉଁଠୁ ସେମାନେ ନିୟନ୍ତ୍ରଣ ରେଖା ଅତିକ୍ରମ କରି ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରିଥାନ୍ତି।

## ଆକ୍ରମଣ ଭୟ

ସେହି ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକ ଭାରତୀୟ ସୁରକ୍ଷା ବଳ ଚିହ୍ନଟ କରିବା ପରେ ପାକ୍ ସେନା ତୁରନ୍ତ ସେମାନଙ୍କୁ ସ୍ଥାନାନ୍ତର କରିଛି। କେଲ୍, ସାର୍ଡି, ଦୁଧନିଆଲ, ଆଥମୁକାମ୍, ଜୁରା, ଲିପା, ପଚ୍ଛିବନ, ଫରୱାର୍ଡ କହୁଟା, କୋଟଲି, ଖୁଇରଭା, ମାନ୍ଧାର, ନିକାଇଲ, ଚମନକୋଟ୍ ଏବଂ ଜାନ୍‌କୋଟ୍‌ରୁ ଆତଙ୍କବାଦୀଙ୍କୁ ଅନ୍ୟତ୍ର ନିଆଯାଇଛି। ପାକିସ୍ତାନ ଏହାର ଆତଙ୍କବାଦ ଭିତ୍ତିଭୂମିକୁ ଭାରତୀୟ ସର୍ଭିଲାନ୍ସଠାରୁ ଲୁଚାଇ ରଖିବାକୁ ଚାହୁଁଛି।

ସୂତ୍ର ଅନୁଯାୟୀ, ପିଓକେରେ ୪୨ଟି ଆତଙ୍କବାଦୀ ଲଞ୍ଚ୍‌ପ୍ୟାଡ୍ ଏବଂ ପ୍ରଶିକ୍ଷଣ କେନ୍ଦ୍ର ରହିଥିବା ଭାରତୀୟ ସୁରକ୍ଷା ବଳ ଜାଣିବାକୁ ପାଇଥିଲା। ସେଠାରେ ୧୫୦ରୁ ୨୦୦ ତାଲିମପ୍ରାପ୍ତ ଆତଙ୍କବାଦୀ ରହି ଅନୁପ୍ରବେଶ ପାଇଁ ଉଦ୍ୟମ ଚଳାଇଥିଲେ। ଜମ୍ମୁ-କଶ୍ମୀରରେ ହିଜବୁଲ ମୁଜାହିଦ୍ଦିନ, ଲଶ୍କର-ଇ-ତୋଇବା ସମେତ ବିଭିନ୍ନ ସଂଗଠନର ମୋଟ ୬୦ ଜଣ ବିଦେଶୀ ଆତଙ୍କବାଦୀ ଜମ୍ମୁ-କଶ୍ମୀରରେ ସକ୍ରିୟ ରହିଥିବା ପୂର୍ବରୁ ପ୍ରକାଶ ପାଇଥିଲା। ଗତ ୨୨ ତାରିଖ ଆକ୍ରମଣ ସହ ଲଶ୍କର-ଇ-ତୋଇବାର ପ୍ରକ୍ସି ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍)ର ୫ରୁ ୬ ଜଣ ଆତଙ୍କବାଦୀ ସମ୍ପୃକ୍ତ ଥିଲେ। ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବାବେଳେ ନିକଟ ଅତୀତରେ ଏହା ସାଧାରଣ ନାଗରିକଙ୍କ ଉପରେ ସବୁଠୁ ବଡ଼ ଆକ୍ରମଣ ଥିଲା। ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରି ଭାରତ ଏହା ବିରୋଧରେ କେତେକ କୂଟନୈତିକ କଟକଣା ଲଗାଇବା ସହ ଆତଙ୍କବାଦୀଙ୍କୁ ଖୋଜି ଖୋଜି ଦଣ୍ଡଦେବୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ।

## ସଂକ୍ଷେପରେ

### ନୌସେନା ପାଇଁ କିଣାଯିବ ୨୬ ରାଫାଲ ଯୁଦ୍ଧବିମାନ

**ଭାରତ, ଫ୍ରାନ୍ସ ମଧ୍ୟରେ ୬୪,୦୦୦ କୋଟିର ଚୁକ୍ତି ସ୍ୱାକ୍ଷର**

ନୂଆଦିଲ୍ଲୀ,୨୮।୪(ପି.ଟି.)

ଭାରତୀୟ ନୌସେନା ପାଇଁ ଫ୍ରାନ୍ସରୁ ରାଫାଲ ଯୁଦ୍ଧବିମାନର ୨୬ଟି ନାଭାଲ ଭାରିଆଣ୍ଟ କିଣାଯିବ। ଏଥିପାଇଁ ସୋମବାର ୨ ଦେଶ ମଧ୍ୟରେ ୬୪,୦୦୦ କୋଟି ଟଙ୍କା ମୂଲ୍ୟର ଆନ୍ତଃ ସରକାରୀ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଚୁକ୍ତି ଅନୁଯାୟୀ, ଭାରତରେ ରାଫାଲ ବିମାନର ମୁଖ୍ୟ ଭାଗ ନିର୍ମାଣ ସମେତ ରକ୍ଷଣାବେକ୍ଷଣ, ମରାମତି ଏବଂ ବିମାନ ଇଞ୍ଜିନଗୁଡ଼ିକର ପରୀକ୍ଷା ଓ ମେଣ୍ଟେନାନ୍ସ ଏବଂ ସେନ୍‌ସର ଆଦି ତିଆରି ହେବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ରକୁ ବିମାନରେ ଖଞ୍ଜିବା ପ୍ରଯୁକ୍ତି ମଧ୍ୟ ଫ୍ରାନ୍ସ ଯୋଗାଇଦେବ। ୨୦୩୦ ସୁଦ୍ଧା ସମସ୍ତ ଯୁଦ୍ଧବିମାନ ମିଳିବାକୁ ଥିବାବେଳେ ଏହାର ପାଇଲଟ୍ ଓ କର୍ମଚାରୀଙ୍କ ତାଲିମ୍ ଫ୍ରାନ୍ସ ଓ ଭାରତରେ ହେବ। ନୌସେନାର ଯୁଦ୍ଧବିମାନବାହୀ ଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତରେ ରାଫାଲ ଜେଟ୍‌ଗୁଡ଼ିକ ନିୟୋଜିତ ହେବ। ଫ୍ରାନ୍ସର ପ୍ରତିରକ୍ଷା ଶିଳ୍ପସଂସ୍ଥା ଡସଲ୍ଟ ଆଭିଏଶନ ଦ୍ୱାରା ନିର୍ମିତ ରାଫାଲ-ମେରାଇନ୍ ଯୁଦ୍ଧବିମାନ ସାମୁଦ୍ରିକ ପରିବେଶରେ ନିଜର ସାମର୍ଥ୍ୟ ପ୍ରମାଣିତ କରିଛି। ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍‌ରେ ରାଫାଲ ଯୁଦ୍ଧବିମାନ କିଣାକୁ ମଞ୍ଜୁରୀ ପ୍ରଦାନର ୩ ସପ୍ତାହ ପରେ ଡିଲ୍ ସ୍ୱାକ୍ଷର ହୋଇଛି।

### ତହଉର୍ ରଣାଙ୍କ ଏନ୍‌ଆଇଏ ରିମାଣ୍ଡ ୧୨ ଦିନ ବଢ଼ିଲା

ନୂଆଦିଲ୍ଲୀ,୨୮।୪

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟର ମାଇଣ୍ଡ ତହଉର ରଣାଙ୍କ ଏନ୍‌ଆଇଏ ହାଜତ ମିଆଦକୁ ବିଭାଗୀୟ ଅଦାଲତ ସୋମବାର ୧୨ ଦିନ ବଢ଼ାଇଛନ୍ତି। ଗତ ୧୦ ତାରିଖରେ ତହଉର ଭାରତ ପ୍ରତ୍ୟର୍ପଣ ହୋଇ ଆସିବା ପରେ ୧୮ଦିନ ପାଇଁ ଏନ୍‌ଆଇଏ ହାଜତକୁ ପଠାଯାଇଥିଲା। ତଥ୍ୟ ପ୍ରମାଣ ପାଇଁ ତାଙ୍କୁ ଅଧିକ ଜେରା କରାଯିବା ଆବଶ୍ୟକତା ରହିଛି ବୋଲି ତଦନ୍ତକାରୀ ସଂସ୍ଥା ଜଣାଇବା ସହ ରିମାଣ୍ଡ ଅବଧି ବଢ଼ାଇବାକୁ ନିବେଦନ କରିଥିଲା।

## ରାଜ୍ୟ ମାନ୍ୟତା ଦାବିରେ ଆକ୍ରମଣକୁ ସୁଯୋଗ ଭାବେ ନେବୁନାହିଁ: ଓମାର

ଜମ୍ମୁ,୨୮।୪(ପି.ଟି.)



ଓମାର ଅବଦୁଲ୍ଲା

ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ଦାବିରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ସୁଯୋଗ ଭାବେ ନେବୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସୋମବାର କହିଛନ୍ତି। ଜମ୍ମୁ-କଶ୍ମୀରର ସୁରକ୍ଷା କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚିତ ସରକାରଙ୍କ ଦାୟିତ୍ୱ ନୁହେଁ। କିନ୍ତୁ ରାଜ୍ୟ ମାନ୍ୟତା ଫେରିପାଇବା ପାଇଁ ଆମେ ଏହାକୁ ସୁଯୋଗ ଭାବେ ବ୍ୟବହାର କରିବୁ ନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ରାଜ୍ୟ ମାନ୍ୟତା ପାଇଁ ମୁଁ କିପରି ଦାବି କରିବି? ମୁଁ ଶସ୍ତା ରାଜନୀତିରେ ବିଶ୍ୱାସ କରେନାହିଁ ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ଓମାର କହିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଉପରେ ବିଧାନସଭାରେ ଅଣାଯାଇଥିବା ସଂକଳ୍ପନାମା ଆଲୋଚନା ଶେଷରେ ଓମାର ଏହା କହିଥିଲେ। ଆକ୍ରମଣରେ ୨୬ ଜଣ ନିରୀହ ଲୋକଙ୍କ ମୃତ୍ୟୁ ଘଟଣାକୁ ନେଇ ପ୍ରସ୍ତାବରେ ଉଦ୍‌ବେଗ ପ୍ରକାଶ କରାଯିବା ସହ ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍‌ଭାବରେ ବ୍ୟାଘାତ ସୃଷ୍ଟି କରୁଥିବା ଅପରାଧୀଙ୍କ ବିରୋଧରେ ଲଢ଼େଇ ଜାରି ରଖିବାକୁ ସଂକଳ୍ପ ନିଆଯାଇଛି।

ଓମାର କହିଥିଲେ, ଜମ୍ମୁ-କଶ୍ମୀରରୁ ଆତଙ୍କବାଦର ବିଲୋପ ନିମନ୍ତେ ଗୃହର କେତେଜଣ ସଦସ୍ୟ ରାଜ୍ୟମାନ୍ୟତା ଫେରିପାଇବା ଦାବି କରୁଛନ୍ତି। ଆମେ ଅତୀତରେ କେନ୍ଦ୍ର ସରକାରଙ୍କ ସହ ଏନେଇ କଥା ହୋଇଛୁ ଏବଂ ଭବିଷ୍ୟତରେ ମଧ୍ୟ ଆଲୋଚନା ଜାରି ରହିବ, କିନ୍ତୁ ବର୍ତ୍ତମାନ ନୁହେଁ। ଆତଙ୍କବାଦୀ ଆକ୍ରମଣକୁ ନେଇ କେତେକ ସୋସିଆଲ ମିଡିଆ ପରିଚାଳକ ମିଥ୍ୟା ଖବର ପ୍ରକାଶ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଚେତାବନୀ ଦେଇଛନ୍ତି।

## ୧୬ ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ଲକ୍ କଲା ଭାରତ

ନୂଆଦିଲ୍ଲୀ,୨୮।୪(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନର ୧୬ଟି ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ଭାରତ ନିଷିଦ୍ଧ କରିଛି। ଏହି ଚ୍ୟାନେଲଗୁଡ଼ିକରେ ଭାରତ ବିରୋଧରେ ମିଥ୍ୟା, ଉତ୍ତେଜନାପୂର୍ଣ୍ଣ ଏବଂ ସାମ୍ପ୍ରଦାୟିକ ସମ୍ବେଦନଶୀଳ ବିଷୟ ପ୍ରସାରଣ କରାଯାଉଥିବା ଅଭିଯୋଗ ହୋଇଥିଲା। ବ୍ଲକ୍ ହୋଇଥିବା ପାକସ୍ତାନୀ ଚ୍ୟାନେଲଗୁଡ଼ିକ ମଧ୍ୟରେ ଡନ୍, ସମା ଟିଭି, ଆରି ନ୍ୟୁଜ୍, ଜିଓ ନ୍ୟୁଜ୍, ରାଜି ନାମା, ଜିଏନ୍‌ଏନ୍ ଏବଂ ଇର୍ଶାଦ ଭଟ୍ଟି ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୁପାରିସକ୍ରମେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

୧୬ ୟୁଟ୍ୟୁବ୍ ଚ୍ୟାନେଲର ମୋଟ ଉପଭୋକ୍ତା ସଂଖ୍ୟା ୬୩.୦୮ ନିୟୁତ। ଏହି ଚ୍ୟାନେଲଗୁଡ଼ିକ ଆଉ ଭାରତୀୟ ଉପଭୋକ୍ତାଙ୍କୁ ଉପଲବ୍ଧ ହେବନାହିଁ। ପହଲଗାମ ଆକ୍ରମଣ ସମ୍ପର୍କିତ ଖବର ପ୍ରସାରଣକୁ ନେଇ ବିବିସି ଭାରତରେ ସମାଲୋଚିତ ହୋଇଛି। କେନ୍ଦ୍ର ସରକାର ବିବିସିର ଭାରତ ମୁଖ୍ୟ ଜାକି ମାର୍ଟିନ୍‌ଙ୍କୁ ପତ୍ର ଲେଖି ଆକ୍ରମଣ ଉପରେ ଦେଶର ଦୃଢ଼ ଭାବନା ସମ୍ପର୍କରେ ଜଣାଇଛନ୍ତି। ଆକ୍ରମଣ ପରେ ପାକିସ୍ତାନ ସରକାର ଭାରତୀୟଙ୍କ ଭିଜା ବାତିଲ କରିଥିବା ବିବିସି ଏକ ବିଭ୍ରାନ୍ତିକର ଲେଖା ପ୍ରକାଶ କରିଥିଲା।

## ମେ'ରେ ୩ ଦିନିଆ ଅସ୍ତ୍ରବିରତି ଘୋଷଣା କଲେ ପୁଟିନ୍

ମସ୍କୋ,୨୮।୪

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୋମବାର ୟୁକ୍ରେନ୍ ଯୁଦ୍ଧରେ ଅଚାନକ ୩ ଦିନିଆ ଅସ୍ତ୍ରବିରତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଜୟ ଦିବସ ଅବସରରେ ମେ' ୮ରୁ ୧୦ ପର୍ଯ୍ୟନ୍ତ ଅସ୍ତ୍ରବିରତି କାର୍ଯ୍ୟକାରୀ ହେବ। ଯୁଦ୍ଧ ବନ୍ଦ ଲାଗି ଆମେରିକା ମଧ୍ୟସ୍ଥତାରେ କୂଟନୈତିକ ସ୍ତରରେ ଉଦ୍ୟମ ଚାଲିଥିବାବେଳେ ପୁଟିନ୍‌ଙ୍କ ସାମୟିକ ଅସ୍ତ୍ରବିରତି ଘୋଷଣା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ୟୁକ୍ରେନ୍ ମଧ୍ୟ ଏହି ସମୟରେ ଆକ୍ରମଣ ବନ୍ଦ ରଖିବ ବୋଲି କ୍ରେମଲିନ୍ ଆଶାବ୍ୟକ୍ତ କରିଛି। ଯୁଦ୍ଧ ବନ୍ଦ ଲାଗି ସିଧାସଳଖ ବୁଝାମଣା ପାଇଁ ଏହା ଏକ ସମ୍ଭାବ୍ୟ ପଦକ୍ଷେପର ସୂଚନା ଦେଉଥିବା କୁହାଯାଉଛି।



ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ଫିଲ୍ମ ନିର୍ମାତା ଶେଖର କପୁରଙ୍କୁ ରାଷ୍ଟ୍ରପତି ପଦ୍ମ ଭୂଷଣ ସମ୍ମାନରେ ସମ୍ମାନିତ କରୁଛନ୍ତି।

## ଭୋଜପୁରୀ ଗାୟିକାଙ୍କ ବିରୋଧରେ ଦେଶଦ୍ରୋହ ମାମଲା

ଲକ୍ଷ୍ନୌ, ୨୮।୪



ନେହା ସିଂ ରାଠୋର

ଭୋଜପୁରୀ ଗାୟିକା ନେହା ସିଂ ରାଠୋରଙ୍କ ବିରୋଧରେ ଲକ୍ଷ୍ନୌର ହଜ୍‌ରତଗଞ୍ଜ ଥାନାରେ ଦେଶଦ୍ରୋହ ସମେତ ବିଭିନ୍ନ ଧାରାରେ ଏଫ୍‌ଆଇଆର୍ ରୁଜୁ ହୋଇଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ନେହା ସୋସିଆଲ ମିଡିଆରେ ମୋଦି ସରକାରଙ୍କ ବିରୋଧରେ ଉତ୍ତେଜକ ପୋଷ୍ଟ କରିଥିଲେ। ନେହାଙ୍କ ଏହି ପୋଷ୍ଟ ଭାରତର ଏକତାକୁ କ୍ଷତି ପହଞ୍ଚାଉଥିବା ଦର୍ଶାଇ ତାଙ୍କ ବିରୋଧରେ ସ୍ଥାନୀୟ ନିବାସୀ ଅଭୟ ପ୍ରତାପ ସିଂ ରବିବାର ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ ପୋଲିସ ନେହାଙ୍କ ବିରୋଧରେ ମାମଲା ରୁଜୁ କରିଛି। ନେହା କରିଥିବା ପୋଷ୍ଟକୁ ପାକିସ୍ତାନରେ ବ୍ୟାପକ ଶେୟାର କରାଯାଉଥିବାରୁ ନେହାଙ୍କ କାର୍ଯ୍ୟକୁ ଦେଶଦ୍ରୋହ କୁହାଯିବ ବୋଲି ଅଭୟ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

## ଇଡି ମୁମ୍ବାଇ ଅଫିସ୍‌ରେ ନିଆଁ

**ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜଳିଗଲା**

ମୁମ୍ବାଇ,୨୮।୪

ଦକ୍ଷିଣ ମୁମ୍ବାଇର ବାଲାର୍ଡ ଇଷ୍ଟେଟ୍‌ରେ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜୋନ୍-୧ କାର୍ଯ୍ୟାଳୟରେ ରବିବାର ସକାଳେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜଳିଯାଇଛି। ପାଖାପାଖି ୧୦ ଘଣ୍ଟା ନିଆଁ ଜଳିବା ଫଳରେ ଅନେକ ହାଇପ୍ରୋଫାଇଲ୍ ମାମଲାର ତଦନ୍ତ ରେକର୍ଡକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ନଷ୍ଟ ହୋଇଯାଇଥିବା ଫାଇଲ୍‌ଗୁଡ଼ିକ ମଧ୍ୟରେ ପଳାତକ ବ୍ୟବସାୟୀ ମେହୁଲ ଚୋକ୍‌ସି, ନୀରବ ମୋଦି, ରାଜନେତା ଛଗନ ଭୁଜବଳ ଏବଂ ଅନିଲ ଦେଶମୁଖଙ୍କ ତଦନ୍ତ ରେକର୍ଡ ରହିଥିବା କୁହାଯାଉଛି। ତେବେ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି।

କମ୍ପ୍ୟୁଟର, ଡକ୍ୟୁମେଣ୍ଟେଶନ ସମେତ କାର୍ଯ୍ୟାଳୟ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ତଦନ୍ତ ପ୍ରକ୍ରିୟାରେ ଏହାର କିଭଳି ପ୍ରଭାବ ପଡ଼ିବ, ତାହା ଅନିଶ୍ଚିତତା ମଧ୍ୟରେ ରହିଛି। କ୍ଷୟକ୍ଷତିର ଆକଳନ ଜାରି ରହିଛି। ଉକ୍ତ କାର୍ଯ୍ୟାଳୟରେ ତଦନ୍ତର କାଗଜପତ୍ର ରେକର୍ଡ ସମେତ ଡିଜିଟାଲ ରେକର୍ଡ ମଧ୍ୟ ରହିଥିଲା। ଅଧିକାଂଶ ଦସ୍ତାବିଜ୍‌କୁ ଡିଜିଟାଇଜ୍ କରାଯାଇଥିବାରୁ ସେଗୁଡ଼ିକ ତଦନ୍ତରେ ସହାୟକ ହୋଇପାରେ ବୋଲି କୁହାଯାଉଛି। ତେବେ ଚାର୍ଜଶିଟ୍ ଦାଖଲ ବେଳେ କୋର୍ଟରେ ମୂଳ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ହୋଇଥାଏ। ସମନ ହୋଇଥିବା ସାକ୍ଷୀମାନଙ୍କୁ ଜେରା ପ୍ରକ୍ରିୟା ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଫାଇଲ୍‌ଗୁଡ଼ିକ ଡିଜିଟାଲି ସଂରକ୍ଷିତ ହୋଇଥିବାରୁ ତଦନ୍ତ ଓ ବିଚାର ପ୍ରକ୍ରିୟା ପ୍ରଭାବିତ ହେବ ନାହିଁ ବୋଲି ଇଡି କହିଛି।

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ୧୩,୮୫୦ କୋଟି ଟଙ୍କା ଋଣ ଜାଲିଆତିରେ ସମ୍ପୃକ୍ତ ଥାଇ ଦେଶ ଛାଡ଼ି ପଳାଇଥିବା ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କୁ ଚଳିତ ମାସ ଆରମ୍ଭରେ ବେଲ୍‌ଜିୟମ୍‌ରୁ ଗିରଫ କରାଯାଇଥିଲା। ଏହି ଋଣ ଦୁର୍ନୀତି ମାମଲାରେ ତାଙ୍କ ସହ ବ୍ୟବସାୟୀ ନୀରବ ମୋଦି ମଧ୍ୟ ସମ୍ପୃକ୍ତ। ସେହିପରି ଏନ୍‌ସିପି ନେତା ଅନିଲ ଦେଶମୁଖ ଏବଂ ଛଗନ ଭୁଜବଳଙ୍କ ବିରୋଧରେ ଆର୍ଥିକ ଅନିୟମିତତା ମାମଲାର ମନିଲଣ୍ଡରିଂ ଦିଗ ଉପରେ ଇଡି ତଦନ୍ତ ଚଳାଇଥିଲା।

## ସ୍ପେନ୍, ପର୍ତ୍ତୁଗାଲରେ ବ୍ୟାପକ ବିଦ୍ୟୁତ୍ ବିଭ୍ରାଟ

- ଟ୍ରେନ୍ ସେବା ପ୍ରଭାବିତ
- ଅନ୍ଧାରରେ ପାର୍ଲାମେଣ୍ଟ, ନ୍ୟୁଜ୍‌ରୁମ୍, ମେଟ୍ରୋଷ୍ଟେଶନ

ମାଡ୍ରିଡ୍, ୨୮।୪

ୟୁରୋପୀୟ ଦେଶ ସ୍ପେନ୍ ଏବଂ ପର୍ତ୍ତୁଗାଲର ଅଧିକାଂଶ ଅଞ୍ଚଳରେ ଶନିବାର ବଡ଼ ଧରଣର ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ଉଭୟ ଦେଶର ରାଜଧାନୀରେ ବିଦ୍ୟୁତ୍ ସେବା ଠପ୍ ହୋଇଯାଇଛି। ଫ୍ରାନ୍ସର କେତେକ ସହରରେ ମଧ୍ୟ ଅନୁରୂପ ସ୍ଥିତି ଉତ୍ପନ୍ନ ହୋଇଛି। ବିଦ୍ୟୁତ୍ ଯୋଗାଣକୁ ପୁନଃ ସ୍ଥାପିତ କରିବା ପାଇଁ କାର୍ଯ୍ୟ ଜାରି ରହିଥିବା ସ୍ପେନ୍‌ର ସରକାରୀ ଗ୍ରୀଡ୍ ଅପରେଟର ରେଡ୍ ଇଲେକ୍ଟ୍ରିକା କହିଛି। ସ୍ଥାନୀୟ ସମୟ ଦିନ ୧୨ଟା ୩୦ରେ ଦେଶର ସମ୍ପୂର୍ଣ୍ଣ ଜାତୀୟ ବିଦ୍ୟୁତ୍ ଗ୍ରୀଡ୍ ବିଚ୍ଛିନ୍ନ ହୋଇଯାଇଥିବା ନେଇ ସ୍ପେନ୍‌ର ରେଳ କମ୍ପାନୀ ରେନ୍‌ଫେ କହିଛି। ଫଳରେ ଦେଶବ୍ୟାପୀ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସ୍ପେନ୍‌ର ସରକାରୀ ବ୍ରଡ୍‌କାଷ୍ଟର ଆର୍‌ଟିଭିଇ କହିଛି, ଦେଶର ଅଧିକାଂଶ ଅଞ୍ଚଳରେ ବ୍ଲାକ୍‌ଆଉଟ ସ୍ଥିତି ଦେଖାଦେଇଛି। ଫଳରେ ମାଡ୍ରିଡ୍‌ରେ ଥିବା ବିଭିନ୍ନ ନ୍ୟୁଜ୍‌ରୁମ, ଦେଶର ପାର୍ଲାମେଣ୍ଟ ଏବଂ ମେଟ୍ରୋ ଷ୍ଟେଶନଗୁଡ଼ିକ ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଇଛି। ମାଡ୍ରିଡ୍‌ରେ ଚାଲିଥିବା ଓପନ ଟେନିସ ଟୁର୍ନାମେଣ୍ଟକୁ ସ୍ଥଗିତ ରଖାଯାଇଛି। ବ୍ଲାକ୍‌ଆଉଟର କାରଣ ଜାଣିବା ପାଇଁ କାର୍ଯ୍ୟ ଜାରି ରହିଥିବା ସ୍ପେନ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି।

ପର୍ତ୍ତୁଗାଲରେ ରାଜଧାନୀ ଲିସ୍‌ବନ୍ ଏବଂ ଏହାର ଆଖପାଖ ଅଞ୍ଚଳ ସମେତ ଦେଶର ଉତ୍ତର ଏବଂ ଦକ୍ଷିଣ ପ୍ରାନ୍ତର କେତେକ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣରେ ବ୍ୟାଘାତ ଘଟିଛି। ୟୁରୋପୀୟ ବିଦ୍ୟୁତ ବ୍ୟବସ୍ଥାରେ ସମସ୍ୟା ଯୋଗୁ ଏହି ବିଦ୍ୟୁତ ବିଭ୍ରାଟ ସ୍ଥିତି ଉପୁଜିଛି।



ବିଦ୍ୟୁତ ବିଭ୍ରାଟ ଯୋଗୁ ମାଡ୍ରିଡ୍ ଓପନ ଟେନିସ୍ ଟୁର୍ନାମେଣ୍ଟକୁ ସ୍ଥଗିତ ରଖାଯିବା ପରେ ଟେନିସ୍ ପ୍ରଶଂସକମାନେ ଷ୍ଟାଡିୟମରୁ ଫେରୁଛନ୍ତି।

## ଫୁରସତ୍

## ୬୫ ବର୍ଷ ହେଲା ଛୁଟି ନେଇନାହାନ୍ତି ଶତାୟୁ ମହିଳା

ରୋମ

ଇଟାଲୀର ନେବ୍ୟୁନୋ ଗ୍ରାମରେ ରହୁଥିବା ଆନ୍ନା ପୋସି ୧୦୦ ବର୍ଷ ବୟସର ହୋଇଥିଲେ ମଧ୍ୟ ସେ ତାଙ୍କ କଫି ଦୋକାନରେ କାମ କରିବା ସହ ଲୋକଙ୍କୁ କଫି ପରସି ବହୁ ପ୍ରଶଂସା ସାଉଣ୍ଟୁଛନ୍ତି। ଇଟାଲୀର ସବୁଠାରୁ ବୟସ୍କା କଫି ଦୋକାନୀ ଭାବେ ପରିଚିତ ଆନ୍ନାଙ୍କୁ ସ୍ଥାନୀୟ ଅଞ୍ଚଳରେ ଲୋକମାନେ 'ଗ୍ରାଣ୍ଡ ମା' ଆନ୍ନା'ର ନାଁ ଦେଇଛନ୍ତି। ଏତେ ଅଧିକ ବୟସରେ ମଧ୍ୟ ଲୋକଙ୍କୁ କଫି ପରଷିବାକୁ ନେଇ ଆନ୍ନା କହିଛନ୍ତି, ତାଙ୍କ କାଫେ ବାର୍ ତାଙ୍କ ପାଇଁ ସବୁ କିଛି। ସେ ଏହାକୁ କେବେ ମଧ୍ୟ ବନ୍ଦ କରିବେ ନାହିଁ। ଅର୍ଥ ରୋଜଗାର କରିବା ପାଇଁ ସେ ତାଙ୍କ କାଫେକୁ ଚଳାଉନାହାନ୍ତି। ଏହି କାଫେ ବାର୍‌ରେ କାର୍ଯ୍ୟ କରି ସେ ସବୁବେଳେ ଲୋକଙ୍କ ସହ ରହିଥାନ୍ତି, ଯାହା ତାଙ୍କୁ ଭଲ ଲାଗିଥାଏ ବୋଲି ଆନ୍ନା କହିଛନ୍ତି।

ଆନ୍ନା 'ସେଣ୍ଟ୍ରାଲ ଡେଲି' ନାମକ ନିଜର କାଫେ ବାର୍‌କୁ ୧୯୫୮ରେ ଖୋଲିଥିଲେ। ଗତ ୬ ଦଶନ୍ଧିରୁ ଅଧିକ ସମୟ ଧରି ସେ ନିଜର ଏହି କାଫେକୁ ଚଳାଉଛନ୍ତି। ସେ ପ୍ରତିଦିନ ସକାଳ ୭ଟାରେ ଏହି କାଫେ ବାର୍‌କୁ ଖୋଲିଥାନ୍ତି। ଶୀତ ଋତୁରେ ସେ ଏହାକୁ ସନ୍ଧ୍ୟା ୭ଟା ଏବଂ ଗ୍ରୀଷ୍ମରେ ରାତି ୯ଟାରେ ବନ୍ଦ କରିଥାନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ କଫିକୁ ଲୋକମାନେ ଖୁବ୍ ପସନ୍ଦ କରନ୍ତି। ତେଣୁ ତାଙ୍କ କାଫେରେ ସର୍ବଦା ଭିଡ଼ ଲାଗିରହିଥାଏ ବୋଲି ଆନ୍ନା କହିଛନ୍ତି।



ଆନ୍ନା ପୋସି

### କାଫେ ବାର୍‌ରେ କଫି ପରିବେଷଣ କରନ୍ତି

ଆନ୍ନା ଆହୁରି କହିଛନ୍ତି, ସେ ଗତ ୬୫ ବର୍ଷ ହେଲା ଛୁଟି ନେଇନାହାନ୍ତି। ଶେଷଥର ପାଇଁ ୧୯୬୦ରେ ସେ ପ୍ୟାରିସ୍‌କୁ ଏକ ୮ ଦିନିଆ ଛୁଟିରେ ଯାଇଥିଲେ। ଏହାପରଠାରୁ ସେ କେବେ ମଧ୍ୟ ତାଙ୍କ କାଫେ ବାର୍‌କୁ ବନ୍ଦ କରିନାହାନ୍ତି। ତାଙ୍କ କଫି ବାର୍ ବର୍ଷକୁ ୩୬୫ ଦିନ ଖୋଲା ରହିଥାଏ। ରବିବାର ଏବଂ ଅନ୍ୟାନ୍ୟ ଛୁଟିଦିନଗୁଡ଼ିକରେ ମଧ୍ୟ ସେ ଛୁଟି ନିଅନ୍ତି ନାହିଁ ବୋଲି ଆନ୍ନା କହିଛନ୍ତି। ଏବେ ମଧ୍ୟ ସେ ତାଙ୍କ କାଫେରେ ସକାଳୁ ରାତି ଯାଏ ଅଧିକାଂଶ କାମ ନିଜେ କରୁଥିବା ଆନ୍ନା କହିଛନ୍ତି।

ତେବେ ପୁରୁଣା ଦିନକୁ ମନେପକାଇ ଆନ୍ନା କହିଛନ୍ତି, ସମୟ ସହ ତାଙ୍କ କାଫେରେ ଗ୍ରାହକଙ୍କ ଚଳଣି ଏବଂ ସଂସ୍କୃତିରେ ପରିବର୍ତ୍ତନ ଘଟିଛି। ପୂର୍ବରୁ ତାଙ୍କ କାଫେରେ ଲୋକମାନେ ପରସ୍ପର ସହ ବସି କଥା ହେବାକୁ ପସନ୍ଦ କରୁଥିଲେ। ଏହାସହ ସେମାନେ ପରସ୍ପର ସହ ତାସ୍ ଖେଳୁଥିଲେ। କିନ୍ତୁ ଏବେ ତାଙ୍କ କାଫେରେ ଗ୍ରାହକମାନେ ଏପରି ନ କରି କେବଳ ନିଜ ମୋବାଇଲ ଫୋନ୍‌ରେ ବ୍ୟସ୍ତ ରହୁଥିବା ଆନ୍ନା କହିଛନ୍ତି। ଗତ ନଭେମ୍ବରରେ ଆନ୍ନା ତାଙ୍କ ୧୦୦ତମ ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଲୋକେ ତାଙ୍କ କାଫେର ସାଇନବୋର୍ଡରେ 'ସେଣ୍ଟ୍ରାଲ ଡେଲି' ସହ ସେ ଇଟାଲୀର ସବୁଠାରୁ ବୟସ୍କା କାଫେ ମାଲିକ ହୋଇଥିବା ଲେଖି ଆନ୍ନାଙ୍କୁ ସରପ୍ରାଇଜ ଦେଇଥିଲେ। ଏହାଦ୍ୱାରା ଗ୍ରାଣ୍ଡ ମା' ଆନ୍ନାଙ୍କ କାଫେକୁ ଆସୁଥିବା ଗ୍ରାହକମାନେ ତାଙ୍କ ଉପଲବ୍ଧି ସମ୍ପର୍କରେ ଜାଣିପାରିବେ ବୋଲି ସେମାନେ କହିଥିଲେ।

## ବାସ୍କେଟ ବଲ୍ କୋଚ୍ ଭୂମିକାରେ ଆମୀର

ମୁମ୍ବାଇ



୨୦୨୨ରେ ଫିଲ୍ମ 'ଲାଲ୍ ସିଂ ଚଡ୍ଢା' ପରଠାରୁ ଅଭିନେତା ଆମୀର ଖାନ୍ ଅଭିନୟରୁ ଦୂରେଇ ରହିଛନ୍ତି। ତେବେ ଖୁବ୍‌ଶୀଘ୍ର ତାଙ୍କୁ 'ସିତାରେ ଜମିନ ପର' ଫିଲ୍ମରେ ଦେଖିବାକୁ ମିଳିବ। ୨୦୦୭ରେ ରିଲିଜ୍ ହୋଇଥିବା ଆମୀରଙ୍କ 'ତାରେ ଜମିନ ପର' ଫିଲ୍ମର ଏହା ହେଉଛି ସିକ୍ୱେଲ। ସୋମବାର 'ସିତାରେ ଜମିନ ପର' ଫିଲ୍ମକୁ ନେଇ ଏକ ନୂତନ ଅପ୍‌ଡେଟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଫିଲ୍ମର ଟ୍ରେଲର ରିଲିଜ୍ ନେଇ ସେନ୍ସର ବୋର୍ଡ ପକ୍ଷରୁ ମଞ୍ଜୁରୀ ମିଳିଛି। ସେନ୍ସର ବୋର୍ଡ 'ସିତାରେ ଜମିନ ପର' ଫିଲ୍ମର ଟ୍ରେଲରକୁ 'ୟୁଏ ୧୩+' ରେଟିଂ ପ୍ରଦାନ କରିଛି। ମୋଟ ୩ ମିନିଟ ୨୯ ସେକେଣ୍ଡର ଏହି ଟ୍ରେଲରକୁ ଆସନ୍ତା ୧ ତାରିଖରେ ସିନେମାହଲ୍‌ଗୁଡ଼ିକରେ ଅଭିନେତା ଅଜୟ ଦେବଗନ୍‌ଙ୍କ 'ରେଡ୍ ୨' ଫିଲ୍ମର ରିଲିଜ୍ ବେଳେ ଜାରି କରାଯିବ। ତେବେ ଏହି ଫିଲ୍ମର ରିଲିଜ୍ ତାରିଖ ଉପରୁ ବର୍ତ୍ତମାନ ସୁଦ୍ଧା ପରଦା ଉଠିନାହିଁ। ଆର୍.ଏସ୍. ପ୍ରସନ୍ନାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଆମୀରଙ୍କ ବିପକ୍ଷରେ ଅଭିନେତ୍ରୀ ଜେନେଲିଆ ଡି'ସୁଜା ଦେଶମୁଖ ନଜରକୁ ଆସିବେ। ରିପୋର୍ଟ ଅନୁଯାୟୀ, ଫିଲ୍ମରେ ଆମୀରଙ୍କୁ ଜଣେ ରାଗୀ ଏବଂ ନିଷ୍ଠୁର ବାସ୍କେଟବଲ୍ କୋଚ୍‌ଙ୍କ ଭୂମିକାରେ ଦେଖିବାକୁ ମିଳିବ। ତେବେ ସମୟ କ୍ରମେ ତାଙ୍କ ଆଚରଣ ଓ ବ୍ୟବହାରରେ କିପରି ପରିବର୍ତ୍ତନ ଘଟୁଛି, ସେନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୯/୨୦୨୫ | Bhubaneswar, Tuesday, April 29/2025 | ପୃଷ୍ଠା-୧


# ଓଟିଟିରେ ଅଶ୍ଲୀଳତା: ଅଙ୍କୁଶ ଲଗାଯାଉ

ଓଟିଟି (ଓଭର ଦି ଟପ୍) ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଆପତ୍ତିଜନକ ଏବଂ ଅଶ୍ଲୀଳ ବିଷୟବସ୍ତୁର ପ୍ରସାରଣ ଚିନ୍ତା ବଢ଼ାଇଛି। ଏହାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ଗ୍ରହଣ କରି କେନ୍ଦ୍ର ସରକାର ଏବଂ କେତେକ ପ୍ଲାଟ୍‌ଫର୍ମକୁ ସୋମବାର ନୋଟିସ୍ ଜାରି କରିଛନ୍ତି। ଏଗୁଡ଼ିକୁ ନିୟନ୍ତ୍ରଣ ପାଇଁ କେତେକ ନିୟମାବଳୀ ଅଣାଯିବା ଆବଶ୍ୟକ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି। ଆପତ୍ତିଜନକ ଓ ଅଶ୍ଲୀଳ ବିଷୟବସ୍ତୁ ପ୍ରସାରଣ ବନ୍ଦ ଦାବିରେ ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି, ଓଟିଟି ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକର ସାମାଜିକ ଦାୟିତ୍ୱବୋଧ ରହିବା ଆବଶ୍ୟକ। ଅନ୍‌ଲାଇନରେ ଅଶାଳୀନ ବିଷୟବସ୍ତୁ ପ୍ରସାରଣ ଉପରେ ଅଙ୍କୁଶ ଲଗାଇବା ପାଇଁ କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା ପଦକ୍ଷେପ ନେବାକୁ ହେବ।

## କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ୍



ନୂଆଦିଲ୍ଲୀ,୨୮।୪(ପି.ଟି.)

ଓଟିଟି ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଆପତ୍ତିଜନକ ଏବଂ ଅଶ୍ଲୀଳ ଭିଡିଓ ଆଦି ପ୍ରସାରଣକୁ ନିଷିଦ୍ଧ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଉଦୟ ମହୁରକର ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଅଶାଳୀନ ବିଷୟବସ୍ତୁଗୁଡ଼ିକର ଅବାଧ ପ୍ରସାର ସ୍ୱାଭାବିକ ଭାବେ ଚିନ୍ତାଜନକ ବୋଲି ମହୁରକରଙ୍କ ତରଫରୁ ଆଇନଜୀବୀ ବିଷ୍ଣୁଶଙ୍କର ଜୈନ ଅଦାଲତଙ୍କୁ କହିଛନ୍ତି। ଏଭଳି ଯୌନ ଶୋଷଣକାରୀ ଭିଡିଓ ଯୁବବର୍ଗ ଓ ଛୋଟ ପିଲାମାନଙ୍କ ମାନସିକତାକୁ ଦୂଷିତ କରିବା ସହ ବିକୃତ ପ୍ରବୃତ୍ତି ବଢ଼ାଉଛି ଏବଂ ଅପରାଧ ହାର ବୃଦ୍ଧି ପାଉଛି। ଏଭଳି ବିଷୟବସ୍ତୁ ପ୍ରସାରଣକୁ ରୋକା ନ ଗଲେ ସାମାଜିକ ମୂଲ୍ୟବୋଧ, ମାନସିକ ସ୍ୱାସ୍ଥ୍ୟ ଏବଂ ସର୍ବସାଧାରଣ ନିରାପତ୍ତା ଉପରେ ଗମ୍ଭୀର ପ୍ରଭାବ ପଡ଼ିପାରେ ବୋଲି ମହୁରକର ତାଙ୍କ ପିଟିଶନ୍‌ରେ ଦର୍ଶାଇଛନ୍ତି। ଜବାବରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, କେତେକ ନିୟମାବଳୀ କାର୍ଯ୍ୟକାରୀ ହୋଇଥିବାବେଳେ ଅନ୍ୟ କେତେକ ବିଚାରାଧୀନ ରହିଛି। କେତେକ ବିଷୟବସ୍ତୁ ଏତେ ବିକୃତ ଯେ, ୨ ଜଣ ସମ୍ମାନିତ ବ୍ୟକ୍ତି ଏକାଠି ବସି ଏହାକୁ ଦେଖିପାରିବେ ନାହିଁ। ୧୮ ବର୍ଷରୁ ଊର୍ଦ୍ଧ୍ୱ ସତର୍କ ସୂଚନା ସତ୍ତ୍ୱେ ବଳିଷ୍ଠ ପ୍ରତିକାର ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ମେହେଟ୍ଟା ସ୍ୱୀକାର କରିଛନ୍ତି। ଏଭଳିସ୍ଥଳେ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ସମେତ ନେଟ୍‌ଫ୍ଲିକ୍ସ, ଆମାଜନ ପ୍ରାଇମ୍, ଉଲ୍ଲୁ, ଏଏଲ୍‌ଟିଟି, ଏକ୍ସ, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଏବଂ ଅନ୍ୟାନ୍ୟ ପ୍ଲାଟ୍‌ଫର୍ମକୁ ନୋଟିସ ଜାରି କରି ସେମାନଙ୍କୁ ସବିଶେଷ ଜବାବ ମାଗିଛନ୍ତି।

# ଭିସୁଟ୍: ୧୦୦ ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଶିକ୍ଷାନୁଷ୍ଠାନକୁ ଭୟମୁକ୍ତ କରିବା ସହ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହାସତ୍ତ୍ୱେ ରାଗିଂ ଏବଂ ନିର୍ଯାତନା ଭଳି ଘଟଣା ଅନେକ ସମୟରେ ଦେଖିବାକୁ ମିଳୁଛି। ଏଭଳି ବିଶୃଙ୍ଖଳା ବିରୋଧରେ ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ) କର୍ତ୍ତୃପକ୍ଷ କଠୋର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବିଶୃଙ୍ଖଳିତ ଆଚରଣ, ଶାନ୍ତି ଭଙ୍ଗ ଏବଂ କମ୍ ଉପସ୍ଥାପନା କରିଥିବା ୧୦୦ ଛାତ୍ରୀଛାତ୍ରଙ୍କ ବିରୋଧରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏପରି କି ସେମାନଙ୍କ ଉପରେ ଏକ ହଜାରରୁ ୫ହଜାର ପର୍ଯ୍ୟନ୍ତ ଆର୍ଥିକ ଜରିମାନା ଲାଗୁ କରିଛନ୍ତି।

ସମ୍ବଲପୁର,୨୮।୪
(ପ୍ରମୋଦ ବହିଦାର)




## ହଜାରରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା

ବିଶୃଙ୍ଖଳିତ ଆଚରଣ କରିଥିବା ଅଭିଯୋଗରେ ୧୦୦ଜଣ ଛାତ୍ରୀଛାତ୍ରଙ୍କ ବିରୋଧରେ ଭିସୁଟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କମ୍ ଉପସ୍ଥାନ ଏବଂ ବିଶ୍ୱବିଦ୍ୟାଳୟ ନିୟମ ଉଲ୍ଲଂଘନ ଆଦି ବିଭିନ୍ନ ବିଶୃଙ୍ଖଳିତ ଆଚରଣର ଉପଯୁକ୍ତ ବିଚାରପୂର୍ବକ ବ୍ୟକ୍ତିଗତ ସମୀକ୍ଷା ପରେ ଶୃଙ୍ଖଳା କମିଟି ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡିତ ଶହେ ଜଣଙ୍କ ମଧ୍ୟରେ ରହିଛନ୍ତି ୯ଜଣ ଛାତ୍ରୀ।

ଗତ ଏପ୍ରିଲ ୧୦ ତାରିଖରେ ହୀରାକୁଦ ଜଳ ଭଣ୍ଡାରକୁ ଗାଧୋଇବାକୁ ଯାଇ ଫିଂଶରି ପଏଣ୍ଟରେ ଗଭୀର ପାଣିରେ ବୁଡ଼ି ଭିସୁଟ୍‌ର ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗ ଶେଷ ବର୍ଷ ଛାତ୍ରୀ ଶାଶ୍ୱତୀ ଭୋଇଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ୬ ଜଣ ଛାତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କୁ ଛାତ୍ରାବାସରୁ ବହିଷ୍କାର କରାଯାଇଛି। ସମ୍ପୃକ୍ତ ଛାତ୍ରୀମାନେ ହେଲେ ସିଦ୍ଧେଶ୍ୱରୀ ମହାରଣା, ଅଦିତି ହାତୀ, ଅନୁଷ୍କା ରାୟ, ପୂରବୀ ମହାପାତ୍ର, ଅଦ୍ୟାଶା ନାୟକ ଓ ରାସେଶ୍ୱରୀ ପରିଡ଼ା। ସେହିପରି ପରୀକ୍ଷା ଫଳାଫଳରେ ସେମାନେ ଅଧ୍ୟୟନ କରୁଥିବା ପାଠ୍ୟକ୍ରମର ଗ୍ରେଡ୍ ପଏଣ୍ଟ ହ୍ରାସ କରି 'ଏଫ୍' ଗ୍ରେଡ୍ ଓ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଶାଶ୍ୱତୀ ଭୋଇଙ୍କ ମୃତ୍ୟୁ ପରେ ଭିସୁଟ୍ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଉପରେ ବିଭିନ୍ନ ପ୍ରକାର ଶୃଙ୍ଖଳାଗତ କଟକଣାକୁ କଡ଼ାକଡ଼ି କରିଥିଲେ। ସେଥିମଧ୍ୟରେ ବିନା ଅନୁମତିରେ ହଷ୍ଟେଲ ବା ଶିକ୍ଷାନୁଷ୍ଠାନ ପରିସରରୁ ବାହାରକୁ ନ ଯିବା, ଠିକ୍ ସମୟରେ ହଷ୍ଟେଲକୁ ଫେରିବା, କୌଣସି ଅନୈତିକ କାର୍ଯ୍ୟରେ ଲିପ୍ତ ନ ହେବା, କନିଷ୍ଠ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର ନ କରିବା, ଶିକ୍ଷାନୁଷ୍ଠାନ ସମ୍ପତ୍ତିକୁ କ୍ଷତି ନ ପହଞ୍ଚାଇବା, ନିଶା ସେବନରୁ ଦୂରେଇ ରହିବା ଆଦି ବିଭିନ୍ନ ପ୍ରକାର ଶୃଙ୍ଖଳାଜନିତ କଟକଣା ଲାଗୁ କରା ଯାଇଥିଲା। ତେବେ ଉକ୍ତ ଶୃଙ୍ଖଳା ଭଙ୍ଗ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଭିସୁଟ୍ କର୍ତ୍ତୃପକ୍ଷ ସେମାନଙ୍କ ପରୀକ୍ଷାଫଳ 'ଏଫ୍' ଗ୍ରେଡ୍‌କୁ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ୧ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅର୍ଥକୁ ଡିନ୍ ଛାତ୍ର କଲ୍ୟାଣଙ୍କ ନିକଟରେ ଜମା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ସମ୍ପୃକ୍ତ ଛାତ୍ରୀଛାତ୍ରମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟର ଯେକୌଣସି ଶିକ୍ଷାଗତ, ସହପାର୍ଶ୍ୱିକ ଓ ଶୈକ୍ଷିକ ସ୍ୱୀକୃତିରେ ଜଡ଼ିତ ପଦକ, ପ୍ରମାଣପତ୍ର ଓ ପୁରସ୍କାରପ୍ରାପ୍ତି ସହିତ କୌଣସି ପୁରସ୍କାର ବିତରଣ ସମାରୋହରେ ଅଂଶଗ୍ରହଣ ଉପରେ କଟକଣା ଜାରି କରାଯାଇଛି। ଏହାବ୍ୟତୀତ ନିର୍ବାଚନରେ ଅଂଶଗ୍ରହଣ, କୌଣସି ସଙ୍ଗଠନର ସଦସ୍ୟତା ପାଇଁ ମନୋନୀତ କରିବା ବା କୌଣସି କ୍ରୀଡ଼ା ଦଳର ଅଧିନାୟକତ୍ୱ ପଦରେ ଅଳଙ୍କୃତ ହେବାରୁ ମଧ୍ୟ ସେମାନଙ୍କୁ ବାରଣ କରାଯାଇଛି। ସେହିପରି ଦଣ୍ଡିତ ଛାତ୍ରୀଛାତ୍ରଙ୍କୁ ବହିଷ୍କାର ବା ଅନ୍ୟ କୌଣସି କଠୋର ଦଣ୍ଡ ବିଧାନରୁ ବର୍ତ୍ତିବା ପାଇଁ ସମ୍ପୃକ୍ତ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନଙ୍କୁ ବ୍ୟକ୍ତିଗତ ଭାବେ ସତ୍ୟପାଠ ଦାଖଲ କରିବାକୁ ଭିସୁଟ୍ କର୍ତ୍ତୃପକ୍ଷ ଲିଖିତ ନିର୍ଦ୍ଦେଶନାମା ଜାରି କରି ସେମାନଙ୍କୁ ସୂଚିତ କରିଛନ୍ତି।

## ବିଦେଶୀ ନାଗରିକଙ୍କ ରାଶନ କାର୍ଡ ତୁରନ୍ତ କାଟ: ମନ୍ତ୍ରୀ

ଭୁବନେଶ୍ୱର,୨୮।୪(ସୁନିତ୍ ମିଶ୍ର)

ପିଡିଏସ୍ ବ୍ୟବସ୍ଥା ଭିତରେ ବେଆଇନ ଭାବେ ରାଶନ କାର୍ଡ ହାତେଇଥିବା ବିଦେଶୀ ନାଗରିକଙ୍କୁ ଚିହ୍ନଟ କରାଯିବ। ତୁରନ୍ତ ସେମାନଙ୍କ ରାଶନ କାର୍ଡ କାଟି ଦିଆଯିବ। ପାକିସ୍ତାନ, ବାଂଲାଦେଶ ଏବଂ ମ୍ୟାନ୍‌ମାରରୁ ଆସିଥିବା ବହୁ ବିଦେଶୀ ନାଗରିକ ଓଡ଼ିଶାରେ ଦୀର୍ଘଦିନ ହେବ ରହି ଆସୁଛନ୍ତି। କେବଳ ରହି ନାହାନ୍ତି ବରଂ ବେଆଇନ ଭାବେ ରାଶନ କାର୍ଡ ହାତେଇଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ପାତ୍ର କହିଛନ୍ତି, ବିଦେଶୀ ନାଗରିକଙ୍କ ରାଶନ କାର୍ଡ କଟାଯିବା ସହ ଯେପରି ସେମାନେ ଏହାର ଅପବ୍ୟବହାର ନ କରିପାରନ୍ତି ସେଥିପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ବେଆଇନ ଭାବେ ପାକିସ୍ତାନ, ବାଂଲାଦେଶ ଏବଂ ମ୍ୟାନ୍‌ମାର ଆଦି ଦେଶରୁ ଆସି ଓଡ଼ିଶାରେ ରହିଯାଇଥିବା ନାଗରିକମାନେ ରାଜନୈତିକ ପ୍ରଭାବ ଏବଂ ଅନ୍ୟ କୌଣସି ବାଟରେ ରାଶନ କାର୍ଡ ହାତେଇ ନେଇଛନ୍ତି। ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ଏହି କ୍ରମରେ ସବୁ ଜିଲାପାଳଙ୍କୁ ଏନେଇ ସରକାର ଚିଠି ମଧ୍ୟ ଜାରି କରିଛନ୍ତି। ତୁରନ୍ତ ସେହିସବୁ ବେଆଇନ ନାଁ ରାଶନ କାର୍ଡ ତାଲିକା ଏବଂ ଡାଟାବେସ୍‌ରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ଅଧିକାରୀମାନଙ୍କ ସହ ମିଳିତ ଭାବେ ତଦନ୍ତକରି ସଂଶୋଧନ କରିବାକୁ କୁହାଯାଉଛି। କେବଳ ଭାରତୀୟ ନାଗରିକମାନେ ରାଶନ କାର୍ଡ ପାଇବାକୁ ଯୋଗ୍ୟ। ତୃଣମୂଳସ୍ତରରେ ଆଧାରକାର୍ଡ ହିତାଧିକାରୀଙ୍କ ତାଲିକାକୁ ଠିକ୍ ଭାବେ ଜିଲା ପ୍ରଶାସନ ତର୍ଜମା କରିବାକୁ ମନ୍ତ୍ରୀ ପାତ୍ର କହିଛନ୍ତି।


ଆଜିର ସମ୍ପାଦକୀୟ
ଚତୁର ଚୋର


# ବ୍ୟାଙ୍କ ଚାକିରି ଛାଡ଼ି ଅଡି କାର୍‌ରେ କ୍ଷୀର ବିକୁଛନ୍ତି

ଫରିଦାବାଦ, ୨୮।୪






ଅମିତ ଭଡ଼ାନା ଅଡି କାର୍‌ରେ ଯାଇ ଲୋକଙ୍କୁ କ୍ଷୀର ଦେଉଛନ୍ତି।

ହରିୟାଣାର ଫରିଦାବାଦ ନିବାସୀ ଅମିତ ଭଡ଼ାନା (୩୩)ଙ୍କୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଲାଗିରହିଛି। ମୋହଲତା ଗ୍ରାମର ଅମିତ ନିଜର ବ୍ୟାଙ୍କ ଚାକିରିକୁ ଛାଡ଼ି ବିଳାସପୂର୍ଣ୍ଣ ଅଡି କାର୍‌ରେ ଘରକୁ ଘର ଯାଇ ଲୋକଙ୍କୁ କ୍ଷୀର ପହଞ୍ଚାଉଛନ୍ତି। ଅମିତଙ୍କର ବିଳାସପୂର୍ଣ୍ଣ କାର୍ ଏବଂ ବାଇକ ପ୍ରତି ଆଗ୍ରହ ରହିଥିଲା। ଏବେ ସେ ନିଜର ଏହି ଆଗ୍ରହକୁ ତାଙ୍କ ପୂର୍ଣ୍ଣକାଳୀନ ବୃତ୍ତିରେ ପରିଣତ କରିଛନ୍ତି।

ଗ୍ରାଜୁଏଶନ ଶେଷ ପରେ ଅମିତ ଏକ ଘରୋଇ ବ୍ୟାଙ୍କରେ ନିଯୁକ୍ତି ପାଇଥିଲେ। ସେଠାରେ ସେ ୭ ବର୍ଷ ଧରି କାର୍ଯ୍ୟ କରିଥିଲେ। ବ୍ୟାଙ୍କର କାର୍ଯ୍ୟ ଚାପ ଯୋଗୁ ଗାଡ଼ି ଚଲାଇବା ନେଇ ସେ ତାଙ୍କ ଆଗ୍ରହକୁ ପୂରା କରିପାରୁ ନ ଥିଲେ, ଯାହା ତାଙ୍କୁ ନିରାଶ କରିଥିଲା ବୋଲି ଅମିତ କହିଛନ୍ତି। କ୍ଷୀର ବ୍ୟବସାୟ ସହ ଜଡ଼ିତ ପରିବାରରୁ ଆସୁଥିବାରୁ ଅମିତ ଯାନବାହନ ପ୍ରତି ନିଜ ଆଗ୍ରହକୁ ପାରିବାରିକ ବ୍ୟବସାୟ ସହ ମିଶ୍ରଣ କରିବାକୁ ଠିକ୍ କରିଥିଲେ। ତେଣୁ ୨୦୨୧ରେ ସେ ବ୍ୟାଙ୍କ ଚାକିରିରୁ ଇସ୍ତଫା ଦେଇ ନିଜର ବିଭିନ୍ନ ବିଳାସପୂର୍ଣ୍ଣ ଗାଡ଼ି ଜରିଆରେ ଘରକୁ ଘର ଯାଇ କ୍ଷୀର ପହଞ୍ଚାଇଥିଲେ। ପ୍ରଥମେ ସେ ନିଜ ପାଇଁ ୮ ଲକ୍ଷ ମୂଲ୍ୟର ହାର୍ଲି-ଡାଭିଡସନ୍ ବାଇକ୍ କିଣିଥିଲେ। ପରେ ଧୀରେ ଧୀରେ ଅମିତଙ୍କ ବ୍ୟବସାୟ ବୃଦ୍ଧି ପାଇଥିଲା। ତାଙ୍କ ଗ୍ରାହକଙ୍କ ସଂଖ୍ୟା ମଧ୍ୟ ବଢ଼ିଥିଲା। ଏବେ ସେ ନିଜ ୧ କୋଟି ମୂଲ୍ୟର ଅଡି କାର୍‌ରେ ଗ୍ରାହକଙ୍କୁ କ୍ଷୀର ଦେବା ପାଇଁ ଯାଉଛନ୍ତି। ଅମିତ କହିଛନ୍ତି, ଘରକୁ ଘର ବୁଲି କ୍ଷୀର ଦେଉଥିବା ଯୋଗୁ ସେ ଦୈନିକ ୬୦ କି.ମି. ଗାଡ଼ି ଚଲାଇବାର ସୁଯୋଗ ପାଉଛନ୍ତି। ଏହି କାର୍ଯ୍ୟକୁ ସେ ଛୋଟ ମନେ କରନ୍ତି ନାହିଁ, ବରଂ ଗାଡ଼ି ଚଲାଇ ଲୋକଙ୍କୁ କ୍ଷୀର ଯୋଗାଇବା କାର୍ଯ୍ୟକୁ ସେ ଖୁବ୍ ଉପଭୋଗ କରୁଛନ୍ତି। ଗାଡ଼ି ଚଲାଇବାକୁ ସେ ପସନ୍ଦ କରନ୍ତି ଏବଂ ସେ ଏହାକୁ ଛାଡ଼ି ପାରିବେ ନାହିଁ ବୋଲି ଅମିତ କହିଛନ୍ତି। ନିଜର ଏହି ବ୍ୟବସାୟିକ ସଫଳତା ପାଇଁ ତାଙ୍କୁ ତାଙ୍କ ପରିବାର ଦୃଢ଼ ଭାବେ ସମର୍ଥନ କରିଥିବା ଅମିତ କହିଛନ୍ତି।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଆଦିଗୁରୁ ପଙ୍କଜ ଚରଣ ଦାସ ପ୍ରତିଭା ପ୍ରତିଯୋଗିତା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସାମୂହିକ ବ୍ରତୋପନୟନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖେଳ ପଡ଼ିଆ, ସୁବୁଦ୍ଧିପୁର, କଳିଙ୍ଗ ବିହାର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଶ୍ରୀ ଶ୍ରୀ ରାଧା ମଦନମୋହନ ଜୀଉଙ୍କର ୧୦ମ ବାର୍ଷିକ ବ୍ରହ୍ମୋତ୍ସବ,ସ୍ଥାନ:ରାଧା ମଦନମୋହନ ମନ୍ଦିର ପରିସର, ବାଲିଆପାଳ,ସମୟ:ଦିବସବ୍ୟାପୀ।
- ମତ୍ସ୍ୟ ତାଲିମ ଶିବିର, ସ୍ଥାନ: କୃଷି ବିଭାଗ ପରିସର, ସିମୁଳିଆ, ସମୟ: ସକାଳ ୮ଟା ୩୦।
- ଦକ୍ଷତା ନିର୍ମାଣ ସମ୍ପର୍କରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ,ସ୍ଥାନ: ବିବିସିସି ବ୍ୟାଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର,ସମୟ:ସନ୍ଧ୍ୟା ୬ଟା ୩୦।
- ନୃତ୍ୟ ସଙ୍ଗୀତ କଳାମନ୍ଦିର ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ,ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ:ସନ୍ଧ୍ୟା ୭ଟା।

## ଭଦ୍ରକ
- ପଞ୍ଚମୁଖୀ ହନୁମାନଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଜଗନ୍ନାଥପ୍ରସାଦ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ନାଟ୍ୟ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ସୁରୁବଣ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ସୌରଭ ସମ୍ମାନ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବର ଠାକୁରାଣୀ ଗ୍ରାମ ପରିଭ୍ରମଣ ଓ ଗୀତାପାଠ, ସ୍ଥାନ: ଅସିଆ, ଛେନାପଦି, ସମୟ: ସକାଳ ୮ ଟା।
- ଗଡ଼ଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ରାଇରଙ୍ଗପୁର ସହ ମୟୂରଭଞ୍ଜ ଗ୍ରୀନ କ୍ରିକେଟ ମ୍ୟାଚ୍, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ଅଣଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## ଗଞ୍ଜାମ
- ମା' ପଞ୍ଚ ଠାକୁରାଣୀଙ୍କ ନଗର ଭ୍ରମଣ, ସ୍ଥାନ: ବୁଗୁଡ଼ା ବଡଦାଣ୍ଡ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ଶ୍ରୀମଦ ଭାଗବତ ପାରାୟଣ ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର, ସମୟ : ସକାଳ ୯ ଓ ସନ୍ଧ୍ୟା ୬ଟା ୩୦।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ଅନନ୍ତ ବଳିଆ ସେବାଶ୍ରମ, କନ୍ତିଆ, ଢ଼ୋଲ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।

## ଯାଜପୁର
- ଜଗନ୍ନାଥ ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଯାଜପୁର ରୋଡ୍ ବଳଦିଆ ମଠ, ସମୟ: ସକାଳ ୬ଟା।
- ଶ୍ରୀ ଶ୍ରୀ ମହାଲକ୍ଷ୍ମୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କୋରେଇ ବ୍ଲକ ପଛିକୋଟଗଡ଼ ଗ୍ରାମ, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ବିରଜାକ୍ଷେତ୍ର ଫେଷ୍ଟିବାଲ କାର୍ଯ୍ୟକ୍ରମରେ ବିରଜାଶ୍ରୀ ସମ୍ମାନ ପ୍ରଦାନ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୫ଟା।

## ନୟାଗଡ଼
- ହନୁମାନ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗୋପୀନାଥପୁର , ସମୟ: ସକାଳ ୭ ଟା।
- ପଞ୍ଚ କୁଣ୍ଡିୟ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭାପୁର ବ୍ଲକ ମାଧପୁର ଯଜ୍ଞ ପଦା, ସମୟ: ଅପରାହ୍ନ ୪ଟା।
- ଗଣିଆ ଲଙ୍କାପୋଡି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଣିଆ ଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ ଟା।
- ପବ୍ଲିକ ସ୍କୁଲର ୨୪ ତମ ବର୍ଷିକ ଉତ୍ସବ, ସ୍ଥାନ: ଓଡ଼ଗାଁ ବ୍ଲକ ଶରଣକୁଳ କବି ସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ, ସମୟ: ସନ୍ଧ୍ୟା ସାଢେ ୬ଟା।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ରାବଣ ବଧ, ସ୍ଥାନ: ଗଣିଆ ଯାତ୍ରା ପଡିଆ , ସମୟ: ରାତି ୧୦ ଟା।

## ନବରଙ୍ଗପୁର
- ରକ୍ତଦାନ ଶିବିର, ସ୍ଥାନ: ଉମରକୋଟ ପୂଜାରୀଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ସକାଳ ୭ଟା।

## କୋରାପୁଟ
- ସର୍ବଦଳୀୟ ପ୍ରତିବାଦ ସଭା, ସ୍ଥାନ: ବୈପାରୀଗୁଡ଼ା, ସମୟ: ସକାଳ ୬ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଶ୍ରୀଶ୍ରୀ ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ ବିଶାଳଖିଣ୍ଡା ଗ୍ରାମ, ସମୟ : ସକାଳ : ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ : ବ୍ରୁକ୍ସ ହିଲ ରାମ ମନ୍ଦିର, ସମୟ : ସକାଳ ୮ଟା।
- ଭାରତୀ ସମାଜ ଆୟୋଜନରେ ଶିଶୁ ବିକାଶ କାର୍ଯ୍ୟକ୍ରମ, ସ୍ଥାନ : ଗୁରୁ ପଦ୍ମସମ୍ଭବ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରବି ଧାନକ୍ରୟ ପ୍ରସ୍ତୁତି ବୈଠକ, ସ୍ଥାନ : ଜିଲାପାଳ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର
- ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା, ସ୍ଥାନ: ନୃସିଂହ ମନ୍ଦିର, ବଲାଙ୍ଗୀର, ସମୟ: ସକାଳ ୯ଟା।

## ରାଉରକେଲା
- ନୃତ୍ୟ ମହ୍ଲାର ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟଦିବସ ପାଳନ, ସ୍ଥାନ: ପାନପୋଷ, ସମୟ: ଅପରାହ୍ନ ୫ଟା।
- ମଧୁସୂଦନ ଜୟନ୍ତୀ ପାଳନ,ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ତୃତୀୟ ଦିବସ, ସ୍ଥାନ: ଉଦିତନଗର, ସମୟ: ସକାଳ ୭ଟା ୩୦।
- ଗଜପତି କୃଷ୍ଣଚନ୍ଦ୍ର ଦେବ ଜୟନ୍ତୀ ଓ ମଧୁଜୟନ୍ତୀ ଉଦ୍‌ଯାପିତ,ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୭ଟା ୩୦।
- ସାହିତ୍ୟ ଓ କବିତା ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ ସମୟ: ରାତି ୭ଟା।

## ବରଗଡ଼
- ଜଗନ୍ନାଥ ଓ ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗୋଡ଼ଭଗା, ଅତାବିରା, ସମୟ: ସକାଳ ୭ଟା।
- ପର୍ଶୁରାମ ଜୟନ୍ତୀ ଅବସରରେ ପୂଜାର୍ଚ୍ଚନା, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋଡ଼ଭଗା, ଅତାବିରା, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜୁନାଗଡ଼ ଅଗ୍ରସେନ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ବାଲାଜୀ ମନ୍ଦିର, ସମୟ: ସକାଳ ୮ଟା।

## ବୌଦ୍ଧ
- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ପଞ୍ଚମ ଦିନ, ସ୍ଥାନ: ମା' ଭୈରବୀଙ୍କ ପ୍ରାଙ୍ଗଣ, ପୁରୁଣାକଟକ, ସମୟ: ସକାଳ ୯ ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ସର୍ବଦଳୀୟ ଆଲୋଚନାଚକ୍ର, ସ୍ଥାନ: ସେଣ୍ଟର୍ ଫର୍ କଲଚର୍, ଦେବଗଡ,ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୧୫।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା
- ବୀର ବିକ୍ରମ ବହୁଭାଷୀ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଅଗ୍ରସେନ ଭବନ ଖଡିଆଳ, ସମୟ: ରାତି ୯ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଖରିଆର ରୋଡ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ବଙ୍ଗାମୁଣ୍ଡା ଗାଁ, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ, ସ୍ଥାନ: ସାହାପଡା ହନୁମାନ ମନ୍ଦିର, ସମୟ: ସକାଳ ୭ଟା।
- ସୁନ୍ଦରାକାଣ୍ଡ ପଠନ, ସ୍ଥାନ: ତିଳେଇ ରାମ ଓ ହନୁମାନ ମନ୍ଦିର, ସମୟ: ସକାଳ ୯ଟା।
- ଅଂଶୁଘାତ ସଚେତନତା ସଭା, ସ୍ଥାନ: ମଳଦା କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଉଚ୍ଚସ୍ଥ ରବିଙ୍କ ପ୍ରଭାବରେ ସମୟାନୁବର୍ତ୍ତିତା ଏବଂ କର୍ମଦକ୍ଷତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। ପାରିବାରିକ ସମସ୍ୟା, ପରିବହନରେ ଝଗଡ଼ା, ଯାନ ବାହନରେ କ୍ଷତିର ଆଶଙ୍କା ହେତୁ ସତର୍କତା ଅବଲମ୍ବନୀୟ। ଈର୍ଷାପରାୟଣ ପଡ଼ୋଶୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବ। ସନ୍ତାନଙ୍କ କୃତିତ୍ୱରେ ଗୌରବାନ୍ୱିତ ହେବେ।

**ବୃଷ**
ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ କିନ୍ତୁ ସକାଳୁ ସକାଳୁ ବିତର୍କଜନିତ ମନଟା ବିଗିଡ଼ି ଯାଇପାରେ। ନିର୍ମାଣାଧୀନ ଘର ସାଜସଜ୍ଜାରେ ସମୟ ଅତିବାହିତ କରିପାରନ୍ତି। ମନର କଥା ମନରେ ରଖି ବନ୍ଧୁଙ୍କ ନିକଟରୁ କାର୍ଯ୍ୟ ହାସଲ କରିବେ। କୌଣସି ବନ୍ଧୁଙ୍କ ମନ ଧରିବାକୁ ଯାଇ ହରଡ଼ଘଣାରେ ପଡ଼ିପାରନ୍ତି।

**ମିଥୁନ**
ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭକରି କର୍ମକ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବା ଯୋଗୁ ଅନ୍ୟମାନଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ପାରିବାରିକ ସମସ୍ୟାକୁ ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**କର୍କଟ**
ରାତି ଅନିଦ୍ରା ସଙ୍ଗକୁ କର୍ମକ୍ଷେତ୍ରର ଟେନ୍ସନଜନିତ ଅସୁସ୍ଥ ଅନୁଭବ କରିପାରନ୍ତି। ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଅର୍ଥ ସମସ୍ୟା, ଯାନବାହନ, ନିର୍ମାଣ କାମ, ସଭା ସମିତି ଓ ମାଙ୍ଗଳିକ କାର୍ଯ୍ୟରେ ବାଧା ଉପୁଜିପାରେ। ଆଶା କରୁଥିବା ବନ୍ଧୁଙ୍କ ସହ ଦେଖା ହୋଇ ଆନନ୍ଦ ଅନୁଭବ କରିବେ।

**ସିଂହ**
ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିବାରୁ ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗରେ ବିଳମ୍ବ ଘଟିବ। ବନ୍ଧୁଙ୍କ ସହାୟତାରେ ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ଦୂର ହେବ। ଆର୍ଥିକ ଦୁରବସ୍ଥା ପୂର୍ବପରି ଲାଗି ରହିବା କାରଣରୁ କରଜ କରିବାକୁ ବାଧ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ପାରିବାରିକ ସ୍ଥିତି ବିଶେଷ ଭଲ ରହି ନ ପାରେ।

**କନ୍ୟା**
ରାଶିରେ କେତୁଗ୍ରହ ଥିବା କାରଣରୁ ଆପଣଙ୍କ ଚିନ୍ତାଧାରା ଓ କାର୍ଯ୍ୟକଳାପରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ଉପରିସ୍ଥଙ୍କ ପରାମର୍ଶରେ କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ଆହ୍ୱାନରେ ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେବେ। ନୂତନ ବସ୍ତ୍ର ଓ ଆଳଙ୍କାରିକ ଜିନିଷ କ୍ରୟ ସକାଶେ ମନ ବଳାଇବେ।

**ତୁଳା**
ପ୍ରତ୍ୟେକ କ୍ଷେତ୍ରରେ ସବୁ କାମ ଡେରିରେ ହେଉଥିବାରୁ ମନଟା ଭଲ ଲାଗିବ ନାହିଁ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ଅତି ବିଶ୍ୱସ୍ତ କର୍ମଚାରୀଙ୍କର ମନୋଭାବ ବଦଳିଯିବ। ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ଅର୍ଥ ସଂକଟ ଲାଗି ରହିବା ଯୋଗୁ କରଜ କରିବାକୁ ବାଧ ହେବେ।

**ବିଛା**
ବାରମ୍ବାର ବିଫଳତାଜନିତ ବିଭିନ୍ନ ଦୁର୍ଭାବନାରେ ମନ ବିଚଳିତ ରହିବ। ଅବଶ୍ୟ ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କାର୍ଯ୍ୟହାସଲ ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ସମସ୍ୟାକୁ ନେଇ ବ୍ୟସ୍ତତା ବୃଦ୍ଧି ପାଇବ।

**ଧନୁ**
ବିଭିନ୍ନ ସମସ୍ୟା ସଙ୍ଗକୁ ଖର୍ଚ୍ଚ ପରିମାଣ ବଢିଯିବା କାରଣରୁ ମାନସିକ ସ୍ଥିତି ବିଗିଡି ଯାଇପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ। ସାମାଜିକ ସ୍ତରରେ ସଭାସମିତି କିମ୍ବା ମନୋରଞ୍ଜନ କାର୍ଯ୍ୟରେ ଅଂଶ ଗ୍ରହଣ କରି ପାରନ୍ତି।

**ମକର**
ସକାଳୁ ବନ୍ଧୁଙ୍କ ଜରିଆରେ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। କୌଣସି ମୂଲ୍ୟବାନ୍ ଜିନିଷ କ୍ରୟ କରିବା ହେତୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଚୁପଚାପ ହୋଇ ବସିରହିଲେ ବହୁ କ୍ଷତି ସହିବାକୁ ପଡ଼ିବ। ବିପଦପୂର୍ଣ୍ଣ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।

**କୁମ୍ଭ**
ଆଜିର ଗ୍ରହସ୍ଥିତି ଆପଣଙ୍କ କର୍ମକ୍ଷେତ୍ର, ପରିବାର, ଯାନ ବାହାନ ଏବଂ ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବ। ପଡ଼ୋଶୀଙ୍କ ପାରିବାରିକ ସମସ୍ୟା ସମାଧାନ କରିବାକୁ ଯାଇ ଅପଦସ୍ଥ ହେବେ। ଅସନ୍ତୁଳିତ ସ୍ୱାସ୍ଥ୍ୟଜନିତ ହାତ ପାଦ କିମ୍ବା ଆଣ୍ଠୁଗଣ୍ଠିରେ ପୀଡ଼ା ଲାଗିପାରେ। ହଠାତ୍ କୌଣସି ସ୍ଥାନକୁ ଯିବାକୁ ମନସ୍ଥ କରି ବାଟରୁ ଫେରି ଆସିପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିପାରେ। ପଡ଼ୋଶୀଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଟୁକଥା ପ୍ରୟୋଗଜନିତ ସମ୍ପର୍କହାନି ଘଟିପାରେ। ପାରିବାରିକ ସମସ୍ୟା ସୁଧାରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ସାମାଜିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟକୁ ଜାହିର୍ କରିବାରେ ସମର୍ଥ ହେବେ।

ଆଜି ଏପ୍ରିଲ ୨୯ ତାରିଖ, ବିଶ୍ୱ ନୃତ୍ୟ ଦିବସ, ବୈଶାଖ ଶୁକ୍ଳ ଦ୍ୱିତୀୟା ମଙ୍ଗଳବାର, ରାଶି ନକ୍ଷତ୍ର-କୃତ୍ତିକା/ବୃଷ, ଦ୍ୱିତୀୟାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮.୩୩ମି. ଗତେ ଘ.୧୦.୨୭ମି. ମଧ୍ୟେ, ଘ.୦୧.୦୦ମି. ଗତେ ଘ.୦୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨.୫୪ମି. ଗତେ ଘ.୦୪.୩୦ମି. ମଧ୍ୟେ ରାହୁ କାଳ।

# ପ୍ରସ୍ତାବରେ ଅଟକିଛି ଇକୋ ସେନ୍‌ସିଟିଭ ଜୋନ୍

ବାରିପଦା,୨୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ଚାରିପାଖ ଅଞ୍ଚଳକୁ ଇକୋ ସେନ୍‌ସିଟିଭ ଜୋନ୍(ପରିବେଶ ସମ୍ବେଦନଶୀଳ ଅଞ୍ଚଳ) ଘୋଷଣା କରାଯିବା ନେଇ ଅନିଶ୍ଚିତତା ଦେଖାଦେଇଛି। ବାରମ୍ବାର ବନ ବିଭାଗ ପକ୍ଷରୁ ଆବେଦନ କରାଯାଉଥିଲେ ମଧ୍ୟ ସଂରକ୍ଷିତ ଅଞ୍ଚଳ ଚାରିପାଖ ୦-୫ କି.ମି. ପରିସୀମାକୁ ନିଷିଦ୍ଧାଞ୍ଚଳ ଘୋଷଣା କରିବା ପ୍ରସ୍ତାବ ଅଟକି ରହିଛି। ଶିମିଳିପାଳ ଅଭୟାରଣ୍ୟର ବଫର ଜୋନ୍ ସମ୍ପର୍କରେ ସ୍ପଷ୍ଟ କରିବା ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର କୌଣସି ସୂଚନା ପ୍ରଦାନ କରୁ ନ ଥିବାରୁ ପ୍ରସ୍ତାବରେ ଅଟକି ରହିଥିବା ସମ୍ବେଦନଶୀଳ ଅଞ୍ଚଳ ଗୁଡ଼ିକରେ ବେଆଇନ କାର୍ଯ୍ୟକଳାପ ବଢ଼ିଚାଲିଛି।

ଶିମିଳିପାଳ ଅଭୟାରଣ୍ୟ ଚାରିପାଖରେ ପରିବେଶକୁ କ୍ଷତି ପହଞ୍ଚାଉଥିବା କାର୍ଯ୍ୟକଳାପକୁ ନିୟନ୍ତ୍ରଣ କିମ୍ବା ନିଷିଦ୍ଧକରି ଅଞ୍ଚଳର ଜୈବ ବିବିଧତାକୁ ସୁରକ୍ଷା ଦେବା ବନ ବିଭାଗର ମୂଳ ଲକ୍ଷ୍ୟ ରହିଛି। ଏହାକୁ ନେଇ ଶିମିଳିପାଳ ଏବଂ ହଦଗଡ଼ ଅଭୟାରଣ୍ୟ ଚାରିପାଖକୁ ଇକୋ ସେନ୍‌ସିଟିଭ୍ ଜୋନ୍ ଘୋଷଣା କରିବା ପାଇଁ ଜାନୁଆରୀ ୨୦୧୯ରେ ଏକ ଡ୍ରାଫ୍ଟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଡ୍ରାଫ୍ଟରେ ୧୭୬୫.୨୯ ବର୍ଗ କି.ମି. ଅଞ୍ଚଳକୁ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା ପାଇଁ ପ୍ରସ୍ତାବିତ ଦିଆଯାଇଥିଲା। ଏହାର ପରିସର ସଂରକ୍ଷିତ ଅଞ୍ଚଳ ଚାରିପାଖରୁ ୦ ରୁ ୧୦ କି.ମି. ମଧ୍ୟରେ ରହିଥିଲା। ଏହାକୁ ବିରୋଧ କରାଯାଇ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁହେବା ପରେ ଅଞ୍ଚଳକୁ ସୀମିତ କରାଯାଇ ୦ ରୁ ୫ କି.ମି. ରଖାଯାଇଥିଲା । ପୁନର୍ବାର ଏହାକୁ ୦ ରୁ ୧ କି.ମି. ମଧ୍ୟରେ ରଖିବାକୁ ଅଞ୍ଚଳବାସୀ ସୁପ୍ରିମକୋର୍ଟରେ ମାମଲା ରୁଜୁ କରିଥିଲେ। ଏହାକୁ ନେଇ ପୂର୍ବତନ ରାଜ୍ୟ ସରକାର ଶୂନ କି.ମି. ଅଞ୍ଚଳକୁ ଇକୋ ସେନ୍‌ସିଟିଭ ଜୋନ୍ ଘୋଷଣା କରିବାକୁ ସୁପ୍ରିମକୋର୍ଟରେ ଦସ୍ତାବିଜ୍ ଦାଖଲ କରିଥିଲେ। ତେବେ କାହିଁକି ଶୂନ କି.ମି. ଅଞ୍ଚଳକୁ ଇକୋ ସେନ୍‌ସିଟିଭ ଜୋନ୍ ଘୋଷଣା କରାଯିବ ସେ ନେଇ ସୁପ୍ରିମକୋର୍ଟ ସ୍ପଷ୍ଟୀକରଣ ମାଗିଥିଲେ। ଅଦ୍ୟାବଧି ଏହି ମାମଲା ବିଚାରାଧୀନ ରହିଥିବାରୁ ଶିମିଳିପାଳ ଅଭୟାରଣ୍ୟର ପ୍ରସ୍ତାବିତ ଇକୋ ସେନ୍‌ସିଟିଭ ଜୋନ୍ ଅଞ୍ଚଳଗୁଡ଼ିକରେ ବେଆଇନ କ୍ରଶର ଓ ପଥର ଖାଦାନ ଚାଲୁରହିଛି। ଏପରିକି ଶିମିଳିପାଳ ପାଦଦେଶ ଠାକୁରମୁଣ୍ଡାଠାରୁ ବାଙ୍ଗିରିପୋଷି ପର୍ଯ୍ୟନ୍ତ ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ କ୍ରଶର ଓ ୧୦୦ରୁ ଅଧିକ ବେଆଇନ ପଥର ଖାଦାନ ଚାଲିଥିବା ଜଣାପଡ଼ିଛି।

ତେବେ ଇକୋ ସେନ୍‌ସିଟିଭ ଜୋନ୍ ଘୋଷଣା ପ୍ରସ୍ତାବରେ ଅଧିକ ସମ୍ବେଦନଶୀଳ ଅଞ୍ଚଳ ରଖାଯାଇଥିବାରୁ ଖଣି ଓ ପଥର ଖନନ ଏବଂ ପ୍ରଦୂଷଣକାରୀ ଶିଳ୍ପ ସ୍ଥାପନ ପ୍ରଭାବିତ ହେବା ଭଳି କିଛି ବ୍ୟତିକ୍ରମ ବ୍ୟତୀତ ଅଞ୍ଚଳରେ ବେଆଇନ କାର୍ଯ୍ୟକଳାପ ରୋକିବାରେ ସହାୟକ ହୋଇପାରିବା ବନ ବିଭାଗର ଲକ୍ଷ୍ୟ ଥିଲା। ମାତ୍ର କେତେଜଣ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଏହାକୁ ଦୃଢ଼ ବିରୋଧ କରିବାରେ ଲାଗିଛନ୍ତି। ଏପରିକି ୬ ବର୍ଷ ପରେ ମଧ୍ୟ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇପାରିନାହିଁ। ରାଜ୍ୟ ସରକାରଙ୍କଠାରୁ ଚୂଡ଼ାନ୍ତ ସ୍ପଷ୍ଟୀକରଣର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଜଣାଇ ଦିଆଯାଇଛି। ଏହାକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ଇକୋ ସେନ୍‌ସିଟିଭ ଜୋନ୍ ଘୋଷଣା କରିବା ପାଇଁ ସ୍ଥାନୀୟ ସମ୍ପ୍ରଦାୟର ବିସ୍ଥାପନ କିମ୍ବା ସ୍ଥାନାନ୍ତର କରିବା ଅନ୍ତର୍ଭୁକ୍ତ ରହିନାହିଁ। ସେହି ଅଞ୍ଚଳଗୁଡ଼ିକରେ କୃଷି କାର୍ଯ୍ୟ କରିବା ପାଇଁ ମଧ୍ୟ କୌଣସି ପ୍ରତିବନ୍ଧକ ନାହିଁ। ତେଣୁ ଜନସାଧାରଣଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଯଥାଶୀଘ୍ର ସୁପ୍ରିମ କୋର୍ଟକୁ ସ୍ପଷ୍ଟୀକରଣ ଦେଇଦେଲେ ଇକୋ ସେନ୍‌ସିଟିଭ ଜୋନ୍ ଶିମିଳିପାଳର ସୁରକ୍ଷା କବଚ ହେବ ବୋଲି ପୂର୍ବତନ ବନ୍ୟପ୍ରାଣୀ ସଂରକ୍ଷକ ତଥା ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

# ୯୫୩୭ ଜମାକାରୀ ପାଇବେ ୨୦ କୋଟି ୯୬ ଲକ୍ଷ

**ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ**

ଭୁବନେଶ୍ୱର,୨୮।୪(ସୁନିତ୍ ମିଶ୍ର)

ଓଡ଼ିଶାରେ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ସୋମବାର ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀମାନଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ସମୁଦାୟ ୯,୫୩୭ ଜଣ ଜମାକାରୀ ୨୦ କୋଟି ୯୬ ଲକ୍ଷ ଟଙ୍କା ଫେରସ୍ତ ପାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ଲୋକସେବା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ୧୧୭ ଜଣ ଜମାକାରୀଙ୍କ ୨ କୋଟି ୮୦ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରତୀକାତ୍ମକ ଭାବେ ୯ ଜଣ ଜମାକାରୀଙ୍କୁ ଚେକ୍ ପ୍ରଦାନକରି ଅର୍ଥ ଫେରସ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘଦିନର ପରିଚାଳନାଗତ ତ୍ରୁଟି ଯୋଗୁ ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଆର୍ଥିକ ପରିସ୍ଥିତିଖରାପ ହୋଇଯାଇଥିଲା। ୨୦୧୫ରେ ବ୍ୟାଙ୍କ ବନ୍ଦ ହେବା ବେଳକୁ ୧୧, ୬୭୩ ଜଣ ଜମାକାରୀଙ୍କ ୩୩ କୋଟି ୮୭ ଲକ୍ଷ ଟଙ୍କା ଫେରସ୍ତ ହେବାର ଥିଲା। ଇତିମଧ୍ୟରେ ୨୭୦୯ ଜଣ ଜମାକାରୀଙ୍କ ମୋଟ ୧୨ କୋଟି ୭୮ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିବା ଜମାକାରୀ ସେମାନଙ୍କ ଅର୍ଥ ଫେରସ୍ତ ପାଇପାରି ନ ଥିଲେ। ଭାଜପା ସରକାରରେ ମୁଖ୍ୟମନ୍ତ୍ରୀ ଏହି ଜମାକାରୀଙ୍କ ଅର୍ଥ ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ। ଏହାସହ ଢେଙ୍କାନାଳ, ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କଗୁଡ଼ିକର ଜମାକାରୀଙ୍କ ଅର୍ଥ ମଧ୍ୟ ଫେରସ୍ତ କରାଯିବ। ଏହି ୪ଟି ବ୍ୟାଙ୍କର ୧୭, ୮୫୯ ଜଣ ଜମାକାରୀଙ୍କୁ ୬ କୋଟିରୁ ଅଧିକ ଟଙ୍କା ଫେରସ୍ତ କରାଯିବ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ କୃଷକଙ୍କୁ ସମବାୟ ସହ ଯୋଡ଼ିବା ଆମର ଲକ୍ଷ୍ୟ। ଏଥିପାଇଁ ରାଜ୍ୟର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ପାକ୍ସ/ଲ୍ୟାମ୍ପସ୍ ଗଠନ କରାଯିବା ଲକ୍ଷ୍ୟ ରହିଛି। ରାଜ୍ୟରେ ୨୭୧୧ଟି ପାକ୍ସ ଥିବାବେଳେ ବର୍ତ୍ତମାନ ଆଉ ୧୫୪୨ଟି ନୂଆ ପାକ୍ସ ଗଠନ କରାଯାଇଛି। ନୂଆ ପାକ୍ସଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏ ସିଡ୍ ମନି ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ପ୍ରଥମ ଦିନରେ ୧୧୭ ଜମାକାରୀଙ୍କୁ ୨ କୋଟି ୮୦ ଲକ୍ଷ ପ୍ରଦାନ**

# ଅଧିକାଂଶ ଜିଲାରେ କାଳବୈଶାଖୀ

ଭୁବନେଶ୍ୱର,୨୮।୪(ଅନୁରାଧା ମହାରଣା)

■ ଝଟ୍‌କା ପବନ ସହ କୁଆପଥର ବର୍ଷା
■ ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାରେ ବଢ଼ିଲା ତାତି

ରାଜ୍ୟର ଅଧିକାଂଶ ଜିଲାରେ ସୋମବାର କାଳବୈଶାଖୀ ହୋଇଛି। ଘଡ଼ଘଡ଼ି ବିଜୁଳି ସହ କୁଆପଥର ବର୍ଷା ଜନଜୀବନକୁ ପ୍ରଭାବିତ କରିଛି। କେତେକ ଜିଲାରେ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିଥିବାବେଳେ ଆଉ କିଛି ଜିଲାରେ ଏହା ୬୦ କି.ମି. ଛୁଇଁଛି। ବିଶେଷକରି ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ବରଗଡ଼, କୋରାପୁଟ, ରାୟଗଡ଼ା, କଟକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ଦେବଗଡ଼, ଅନୁଗୋଳ ଆଦି ଜିଲାରେ ଅପରାହ୍ନରୁ ଝଡ଼ବର୍ଷା ଆରମ୍ଭ ହୋଇଯାଇଥିଲା। ଟ୍ୱିନ୍ ସିଟି କଟକ ଓ ଭୁବନେଶ୍ୱରରେ ମଧ୍ୟ ବିଜୁଳି, ଘଡ଼ଘଡ଼ି ସହ ଝଟ୍‌କା ପବନ ଲୋକଙ୍କୁ ଭୟଭୀତ କରିଥିଲା। ୬୦ରୁ ୭୦ କିମି ବେଗରେ ପବନ ବହିବା ସହ ପ୍ରବଳ ବର୍ଷିଥିଲା। କେତେକ ସ୍ଥାନରେ କୁଆପଥର ବର୍ଷା ହୋଇଥିଲା। ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ସୂଚନାନୁସାରେ, ସୋମବାର ସନ୍ଧ୍ୟା ସୁଦ୍ଧା ନୂଆପଡ଼ାରେ ୮.୦ ମି.ମି., ରାୟଗଡ଼ାରେ ୩.୦ ମିମି, ବାଲେଶ୍ୱରରେ ୨.୬ ମିମି, ପାରଳାଖେମୁଣ୍ଡି ଓ ଅନୁଗୋଳରେ ୨ ମିମି ଏବଂ ଢେଙ୍କାନାଳରେ ୧.୪ ମିମି ବର୍ଷା ରେକର୍ଡ କରାଯାଇଥିଲା। ମଙ୍ଗଳବାର ମଧ୍ୟ ଏହିସବୁ ଜିଲାଗୁଡ଼ିକରେ କାଳବୈଶାଖୀଜନିତ ବର୍ଷା ସମ୍ଭାବନା ରହିଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଅନ୍ୟପଟେ ରାଜ୍ୟର ଦକ୍ଷିଣ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କିଛି ସ୍ଥାନରେ ସୋମବାର ତାପମାତ୍ରା ପ୍ରାୟ ୪ ଡିଗ୍ରୀ ବୃଦ୍ଧି ପାଇଛି। ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ପ୍ରାୟ ୫ରୁ ୧୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇଛି। ଉପକୂଳବର୍ତ୍ତୀ ଓ ଉତ୍ତର ଉପକୂଳବର୍ତ୍ତୀ ଓଡ଼ିଶାର କିଛି ସ୍ଥାନରେ ପ୍ରାୟ ୨ଡିଗ୍ରୀ ସେଲସିୟସ୍ ତାପମାତ୍ରା ବୃଦ୍ଧି ପାଇଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ବଲାଙ୍ଗୀର ଜିଲାରେ ଉଷ୍ମ ରାତି ଅନୁଭୂତ ହୋଇଥିଲା।

# ପୁରୀ-ବାଙ୍ଗିରିପୋଷି-ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ୍‌ରେ ଏଲ୍ଏଚ୍‌ବି କୋଚ୍



ବାଙ୍ଗିରିପୋଷି ଷ୍ଟେଶନରେ ଏଲ୍ଏଚ୍‌ବି କୋଚ୍‌ଯୁକ୍ତ ଟ୍ରେନ୍ ସେବାର ଶୁଭାରମ୍ଭ କରାଯାଉଛି।

ଭୁବନେଶ୍ୱର,୨୮।୪(ଅନୁରାଧା ମହାରଣା)

ପୁରୀ-ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍ (୧୨୮୯୨/୧୨୮୯୧)ରେ ଲାଗିଲା ଆଧୁନିକ ଏଲ୍ଏଚ୍‌ବି(ଲିଙ୍କେ-ହଫମାନ-ବୁଶ୍) କୋଚ୍। ସୋମବାର ବାଙ୍ଗିରିପୋଷି ରେଳ ଷ୍ଟେଶନରୁ ଏହି ରୂପାନ୍ତରିତ ଟ୍ରେନ୍ ସେବାର ଶୁଭାରମ୍ଭ କରାଯାଇଥିବାବେଳେ ମଙ୍ଗଳବାରଠାରୁ ପୁରୀରୁ ଏବଂ ୩୦ ତାରିଖଠାରୁ ବାଙ୍ଗିରିପୋଷିରୁ ଚଳାଚଳ କରିବ। ପୂର୍ବରୁ ଏହି ଟ୍ରେନ୍ ପାରମ୍ପରିକ ଆଇସିଏଫ୍ କୋଚ୍ ସହିତ ଚଳାଚଳ କରୁଥିଲା। ରୂପାନ୍ତରିତ ଟ୍ରେନ୍‌ରେ ଗୋଟିଏ ଏସି ଚେୟାର କାର୍, ୬ଟି ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ଆସନ କୋଚ୍, ୫ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଗାର୍ଡ ତଥା ପାୱାର କାର୍ ଏବଂ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ଗୋଟିଏ ଗାର୍ଡ ତଥା ଦ୍ୱିତୀୟ ଶ୍ରେଣୀ କୋଚ୍ ରହିଛି। ବାଙ୍ଗିରିପୋଷିଠାରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ ଏବଂ ସାରସକଣା ବିଧାୟକ ଭାଦବ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଏଲଏଚ୍‌ବି କୋଚ ପ୍ରଚଳନ ଯାତ୍ରୀ ସୁବିଧା ଏବଂ କାର୍ଯ୍ୟକ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ରାଜଧାନୀ ଭୁବନେଶ୍ୱର ଦେଇ ଓଡ଼ିଶାର ଉପକୂଳ ଏବଂ ଉତ୍ତର ଓଡ଼ିଶାର ଆଦିବାସୀବହୁଳ ଅଞ୍ଚଳଗୁଡ଼ିକୁ ସଂଯୋଗ କରୁଥିବାରୁ ଯାତ୍ରୀ ସେବା କ୍ଷେତ୍ରରେ ଏଲ୍ଏଚ୍‌ବି କୋଚ୍‌ଯୁକ୍ତ ପୁରୀ-ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍ ବେଶ୍ ଗୁରୁତ୍ୱ ବହନ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।




# ପହିଲାରୁ ଏଟିଏମ୍ ବ୍ୟବହାର ନିୟମ ବଦଳିବ

## ଅଧିକ କାରବାର ଉପରେ ୨୩ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ସହ ଟ୍ୟାକ୍ସ

ଭୁବନେଶ୍ୱର,୨୮।୪
(ଅନୁରାଧା ମହାରଣା)

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସାରା ଦେଶରେ ଏଟିଏମ୍ କାରବାର ନେଇ ନୂଆ ନିୟମ ଲାଗୁ କରିଥିବାବେଳେ ମେ' ପହିଲାରୁ ଏହା କାର୍ଯ୍ୟକାରୀ ହେବ। ନିର୍ଦ୍ଧାରିତ ସୀମାରୁ ଅଧିକ ଥର ଟଙ୍କା ଉଠାଇଲେ ଏଣିକି ଉପଭୋକ୍ତାଙ୍କୁ ଅଧିକ ଶୁଳ୍କ ଦେବାକୁ ପଡ଼ିବ। ଆକାଉଣ୍ଟ ଥିବା ବ୍ୟାଙ୍କ୍ ଏଟିଏମ୍ ଓ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବା କ୍ଷେତ୍ରରେ ହୋଇଥିବା ପରିବର୍ତ୍ତିତ ନିୟମ ନେଇ ଆର୍‌ବିଆଇ ସ୍ପଷ୍ଟ କରିଛି। ମେଟ୍ରୋ ସହରଗୁଡ଼ିକରେ ଉପଭୋକ୍ତାମାନେ ନିଜ ବ୍ୟାଙ୍କ୍ ଏଟିଏମ୍‌ରୁ ପ୍ରତି ମାସରେ ସର୍ବାଧିକ ୫ଥର ଓ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ୩ଟି ନିଃଶୁଳ୍କ କାରବାରର ଲାଭ ନେଇପାରିବେ। ସେହିପରି ଅଣମେଟ୍ରୋ ସହରଗୁଡ଼ିକରେ ଖାତା ଥିବା ବ୍ୟାଙ୍କ ଏଟିଏମ୍‌ରୁ ୫ଥର ଓ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ୫ଥର ନିଃଶୁଳ୍କ କାରବାର କରିପାରିବେ। ଏଣିକି ଏହି ସୀମା ଉଭୟ ଟଙ୍କା ଉଠାଣ, ବାଲାନ୍ସ ଚେକ୍ ସହ ସମସ୍ତ କାର୍ଯ୍ୟକଳାପ ପାଇଁ ଲାଗୁ ହେବ। ମାସିକ କାରବାର ସୀମା ଅତିକ୍ରମ କରିବା ପରେ ପ୍ରତି କାରବାରରେ ଗ୍ରାହକଙ୍କଠାରୁ ୨୩ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ସହ ଟ୍ୟାକ୍ସ ଆଦାୟ କରିବାକୁ ବ୍ୟାଙ୍କଗୁଡ଼ିକୁ ଅନୁମତି ଦିଆଯାଇଛି। ପୂର୍ବରୁ ପ୍ରତି ଅତିରିକ୍ତ ଟଙ୍କା ଉଠାଣ ଉପରେ ୨୧ଟଙ୍କା ସହ ଟ୍ୟାକ୍ସ ଦେବାକୁ ପଡୁଥିଲା। ଏହାବ୍ୟତୀତ ଅନ୍ୟାନ୍ୟ ସେବା ବାବଦରେ ମଧ୍ୟ ଉପଭୋକ୍ତାଙ୍କୁ ଶୁଳ୍କ ଦେବାକୁ ପଡ଼ିବ। କ୍ୟାଶ୍ ରିସାଇକଲ୍ ମେଶିନ୍(ସିଆରଏମ୍) ବ୍ୟବହାର କ୍ଷେତ୍ରରେ ମଧ୍ୟ ଏହା ଲାଗୁ ହେବ ବୋଲି ସୂଚନା ଦିଆଯାଇଛି।

ଇତିମଧ୍ୟରେ ଏଚ୍‌ଡିଏଫ୍‌ସି, ପଞ୍ଜାବ ନ୍ୟାଶନାଲ, କୋଟାକ୍ ମହିନ୍ଦ୍ରା ଆଦି ଘରୋଇ ବ୍ୟାଙ୍କ ଧାର୍ଯ୍ୟ କରିଥିବା ପରିବର୍ତ୍ତିତ ଶୁଳ୍କ ସମ୍ପର୍କରେ ଉପଭୋକ୍ତାଙ୍କୁ ସୂଚନା ଦେଇଛନ୍ତି। ଏଚ୍‌ଡିଏଫସି ବ୍ୟାଙ୍କ୍‌ର ୱେବ୍‌ସାଇଟ୍ ଅନୁଯାୟୀ, ମେ ପହିଲାରୁ ନିର୍ଦ୍ଧାରିତ ସୀମାରୁ ଅଧିକ ହେଲେ ପ୍ରତି କାରବାର ପିଛା ୨୩ଟଙ୍କା ଶୁଳ୍କ ସହ ଟ୍ୟାକ୍ସ ଲାଗିବ। ତେବେ ଏହି ଶୁଳ୍କ କେବଳ ଟଙ୍କା ଉଠାଣ କ୍ଷେତ୍ରରେ ଲାଗୁ କରାଯିବ ଏବଂ ବାଲାନ୍ସ ଇନ୍‌କ୍ୱାରି, ମିନି ଷ୍ଟେଟ୍‌ମେଣ୍ଟ, ପିନ୍ ଚେଞ୍ଜ କ୍ଷେତ୍ରରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ ବୋଲି ଏଚ୍‌ଡିଏଫ୍‌ସି ପକ୍ଷରୁ କୁହାଯାଇଛି। ସେହିପରି ପିଏନ୍‌ବିର ସୂଚନାନୁସାରେ, ଟଙ୍କା ଉଠାଣ କ୍ଷେତ୍ରରେ ଉପଭୋକ୍ତାଙ୍କୁ ୨୩ଟଙ୍କା ଓ ନନ୍ କ୍ୟାଶ୍ କାରବାର କ୍ଷେତ୍ରରେ ଜିଏସ୍‌ଟି ବ୍ୟତୀତ ୧୧ ଟଙ୍କାର ଶୁଳ୍କ ଲାଗିବ। ଏହି ନିୟମ ମେ' ୯ରୁ ଲାଗୁ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଇଣ୍ଡସଇଣ୍ଡ୍ ବ୍ୟାଙ୍କର ସୂଚନାନୁସାରେ, ମେ' ପହିଲାରୁ ଜମା ଖାତା, ଦରମା ଖାତା, ଏନ୍‌ଆର୍ ଖାତା, ଚାଲୁ ଖାତା ଗ୍ରାହକଙ୍କୁ ଅଣ ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ୍ ଏଟିଏମ୍‌ରେ ନିର୍ଦ୍ଧାରିତ ସୀମାରୁ ଅଧିକ କାରବାର ପିଛା ୨୩ଟଙ୍କା ଶୁଳ୍କ ଦେବାକୁ ହେବ।

# ସରକାରଙ୍କ ଉପରେ ଗଡୁଛି ଖରିଫ୍-୨୦୨୩ ବୀମା ଅଂଶଧନ

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

ଓଡ଼ିଶା ଏକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ପ୍ରତିବର୍ଷ ବିପର୍ଯ୍ୟୟ ବର୍ଷା, ବାତ୍ୟା ଓ ବନ୍ୟା ଆସି ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଉଛି। ଚାଷୀଙ୍କ ବର୍ଷକର ଫସଲ ଉଜୁଡ଼ି ଯାଉଥିବାରୁ ସେମାନେ ଭାଙ୍ଗିପଡୁଛନ୍ତି। ଏହି ସମୟରେ ଚାଷୀଙ୍କୁ ସାହାରା ଦେବା ତଥା ଫସଲଜନିତ କ୍ଷୟକ୍ଷତି ବୀମା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୬ରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍‌ଏଫ୍‌ବିୱାଇ) ଲାଗୁ ହୋଇଛି। ହେଲେ ଏହି ବୀମା କରାଯିବା ବେଳେ ଯେଉଁଭଳି ସରକାର ତାଙ୍କର ଅଂଶଧନ ଦେବା କଥା ତାହା ହେଉନାହିଁ। ଫଳରେ ବୀମା କମ୍ପାନୀ ବୀମା ବାବଦ ଦେୟ ଦେବାକୁ ଖେଳୁଥିବାବେଳେ ଚାଷୀମାନେ ମଧ୍ୟ ତାଙ୍କ ବୀମା ବାବଦ ପ୍ରାପ୍ୟ ନ ପାଇ ହଇରାଣ ହେଉଛନ୍ତି।

ସରକାରୀ ତଥ୍ୟ ଅନୁଯାୟୀ, ୨୦୨୩ ବର୍ଷର ଖରିଫ୍ ବାବଦ ଚତୁର୍ଥ ପର୍ଯ୍ୟାୟ ବୀମା ନେଇ ଅଂଶଧନ ଏବେ ବି ସରକାରଙ୍କ ଉପରେ ଗଡୁଛି। ଇତିମଧ୍ୟରେ ୨୦୨୩ ଏବଂ ୨୦୨୪ ଖରିଫ୍ ଯାଇ ୨୦୨୫ ଖରିଫ ପ୍ରକ୍ରିୟା ଆରମ୍ଭ ହେଲାଣି। ଚଳିତବର୍ଷ ଚାଷୀମାନଙ୍କୁ ୧୧ ହଜାର କୋଟି ଟଙ୍କାର ଶସ୍ୟଋଣ ଦେବାକୁ ପ୍ରକ୍ରିୟା ଆରମ୍ଭ ହେଲାଣି। ହେଲେ ଏପର୍ଯ୍ୟନ୍ତ ୨୦୨୩ରେ ଚାଷୀଙ୍କ ପାଇଁ ହୋଇଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ବାବଦ ଅଂଶଧନ ସରକାର ଦେଇନାହାନ୍ତି। ଇତିମଧ୍ୟରେ ତିନୋଟି ପର୍ଯ୍ୟାୟରେ ସରକାର ତାଙ୍କର ଅଂଶଧନ ଦେଇଥିବାବେଳେ ଚତୁର୍ଥ ପର୍ଯ୍ୟାୟରେ ଆଉ ୫.୭୧ କୋଟି ଟଙ୍କା ବକେୟା ରହିଛି। ଏହାକୁ ନେଇ ବୀମା କମ୍ପାନୀଗୁଡ଼ିକ ସରକାରଙ୍କୁ ତାଙ୍କର ଦାବିପତ୍ର ପ୍ରଦାନ କରିଛନ୍ତି।

ଫ୍ୟୁଚର ଜେନେରାଲ ଇଣ୍ଡିଆ ପକ୍ଷରୁ ସମବାୟ ନିବନ୍ଧକଙ୍କୁ ଚତୁର୍ଥ ପର୍ଯ୍ୟାୟ ବାବଦକୁ ୧୧ଲକ୍ଷ ୬୪ହଜାର ଟଙ୍କାର ଦାବି କରାଯାଇଥିବାବେଳେ ରିଲାଏନ୍ସ ଜିଆଇସି ପକ୍ଷରୁ ତିନୋଟି ବର୍ଗରେ ୫କୋଟି ୫୮ଲକ୍ଷ ଟଙ୍କାର ଦାବି ରଖାଯାଇଛି। ଏହାସହିତ ଏସ୍‌ବିଆଇ ଜିଆଇସି ୧.୩୮ଲକ୍ଷ ଟଙ୍କା ଦାବି କରିଛି। ଏହାକୁ ନେଇ ସମବାୟ ବିଭାଗ ପକ୍ଷରୁ ଚତୁର୍ଥ ପର୍ଯ୍ୟାୟ ଅଂଶଧନ ବାବଦ ଦେୟ ଦେବାକୁ ତତ୍ପରତା ପ୍ରକାଶ ପାଇଥିବା ଜଣାଯାଇଛି।

# ଓଡ଼ିଆର ସ୍ୱାଭିମାନ ଥିଲେ ମଧୁବାବୁ: ମୁଖ୍ୟମନ୍ତ୍ରୀ



ବିଧାନସଭା ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ଓ ମନ୍ତ୍ରୀ ଏବଂ ଅନ୍ୟମାନେ।

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

**ମଧୁସୂଦନ ଦାସଙ୍କ ଜୟନ୍ତୀ**

ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସୋମବାର ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ସ୍ୱାଭିମାନକୁ ବଞ୍ଚାଇ ରଖିବା ପାଇଁ ସେ ସର୍ବଦା ପ୍ରୟାସ କରୁଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟିକରି ଓଡ଼ିଶା ଏବଂ ଓଡ଼ିଆ ଜାତିର ଉନ୍ନତି ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ। ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ। ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ, ଯାହାଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛି।


ସେ ପୁଣି କହିଥିଲେ, ଚଳିତବର୍ଷ ମଧୁସୂଦନ ଦାସଙ୍କ ସମ୍ମାନ ଉଦ୍ଦେଶ୍ୟରେ କଟକ ଜିଲା ସତ୍ୟଭାମାପୁର ଗ୍ରାମରେ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯାଉଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ଓଡ଼ିଆ ଜାତିର ସାମଗ୍ରିକ ବିକାଶ ମଧୁବାବୁଙ୍କ ସ୍ୱପ୍ନ ଓ ସଂକଳ୍ପ ଥିଲା। ଓଡ଼ିଆ ଜାତିର ଉତ୍ଥାନ ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ଓଡ଼ିଆ ଜାତି ପ୍ରତି ତାଙ୍କର ଆତ୍ମୀୟତାର ପଟାନ୍ତର ନାହିଁ। ସେ ଉତ୍କଳ ଜନନୀର ଯୋଗ୍ୟତମ ସନ୍ତାନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

**ପାକ୍ସ କମ୍ପ୍ୟୁଟରୀକରଣ**

# ୨୦୧୭ରେ ମୁହଁ ମୋଡ଼ିଲେ, ଏବେ ଖୋଜୁଛନ୍ତି

**ରାଜ୍ୟ ସମବାୟ ବିଭାଗ ପକ୍ଷରୁ ୨୦୧୭ ଅକ୍ଟୋବରରେ କୁହାଯାଇଥିଲା, ୨ ମାସ ଅର୍ଥାତ୍ ଡିସେମ୍ବର ସୁଦ୍ଧା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ଗୁଡ଼ିକର ସବୁ କମ୍ପ୍ୟୁଟରୀକରଣ ହୋଇଯିବ। ତତ୍କାଳୀନ ରାଜ୍ୟ ସମବାୟ ନିବନ୍ଧକ ଶଶିଭୂଷଣ ପାଢ଼ୀ ଓ ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଜାତୀୟସ୍ତରୀୟ ବୈଠକରେ ଏହିଭଳି ବାହୁସ୍ଫୋଟ ମାରିଥିଲେ। ହେଲେ ଏହାର ୮ ବର୍ଷ ପରେ ମଧ ବ୍ୟାଙ୍କ ଖାତା ଅପ୍‌ଡେଟ ହୋଇପାରୁନାହିଁ, ଯାହାକୁ ନେଇ ବିଭାଗକୁ ଅଧିକାଂଶ ସମୟରେ ଅପଦସ୍ଥ ହେବାକୁ ପଡୁଛି। ଏଥିରୁ କିଭଳି ମୁକ୍ତି ମିଳିବ, ଏବେ ବିଭାଗୀୟ ଅଧିକାରୀଙ୍କ ମୁଣ୍ଡରେ ଚିନ୍ତା ପଶିଛି। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବାରୁ ଏହାର ସୁଯୋଗ ନେଇ କେନ୍ଦ୍ରୀୟ କମ୍ପ୍ୟୁଟରୀକରଣ ଯୋଜନା(ଫୁଲ ସ୍କିମ୍ ମୋଡ୍)ରେ ସାମିଲ କରାଯିବା ପାଇଁ ଅନୁରୋଧ ପ୍ରକ୍ରିୟା ଆରମ୍ଭ ହୋଇଛି।**



OFFICE OF THE REGISTRAR OF COOPERATIVE SOCIETIES, ODISHA
BHUBANESWAR
Letter No. RCSO-EGOV-MISC-0002-2023 (IT CELL-I-II/2022-23) 7423 Date 21/04/2025

To,

The Chief General Manager,
NABARD, Odisha Regional Office,
Bhubaneswar.


Sub: Proposal from Odisha for PACS Computerization under CSPCP
Ref: Your Letter No. ODRO/6363/IDD/PACS Computerization/2025-26

Sir,

With reference to your letter on the subject cited above, I am to intimate you that, at present, **2628 existing PACS** in Odisha are on the State Government's obsolete CBS platform called "ROOTS". Meanwhile, **1542 new PACS** are registered during 2023. The State Government has decided to onboard **all the 4253 PACS of the State onto the Government of India's NLPS platform** under the **Full Scheme Mode**.

The key reasons for this decision are as follows:

1. **Platform Stability Concerns**: The existing software platform has been in use since 2017 but has not yet been fully stabilized. Several functional issues persist, affecting operational efficiency.
2. **Obsolete Technology Stack**: The application was developed way back in 2015. Hence, the technological stack needs complete revamp to match the integration needs and ensure seamless transaction platform.
3. **Disparities in MIS Reporting**: A study conducted by the NABARD Head Office team has highlighted considerable differences between the MIS reports generated from the current system and those of the NLPS platform. Aligning these would require major data transformation efforts.
4. **Operational Inconvenience due to API Integration**: Implementing API-based integration for the existing PACS would result in a **dual-platform environment** across the State. This would create **significant operational challenges** for Cooperative Banks, field offices, and PACS personnel, stemming from inconsistent interfaces, processes, reporting standards, and fragmented technical support.



OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR.

No. 16133 XX-43/16. Gx-10 / dated 6/10/2017

To
The Principal Secretary to Government of Odisha, Cooperation Department.

Sub:- Computerisation of Primary Agriculture Cooperative Societies (PACS)- Minutes of the Meeting dated 28.9.2017- Reg.

Sir,

In inviting a kind reference to the subject cited above, I am to say that as directed by the Government in Cooperation Department, the undersigned has attended the meeting in the Ministry of Agriculture and Farmers Welfare Department, New Delhi on 28.9.2017 and the minutes of the meeting communicated by the Ministry dated 29.9.2017 is enclosed.

It is submitted that in the above meeting the status of computerisation of PACS in Odisha has been vividly explained and it was informed to the Ministry that Odisha will complete the computerisation programme by end of December, 2017. As of now, out of 2603 PACS programmed for computerisation, 2514 PACS have been migrated to the Core Banking Solution (CBS), 714 PACS are ready to go on-line and 386 PACS are undertaking on-line transactions. Since Odisha State has progressed substantially in the programme, we have submitted the following points:

(1) As the State Government has provided funds for the purpose the State funds utilised may be reimbursed. But the Addl. Secretary to Government of India attended the meeting has clearly indicated that there is no question of reimbursement of funds.

(2) Since it was envisaged to run one single robust software for computerisation of all the PACS of the Country, it was intimated that since Odisha has implemented the Software containing all required parameters, integration of this Software with that of National Software and handholding support to PACS as envisaged in the Scheme need to be extended to the State. To this point, the Addl. Secretary has stated that Government of India will consider this case.

୨୦୨୫ ଏପ୍ରିଲ୍ ୨୧ରେ ଓଡ଼ିଶା ସମବାୟ ସମିତି ପକ୍ଷରୁ ନାବାର୍ଡକୁ ଦିଆଯାଇଥିବା ଅନୁରୋଧ ପତ୍ରର ନକଲ(ବାମ) ଏବଂ ୨୦୧୭ ଅକ୍ଟୋବର ୬ରେ ସମବାୟ ବିଭାଗ ପ୍ରମୁଖ ସଚିବଙ୍କୁ ଦିଆଯାଇଥିବା ପତ୍ରର ନକଲ।

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

୨୦୧୭ ସେପ୍ଟେମ୍ବର ୨୮ରେ ନୂଆଦିଲ୍ଲୀସ୍ଥିତ କୃଷି ଭବନରେ ସବୁ ରାଜ୍ୟର ପାକ୍ସଗୁଡ଼ିକର କମ୍ପ୍ୟୁଟରୀକରଣ ଲାଗି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ସବୁ ରାଜ୍ୟର କୃଷି ତଥା ସମବାୟ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀ ସାମିଲ ଥିଲେ। ନାବାର୍ଡ କର୍ତ୍ତୃପକ୍ଷ ମଧ୍ୟ ସାମିଲ ଥିଲେ। ଉକ୍ତ ବୈଠକରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକକ କମ୍ପ୍ୟୁଟରୀକରଣ ନୀତି ପ୍ରୟୋଗ କରାଯିବାକୁ ଯୋଜନା ରହିଥିଲା। ଏହାଦ୍ୱାରା ଦେଶରେ ପାକ୍ସଗୁଡ଼ିକର ଏକକୀ କମ୍ପ୍ୟୁଟରୀକରଣ ହୋଇପାରିଥାନ୍ତା। ଏଥିପାଇଁ ଆବଶ୍ୟକ ତାଲିକା ପ୍ରଦାନ କରିବାକୁ ସମସ୍ତ ରାଜ୍ୟଙ୍କୁ କୁହାଯାଇଥିଲା। ଉକ୍ତ ବୈଠକରେ ପୁଡୁଚେରୀ ଶତପ୍ରତିଶତ କେନ୍ଦ୍ରୀୟ ପାଣ୍ଠି ଦାବି କରିଥିବାବେଳେ ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ପକ୍ଷରୁ ୮୦:୨୦% ପାଣ୍ଠି ଦାବି କରାଯାଇଥିଲା। ମାତ୍ର ସେହି ସମୟରେ ଓଡ଼ିଶା ରାଜ୍ୟ ସମବାୟ ବିଭାଗ ପକ୍ଷରୁ କୁହାଯାଇଥିଲା, ସରକାର ଏହା ପାଇଁ ସମ୍ପୂର୍ଣ୍ଣ ପାଣ୍ଠି ଯୋଗାଉଛନ୍ତି। ୨୦୧୭ ଡିସେମ୍ବର ସୁଦ୍ଧା ସମସ୍ତ ପାକ୍ସରେ କମ୍ପ୍ୟୁଟରୀକରଣ ହୋଇଯିବ। ୨,୬୦୩ ପାକ୍ସ ମଧ୍ୟରୁ ୨,୫୧୪ ପାକ୍ସ କୋର୍ ବ୍ୟାଙ୍କିଙ୍ଗ ସିଷ୍ଟମ(ସିବିଏସ୍)ରେ ସଂଲଗ୍ନ ହୋଇ ସାରିଥିବାବେଳେ ଅବଶିଷ୍ଟ ଅନ୍‌ଲାଇନ୍ ପ୍ରକ୍ରିୟା ମଧ୍ୟରେ ରହିଥିବା ଅଣ୍ଡରଟେକିଂରେ ଦର୍ଶାଯାଇଥିଲା। ଏହାବାଦ୍ ଓଡ଼ିଶା ଯେଉଁ ସଫ୍ଟୱେର କାର୍ଯ୍ୟକାରୀ କରିଛି, ତାହା କେନ୍ଦ୍ର ସରକାରଙ୍କ ସବୁ ଆବଶ୍ୟକ ମାନଦଣ୍ଡ ପୂରଣ କରୁଛି। କେନ୍ଦ୍ରର ସଫ୍ଟୱେର ସହ ଏହାକୁ ସଂଯୋଗୀକରଣ କରାଯାଇପାରିବ। ତେଣୁ ଆଉ କୌଣସି ପାକ୍ସ ବଳକା ରହିଯିବା ନେଇ ତାଲିକା ଦେବାର ଆବଶ୍ୟକତା ନାହିଁ ବୋଲି ତତ୍କାଳୀନ ନିବନ୍ଧକ ଶଶିଭୂଷଣ ପାଢ଼ୀ ଦର୍ଶାଇଥିଲେ।

ଇତିମଧ୍ୟରେ ୮ବର୍ଷ ବିତିବାକୁ ବସିଲାଣି। ହେଲେ ଏପର୍ଯ୍ୟନ୍ତ ରାଜ୍ୟର ସମସ୍ତ ପାକ୍ସରେ ସିବିଏସ୍ ଉପଲବ୍ଧ ହୋଇପାରି ନାହିଁ। ଏହାକୁ ନେଇ ବର୍ତ୍ତମାନର ରାଜ୍ୟ ସମବାୟ ନିବନ୍ଧକ ନାବାର୍ଡକୁ ଅନୁରୋଧ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏନ୍‌ଏଲ୍‌ପିଏସ୍ ପ୍ଲାଟଫର୍ମରେ କିପରି ରାଜ୍ୟର ସମସ୍ତ ୪,୨୫୩ ପାକ୍ସକୁ ଯୋଡ଼ି ହେବ, ସେଥିପାଇଁ ଉଦ୍ୟମ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଯୋଜନା ପାକ୍ସ କମ୍ପ୍ୟୁଟରୀକରଣ(ସିଏସ୍‌ପିସିପି) ଅନ୍ତର୍ଭୁକ୍ତ ହେବା ପାଇଁ ଏକ ପ୍ରସ୍ତାବ ନାବାର୍ଡ ମୁଖ୍ୟ ମହାପ୍ରବନ୍ଧକଙ୍କୁ ପ୍ରଦାନ କରିଛନ୍ତି। ତେବେ ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ସିବିଏସ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ରାଜ୍ୟ ରାଜସ୍ୱରୁ ଅନେକ କୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ କାହିଁକି ତାହା ବିଫଳ ହୋଇଥିଲା। ଏଥିପାଇଁ ଦାୟୀ କିଏ ? ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଦୀର୍ଘବର୍ଷ ଧରି ପାକ୍ସ କମ୍ପ୍ୟୁଟରୀକରଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ପରେ ଏବେ ବିଭାଗ ପୁଣି ସେଥିରେ ସମସ୍ୟା ଥିବା ଦର୍ଶାଇ କେନ୍ଦ୍ର ସରକାର ଏକୀକୃତ ସଫ୍ଟୱେର ପ୍ଲାଟଫର୍ମରେ ଯୋଡ଼ି ହେବା ପାଇଁ ନିଷ୍ପତ୍ତି ନେବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠୁଛି। ରାଜ୍ୟ ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ନାବାର୍ଡକୁ ପଠାଯାଇଥିବା ପ୍ରସ୍ତାବରେ ଦର୍ଶାଯାଇଛି ଯେ, ରାଜ୍ୟ ସରକାର ସମସ୍ତ ୪,୨୫୩ ପାକ୍ସକୁ ଭାରତ ସରକାରଙ୍କ ଏନ୍‌ଏଲ୍‌ପିଏସ୍ ପ୍ଲାଟ୍‌ଫର୍ମରେ ଯୋଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ନେବାର କାରଣଗୁଡ଼ିକରେ ଦର୍ଶାଯାଇଛି ଯେ, ପୂର୍ବରୁ ବ୍ୟବହୃତ ସଫ୍ଟୱେର ପ୍ଲାଟଫର୍ମ ୨୦୧୭ରୁ ଆରମ୍ଭ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ସଫଳତାର ସହ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅନେକ ସମସ୍ୟା ରହିଛି, ଯାହା କାର୍ଯ୍ୟକ୍ଷମ ଦକ୍ଷତାକୁ ପ୍ରଭାବିତ କରୁଛି। ସେହିଭଳି ପୁରୁଣା ସଫ୍ଟୱେର ବହୁତ ପୂର୍ବରୁ ବିକଶିତ ହୋଇଥିବାରୁ ଏହା ସଫଳତାର ସହ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହାର ପରିବର୍ତ୍ତନ ଆବଶ୍ୟକ ପଡୁଛି। ଆହୁରି କୁହାଯାଇଛି ଯେ, ନାବାର୍ଡ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ବର୍ତ୍ତମାନ କାର୍ଯ୍ୟକ୍ଷମ ବ୍ୟବସ୍ଥା ଏବଂ ଏନ୍‌ଏଲ୍‌ପିଏସ୍ ପ୍ଲାଟଫର୍ମରୁ ସୃଷ୍ଟି ହୋଇଥିବା ରିପୋର୍ଟ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହୁଥିବା ଜଣାପଡୁଛି। ଏଗୁଡ଼ିକୁ ସମାନ କରିବା ପାଇଁ ପ୍ରମୁଖ ତଥ୍ୟ ପରିବର୍ତ୍ତନର ଆବଶ୍ୟକ ହେବ। କେନ୍ଦ୍ର ସରକାର ଏନ୍‌ଏଲ୍‌ପିଏସ୍ ପ୍ଲାଟଫର୍ମ ଲାଗୁ କରିବା ଦ୍ୱାରା ସମସ୍ତ ପାକ୍ସ ଏକକ ପ୍ଲାଟଫର୍ମରେ କାର୍ଯ୍ୟ କରିପାରିବେ। ଏହି ପଦ୍ଧତି କାର୍ଯ୍ୟରେ ସ୍ଥିରତା ସୁନିଶ୍ଚିତ କରିବ, ତାଲିମ୍‌କୁ ସରଳ କରିବ, ତଥ୍ୟ ଅଖଣ୍ଡତାକୁ ବୃଦ୍ଧି କରିବ ଏବଂ ଯୋଜନା କାର୍ଯ୍ୟାନ୍ୱୟନ ପାଇଁ ସହଜ ହେବ। ଏହିସବୁ ବିଷୟକୁ ଦୃଷ୍ଟିରେ ରଖି, ଏହି କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସମବାୟ ନିବନ୍ଧକ ଗତ ୨୧ତାରିଖରେ ଅନୁରୋଧ କରିଛନ୍ତି।

# ବିପର୍ଯ୍ୟୟ ମୁକାବିଲା ପାଇଁ ସୃଷ୍ଟିହେବେ ୧୦ ହଜାର ସ୍ୱେଚ୍ଛାସେବୀ

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

**ଖର୍ଚ୍ଚ ହେବ ୧୦.୭୦କୋଟି**

ରାଜ୍ୟରେ ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ଲାଗି ରାଜ୍ୟ ସରକାର ପ୍ରସ୍ତୁତ ହେଉଛନ୍ତି। ଯେଉଁସବୁ ପ୍ରଭାବିତ ଅଞ୍ଚଳରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନାହିଁ ସେହି ଅଞ୍ଚଳରେ ନୂତନ ସ୍ୱେଚ୍ଛାସେବୀ ସୃଷ୍ଟି କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ୧ ହଜାର ଗାଁରେ ୧୦ହଜାର ସ୍ୱେଚ୍ଛାସେବୀ ସୃଷ୍ଟି କରାଯିବ ବୋଲି ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଜଣାଯାଇଛି।

ବୈଠକର ସୂଚନା ଅନୁଯାୟୀ, ବିପର୍ଯ୍ୟୟ ବେଳେ ବାତ୍ୟାଶ୍ରୟସ୍ଥଳରେ ଟାସ୍କ ଫୋର୍ସ ସ୍ୱେଚ୍ଛାସେବୀଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାସ୍ତା ସଫା କରିବାଠାରୁ ଆରମ୍ଭ କରି ଆଶ୍ରୟସ୍ଥଳ ପରିଚାଳନା କରିବା, ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗରେ ତାଙ୍କର ବଡ଼ ଭୂମିକା ରହିଛି। ହେଲେ ଯେଉଁ ଅଞ୍ଚଳରେ ବାତ୍ୟା ଆଶ୍ରୟସ୍ଥଳ ନାହିଁ ସେଠାରେ ଲୋକେ ବିପର୍ଯ୍ୟୟ ବେଳେ ଘରୁ ପଦାକୁ ବାହାରିବାରେ ବହୁ ଅସୁବିଧା ହେଉଛି। ଏହାକୁ ଦୃଷ୍ଟିରେ ରଖି ଦୁର୍ଗମ ଅଞ୍ଚଳରେ ପ୍ରତ୍ୟେକ ଗାଁରୁ ୧୦ଜଣ ଲେଖାଏଁ ସ୍ୱେଚ୍ଛାସେବୀଙ୍କୁ ବିପର୍ଯ୍ୟୟ ମୁକାବିଲା ଲାଗି ପ୍ରସ୍ତୁତ କରାଯିବ। ଜିଲା ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାକୃତ ଯୁବବର୍ଗଙ୍କ ତାଲିକାକ୍ରମେ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ। ବାତ୍ୟା, ବନ୍ୟା ବେଳେ କିଭଳି ଉଦ୍ଧାର, ରିଲିଫ, ଚିକିତ୍ସା ସେବା କାର୍ଯ୍ୟ ତ୍ୱରାନ୍ୱିତ ହେବ ସେଥିପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ରାଜ୍ୟ ବିପର୍ଯ୍ୟୟ ପାଣ୍ଠି(ଏସଡିଆରଏଫ୍)ରୁ ୧୦.୭କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ବୈଠକରୁ ଜଣାଯାଇଛି।

## ଅପହୃତା ଛାତ୍ରୀ ବେଙ୍ଗାଲୁରୁରୁ ଉଦ୍ଧାର, ଅଭିଯୁକ୍ତ ଗିରଫ

କଣ୍ଟାପଡ଼ା,୨୮।୪ (ସୁରନାରାୟଣ ସାହୁ)

ଓଲଟପୁର ଥାନା ଅଞ୍ଚଳର ଏକ ଶିକ୍ଷାନୁଷ୍ଠାନରେ ପଢୁଥିବା ଜଣେ ଅପହୃତା ଛାତ୍ରୀଙ୍କୁ ଓଲଟପୁର ପୋଲିସ ବେଙ୍ଗାଲୁରୁରୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲା ନିକିରେଇ ଥାନା ପୋଲଶିଙ୍ଘାର ଦେବୀପ୍ରସାଦ ଦାସ(୨୯)। ଏ ନେଇ ଓଲଟପୁର ଥାନା ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୩୯/୨୫) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଓଲଟପୁର ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଦୁର୍ବୃତ୍ତ ଗତ ମାସ ୨୭ରେ ଅପହରଣ କରି ନେଇଥିବା ନାବାଳିକାଙ୍କ ବାପା ଓଲଟପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅପହୃତା ଛାତ୍ରୀ ଓ ଅପହରଣକାରୀ ବେଙ୍ଗାଲୁରୁରେ ରହୁଥିବା ଜାଣିବାକୁ ପାଇଥିଲେ। ଓଲଟପୁର ପୋଲିସ ସେଠାକୁ ଯାଇ ଗତ ୨୬ ତାରିଖରେ ବେଙ୍ଗାଲୁରୁ ଥାନାସ୍ଥିତ ସୂର୍ଯ୍ୟନଗର ଗୋପସନ୍ଦ୍ରାରୁ ଉଭୟଙ୍କୁ ଉଦ୍ଧାର କରି ସୋମବାର ସକାଳେ ଏଠାରେ ପହଞ୍ଚିଥିଲେ। ତେବେ ଇନଷ୍ଟାଗ୍ରାମରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସ୍ଥାପନ ହୋଇଥିଲା। ମାର୍ଚ୍ଚ ୨୭ରେ ଦେବୀ ପ୍ରସାଦ ଏକ କାର୍ ଭଡ଼ାରେ ଆଣି ନାବାଳିକାଙ୍କୁ ବ୍ରହ୍ମପୁର ଷ୍ଟେଶନକୁ ନେଇଯାଇଥିଲେ। ସେଠାରୁ ସେମାନେ ଟ୍ରେନ୍‌ରେ ବେଙ୍ଗାଲୁରୁ ଚାଲି ଯାଇଥିଲେ। ସେଠାରେ ଥିବା ଏକ ଜଗନ୍ନାଥ ମନ୍ଦିରରେ ଅଭିଯୁକ୍ତ ଛାତ୍ରୀଙ୍କୁ ବିବାହ କରିଥିଲେ। ନାବାଳିକାଙ୍କୁ ତାଙ୍କ ମା',ବାପା'ଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



# ଚତୁର ଚୋର

'ବେଙ୍ଗ କହେ ବେଙ୍ଗୁଲୀ ଲୋ ପୃଥ୍ୱୀ କ୍ଷଣ କ୍ଷଣକେ ଆନ'। ଏହି ଓଡ଼ିଆ ଆପ୍ତବାକ୍ୟର ଏବକା ସମୟରେ ପ୍ରାସଙ୍ଗିକତା ଅନୁଭବ ହେଉଛି ଜମ୍ମୁ ଓ କଶ୍ମୀର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ଭାଷଣ ଶୁଣି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ଜୀବନ ଯାଇଥିବାରୁ ଏଭଳି ପରିସ୍ଥିତି ବେଳେ ସେ କେନ୍ଦ୍ର ଶାସିତ ଅଞ୍ଚଳରୁ ଜମ୍ମୁ ଓ କଶ୍ମୀରକୁ ରାଜ୍ୟ ମାନ୍ୟତା ଦେବା ପାଇଁ କେନ୍ଦ୍ର ନିକଟରେ ଆଉ କଦାପି ଦାବି ଉପସ୍ଥାପନ କରିପାରିବେ ନାହିଁ ବୋଲି କହିଛନ୍ତି। ସୂଚନା ଦିଆଯାଇପାରେ ଯେ, ୫ ଅଗଷ୍ଟ ୨୦୧୯ରେ କେନ୍ଦ୍ର ସରକାର ଜମ୍ମୁ ଓ କଶ୍ମୀରକୁ ସମ୍ବିଧାନର ଅନୁଚ୍ଛେଦ ୩୭୦ରେ ମିଳୁଥିବା ସୁବିଧାକୁ ହଟେଇ ଦେବା ଲାଗି ଏହାର ଉଚ୍ଛେଦ କରିଥିଲେ। କେବଳ ସେତିକି ନୁହେଁ, ଜମ୍ମୁ ଓ କଶ୍ମୀର ରାଜ୍ୟକୁ ଭାଙ୍ଗି ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ସୃଷ୍ଟି କରିଥିଲେ। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ସେତେବେଳେ ଜମ୍ମୁ ଓ କଶ୍ମୀରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରିକି ଆଜିର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ତାଙ୍କ ପିତା ଫାରୁକ୍ ଅବଦୁଲ୍ଲା, ପିଡିପି ନେତ୍ରୀ ମେହବୁବା ମୁଫ୍ତିଙ୍କଠାରୁ ଆରମ୍ଭ କରି ବହୁ ନେତାଙ୍କୁ ଗୃହବନ୍ଦୀ କରାଯାଇଥିଲା। ସେତେବେଳେ ସମସ୍ତେ ଏକସ୍ୱରରେ କହିଥିଲେ ଜମ୍ମୁ ଓ କଶ୍ମୀରକୁ ରାଜ୍ୟ ମାନ୍ୟତା ନ ମିଳିବା ଯାଏ ଆନ୍ଦୋଳନ ଜାରି ରହିବ। ଏପରି କି ଜମ୍ମୁ ଓ କଶ୍ମୀର ବିଧାନସଭା ପାଇଁ ହୋଇଥିବ ନିର୍ବାଚନରେ ରାଜ୍ୟ ମାନ୍ୟତାକୁ ଏକ ପ୍ରସଙ୍ଗ ରଖି ଭୋଟରଙ୍କ ପାଖକୁ ଯାଇଥିବା ଓମାର ଜନସମର୍ଥନ ମଧ୍ୟ ପାଇଥିଲେ। ହେଲେ ପରିବର୍ତ୍ତିତ ପରିସ୍ଥିତିରେ ଓମାର ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପିଠି ପଟକୁ ଫେକି ଦେଇ ନିଜେ ସେଥିରୁ ଓହରିଗଲେଣି। ଓମାର ଭୁଲିଯାଉଛନ୍ତି ଯେ ଜମ୍ମୁ ଓ କଶ୍ମୀର ଭୋଟର ତାଙ୍କ ଚାଲାକିକୁ ଅତି ଭଲ ଭାବେ ବୁଝିପାରୁଥିବେ। କେନ୍ଦ୍ର ସହିତ ସାଲିସ କରି ବକେୟା ଥିବା ବିଧାନସଭାର ଜୀବନକାଳରେ ସରକାର ଚଳାଇବା ପାଇଁ ସହଜରେ ବାଟ ବାହାର କରିବେଲେ। ନେତାମାନେ ଯେତେବେଳେ ଭାବପ୍ରବଣତାର 'ବୋଲି' ଶୁଣାନ୍ତି ସେତେବେଳେ ସାଧାରଣ ନାଗରିକ କ୍ଷଣକ ପାଇଁ ବିଚଳିତ ହୋଇଯାଉଥିବାରୁ, କିନ୍ତୁ ଅତି ଶୀଘ୍ର ଗଭୀର ମସୁଧା ବୁଝିବା ପାଇଁ ଆଜିକାର ପିଢ଼ି କୌଣସି ଭାବେ ଅକ୍ଷମ ନୁହେଁ। ଓମାରଙ୍କ ଏହି ବାଣୀକୁ ସମସ୍ତେ ବୁଝିପାରୁଛନ୍ତି ଯେ, ଦେଶର ରାଜନୀତି ଓ ଶାସନ ଏବେ କେବଳ ପରିଚାଳନା ଓ ଭାବପୂର୍ଣ୍ଣ ସୃଷ୍ଟିକରିବା ଉଦ୍ଦେଶ୍ୟରେ ପରସ୍ପର ପିଠି ଆଉଁଶିବାର ବ୍ୟବସ୍ଥା ଏକମାତ୍ର ଲକ୍ଷ୍ୟ ହୋଇଗଲାଣି। ଦେଶବାସୀ ପୋଖରୀକୁ ଯାଆନ୍ତୁ ଗାଧେଇବାକୁ। ଓମାର ବିଧାନସଭାରେ ଦେଇଥିବା ଭାଷଣରେ କହିଛନ୍ତି ଯେ, ଜମ୍ମୁ ଓ କଶ୍ମୀରକୁ ରାଜ୍ୟ ମାନ୍ୟତା ଦିଆଯିବା ଲାଗି ଦାବି ଭବିଷ୍ୟତ ପାଇଁ ରହିପାରେ। କିନ୍ତୁ ଦେଶ ଯେତେବେଳେ ୨୬ ଜଣଙ୍କ ମୃତ୍ୟୁରେ ଶୋକ ପାଳନ କରୁଛି ସେତେବେଳେ ଏହି ପ୍ରସଙ୍ଗ ଉଠାଇବା ଠିକ୍ ନୁହେଁ। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପୂର୍ବରୁ ଜମ୍ମୁ ଓ କଶ୍ମୀରରେ ଅନେକ ଆକ୍ରମଣ ଘଟିଯାଇଛି। କାହିଁକେତେବେଳେ ଅବଦୁଲ୍ଲା ପରିବାରଙ୍କ ସମବେଦନା ଆଜିର ଶରଣାପନ ହେଲା ଭଳି ସ୍ଥିତି ସୃଷ୍ଟି କରିଥିଲା ବୋଲି କାହାରି ମନେ ନ ଥିବ। ଗୋଟିଏ ବାକ୍ୟରେ କହିଲେ ଚୌକି ରକ୍ଷା କରିବା ଲାଗି ମୁଣ୍ଡ ନୁଆଁଇ ସାଲିସ କରିବା ଏବେ ଯେମିତି ହୋଇଯାଇଛି 'ନ୍ୟୁ ନର୍ମାଲ' ବା ନୂଆ ଧାରା।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ଜୀବନ ଯିବା ନିଶ୍ଚିତ ଭାବେ ଦେଶକୁ ବ୍ୟଥିତ କରିଛି। କିନ୍ତୁ ତାହାକୁ ଆଳ କରି ସବୁ ପ୍ରକାର ଫାଇଦା ନେବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ବା ବର୍ଗ କଦାପି ଉଦାହରଣୀୟ ସ୍ଥାନରେ ନିଜକୁ ନେଇ ଥୋଇପାରିବେ ନାହିଁ। ଓମାରଙ୍କ ରାଜନୈତିକ ସ୍ତରରେ ଏଭଳି ଖେଳ ବୁଝାପଡୁଛି। ଅପରପକ୍ଷରେ ପହଲଗାମ୍‌ର ଏହି ଘଟଣାକୁ ନେଇ ଏବେ ଦେଶବାସୀଙ୍କୁ ବିଭିନ୍ନ ବାଟରେ ଠକିବାର ଉପାୟ ବାହାର କଲେଣି ଚତୁର ଚୋର। ଉଦାହରଣ ସ୍ୱରୂପ ବାଲେଶ୍ୱର ଜିଲାରୁ କଶ୍ମୀର ବୁଲିବାକୁ ଯାଇଥିବା ପ୍ରଶାନ୍ତ ଶତପଥୀଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ନାମରେ ଏକ ଠକ ପାଣ୍ଠି ସୃଷ୍ଟି କରାଯାଇ ଲୋକଙ୍କୁ ଅର୍ଥଦାନ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ନିବେଦନ କରାଯାଇଛି। ଏହି ପାଣ୍ଠିକୁ ମିଥ୍ୟା କହି ପ୍ରଶାନ୍ତଙ୍କ ପରିବାର ସେଥିରୁ ନିଜକୁ ଦୂରେଇ ନେଇଛନ୍ତି। ସେହିଭଳି ଭାରତର ସେନାକୁ ଯୁଦ୍ଧ ଲଢ଼ିବା ପାଇଁ ସହଯୋଗ ଦିଅନ୍ତୁ ବୋଲି ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ନିବେଦନ କରାଯାଇଥିଲା। ଅର୍ଥ ପଠାଇବା ପାଇଁ ମଧ୍ୟ କୁହାଯାଇଥିଲା। ତେବେ ଏହାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଖଣ୍ଡନ କରିଛି। ଏଥିରୁ ବୁଝିବାକୁ ହେବ ଯେ ଭାରତରେ ଶାସକଙ୍କଠାରୁ ଆରମ୍ଭ କରି ଶାସିତଙ୍କ ମଧ୍ୟରୁ ଅନେକେ ଚତୁର ଚୋର ପାଲଟି ଗଲେଣି। ତେଣୁ ଯେଉଁମାନେ ଏହିସବୁ ଖେଳକୁ ବୁଝିପାରୁଛନ୍ତି ସେମାନେ କଷ୍ଟ ସହୁଛନ୍ତି। ବଳକା ନାଗରିକ ଦେଶପ୍ରେମର ଦୁହାଇ ଦେଇ ଅଧିକାଂଶଙ୍କୁ ଠକୁଛନ୍ତି।

ଭାରତର ସେନାକୁ ଯୁଦ୍ଧ ଲଢ଼ିବା ପାଇଁ ସହଯୋଗ ଦିଅନ୍ତୁ ବୋଲି ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ନିବେଦନ କରାଯାଇଥିଲା। ଅର୍ଥ ପଠାଇବା ପାଇଁ ମଧ୍ୟ କୁହାଯାଇଥିଲା। ତେବେ ଏହାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଖଣ୍ଡନ କରିଛି। ଏଥିରୁ ବୁଝିବାକୁ ହେବ ଯେ ଭାରତରେ ଶାସକଙ୍କଠାରୁ ଆରମ୍ଭ କରି ଶାସିତଙ୍କ ମଧ୍ୟରୁ ଅନେକେ ଚତୁର ଚୋର ପାଲଟି ଗଲେଣି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | 9 | | 8 | |
| | | | | 6 | 8 | | 9 | |
| | | | | | 1 | | | |
| | | 3 | | 5 | | 9 | | |
| 1 | | | 7 | | | 2 | | 3 |
| 5 | | | | | 6 | | 4 | |
| | 8 | | | | | | | 1 |
| | | | | | | 3 | | 5 |
| | 1 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 5 | 6 | 3 | 2 | 9 | 1 | 8 |
| 6 | 2 | 9 | 1 | 4 | 8 | 7 | 5 | 3 |
| 1 | 3 | 8 | 5 | 7 | 9 | 2 | 4 | 6 |
| 4 | 1 | 2 | 3 | 9 | 6 | 8 | 7 | 5 |
| 5 | 7 | 3 | 8 | 1 | 4 | 6 | 9 | 2 |
| 9 | 8 | 6 | 2 | 5 | 7 | 4 | 3 | 1 |
| 3 | 6 | 4 | 7 | 2 | 5 | 1 | 8 | 9 |
| 8 | 9 | 1 | 4 | 6 | 3 | 5 | 2 | 7 |
| 2 | 5 | 7 | 9 | 8 | 1 | 3 | 6 | 4 |


ଗତକାଲିର ଉତ୍ତର

# ଭାଷା ସୁରକ୍ଷାରେ ଶାସକୀୟ ପ୍ରୋତ୍ସାହନ



ସତ୍ୟଜିତ୍ ନାୟକ

ଇଂରାଜୀ ଭାଷା ଭାରତରେ ଏତେ ଲୋକପ୍ରିୟ ଓ ବହୁଳ ଆଦୃତ ହେବାର ପ୍ରମୁଖ କାରଣ ମଧ୍ୟରୁ ଶାସକୀୟ ପ୍ରୋତ୍ସାହନ ସର୍ବାଗ୍ରେ ରହିବ। ଇଂରେଜମାନଙ୍କ ପୂର୍ବରୁ ବହିରାଗତ ମୁସଲମାନ ଶାସକଙ୍କ ଶାସନ କାଳରେ ଆରବୀ ଭାଷା କ୍ୱଚିତ୍ ଲୋକ ଜାଣିଥିଲେ। କିନ୍ତୁ ଶାସକଗଣ ଆରବୀ ଜାଣିଥିବାରୁ ଆରବୀ ଓ ଉର୍ଦ୍ଦୁ ଭାଷା ଶାସକୀୟ ପ୍ରୋତ୍ସାହନ ଲାଭକଲା। ଫଳରେ ସରକାରୀ/ ରାଜକାର୍ଯ୍ୟରେ ଆରବୀ ଭାଷା ବ୍ୟବହାର ହେଲା। ସେଇଥିପାଇଁ ମୁସଲମାନ ଶାସନରୁ ନେଇ ଇଂରେଜ ଶାସନ ଦେଇ ଆଜି ପର୍ଯ୍ୟନ୍ତ ନିଜର ନିରନ୍ତରତା ବଜାୟ ରଖିଥିବା ରାଜସ୍ୱ ବିଭାଗ ଅଧୀନ ଜମିଜମା ସମ୍ବନ୍ଧୀୟ ଭାଷାରେ ତଥା ଆମର ଦୈନନ୍ଦିନ ଭାଷାରେ ଆଜିଯାଏ ଅନେକ ଆରବୀ ଓ ଉର୍ଦ୍ଦୁ ଶବ୍ଦର ପ୍ରଚଳନ ରହିଆସିଛି। ସେହିପରି ଇଂରେଜ ଶାସନ ସମୟରେ ଇଂରେଜମାନେ ନିଜସ୍ୱ ସୁବିଧା ପାଇଁ ତଥା ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ ଢଙ୍ଗରେ ପର୍ଯ୍ୟାୟକ୍ରମେ ହତ୍ୟା କରିବା ଉଦ୍ଦେଶ୍ୟରେ ଇଂରାଜୀ ଭାଷାର ପ୍ରଚଳନକଲେ। ଆରବୀ, ପାର୍ସି ଓ ଉର୍ଦ୍ଦୁ ଭାଷା ସର୍ବସାଧାରଣଙ୍କୁ ପଢ଼େଇବାର ବ୍ୟବସ୍ଥା ମୁସଲମାନ ଶାସକମାନେ କରିପାରି ନ ଥିଲେ ତଥା ସରକାରୀ ଚାକିରି ପାଇଁ ଏସବୁ ଭାଷାରେ ଦକ୍ଷତା ଅନିର୍ବାଯ୍ୟ କରାଇ ନ ଥିଲେ। ମାତ୍ର ଇଂରେଜମାନେ ଇଂରାଜୀ ପାଇଁ ଏସବୁ ବ୍ୟବସ୍ଥାକରି ନୀତି ନିୟମମାନ ପ୍ରଣୟନ କଲେ। ଅବଶ୍ୟ ଏଥିପାଇଁ ଇଂରେଜମାନଙ୍କର ଭାରତୀୟ ଭାଷାରେ ପଟୁତାର ଅଭାବ ଥିଲା ଏବଂ ଇଂରାଜୀ ଭାଷା ସଂସ୍କୃତିକୁ ଭାରତୀୟ ଭୂଖଣ୍ଡରେ ପ୍ରଚଳନ କରିବାର ଉଦ୍ଦେଶ୍ୟ ଭଳି ବାଧ୍ୟବାଧକତାରେ ରହିଥିଲା। ମାତ୍ର ଇଂରେଜମାନଙ୍କଠାରୁ ଶାସନ ଦାୟିତ୍ୱ ଗ୍ରହଣ କରିଥିବା ଭାରତୀୟ ଶାସକମାନଙ୍କର ତ ଉକ୍ତ ବାଧ୍ୟବାଧକତା ନାହିଁ। ତେବେ ଆଜି ମଧ୍ୟ ଇଂରାଜୀ ଭାଷାକୁ ମାତ୍ରାଧିକ ପ୍ରାଧାନ୍ୟ ଦେବାର କାରଣ ଓ ମାନସିକତା ବୁଝି ହୁଏନାହିଁ। ଏବେ ଚାକିରି ପାଇବା ପାଇଁ ତଥା ଆଇନ, ପ୍ରବନ୍ଧନ ଓ ଅନ୍ୟାନ୍ୟ ପାଠ ପଢ଼ିବା ପାଇଁ କେବଳ ମାତ୍ର ଇଂରାଜୀ ଭାଷା ଜ୍ଞାନ ଆବଶ୍ୟକ ନୁହେଁ ବରଂ ଇଂରାଜୀରେ ପଟୁତା ଦରକାର ହୋଇଥାଏ। କ୍ୟାଟ୍, ଜ୍ୟାଟ୍, କ୍ଲାଟ୍ ଭଳି ପ୍ରବେଶିକା ପରୀକ୍ଷା ତଥା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନ ଯେକୌଣସି ଭଲ ଚାକିରି ପାଇଁ ଆବଶ୍ୟକ ପରୀକ୍ଷାରେ ଇଂରାଜୀ ଭାଷାଜ୍ଞାନ ପରୀକ୍ଷାର ପ୍ରଶ୍ନପତ୍ର ଦେଖିଲା ମାତ୍ରେ ଯେକେହି ଏକଥା ଅନୁଭବ କରିପାରିବେ। ନିଜର ଜୀବନ ଜୀବିକା ପାଇଁ ଇଂରାଜୀ ଭାଷାରେ ପଟୁତାର ନିତାନ୍ତ ଆବଶ୍ୟକତା ଅନୁଭୂତ ହେଉଥିବାରୁ ଭାରତୀୟମାନେ ପିଲାଦିନରୁ ଇଂରାଜୀ ଶିକ୍ଷା ପାଇଁ ଆଗ୍ରହୀ ହେବା ସ୍ୱାଭାବିକ। ନିଯୁକ୍ତି କ୍ଷେତ୍ରରେ ଇଂରାଜୀ ଭାଷାକୁ



ମିଳୁଥିବା ଶାସକୀୟ ପ୍ରୋତ୍ସାହନ ଓଡ଼ିଆ ସମେତ ଅନ୍ୟ ଭାରତୀୟ ଭାଷା ପାଇଁ ଉପଲବ୍ଧ ନାହିଁ। ଏଠି ଶାସକ ଭାରତୀୟ, ଶାସିତ ମଧ୍ୟ ଭାରତୀୟ ; ତଥାପି ଶାସନର ଭାଷା ବିଦେଶୀ ଆକ୍ରମଣକାରୀଙ୍କ ଭାଷାହେବା ଏବଂ ଉକ୍ତ ବିଦେଶୀ ଭାଷାରେ ପଟୁତାକୁ ସରକାରୀ ଚାକିରି ପାଇଁ ମଧ୍ୟ ଯୋଗ୍ୟତାର ମାପକାଠି କରିବା ଅତ୍ୟନ୍ତ ବିସ୍ମୟଜନକ।

ସରକାରଙ୍କ ଅଧୀନରେ ଚାକିରି କରିବା ପାଇଁ ୭ମ ଶ୍ରେଣୀରେ ଓଡ଼ିଆ ଭାଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକତା ରହିଥିବା ସ୍ଥଳେ ସ୍ନାତକ ଓ ସ୍ନାତକୋତ୍ତର ସ୍ତରର ଇଂରାଜୀ ଭାଷା ଜ୍ଞାନର ଆବଶ୍ୟକତା ରହିଥାଏ। ଏଭଳି ମାପକାଠିରେ ମପାହୋଇ ସରକାରୀ ଚାକିରି କରିଥିବା ପିଲାଟି ନିଜ କାର୍ଯ୍ୟକ୍ଷେତ୍ରରେ ଓଡ଼ିଆ ଅପେକ୍ଷା ଇଂରାଜୀରେ କାର୍ଯ୍ୟ କରିବାକୁ ନିଶ୍ଚୟ ପସନ୍ଦ କରିବ। ଏହି ମାପକାଠି ସେତେବେଳେ ନିର୍ଦ୍ଧାରଣ କରାଯାଇଥିଲା ଯେତେବେଳେ ୭ମ ଶ୍ରେଣୀ ବା ମଧ୍ୟଇଂରାଜୀ ବିଦ୍ୟାଳୟ ପରୀକ୍ଷା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ଆୟୋଜିତ ହେଉଥିଲା ଏବଂ ଏଥିରେ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀଙ୍କୁ ବୋର୍ଡ ପକ୍ଷରୁ ପ୍ରମାଣପତ୍ର ମିଳୁଥିଲା ଏବଂ ଯେତେବେଳେ ବିଭିନ୍ନ ସରକାରୀ ଚାକିରି ପାଇଁ ସର୍ବନିମ୍ନ ଯୋଗ୍ୟତା ୮ମ, ୧୦ମ ବା ୧୨ଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଥିଲା। ସମୟ ପରିବର୍ତ୍ତନ ହେବା ସହ ଶିକ୍ଷା ବ୍ୟବସ୍ଥାରେ ବର୍ତ୍ତମାନ ଅନେକ ପରିବର୍ତ୍ତନ ହୋଇସାରିଛି। ୭ମ ଶ୍ରେଣୀ ପରୀକ୍ଷା ଆଉ ବୋର୍ଡ ଆୟୋଜନ କରୁନାହିଁ କିମ୍ବା ପରୀକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ଦେଉନାହିଁ। ୮ମ ଶ୍ରେଣୀ ଯାଏଁ ପରୀକ୍ଷାରେ କାହାକୁ ଅକୃତକାର୍ଯ୍ୟ ନ କରିବା ବ୍ୟବସ୍ଥା ପ୍ରଚଳନ ହୋଇସାରିଲାଣି। ଏଣୁ ବୋର୍ଡ ପ୍ରମାଣପତ୍ରର ଅନୁପସ୍ଥିତିରେ ଘରୋଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କଠାରୁ ସାଦାକାଗଜରେ ୭ମ ଶ୍ରେଣୀରେ ଓଡ଼ିଆ ଭାଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାର ଲେଖାଇ ଆଣିଲେ କାମ ଚଳିଯାଉଛି। ଜଣେ ୭ମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବାର ଅତିକମ୍‌ରେ ୮/୯ ବର୍ଷ ପରେ ଅର୍ଥାତ୍ ସ୍ନାତକ ଶିକ୍ଷା ସମାପ୍ତ କରିବା ପରେ ସରକାରୀ ଚାକିରି ପାଇଁ ଆବେଦନ କରିବ। ଏଣେ ୭ମ ଶ୍ରେଣୀ ପରି ଅଣଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ନଥିପତ୍ର ୮/୧୦ ବର୍ଷ ଯାଏ ସାଇତି ରଖିବାର କୌଣସି ଆବଶ୍ୟକତା ମଧ୍ୟ ନାହିଁ। ଫଳରେ ପ୍ରଧାନ ଶିକ୍ଷକଙ୍କ ହାତଲେଖା ପ୍ରମାଣପତ୍ରର ବୈଧତାକୁ ଆହ୍ୱାନ କରିବାର ସୁଯୋଗ ନ ଥାଏ। ଏଣୁ ଓଡ଼ିଆ ପଢ଼ିଥାନ୍ତୁ ବା ନ ଥାନ୍ତୁ, ୭ମ ଶ୍ରେଣୀ ଓଡ଼ିଆ ଭାଷା ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହେବାର ପ୍ରମାଣପତ୍ର ହାସଲ କରିବାରେ ବସ୍ତୁତଃ କୌଣସି ସମସ୍ୟା ନାହିଁ।

ଫଳସ୍ୱରୂପ ଓଡ଼ିଆ ପଢ଼ିବାକୁ ଅବା ପଢ଼େଇବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ପିଲାଦିନୁ ଅ, ଆ ଶିଖିବା ସ୍ଥାନରେ ଏ, ବି, ସି, ଡି ଶିଖାଯାଉଛି। ଅଭିଭାବକମାନଙ୍କୁ ମଧ୍ୟ ଦୋଷ ଦେବାର କୌଣସି କାରଣ ନାହିଁ। ଓଡ଼ିଆ ଭାଷା ମାର୍ଗରେ ଗଲେ ଯଦି ନିଯୁକ୍ତି ସୁଯୋଗ ନିକଟରେ ପହଞ୍ଚିହେବ ନାହିଁ, ତେବେ ଲୋକେ ସେବାଟ ଦେଇ ଯିବେ ନାହିଁ ଏବଂ କାଳକ୍ରମେ ତାହା ଏକ ପରିତ୍ୟକ୍ତ ମାର୍ଗରେ ପରିଣତ ହେବ। ସମୟକ୍ରମେ ଯେଉଁ ଭାଷା ନିଯୁକ୍ତି ତଥା ଅର୍ଥ ଉପାର୍ଜନର ଭାଷା ହେବାର ଶାସକୀୟ ପ୍ରୋତ୍ସାହନ ହରାଇ ବସିଛି, ସେ ଭାଷାର ଅବଲୀଳା କ୍ରମେ ଅବଲୁପ୍ତି ଘଟିଛି।

ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଆ ଭାଷାକୁ ସୁରକ୍ଷା ଦେବା ସହ ତା'ର ଭବିଷ୍ୟତକୁ ସୁନିଶ୍ଚିତ କରିବା ଲାଗି ଶାସକୀୟ ପ୍ରୋତ୍ସାହନର ନିତାନ୍ତ ତ୍ୱରିତ ଆବଶ୍ୟକତା ରହିଛି ଓ ସରକାରଙ୍କ ଚାକିରି ପାଇଁ ଆବେଦନ କରିବା ଲାଗି ସର୍ବନିମ୍ନ ଭାଷା ଯୋଗ୍ୟତାକୁ ଦ୍ୱାଦଶ/ ଡିପ୍ଲୋମା/ ଆଇଟିଆଇ ପରୀକ୍ଷାରେ ଓଡ଼ିଆ ଭାଷା ସାହିତ୍ୟରେ ଉତ୍ତୀର୍ଣ୍ଣ ଯାଏଁ ବୃଦ୍ଧି କରିବାର ଆବଶ୍ୟକତା ଅନୁଭୂତ ହେଲାଣି। ଡିପ୍ଲୋମା, ଆଇଟିଆଇ, ସିଟି ଭଳି ମାଟ୍ରିକ ପର ବୃତ୍ତିଗତ ପାଠ୍ୟକ୍ରମରେ ମଧ୍ୟ ଓଡ଼ିଆ ଭାଷା ଓ ବ୍ୟାକରଣ ପଢ଼ାଯିବାର ବ୍ୟବସ୍ଥା କରାଯିବା ଆବଶ୍ୟକ। ୧୦ମ ପରବର୍ତ୍ତୀ ଯେତେଗୁଡ଼ିଏ ପାଠ୍ୟକ୍ରମର ବିକଳ୍ପ ରହିଛି, ସେଗୁଡ଼ିକରେ ପ୍ରାୟ ସମ୍ପୂର୍ଣ୍ଣ ଇଂରାଜୀ ଭାଷାରେ ପଢ଼ାଯାଉଛି। ଏଣୁ ୧୦ମ ପରେ ପିଲାମାନଙ୍କ ଓଡ଼ିଆ ଭାଷାରେ ଲେଖାପଢ଼ା ସହ ସମ୍ପର୍କ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଉଛି। ଏପଟେ କେନ୍ଦ୍ର ସରକାର ଭାରତୀୟ ଭାଷାଗୁଡ଼ିକୁ ଗୁରୁତ୍ୱ ଦେବାକୁ ଯାଇ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)) ଓ ମିଳିତ ପ୍ରବେଶିକା ପରୀକ୍ଷା (ଜେଇଇ) ଆଦିକୁ ଓଡ଼ିଆ ଭାଷା ସମେତ ଅନ୍ୟାନ୍ୟ ଭାରତୀୟ ଭାଷାରେ ଆୟୋଜନ କରିବା ଆରମ୍ଭ କଲେଣି। ଏଣୁ ଦ୍ୱାଦଶ ସମତୁଲ୍ୟ ୧୦ମ ପରବର୍ତ୍ତୀ ସମସ୍ତ ପାଠ୍ୟକ୍ରମରେ ଓଡ଼ିଆ ସାହିତ୍ୟ ଓ ବ୍ୟାକରଣ ପଢ଼ାଯିବାର ବ୍ୟବସ୍ଥା କରାଯାଇ ପିଲାମାନଙ୍କ ଓଡ଼ିଆ ଭାଷାଜ୍ଞାନର ନିରନ୍ତରତା ବଜାୟ ରଖିବାକୁ ଉଦ୍ୟମ କରିବା ସହ ଓ ସରକାରୀ ଚାକିରି ପାଇଁ ସର୍ବନିମ୍ନ ଯୋଗ୍ୟତାକୁ ୭ମ ଶ୍ରେଣୀରୁ ୧୨ଶ ବା ସମତୁଲ୍ୟ ପରୀକ୍ଷାରେ ଓଡ଼ିଆ ଭାଷାରେ ଉତ୍ତୀର୍ଣ୍ଣତା ଯାଏଁ ବୃଦ୍ଧି କରାଯିବା ବର୍ତ୍ତମାନର ଆବଶ୍ୟକତା।

ରଗଡ଼ିପଡ଼ା, କାମାକ୍ଷାନଗର
ଢେଙ୍କାନାଳ, ମୋ: ୯୪୩୭୬ ୫୩୨୬୦

# ନିରଙ୍କୁଶ କୈଶୋର



ଚିନ୍ତାମଣି ପଣ୍ଡା

'ଲାଳୟେତ ପଞ୍ଚବର୍ଷାଣି ଦଶବର୍ଷାଣି ତାଡୟେତ/ପ୍ରାପ୍ତେତୁ ଷୋଡ଼ଶ ବର୍ଷେ ପୁତ୍ର ମିତ୍ରବତ୍ ଆଚରେତ' -ଏହି ଆପ୍ତବାକ୍ୟଟିର ପରିଭାଷା ଯୁଗୋପଯୋଗୀ। ଅନ୍ୟଥା ସାମ୍ପ୍ରତିକ ପରିସ୍ଥିତି କିପରି ଲଗାମବିହୀନ କିଶୋର ମନଟିକୁ ଯୌବନର ଉଦ୍ଦାମତାରେ ଉଡ଼ାଇ ଉଡ଼ାଇ ଅପରାଧ ଦୁନିଆରେ ପାଦଥାପିବା ପାଇଁ ଖୋରାକ ଯୋଗାଉଛି, ତାହା ମାତାପିତାଙ୍କର ତାଡନା ବା ଆକଟର ଅଭାବ ବୋଲି ସ୍ପଷ୍ଟ ବାରି ହୋଇପଡ଼େ। ଅଲିଅଳରେ ବଢ଼ି ଉଠିଥିବା ଆଜିର ସନ୍ତାନସନ୍ତତି ଆଧୁନିକ ମାତାପିତାଙ୍କର ଏକମାତ୍ର କିମ୍ବା ଅତିବେଶିରେ ଦ୍ୱିତୀୟ ଉତ୍ପାଦ। ଏପରି ସ୍ଥଳେ ତାଙ୍କ ଦେହରେ ଧୂଳିଟିକେ ପଡ଼ିଗଲେ ଏମାନେ ପଥର ପଡ଼ିବା ପରି ଅନୁଭବ କରିବା ସ୍ୱାଭାବିକ। ସେ ଯୁଗର ଧୂଳିଖେଳ, ଦାଣ୍ଡରେ ପଡ଼ି ଖଣ୍ଡିଆଖାବରା ହେବା ଏହି ଗେଲବସର ଅପତ୍ୟମାନଙ୍କର ଜାତକରେ ନାହିଁ। ତଥାପି ମାତାପିତା ଏମାନଙ୍କର ପାରିବାପଣିଆର ପ୍ରଶଂସାରେ ଶତମୁଖ। ଏପରି ସ୍ଥଳେ ସରକାର ବାହାଦୁର ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ କରିଦେଇଛନ୍ତି। ନିଆଁରେ ଘିଅ ଢାଳିବା ପରି ବିଦ୍ୟାଳୟ କାନ୍ଥବାଡ଼ରେ ଦେୟମୁକ୍ତ ଫୋନ୍ ନମ୍ବର ବି ଲେଖାଅଛି। ଏପରି ସ୍ଥଳେ ପିଲାଙ୍କୁ ଆଖି ଦେଖେଇବାକୁ କାହା ଜିଭରେ ହାଡ଼ ଅଛି ? ତେଣୁ ଯେଉଁ ୧୦ ବର୍ଷ ପିଲାଟି ଭଲମନ୍ଦକୁ ଉପଲବ୍ଧି କରିବାକୁ ଆକଟରେ ରହିବା କଥା ତାହା ନା ଘରେ ନା ବିଦ୍ୟାଳୟରେ କେଉଁଠି ମିଳିଲା ?

ଏଥକୁ ବିଦ୍ୟାଳୟରେ ପରୀକ୍ଷାର ବୋଝ ବି ନାହିଁ। ପାଠ ପଢ଼ିବାର ଝିନ୍‌ଝଟ୍ ନାହିଁ। ଅତଏବ କୈଶୋର ଅବସ୍ଥାର ସ୍ପର୍ଶରେ ତା'ର ମନଟି ନୂତନ ଉନ୍ମାଦନାରେ ଆନ୍ଦୋଳିତ ହେଉ ହେଉ କେତେବେଳେ ସମସ୍ତଙ୍କ ଅଲକ୍ଷ୍ୟରେ ଲଗାମଛଡ଼ା ହୋଇଯାଉଛି। ଫଳରେ ସେ ଆଧୁନିକ ଯୁଗର ସାମାଜିକ ଗଣମାଧ୍ୟମ ତଥା ଅନ୍ତର୍ଜାଲ (ଇଣ୍ଟରନେଟ) ସହାୟତାରେ ଅପରାଧ ଦୁନିଆରେ ପହଞ୍ଚିଯାଉଛି। ଜାତୀୟ ଅପରାଧ ପଞ୍ଜୀକରଣ ସଂସ୍ଥାର ଆକଳନ ଅନୁଯାୟୀ ଆମ ଦେଶରେ ଦିନକୁ ଦିନ ବାଳଅପରାଧ ସଂଖ୍ୟା ବଢ଼ି ବଢ଼ି ବର୍ଷକୁ ୩୦,୫୫୫ ରେ ପହଞ୍ଚି ଗଲାଣି। ଅତି ଜଘନ୍ୟ ବାଳ ଅପରାଧ ଘଟୁଥିବା ରାଜ୍ୟଗୁଡ଼ିକରେ ଓଡ଼ିଶା ଅନ୍ୟତମ। ନିର୍ଭୟା କାଣ୍ଡଠାରୁ ଆରମ୍ଭ କରି ପୁଣେରେ ଗାଡି ମଡେଇ ହତ୍ୟା କରିବା ପର୍ଯ୍ୟନ୍ତ ବାଳ ଅପରାଧ ସମ୍ପୃକ୍ତି ସାମ୍ନାକୁ ଆସିଛି। ତାହା ପୁଣି ନିଶାଗ୍ରସ୍ତ ହୋଇ। ତରୁଣ ବୟସରେ ନିଶା ଅଭ୍ୟାସ କରିବାକୁ ଆଜିର ପରିବେଶ ଯଥେଷ୍ଟ ଖୋରାକ ଯୋଗେଇଦେଉଛି। ହାତପାହାନ୍ତାରେ ନିଶାଦ୍ରବ୍ୟ ତଥା ନିଶା ବ୍ୟକ୍ତିଙ୍କର ଅଭାବ ନାହିଁ । ଏଣେ ବିଦ୍ୟାଳୟଗୁଡ଼ିକରେ ପରୀକ୍ଷାର ଚାପ ନାହିଁ କି ଶିକ୍ଷକମାନଙ୍କର ଆକଟ ହିଁ ନାହିଁ। ତେଣେ କର୍ମଜୀବୀ ମାତାପିତାଙ୍କର ପାଖରେ ସଞ୍ଚଣା ଶିଖେଇବା ପାଇଁ ସମୟ ନାହିଁ। ସଦ୍ୟତମ ଏକ ଘଟଣା ଯାହା ଉପାନ୍ତ ଜିଲାରେ ଘଟିଯାଇଛି ତାହା ଯେତିକି ସମ୍ବେଦନଶୀଳ ତା'ଠାରୁ ଅଧିକ ଉଦ୍‌ବେଗଜନକ। ଆଦିବାସୀ



ଛାତ୍ରାବାସରେ ରହି ପଢୁଥିବା ନବମ ଶ୍ରେଣୀ ପିଲାଏ ରାତିରେ ଛାତ ଉପରେ ମଦ୍ୟପାନ କରି ଅଶ୍ଳୀଳ ଚଳଚ୍ଚିତ୍ର ଦେଖିବା ଆମ ବିକୃତ ଶିକ୍ଷାବ୍ୟବସ୍ଥାକୁ ଉପହାସ କରୁନାହିଁ କି ? ପୁଣି ଏ ଘଟଣା ଦେଖି ଷଷ୍ଠ ଶ୍ରେଣୀ ଛାତ୍ରଟିଏ ପ୍ରଧାନ ଶିକ୍ଷକଙ୍କୁ ଜଣେଇଦେବାରୁ ତା'ର ଶରୀରକୁ ଧାରୁଆ ବ୍ଲେଡ୍‌ରେ କାଟି କ୍ଷତରେ ଲୁଣ ଲଗାଇବା ଅପରାଧପ୍ରବଣ ମାନସିକତାର ସ୍ତରକୁ ସୂଚିତ କରୁନାହିଁ କି ?

ଦେଶର ଭବିଷ୍ୟତ ନାଗରିକମାନଙ୍କର ନିଜ ଭବିଷ୍ୟତର ଗତି ଯେ କୁଆଡ଼କୁ ତାହା ସ୍ପଷ୍ଟ ଅନୁମେୟ। କି ଉପାନ୍ତ, କି ଉପକୂଳ, କି ଉନ୍ନତ, କି ଅନୁନ୍ନତ, ପ୍ରତିଟି ଅଞ୍ଚଳକୁ ଆଜି ଏ ପ୍ରକାରର ହୀନ ମାନସିକତା ବ୍ୟାପିସାରିଲାଣି। କୋମଳମତି ଛାତ୍ରୀଛାତ୍ରମାନେ ଅନାୟାସରେ ଏହାର କବଳରେ ପଡ଼ି ଅତି ଜଘନ୍ୟ ତଥା ନାରକୀୟ କାଣ୍ଡରେ ସାମିଲ ହେଉଥିବାର ଦୃଷ୍ଟାନ୍ତ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି। ଗାଡ଼ି ଡିକି ଭାଙ୍ଗି ଚୋରି, ଛିନ୍‌ତାଇ କରିବାଠାରୁ ଆରମ୍ଭ କରି ଗଣବଳାତ୍କାର ତଥା ନଗ୍ନ ଚିତ୍ର ଦେଖେଇ ପଇସା ଆଦାୟ କରି ନିଶା ସେବନ ପରି ବିରଳ ଅପରାଧରେ କିଶୋରୀକିଶୋରମାନେ ସାମିଲ ହେବା ସାମାଜିକ ପତନର ପୂର୍ବାଭାସ ମାତ୍ର। ସୁରାସାକୀର ଲାଳସାରେ ନିଶା କାରବାର, ବହି ବସ୍ତାନିରେ ନିଶା ଦ୍ରବ୍ୟ ଚୋରାଚାଲାଣ ପରି ଉଦ୍ୟମ ସର୍ବସାଧାରଣଙ୍କ ଦୃଷ୍ଟି ଏଡାଇ ନିଜ ଅପ୍ରାପ୍ତ ବୟସର ଫାଇଦା ଉଠାଇବାର ପ୍ରଚେଷ୍ଟା ମାତ୍ର। କାରଣ ଧରାପଡ଼ିଗଲେ ଜଘନ୍ୟ ଅପରାଧ ପାଇଁ ମଧ୍ୟ କୋହଳ ଦଣ୍ଡ ବିଧାନ କିମ୍ବା ବାଳ ସୁଧାର ଗୃହ ଭ୍ରମଣ ବ୍ୟବସ୍ଥା କଥା ବୋଧହୁଏ ସେମାନେ ଭଲ ଭାବରେ ଅବଗତ। ପିଲାଟି ଦିନରୁ ମାତାପିତାଙ୍କ ପ୍ରୋତ୍ସାହନରେ କର୍ଣ୍ଣ ପିଶାଚ ଯନ୍ତ୍ର(ମୋବାଇଲ) ବଶବର୍ତ୍ତୀ ହୋଇ ବୟୋପ୍ରାପ୍ତି ଆଗରୁ ତା'ର ଦୁରୁପଯୋଗରେ ବିଭିନ୍ନ ପ୍ରକାର ଜୁଆ ଖେଳି ସର୍ବସ୍ୱାନ୍ତ ହେବା ଏବଂ ପରିଶେଷରେ ଆତ୍ମହତ୍ୟାର ପଥ ବାଛିନେବା କିଶୋର ମାନସିକତାର ଅଧୋଗତିକୁ ହିଁ ଦର୍ଶାଉଛି। ପ୍ରେମ, ପ୍ରତାରଣା, ଅବାଞ୍ଛିତ ଗର୍ଭଧାରଣ, ତରୁଣୀତରୁଣଙ୍କର ସାଧାରଣ ଘଟଣା ପାଲଟିଗଲାଣି। ଏ ପ୍ରକାରର ଉଦ୍‌ବେଗଜନକ ସ୍ଥିତି ପାଇଁ କୌଣସି ବ୍ୟକ୍ତି ବିଶେଷଙ୍କୁ ଦାୟୀ ନ କରି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଚିନ୍ତାନାୟକମାନଙ୍କ ସମ୍ମୁଖରେ ଏକ ଆହ୍ୱାନ ପାଲଟିଛି। ଏବେ ଆତ୍ମସମୀକ୍ଷାର ଉପଯୁକ୍ତ ସମୟ ଆସିଯାଇଛି। ଚପଳମତି କିଶୋରୀକିଶୋରଙ୍କୁ ଭବିଷ୍ୟତର ଭୋଟ ବ୍ୟାଙ୍କ ଭାବି ଯଦି ନୃତ୍ୟ, ଗୀତ ତଥା ନିଶାପାଣିରେ ଆମେ ମସ୍‌ଗୁଲ ରଖିବା ତେବେ ଏ ପ୍ରକାର ଶସ୍ତା ଲୋକପ୍ରିୟତା ପ୍ରକାରାନ୍ତରେ ସେମାନଙ୍କର ଶିକ୍ଷାକୁ କେତେ ମାତ୍ରାରେ ଯେ ପ୍ରଭାବିତ କରୁଛି ତାହା କିଏ ବୁଝିବ ? ଅତଏବ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଘୋଷଣା କରି ପିଲାଙ୍କ ଜୀବନରୁ ପରୀକ୍ଷାର ଚାପ କୋହଳ କରିଦେଇ ଆମେ ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖିଛେ ତାହା ଦିଅଁ ଗଢୁ ଗଢୁ ବାନର ହୋଇଯିବ ନାହିଁ ତ ?

ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ,
ଭବାନୀପାଟଣା। ମୋ:୮୧୪୪୦୬୬୦୧୬

## ଏଇ ଭାରତରେ

ବର୍ଜ୍ୟରୁ ଅବିକଳ ମୂର୍ତ୍ତି ତିଆରି କରୁଛନ୍ତି ବନ୍ଦନା ଜୈନ। ମହାରାଷ୍ଟ୍ର ବସାଇର ଏକ ଷ୍ଟୁଡିଓରେ ଅଦକାରୀ କାର୍ଡବୋର୍ଡ ବକ୍ସ ବ୍ୟବହାର କରି ସେ ଏହିସବୁ ମୂର୍ତ୍ତି ତିଆରି କରୁଛନ୍ତି। କାର୍ଡବୋର୍ଡ ବକ୍ସଗୁଡ଼ିକୁ ଥରେ ବ୍ୟବହାର କରିବା ପରେ ସେସବୁକୁ ବାହାରେ ପିଙ୍ଗି ଦିଆଯାଉଛି, ଯାହା ଗଦାହୋଇ ପଡ଼ିରହୁଛି। ଏହା ମଧ୍ୟ ପରିବେଶକୁ ପ୍ରଦୂଷଣ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସେଥିରୁ ମୂର୍ତ୍ତି ତିଆରି କରିବା ଲାଗି ସେ ନିଷ୍ପତ୍ତି ନେଇଥିଲେ। ବନ୍ଦନା ପ୍ରଥମେ କାଠରେ ମୂର୍ତ୍ତି କରୁଥିଲେ। ପରେ ୨୦୧୩ରେ କାର୍ଡବୋର୍ଡରୁ ଏହା ତିଆରି କରିବା ଲାଗି ଚେଷ୍ଟା କରି ସଫଳ ହୋଇପାରିଥିଲେ। ଏବେ ତିଆରି କରୁଥିବା କଳାରେ ସେ ମଣିଷର ଜୀବନକୁ ଚିତ୍ରଣ କରୁଛନ୍ତି। ବନ୍ଦନା ବିହାରର ଏକ ଛୋଟ ଗାଁରେ ପଢିଛନ୍ତି ଓ ବଢିଛନ୍ତି। ପ୍ରାରମ୍ଭିକ ଶିକ୍ଷା କାଳରେ ସେ କଳା ପ୍ରତି ଆଗ୍ରହୀ ଥିଲେ। ୨୦୦୨ରେ ଦିଲ୍ଲୀ ଯାଇ ଇଣ୍ଟେରିୟର ଡିଜାଇନରେ ଶିକ୍ଷା ଲାଭ କରିବା ପରେ କଳାକୁ ଆହୁରି ଉତ୍କୃଷ୍ଟମାନର କରିପାରିଛନ୍ତି। ବିବାହ ପରେ ଏବେ ମୁମ୍ବାଇ ଆସି କାର୍ଡବୋର୍ଡରୁ ମୂର୍ତ୍ତି ଗଢିବା କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଏପ୍ରିଲ ୧୯୭୬

- ମଇ ଦିବସକୁ ବେତନ ସହ ଛୁଟି ଦିବସ ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ସମସ୍ତ ସରକାରୀ ଓ ବେସରକାରୀ ଶିଳ୍ପ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।
- ଲେବାନନ୍‌ର ନୂତନ ରାଷ୍ଟ୍ରପତି ନିର୍ବାଚନ ଦୃଷ୍ଟିରୁ ପାର୍ଲାମେଣ୍ଟ ଅଧିବେଶନକୁ କିଛି ଦିନ ସ୍ଥଗିତ ରଖିବା ପାଇଁ ଉଭୟ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ଗୋଷ୍ଠୀ ଆଜି ରାଜି ହୋଇଛନ୍ତି।

## ଚିରନ୍ତନୀ

କଣ୍ଠୀ ନୂପୁର କଟୀ ଶୃଙ୍ଖଳ
ହେଉଥିଲେ କେବେ ଆଖିର ଭେଟ
ଆଜି ବା ହୋଇଛି ଜର୍ଜେଟ୍ ଶାଢ଼ି
ବର୍ମା ସ୍ଲିପର ଆପଟୁ-ଡେଟ୍
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଏଆଇ ପ୍ରଯୁକ୍ତିବିଦ୍ୟା ବ୍ୟବହାରର ଆବଶ୍ୟକତା

ମହାଶୟ,

ସାଧାରଣତଃ କିଛି ଯାନବାହନକୁ ଅନୁମୋଦିତ ବାଲିଘାଟରୁ ଏକ ନିର୍ଦ୍ଦିଷ୍ଟ ପରିମାଣର ବାଲି ଉତ୍ତୋଳନ କରିବାକୁ ଅନୁମତି ଦିଆଯାଇଥାଏ । କିନ୍ତୁ କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ଦୃଷ୍ଟିଗୋଚର ହୋଇଥାଏ ଯଥା ବାଲିର ଚୋରାଚାଲାଣ ଏବଂ ଅନୁମୋଦିତ ପରିମାଣରୁ ଅଧିକ ବାଲି ଉତ୍ତୋଳନ । ବାଲିର ଚୋରାଚାଲାଣ ବଢୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି । ବେଳେବେଳେ ରାଜସ୍ୱ ଅଧିକାରୀମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବାର ନଜିର ମଧ୍ୟ ଅଛି । ଅଧିକ ବାଲି ଉଠାଣ ଯୋଗୁ ନଦୀ ନାଳଗୁଡିକର ଗତିପଥ ଅସ୍ୱାଭାବିକ ଭାବରେ ବଦଳିଯିବା ସମ୍ଭାବନା ଉପୁଜୁଛି ଏବଂ ଇକୋସିଷ୍ଟମ ପ୍ରଭାବିତ ହେଉଛି । ଏଥିସହିତ ସରକାରଙ୍କର ରାଜସ୍ୱହାନି ଘଟୁଛି । ଏହି ପରିପ୍ରେକ୍ଷୀରେ, କେବଳ ଅନୁମୋଦିତ ଯାନବାହନଗୁଡ଼ିକ ନିର୍ଦ୍ଦିଷ୍ଟ ବାଲିଘାଟରୁ ଯେପରି ଅନୁମୋଦିତ ପରିମାଣର ବାଲି ଉତ୍ତୋଳନ କରିପାରିବେ ତାହାକୁ କର୍ତ୍ତୃପକ୍ଷ ନିଶ୍ଚିତ କରିବା ଆବଶ୍ୟକ । ଏଥିପାଇଁ ଆଧୁନିକ ଏଆଇ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଯୁକ୍ତିଯୁକ୍ତ ମନେହୁଏ।

-ନବନୀତ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜଳବାୟୁ ପରିବର୍ତ୍ତନର ନୀରବ ଅସ୍ତ୍ର

## ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା ଓଡ଼ିଶା ସରକାରଙ୍କ ପଦକ୍ଷେପ


ଅରବିନ୍ଦ କୁମାର ପାଢ଼ୀ

ଓଡ଼ିଶା ଭଳି କୃଷି ନିର୍ଭରଶୀଳ ଅଞ୍ଚଳ ସଂପ୍ରତି ବିଶ୍ୱ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏହାର ପ୍ରଶମନ ଏବଂ ଅନୁକୂଳନ ସମସ୍ୟାର ସମାଧାନ ସହିତ ବର୍ଦ୍ଧିତ ଜନସଂଖ୍ୟା ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ଜଳବାୟୁ ସଚେତନ କୃଷି (CSA)ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରୁଛି। ଏହା ଜଳବାୟୁ ପ୍ରଭାବିତ ବିଶ୍ୱରେ ସ୍ଥିରତା ଆଣିବା ସହିତ ସ୍ଥାୟୀ ଭାବରେ କୃଷି ଉତ୍ପାଦନ ବୃଦ୍ଧି କରିବାର ବ୍ୟବସ୍ଥାକୁ ଗୁରୁତ୍ୱ ଦିଏ। ଏ ଦିଗରେ ବ୍ୟାପକ ଧାନ ଅମଳ ପଡ଼ିଆଜମିର ପରିଚାଳନା (CRFM) ଏକ କାର୍ଯ୍ୟକ୍ରମ, ଯାହାର ଏକ ବିସ୍ତାର ପ୍ରଭାବ ଜଳବାୟୁ ଉପରେ ପଡ଼ିପାରେ କିନ୍ତୁ ଏହାର ଯଥାର୍ଥ ସ୍ୱୀକୃତିକୁ ଏ ପର୍ଯ୍ୟନ୍ତ ପରିଚୟ ମିଳିପାରିନି। ଓଡ଼ିଶା ସରକାର ୨୦୨୨ରୁ ରାଜ୍ୟର ସମସ୍ତ ୩୦ଟି ଜିଲାରେ ଏକ କୃଷି ପଦ୍ଧତି ଭାବରେ ଏହାକୁ ଏକ ପ୍ରମୁଖ କାର୍ଯ୍ୟକ୍ରମ ହିସାବରେ ଅନ୍ତର୍ଭୁକ୍ତ କରିବା ପାଇଁ ଦୃଢ଼ ପ୍ରତିବଦ୍ଧତା ସହିତ କାର୍ଯ୍ୟ କରୁଛନ୍ତି।

CRFM ହେଉଛି ଏକ ପ୍ରକୃତ ଜଳବାୟୁ ସଚେତନ କୃଷି ପଦ୍ଧତି, ଯେଉଁଥିରେ ଖରିଫ ଋତୁରେ ଧାନ ଅମଳ ପରେ ସାଧାରଣ ଭାବରେ ପଡ଼ିଆ ପଡ଼ିଥିବା ଜମିରେ ଅନ୍ୟ ଫସଲ, ବିଶେଷକରି ଡାଲି ଏବଂ ତୈଳବୀଜ ଚାଷ କରାଯାଇଥାଏ। CRFM ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ସହିତ ମାଟିର ସ୍ୱାସ୍ଥ୍ୟକୁ ଉନ୍ନତ କରିବା ଏବଂ ପାରମ୍ପରିକ ଭାବରେ ସେହି ଅଞ୍ଚଳରେ ଫସଲ ଘନତାକୁ (Cropping Intensity)କୁ ବୃଦ୍ଧି କରିଥାଏ। ରାଜ୍ୟରେ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା CRFM ୨୦୨୪-୨୫ରେ ପ୍ରାୟ ୧୧ ଲକ୍ଷ ଏକର ଜମିରେ କାର୍ଯ୍ୟକାରୀ କରାଯାଇଛି। ଏହି ପଦ୍ଧତିକୁ କୃଷି ଉତ୍ପାଦକତା ବୃଦ୍ଧି କରିବା, ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଗ୍ରାମୀଣ ଜୀବିକାକୁ ଉନ୍ନତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରୂପେ ବିବେଚନା କରାଯାଇପାରେ।

ପୂର୍ବଭାରତର ଅନ୍ୟ ରାଜ୍ୟମାନଙ୍କ ସହ ଓଡ଼ିଶାରେ ଖରିଫ ଋତୁରେ ମୁଖ୍ୟତଃ ଧାନ ଚାଷ କରାଯାଏ ଏବଂ ରବି ଋତୁରେ ବ୍ୟାପକ ଅଞ୍ଚଳ ପଡ଼ିଆ ପଡ଼ିଯାଏ। ଏହି ଅଞ୍ଚଳଗୁଡ଼ିକରେ, ବିଭିନ୍ନ ପରିବେଶଗତ ଏବଂ ସାମାଜିକ-ଅର୍ଥନୈତିକ କାରଣ ଯୋଗୁ ଧାନ ପରେ ଦ୍ୱିତୀୟ ଫସଲ ଚାଷକୁ ସୀମିତ କରିଥାଏ, ଯଥା ସୀମିତ ଜଳସେଚନ ସୁବିଧା, ଅପର୍ଯ୍ୟାପ୍ତ ମୃତ୍ତିକା ଆର୍ଦ୍ରତା ସ୍ତର, ମାଟିର ନିମ୍ନ ଉର୍ବରତା ଏବଂ କ୍ଷୁଦ୍ର ଚାଷୀମାନଙ୍କର ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ସମ୍ମୁଖୀନ ହେବାର କମ୍ କ୍ଷମତା ଇତ୍ୟାଦି ଦ୍ୱାରା ପ୍ରଭାବିତ ହୋଇଥାଏ। ଜଳବାୟୁ ପରିବର୍ତ୍ତନ ସମସ୍ୟା ମଧ୍ୟରେ, ଫସଲ ଘନତାକୁ ବ୍ୟାପକ କରି ସୀମିତ ଜମିରୁ ବର୍ଦ୍ଧିତ ଖାଦ୍ୟ ଚାହିଦା ପୂରଣ କରିବା ପାଇଁ ଏକ ସ୍ଥାୟୀ ପଦ୍ଧତି ପ୍ରସ୍ତୁତ କରିବା ସହ ପ୍ରାକୃତିକ ପରିସଂସ୍ଥାନ ଉପରେ ଚାପ ହ୍ରାସ କରି ପରିବେଶଗତ ବିପଦକୁ ହ୍ରାସ କରିବାରେ ଏହି ଯୋଜନା ସାହାଯ୍ୟ କରେ। ଏହି ଯୋଜନାରେ ମରୁଡ଼ି-ସହନଶୀଳ ଫସଲ କିସମ ଏବଂ ସ୍ଥାୟୀ ଜଳ ପରିଚାଳନା ଭଳି ଜଳବାୟୁ ଅନୁକୂଳ କୃଷିକୁ ଅବଲମ୍ବନ କରାଯାଏ, ଯାହା ଉକ୍ତ ଜମିରେ ଦୀର୍ଘକାଳୀନ ଉତ୍ପାଦକତା ବଜାୟ ରଖିବାରେ ସାହାଯ୍ୟ କରେ। ଉଦାହରଣ ସ୍ୱରୂପ, ଫସଲ ପୁନରାବର୍ତ୍ତନରେ ଡାଲି ଜାତୀୟ ଫସଲକୁ ସାମିଲ କରିବା ଦ୍ୱାରା ଯବକ୍ଷାରଜାନ ସଂଯୁକ୍ତି କରି ମାଟି ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ।

ଅନିୟମିତ କିମ୍ବା କମ୍ ବର୍ଷା, ଅପର୍ଯ୍ୟାପ୍ତ ଅବଶିଷ୍ଟ ଆର୍ଦ୍ରତା ଏବଂ ବିଳମ୍ବ ଧାନ କିସମର ବ୍ୟବହାର ଯୋଗୁ ଧାନ ପରବର୍ତ୍ତୀ ଜମିରେ ରବି ଫସଲ ଚାଷ କରିବାର ସମ୍ଭାବନା ସୀମିତ ହୋଇଥାଏ। ଏହି ପଦ୍ଧତିର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଏବଂ ଏହାର ବହୁଳ ପ୍ରଚଳନ ତଥା କାର୍ଯ୍ୟାନ୍ୱୟନ ପାଇଁ ଏହି ଯୋଜନାର ମୂଲ୍ୟାୟନ କରିବା ଅତ୍ୟନ୍ତ ଜରୁରୀ ଥିଲା।

ଏ ସଂକ୍ରାନ୍ତରେ ଓଡ଼ିଶା ସରକାର ଏବଂ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ (IFPRI) ମିଳିତ ଭାବେ ରାଜ୍ୟରେ ଏହି ଯୋଜନାର ଏକ ମହତ୍ତ୍ୱାକାଂକ୍ଷୀ ମୂଲ୍ୟାୟନ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାରେ ପ୍ରଭାବ ମୂଲ୍ୟାୟନ ପଦ୍ଧତି, ସାଟେଲାଇଟ ରିମୋଟ ସେନ୍ସିଂ ତଥ୍ୟ, ଭୂମି ବ୍ୟବହାର ପଦ୍ଧତି, ପୁନଃ ପୁନଃ ପଦ୍ଧତିକୁ ଆପଣେଇବା ଏବଂ ଐତିହାସିକ ତଥ୍ୟ ବିଶ୍ଳେଷଣ ଭଳି ମୂଲ୍ୟାୟନ ଶୈଳୀର ବ୍ୟବହାର କରାଯାଇଛି। ରିମୋଟ ସେନ୍ସିଂ ବିଶ୍ଳେଷଣ ଆଧାରରେ ବର୍ଷତମାମ ଏବଂ କ୍ଷଣସ୍ଥାୟୀ ଧାନ ପଡ଼ିଆ ଜମି ଉଭୟର ବ୍ୟବହାର ବିଶ୍ଳେଷଣ କରାଯାଇଥିଲା। ପୂର୍ବ ଭାରତର ଅନ୍ୟ ଅଞ୍ଚଳ ତୁଳନାରେ ଓଡ଼ିଶାରେ ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଚାଷ କରାଯାଇଥିଲା। ପଡ଼ିଆ ଜମିର ପରିଚାଳନା ପରେ ଦେଖାଯାଇଛି, ଓଡ଼ିଶାରେ ହରଡ, ବିରି, ମୁଗ, ମସୁର, ରାଶି ଏବଂ ସୋରିଷ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି।

ଏହି ମୂଲ୍ୟାୟନରେ ପଡ଼ିଆ ପଡ଼ି ରହୁଥିବାର ବିଭିନ୍ନ କାରଣଗୁଡ଼ିକ ଯେପରି କି ମାଟିର ଆର୍ଦ୍ରତା ଏବଂ ଭୂମିର ବିଭିନ୍ନ ପ୍ରକାରର ଅନୁଧ୍ୟାନ କରାଯାଇଥିଲା। ଧାନ ପରବର୍ତ୍ତୀ ପଡ଼ିଆ ଜମିର ବ୍ୟବହାର, ଡାଲି ଓ ତୈଳବୀଜ ଉତ୍ପାଦନ ଏବଂ ଅମଳ ଉପରେ ପ୍ରଭାବ ଏ ସବୁ ଦିଗରେ ଏହି ମୂଲ୍ୟାୟନରେ ଧ୍ୟାନ ଦିଆଯାଇଛି। ଡାଲି ଏବଂ ତୈଳବୀଜ ଫସଲର ଚାଷ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ଦୁଇଟି ଫସଲ ଚାଷରେ ଆଞ୍ଚଳିକ ଏବଂ ଜାତୀୟ ସ୍ତରରେ ଆମ ରାଜ୍ୟ ପଛରେ ଅଛି। ବର୍ତ୍ତମାନ, ରାଜ୍ୟ ଚାଉଳ ଉତ୍ପାଦନରେ ବଳକା କିନ୍ତୁ ଡାଲି ଏବଂ ତୈଳବୀଜ ଫସଲ ଉତ୍ପାଦନରେ ପଛୁଆ ଅଛି।

ଧାନ ଅମଳ ପରବର୍ତ୍ତୀ ଫସଲ ଚାଷର ବ୍ୟାପକତାର ସୂଚକ ପ୍ରମାଣ ଏହା ଯେ, ଓଡ଼ିଶାରେ ହରଡ, ମଟର, ମସୁର ଏବଂ ସୋରିଷ ସମେତ ପ୍ରମୁଖ ଫସଲରେ ଉଲ୍ଲେଖନୀୟ ଅମଳ ବୃଦ୍ଧି ଦେଖାଯାଇଛି। ଏହି ଯୋଜନାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ, ବିଭିନ୍ନ ଅଞ୍ଚଳ ଓ ଫସଲ ବାଛିବାରେ ସମ୍ବଳ ବଣ୍ଟନକୁ ଆହୁରି ସମଯୋଚିତ କିମ୍ବା ସମ୍ବଳର ପୁନଃବଣ୍ଟନ କରିବାର ଆବଶ୍ୟକତା ପଡ଼ିପାରେ। ଏଥିପାଇଁ ଆଞ୍ଚଳିକ ଆବଶ୍ୟକତାକୁ ବିଶ୍ଳେଷଣ କରି ଅଧିକ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନେବାକୁ ହେବ।

ଏହା ବ୍ୟତୀତ, ଉତ୍ପାଦିତ ଡାଲି ଓ ତୈଳବୀଜ ଫସଲର ଉପଯୁକ୍ତ ବଜାରୀକରଣ ପାଇଁ ଚେଷ୍ଟା କରାଯିବ। ଏକ ବିସ୍ତୃତ ବଜାର ବିଶ୍ଳେଷଣ ଦ୍ୱାରା ନିର୍ଦ୍ଦିଷ୍ଟ ଫସଲର ବହୁଳ ଚାହିଦା ଥିବା ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ ମିଳିପାରିବ, ଯାହା ଚାଷୀମାନଙ୍କୁ ଏହି ଆଦାୟର ପ୍ରକ୍ରିୟାକରଣ ଦ୍ୱାରା ମୂଲ୍ୟଯୁକ୍ତ ସୁଯୋଗର ଲାଭ ଉଠାଇବାକୁ ସାହାଯ୍ୟ କରିବ। ଏ ସବୁକୁ ଆଖି ଆଗରେ ରଖି ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନାର ଏକ ସମନ୍ୱିତ ପରିବେଶଗତ, ଜୀବିକା ଏବଂ ଆର୍ଥିକ ମୂଲ୍ୟାୟନ ହେବା ଜରୁରୀ।

ଡିଜିଟାଇଜେସନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଏବଂ ଏଭଳି କାର୍ଯ୍ୟକ୍ରମର ମୂଲ୍ୟାୟନ ପ୍ରାପ୍ତ ହୋଇଥିବା ସୂଚନା ଓ ଏହାର ଫଳାଫଳଗୁଡ଼ିକୁ ତଦାରଖ ସହ ଦୃଢ଼ ତଥ୍ୟ ପ୍ରଣାଳୀ ଆଧାରରେ କୃଷି ବିକାଶର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଏ। କୃଷକ ଓଡ଼ିଶା ଏବଂ ADAPT ପୋର୍ଟାଲର ସମନ୍ୱୟ ଫଳରେ ଟ୍ରାକିଂ ବ୍ୟବସ୍ଥା ଭୂସ୍ଥାନିକ ମ୍ୟାପିଂ ଏବଂ ରିମୋଟ ସେନ୍ସିଂ ଏଭଳି ବୈଷୟିକ ଜ୍ଞାନ କୌଶଳ ଯୋଜନାର ସଠିକତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥାଏ। ଏକ ଦୃଢ଼ ତଦାରଖ ଏବଂ ମୂଲ୍ୟାୟନ ପ୍ରଣାଳୀ ମାଧ୍ୟମରେ ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା (CRFM)ର ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ କାର୍ଯ୍ୟଦକ୍ଷତା ଉଭୟକୁ ମାପିହେବ ନିଶ୍ଚୟ।

**ଲେଖକଙ୍କ ନିଜସ୍ୱ ମତ**

- ଡ. ଅରବିନ୍ଦ କୁମାର ପାଢୀ, ଆଇ.ଏ.ଏସ, ପ୍ରମୁଖ ଶାସନ ସଚିବ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ
- ଡ. ମମତା ପ୍ରଧାନ ଏବଂ ଡ. ଦେବେଶ ରୟ, ଗବେଷକ, IFPRI

# ବିନା ଦୋଷରେ ଦେଢ଼ ମାସ ଜେଲ

ଉଦଳା,୨୮।୪(ସନ୍ତୋଷ କୁମାର ବାଛିନୀ)


ଅଶ୍ୱିନୀ ଦେ

- ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ଯୁବକ
- ନିଜ ଆଡୁ ବନ୍ଧୁକ ରଖି ଫସାଇଦେଲା ପୋଲିସ

ମୟୂରଭଞ୍ଜ ଜିଲା ଖୁଣ୍ଟା ପୋଲିସ ନାମରେ ସାଂଘାତିକ ଅଭିଯୋଗ। ଚଢ଼ାଉ କରିବା ବେଳେ ବିନା ଦୋଷରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଫଳରେ ଯୁବକ ଜଣକ ଦେଢ଼ ମାସ ଜେଲ୍‌ରେ ବିତାଇଥିବା ସୋମବାର ପୂର୍ବାହ୍ନରେ ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଭାଗୃହରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଅଭିଯୋଗ କରିବା ସହ ଏସ୍‌ପିଙ୍କୁ ନ୍ୟାୟ ମାଗିଛନ୍ତି।

ଅଭିଯୋଗକାରୀ ଯୁବକ ହେଲେ ଜଣକ ଖୁଣ୍ଟା ଥାନା ଅଧୀନ ସାଇଁକୁଲା ଗ୍ରାମର ଅଶ୍ୱିନୀ ଦେ। ସେ ଦର୍ଶାଇଛନ୍ତି ଯେ, ୨୦୨୩ ଜୁଲାଇ ୧୮ରେ ଖୁଣ୍ଟା ପୋଲିସ ତାଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ସେ ଘରେ ନ ଥିଲେ। ତାଙ୍କ ସ୍ତ୍ରୀଙ୍କ ଉପସ୍ଥିତିରେ ପୋଲିସ ଘର ତଲାସି କରି ୭୯ ହଜାର ଟଙ୍କା ଜବତ କରି ନେଇଥିଲା ଏବଂ ତାଙ୍କୁ ଥାନାକୁ ଯିବାକୁ କହିଥିଲା। ପରଦିନ ସେ ଥାନାକୁ ଯାଇଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଜବତ ଟଙ୍କା ସହ ନିଜ ଆଡୁ ଏକ ଦେଶୀ ବନ୍ଧୁକ ଆଣି ପୋଲିସ ରଖି ଫଟୋ ଉଠାଇବା ସହ ଅଶ୍ୱିନୀଙ୍କ ଘରୁ ଟଙ୍କା ସହ ଦେଶୀ ବନ୍ଧୁକ ଜବତ ହୋଇଥିବା ଦର୍ଶାଇଥିଲା। ଏହି ବନ୍ଧୁକରେ ସେ ଶିକାର କରୁଥିବା ପୋଲିସ ନିଜ ତଦନ୍ତରେ ଦେଖାଇଥିଲା। କୋର୍ଟଚାଲାଣ ପରେ ବିନା ଦୋଷରେ ଜେଲରେ ଦେଢ଼ ମାସ ବିତାଇ ଫେରିବା ପରେ ତାଙ୍କ ପ୍ରତି ଅନ୍ୟାୟ ହୋଇଥିବା କହି ସେ ବାରମ୍ବାର ଏସ୍‌ଡିପିଓଙ୍କଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ ସୁଦ୍ଧା ତାଙ୍କୁ ନ୍ୟାୟ ମିଳିନାହିଁ। ଅନ୍ୟପଟେ ପୋଲିସ ତାଙ୍କ ଘର ତଲାସି ସମୟରେ ସାକ୍ଷୀ ପକାଇଥିବା ବ୍ୟକ୍ତି ମଧ୍ୟ ଅଶ୍ୱିନୀଙ୍କ ଘରୁ ବନ୍ଧୁକ ଜବତ ହୋଇ ନ ଥିବା ଏବଂ କିଛି ସାକ୍ଷୀ ଘଟଣା ବାବଦରେ କିଛି ନ ଜାଣି ମଧ୍ୟ ସାକ୍ଷୀ ପଡ଼ିଥିବା ସେ କହିଛନ୍ତି। ଏପରିକି ଏସ୍‌ଡିପିଓ ମଧ୍ୟ ଅଶ୍ୱିନୀଙ୍କ ସ୍ତ୍ରୀଙ୍କ ଅଭିଯୋଗର ତଦନ୍ତ କରି ତାଙ୍କ ଘରୁ ବନ୍ଧୁକ ଜବତ ହୋଇ ନ ଥିବା ସାକ୍ଷୀଙ୍କୁ ପଚରାଉଚରା ପରେ ଜଣାପଡ଼ିଥିବା ସେ ଦର୍ଶାଇଛନ୍ତି। ହେଲେ ଏବେ ସୁଦ୍ଧା ନ୍ୟାୟ ମିଳି ନ ଥିବାରୁ ଶେଷରେ ଅଶ୍ୱିନୀ ଓ ତାଙ୍କ ସ୍ତ୍ରୀ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ଭେଟିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି ବୈଜୟନ୍ତ ପଣ୍ଡା

## କେନ୍ଦ୍ରାପଡ଼ାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ହେଲା ଆଲୋଚନା

ଭୁବନେଶ୍ୱର,୨୮।୪(ସୁନିତ୍ ମିଶ୍ର)

କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନଠାରେ ସାକ୍ଷାତକରିବା ସହ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। କେନ୍ଦ୍ରାପଡ଼ାର ତଳି ଅଞ୍ଚଳକୁ ଜଳମଗ୍ନ ହେବାରୁ ମୁକ୍ତ କରିବା ତଥା ବନ୍ୟା ନିୟନ୍ତ୍ରଣ ପାଇଁ ଲୁଣାନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ କରାଯିବା ପାଇଁ ସାଂସଦ ପ୍ରସ୍ତାବ ଦେଇଛନ୍ତି। ଜିଲାର ଗରଦପୁର ବ୍ଲକ୍ ଅନ୍ତର୍ଗତ ଗହଗପାଟ ଅଞ୍ଚଳ, କେନ୍ଦ୍ରାପଡ଼ା-ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବିସିବିଲପାଟ ଅଞ୍ଚଳରେ ବନ୍ୟା ଦ୍ୱାରା ଜଳମଗ୍ନ ହେଉଥିବା ଅଞ୍ଚଳଗୁଡ଼ିକୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଛି। ଏହାସହ୍ ଜିଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଏକ ଚାରିଟେବୁଲ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ନିମନ୍ତେ ଜମି ଚିହ୍ନଟ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି।



ସୂଚନାଯୋଗ୍ୟ, ସତ୍ୟସାଇ ସେବା ସମିତି ପକ୍ଷରୁ କେନ୍ଦ୍ରାପଡ଼ାରେ ଏକ ହସ୍ପିଟାଲ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ରହିଛି। ଏହାସହ କେନ୍ଦ୍ରାପଡ଼ା ଜିଲାରେ ଏକ ଲଜିଷ୍ଟିକ୍ସ ପାର୍କ ନିର୍ମାଣ, ଶୀତଳ ଭଣ୍ଡାର ପ୍ରତିଷ୍ଠା, ପାନୀୟ ଜଳ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଏବଂ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଡାଙ୍ଗମାଳ ଅଞ୍ଚଳରେ ଇକୋ ଟୁରିଜମ୍, ଲଳିତଗିରିରେ ବୌଦ୍ଧ ପର୍ଯ୍ୟଟନକୁ ଆହୁରି ବ୍ୟାପକ କରିବା ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। କେନ୍ଦ୍ରାପଡ଼ା ଜିଲାରେ ଖାଲିପଡ଼ିଥିବା ସରକାରୀ ପଦବୀଗୁଡିକୁ ପୂରଣ କରିବା ପାଇଁ ଏହି ବୈଠକରେ ଆଲୋଚନା ହୋଇଛି। ଜିଲାରେ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ବିଷୟରେ ଉକ୍ତ ବୈଠକରେ ଆଲୋଚନା ହୋଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

MINISTRY OF EDUCATION
Government of India
सत्यमेव जयते
WADHWANI FOUNDATION

ବିକଶିତ ଭାରତ @ ୨୦୪୭ ନିମନ୍ତେ ଶିକ୍ଷା, ଶିଳ୍ପଜଗତ ଓ ନବପ୍ରବର୍ତ୍ତକମାନଙ୍କୁ ଏକଜୁଟ କରିବା ପାଇଁ ଆୟୋଜିତ ହେଉଛି

YUGM ଯୁଗମ
ଇନୋଭେସନ୍ କନ୍‌କ୍ଲେଭ୍
29 April 2025
ଭାରତ ମଣ୍ଡପମ୍, ନୂଆଦିଲ୍ଲୀ
ପୂର୍ବାହ୍ନ ୧୧ ଘଟିକା ପରଠାରୁ



ମୁଖ୍ୟ ଅତିଥି
ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

₹୧୪୦୦ କୋଟିରୁ ଅଧିକ ମିଳିତ ନିବେଶ ସହ ଗବେଷଣା ଏବଂ ଅଭିନବତାକୁ ସୁଦୃଢ଼ କରିବା ପାଇଁ ଏମ୍‌ଓୟୁ ବିନିମୟ

ମୋଦୀ ସରକାର ନିମ୍ନଲିଖିତ ପଦକ୍ଷେପ ସହ ରାଷ୍ଟ୍ରବ୍ୟାପୀ ଏକ ସୁଦୃଢ଼ ଗବେଷଣା ଏବଂ ଅଭିନବତା ପରିବେଶ ଗଠନ କରିବା ପାଇଁ ପ୍ରୟାସରତ:

- ଏଆଇ ଉତ୍କର୍ଷ କେନ୍ଦ୍ର
- ଅନୁସନ୍ଧାନ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେସନ୍ (ଏଏନ୍‌ଆର୍‌ଏଫ୍)
- ପ୍ରଧାନମନ୍ତ୍ରୀ ରିସର୍ଚ୍ଚ ଫେଲୋଶିପ୍ (ପିଏମ୍‌ଆର୍‌ଏଫ୍)
- ରିସର୍ଚ୍ଚ ପାର୍କସ୍
- ୱାନ୍ ନେଶନ୍ ୱାନ୍ ସବ୍‌ସ୍କ୍ରିପ୍‌ସନ୍ (ଓଏନ୍‌ଓଏସ୍)
- ଗବେଷଣା ବିକାଶ ଏବଂ ଅଭିନବତା (ଆର୍‌ଡିଆଇ) ପାଣ୍ଠି ପାଇଁ ୧ ଲକ୍ଷ କୋଟି ଟଙ୍କା

ଡିଡି ନ୍ୟୁଜ୍‌ରେ ସିଧା ପ୍ରସାରଣ

CBC 21201/13/0005/2526

## ସଂକ୍ଷେପରେ

### ପାଣି ପାଇଁ ବିଡିଓଙ୍କୁ ଘେରିଲେ ମହିଳା
**କୁମୀର ଗ୍ରାମରେ ଜଳକଷ୍ଟ**

**ଖାରବନ୍ଧ, ୨୮।୪(ଦେବେନ୍ଦ୍ର ସାହୁ):** ଖାରବନ୍ଧ ବ୍ଲକ କୁମୀର ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖିଦେଇଛି। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପାଣି ନ ମିଳିବାରୁ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବାହ୍ନ ୧୧ଟାରେ ଗ୍ରାମର ମହିଳାମାନେ ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଘେରିଥିଲେ। ରାଜ୍ୟରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ଉକ୍ତ ଗ୍ରାମରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ଗଭୀର ନଳକୂପ ଯୋଗୁ ଗ୍ରାମ ଗୁଡ଼ିକରେ ଥିବା ନଳକୂପରୁ ପାଣି ବାହାରୁ ନାହିଁ। ଅଙ୍ଗ ନଦୀ କୂଳରେ ଥିବା ଗ୍ରାମଗୁଡ଼ିକ ନଦୀ ବାଲିରେ ଚୁଆ ଖୋଳି ପାଣି ବ୍ୟବହାର କରୁଥିଲେ। କିନ୍ତୁ ଚଳିତ ବର୍ଷ ତାହା ସମ୍ଭବ ହେଉ ନାହିଁ। ନଦୀରୁ ବାଲି ଚାଲାଣ ଫଳରେ ଜଳସ୍ତର କମିଯାଇଛି। ଫଳରେ କୁମୀର ଗ୍ରାମବାସୀ ନଦୀ କୂଳରେ ଥାଇ ମଧ୍ୟ ଜଳକଷ୍ଟ ଭୋଗୁଛନ୍ତି। ଏଥିପାଇଁ ଗ୍ରାମର ମହିଳାମାନେ ପାନୀୟ ଜଳର ସୁବିଧା ଲାଗି ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରି ପାନୀୟ ଜଳ ସମସ୍ୟା ଶୀଘ୍ର ସମାଧାନ କରିବାକୁ ବିଡିଓ ପ୍ରତିଶ୍ରୁତି ଦେବା ପରେ ମହିଳମାନେ ତାଙ୍କୁ ଛାଡ଼ିଥିଲେ।

### ଆଇନଜୀବୀ ଗଜାନନ ବାରିକଙ୍କ ପରଲୋକ

**ପଦ୍ମପୁର, ୨୮।୪(ପ୍ରଦୀପ୍ତ ଦାଶ):** ପଦ୍ମପୁରର ବରିଷ୍ଠ ଆଇନଜୀବୀ ଗଜାନନ ବାରିକ(୮୦)ଙ୍କ ରବିବାର ରାତି ପ୍ରାୟ ୮ଟାରେ ବୁର୍ଲା ମେଡିକାଲରେ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ଥିବାରୁ କିଛି ଦିନ ହେଲା ଡାକ୍ତରଖାନାରେ ଚିକିତ୍ସିତ ହୋଉଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସେମାବାର ପଦ୍ମପୁର ଓକିଲ ସଂଘ ତରଫରୁ ଆଇନଜୀବୀ ଦିବସରେ ବାରିକଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରଖାଯାଇଥିଲା। ବାରିକ ଓକିଲାତି ଜୀବନରେ ୫୦ ବର୍ଷ ପୂରଣ କରିସାରିଥିଲେ। କିନ୍ତୁ ତାଙ୍କର ଦେହାନ୍ତ ପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ରଦ୍ଦ କରି ଦିଆ ଯାଇଥିଲା। ତାଙ୍କର ପରଲୋକରେ ପଦ୍ମପୁର ଓକିଲ ସଂଘ ପକ୍ଷରୁ ଏକ ଶୋକସଭା କରାଯାଇଥିଲା। ଓକିଲ ସଂଘ ସଭାପତି ରାମରତନ ପୁରୋହିତ, ଉପସଭାପତି ସୁନିଲ ପାଣିଗ୍ରାହୀ, ସମ୍ପାଦକ ଚିନ୍ମୟ କୁମାର ପଣ୍ଡା, ବରିଷ୍ଠ ସଦସ୍ୟ ରାଧାବଲ୍ଲଭ ପାଣିଗ୍ରାହୀ, ଗୌନ୍ତିଆ କୁମାର ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୈତୃକ ଗ୍ରାମ ସୋହେଲା ତହସିଲ ରେଙ୍ଗାଲି ଗ୍ରାମରେ ବାରିକଙ୍କର ଶେଷକୃତ୍ୟ ହୋଇଥିଲା। ବଡ଼ ପୁଅ ତୁଫାନ ମୁଖାଗ୍ନି ଦେଇଥିଲେ।

### ଅଲେଖ ଦାଶଙ୍କ ପରଲୋକ

**ପଦ୍ମପୁର, ୨୮।୪(ପ୍ରଦୀପ୍ତ ଦାଶ):** ପଦ୍ମପୁର ସହର ବ୍ରାହ୍ମଣପଡ଼ା ନିବାସୀ ତଥା ଅବସରପ୍ରାପ୍ତ ଶିକ୍ଷା ବିଭାଗର ବରିଷ୍ଠ କିରାଣୀ ଅଲେଖ ଚନ୍ଦ୍ର ଦାଶ(୭୮)ଙ୍କ ସୋମବାର ମାଧ୍ୟାହ୍ନରେ ନିଜ ବାସଭବନରେ ପରଲୋକ ଘଟିଛି। ସେ ସମ୍ବଲପୁର ଶିକ୍ଷା ବିଭାଗ ସମେତ ବିଭିନ୍ନ ହାଇସ୍କୁଲରେ କିରାଣୀ ପଦରେ ଅଧିଷ୍ଠିତ ଥିବା ସହିତ ପଦ୍ମପୁର ଶିକ୍ଷାବିଭାଗର ବରିଷ୍ଠ କିରାଣୀ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କ ଅନ୍ତିମ ଯାତ୍ରାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଜେଷ୍ଠ ପୁତ୍ର ଅନନ୍ତ ମୁଖାଗ୍ନି ଦେଇଥିଲେ।

# ଆର୍‌ଡି ରାସ୍ତାରେ ଟୋଲ୍‌ପ୍ଲାଜା ନିର୍ମାଣକୁ ବିରୋଧ

**ବରଗଡ଼, ୨୮।୪(ପ୍ରେମାନନ୍ଦ ଖମାରୀ)**


ଟୋଲ୍‌ପ୍ଲାଜା ନିର୍ମାଣ ପାଇଁ ବାଇପାସ୍ ଆର୍‌ଡ ରାସ୍ତାରେ ଖୋଲାଯାଇଥିବା ଗାତ।

- ବିରୋଧ ପରେ ଅଧାରେ ଅଟକିଲା
- ଥାନାରେ ବିଫଳ ହେଲା ଆଲୋଚନା
- ଆନ୍ଦୋଳନ ପାଇଁ ସଂଗଠିତ ଅଞ୍ଚଳବାସୀ

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ଟୋଲପ୍ଲାଜା ନିକଟରେ ରହିଥିବା ବାଇପାସ୍ ଆର୍‌ଡି ରାସ୍ତାରେ ପୁଣି ଏକ ଟୋଲପ୍ଲାଜା ନିର୍ମାଣ ଯୋଜନା ଚାଲିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ସୋମବାର ପୂର୍ବାହ୍ନ ୧୧ଟାରେ ଅଞ୍ଚଳର ଲୋକେ ଟୋଲପ୍ଲାଜା ନିର୍ମାଣସ୍ଥଳୀକୁ ପହଞ୍ଚି ବିରୋଧ କରିଥିଲେ। ଏହାପରେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ଟୋଲପ୍ଲାଜା କର୍ତ୍ତୃପକ୍ଷ ଏବଂ ଅଞ୍ଚଳବାସୀ ସ୍ଥାନୀୟ ଗ୍ରାମାଞ୍ଚଳ ଥାନାକୁ ପହଞ୍ଚିଥିଲେ। ସେଠାରେ ଆଲୋଚନା ବିଫଳ ହୋଇଥିଲା। ଅନ୍ୟପଟେ ସେହି ରାସ୍ତାରେ ଟୋଲପ୍ଲାଜା ନିର୍ମାଣ ଅଧାରୁ ଅଟକି ରହିଥିବାବେଳେ ଏହାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ସେହିପରି ଏଭଳି ନିର୍ମାଣ କାର୍ଯ୍ୟକୁ ଦୃଢ଼ ବିରୋଧ କରିବା ପାଇଁ ସ୍ଥାନୀୟ ବିଭିନ୍ନ ସଙ୍ଗଠନ ସମେତ ଅଞ୍ଚଳବାସୀ ସଙ୍ଗଠିତ ହେଉଥିବା ସୂଚନା ମିଳିଛି।

ପ୍ରକାଶ ଯେ, ୬ନମ୍ବର ଜାତୀୟ ରାଜପଥର ବରଗଡ଼ ଜିଲା ସୋହେଲା ଥାନା ଲୁହୁରାଚଟିଠାରୁ ସମ୍ବଲପୁର ଜିଲା ଅଇଁଠାପାଲି ପର୍ଯ୍ୟନ୍ତ ୮ କି.ମି ଦୀର୍ଘ ରାସ୍ତା ଫୋରଲେନ୍ ହୋଇଛି। ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା(ଏନ୍‌ଏଚ୍‌ଏଆଇ) ଅଧିନରେ ରାସ୍ତା ନିର୍ମାଣକାରୀ କମ୍ପାନୀ ଅଶୋକା ବିଲ୍ଡକନ୍ ଏହି ରାସ୍ତା ନିର୍ମାଣ କରିଛି। ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାଠାରେ ଜାତୀୟ ରାଜପଥ ଉପରେ ଟୋଲପ୍ଲାଜା ସ୍ଥାପନ କରି ଉକ୍ତ ସଂସ୍ଥା ଯାନବାହନ ଗୁଡ଼ିକରୁ ଟୋଲଟ୍ୟାକ୍ସ ଆଦାୟ କରୁଛି। ଉକ୍ତ ଟୋଲପ୍ଲାଜା ନିକଟରେ ଜାତୀୟ ରାଜପଥରୁ ବରାହଗୋଡ଼ା, ଆମ୍ବସଡ଼ା, ତୋରା ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡ଼ି)ର ଏକ ବାଇପାସ୍ ରାସ୍ତା ଯାଇଛି। ଉକ୍ତ ବାଇପାସ୍ ରାସ୍ତାରେ ଯାତାୟାତ ଯାନବାହନ ଗୁଡ଼ିକରୁ ଟୋଲପ୍ଲାଜା କର୍ତ୍ତୃପକ୍ଷଙ୍କ ଟୋଲଟ୍ୟାକ୍ସ ଅସୁଲିକୁ ବିଗତ ଦିନରେ ବିରୋଧ କରାଯାଇଥିଲା। ଏପରିକି ଏନ୍‌ଏଚ୍‌ଏଆଇ, ଅଞ୍ଚଳବାସୀ ଏବଂ ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକ ପରେ ଗତବର୍ଷ ଏହି ରାସ୍ତାରେ ନିର୍ମିତ ଅନ୍ୟଏକ ଟୋଲପ୍ଲାଜାକୁ ଭାଙ୍ଗି ଦିଆଯାଇଥିଲା।

ତେବେ ସେହି ଘଟଣାକୁ ବର୍ଷେ ନ ପୂରୁଣୁ ପୁଣି ସେଠାରେ ଆଉଏକ ଟୋଲପ୍ଲାଜା ନିର୍ମାଣକୁ ନେଇ ଅଞ୍ଚଳରେ ଅସନ୍ତୋଷ କୁହୁଳୁଛି। ଏଥିରେ ପ୍ରଶାସନ ହସ୍ତକ୍ଷେପ ନ କଲେ ଏହାକୁ କେନ୍ଦ୍ର କରି ଆଗାମୀ ଦିନରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ସହିତ ଏକ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଛି। ତୋରା ଗ୍ରାମର ଅନନ୍ତ ତାଣ୍ଡି କହିଛନ୍ତି, ଆର.ଡ଼ି ରାସ୍ତା ଉପରେ ଟୋଲପ୍ଲାଜା ବସାଇବା ନେଇ ଅଶୋକା ବିଲ୍ଡକନ୍‌ର କୌଣସି ଅଧିକାର ନାହିଁ। ଯଦି ସେଠାରେ ଟୋଲପ୍ଲାଜା ନିର୍ମାଣ କରାଯାଏ, ତାକୁ ଆଦୌ ବରଦାସ୍ତ କରାଯିବ ନାହିଁ ଏବଂ ସମସ୍ତ ଆଖପାଖ ଅଞ୍ଚଳବାସୀ ଏକତ୍ରିତ ହୋଇ ତୀବ୍ର ବିରୋଧ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। ପ୍ରକାଶଥାଉକି, ଏହି ରାସ୍ତାରେ ଟୋଲଟ୍ୟାକ୍ସ ଅସୁଲିକୁ ନେଇ ପୂର୍ବରୁ କିଛି ଲୋକ ଖାଉଟୀ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ତାର ବିଚାର କରି ଖାଉଟୀ ଅଦାଲତ ଆବେଦନକାରୀଙ୍କ ସପକ୍ଷରେ ରାୟ ଦେଇଥିଲେ।

# ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ଜିଲାପାଳଙ୍କୁ ଫେରାଦ


ଜିଲାପାଳଙ୍କୁ ଫେରାଦ ହୋଇଥିବା ନାଗରିକ ମଞ୍ଚର ପ୍ରତିନିଧିବୃନ୍ଦ।

**ବରଗଡ଼, ୨୮।୪(ପ୍ରେମାନନ୍ଦ ଖମାରୀ)**

- ଷ୍ଟାଣ୍ଡ ନାହିଁ, ସାଲାଇନ ଧରୁଛନ୍ତି ରୋଗୀଙ୍କ ସମ୍ପର୍କୀୟ
- ସ୍ୱାସ୍ଥ୍ୟକେନ୍ଦ୍ର ଚଟାଣରେ ଚାଲିଛି ଚିକିତ୍ସା

ବରଗଡ଼ ସହରରେ ରହିଥିବା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ପୂର୍ବାହ୍ନରେ ବରଗଡ଼ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ। ସ୍ୱାସ୍ଥ୍ୟସେବାକୁ ନେଇ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ଉଲ୍ଲେଖ ରହିଛି,ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସାଲାଇନ ଷ୍ଟାଣ୍ଡ ନଥିବାରୁ ରୋଗୀଙ୍କ ସମ୍ପର୍କୀୟଙ୍କୁ ଘଣ୍ଟା ଘଣ୍ଟା ସାଲାଇନ ହାତରେ ଧରି ଛିଡ଼ା ହେବାକୁ ପଡୁଛି। ସେହିପରି ଶଯ୍ୟାଭାବରୁ ସ୍ୱାସ୍ଥ୍ୟକେନ୍ଦ୍ର ଚଟାଣରେ ରୋଗୀଙ୍କ ଚିକିତ୍ସା ଚାଲିଛି। ଏଠାରେ ଏଭଳି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଯୋଗୁ ରୋଗୀମାନଙ୍କୁ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରି ଦିଆଯାଉଛି। ସେଠାରେ ମଧ୍ୟ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇ ପଡୁଥିବାରୁ ରୋଗୀଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଉଭୟ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା ସମସ୍ୟା ସମାଧାନ ପାଇଁ ନାଗରିକ ମଞ୍ଚ ଦାବି କରିଛି। ସେହିପରି ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅପରେଶନ ଥିଏଟର (ଓଟି)କୁ କାର୍ଯ୍ୟକ୍ଷମ କରିବା ସହ ମୋଟ ୨୧ଟି ଡାକ୍ତର ପଦବୀକୁ ପୂରଣକରିବା, ନର୍ସ ଓ ପାରା ମେଡିକାଲ ଷ୍ଟାଫ ନିଯୁକ୍ତି, ସମସ୍ତ ଔଷଧ, ପରୀକ୍ଷାକୁ ନିଶ୍ଚିତ କରିବା ପାଇଁ ନାଗରିକ ମଞ୍ଚ ଦାବି କରିଛି। ସ୍ମାରକପତ୍ର ପ୍ରଦାନ ସମୟରେ ନାଗରିକ ମଞ୍ଚର ଶିବାନନ୍ଦ ମଟାରୀ, ମହେନ୍ଦ୍ର ପୁରୋହିତ, ପ୍ରଶାନ୍ତ କୁମାର ନାୟକ, ସୁଶାନ୍ତ ସାହୁ, ଲତିଫ ଖାନ, ରାଜେନ୍ଦ୍ର ସିକନ୍ଦର, ଗଙ୍ଗା ପୂଜାରୀ, ବିମଳ କୁମାର ଶିକା, ସାରଥୀ ମେହେର, ସୁଶାନ୍ତ ପାଢ଼ୀ, ବିକାଶ ଅଗ୍ରୱାଲ, ସୁରେଶ ନେକାଣ୍ଡି, ଭବାନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହୋତ୍ସବରେ ଭାଷଣ ନାହିଁ ପ୍ରବଚନ ଆବଶ୍ୟକ:ଉପ ମୁଖ୍ୟମନ୍ତ୍ରୀ


ମଞ୍ଚରେ ସମସ୍ତ ସଦସ୍ୟଙ୍କ ସହ ୧୧ ଯୋଡ଼ି କର୍ତ୍ତାକର୍ତ୍ତାଙ୍କ ସହ ଉପ ମୁଖ୍ୟମନ୍ତ୍ରୀ।

**ଅତାବିରା/ଗୋଡ଼ଭଗା, ୨୮।୪ (ଯୁଧିଷ୍ଠିର ମହାପାତ୍ର / ସୁରେଶ ଦାଶ )**

**ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ୫ମ ଦିବସ**

ଅତାବିରା ବ୍ଲକ ତଥା ସମ୍ବଲପୁର ଜିଲା ସୀମାନ୍ତ ଗୋଡ଼ଭଗାଠାରେ ଗତ ୨୪ ତାରିଖରୁ ଚାଲିଥିବା ନବ ନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ମହୋତ୍ସବର ସୋମବାର ୫ମ ଦିବସ ପହଞ୍ଚିଛି। ମହୋତ୍ସବ କମିଟି ଅଧ୍ୟକ୍ଷ ସୁନୀଲ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରେଙ୍ଗାଲି ବିଧାୟକ ନାଉରି ନାୟକ, ଶିକ୍ଷବିତ ବିନୋଦ ଦାଶ ଉପସ୍ଥିତ ଥିଲେ। ସୁଶାନ୍ତ ଶତପଥୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାତି ୮ଟା ୩୬ରେ ଉପ ମୁଖ୍ୟମନ୍ତ୍ରୀ ସିଂଦେଓ ଗୋଡ଼ଭଗା ପହଞ୍ଚିବା ପରେ ପ୍ରଥମେ ନବ ନିର୍ମିତ ଜଗନ୍ନାଥ ମନ୍ଦିରକୁ ଯାଇ ପ୍ରଭୁଙ୍କ ଦର୍ଶନ କରିଥିଲେ। ସେଠାରୁ କାର୍ଯ୍ୟକ୍ରମରେ ଯୋଗଦେଇ ମହୋତ୍ସବରେ ଭାଷଣ ନାହିଁ ପ୍ରବଚନ ଦରକାର ତେଣୁ ମୁଁ କିଛି ଭାଷଣ ଦେବି ନାହିଁ ଗୋଡ଼ଭଗା ଅଞ୍ଚଳବାସୀଙ୍କୁ ଭଗବାନ ମଙ୍ଗଳମୟ କରନ୍ତୁ ବୋଲି ସେ କହିଥିଲେ। ଚାଷୀ ମାନଙ୍କ ଉନ୍ନତି ସହ ବିଜୁଳି ଶକ୍ତିକୁ ଉନ୍ନତି କରିବାକୁ ଚେଷ୍ଟା କରିବେ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଥିଲେ। ମହୋତ୍ସବର ପଞ୍ଚମ ଦିବସରେ ଯଜ୍ଞ ମଣ୍ଡପରେ ଶତ ଉପଚାର ପୂଜନ,ପ୍ରାସାଦ ନ୍ୟାସ, ସିଂହାସନ ପ୍ରତିଷ୍ଠା, ଅଷ୍ଟଶିଳା ପୋତନ,ପ୍ରାଣପ୍ରତିଷ୍ଠା, ବିଷ୍ଣୁ ଗାୟତ୍ରୀ ଏବଂ ସପ୍ତଶତୀ ଚଣ୍ଡୀ ଯାଗ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଛି। ଅନ୍ୟ ପଟେ ସାଂସ୍କୃତିକ ମଞ୍ଚରେ ସେରେନ୍ଦ୍ରୀ ଜାଲ, ତାମ୍ଭିମୁଣ୍ଡା, ଓ କସ୍ତୁରୀ କିସାନ, ମୁଣ୍ଡକାଟିର ମହିଳା ସଂକୀର୍ତ୍ତନ ଏବଂ ମୁରାସୁର ଦରବାରରେ ସନ୍ଧ୍ୟାରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ମୁରାସୁର ନାଟକ, ସିଦ୍ଧେଶ୍ୱର ସଙ୍ଗୀତ ସନ୍ଧ୍ୟା ଭଜନ, ଗ୍ରୁପ ଭଜନ ସମାରୋହ ପରିବେଷଣ କରାଯାଇଥିଲା।

### ବଣିକ ସଂଘ ପକ୍ଷରୁ ବଜାର ବନ୍ଦ
**ଯୁବ ବ୍ୟବସାୟୀଙ୍କୁ ହତ୍ୟା ଘଟଣା**

**ବୌଦ୍ଧ, ୨୮।୪ ( ଅଜିତ କୁମାର ବାରିକ):** ବୌଦ୍ଧରେ ଜଣେ ଯୁବ ବ୍ୟବସାୟୀଙ୍କୁ ହତ୍ୟା କରାଯିବା ଘଟଣା ନେଇ ସୋମବାର ଦିନ ବୌଦ୍ଧ ବଣିକ ସଂଘ ପକ୍ଷରୁ ୧୨ ଘଣ୍ଟିଆ ବଜାର ବନ୍ଦ କରାଯାଇଥିଲା। ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିବା ଦେଖିବାକୁ ମିଳିଥିଲା । ପ୍ରକାଶ ଯେ, ଗତ ରବିବାର ସନ୍ଧ୍ୟାରେ ବଘିଆପଡା ରାସ୍ତାର ଜଗଦୀଶପୁର ଛକ ନିକଟରେ କେତେକ ଦୁର୍ବୃତ୍ତ ବୌଦ୍ଧର ଯୁବ ବ୍ୟବସାୟୀ ମନୋଜ କୁମାର ପାତ୍ରଙ୍କୁ ଧାରୁଆ ଅସ୍ତ୍ରରେ ଭୁସି ହତ୍ୟା କରି ଫେରାର ହୋଇ ଯାଇଥିଲେ। ବୌଦ୍ଧ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଥିଲା । ସୋମବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ମନୋଜ ବୌଦ୍ଧ ବଣିକ ସଂଘର ଜଣେ ସକ୍ରିୟ ସଦସ୍ୟ ଥିଲେ ।

### ଯୁବ ବ୍ୟବସାୟୀ ହତ୍ୟା ଘଟଣାରେ ଦୁଇ ଅଭିଯୁକ୍ତ ଅଟକ

**ବୌଦ୍ଧ, ୨୮।୪( ଅଜିତ କୁମାର ବାରିକ):** ବୌଦ୍ଧରେ ଗତ ରବିବାର ବଘିଆପଡା ରାସ୍ତାର ଜଗଦୀଶପୁର ଛକ ନିକଟରେ ସ୍ଥାନୀୟ ଅଞ୍ଚଳର ଯୁବ ବ୍ୟବସାୟୀ ମନୋଜ କୁମାର ପାତ୍ରଙ୍କୁ କେତେକ ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ସୋମବାର ଦିନ ଦୁଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ପୋଲିସ ବୌଦ୍ଧ ଥାନା(ନଂ ୨୨୫/୨୫)ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନେ ଘଟଣା ଘଟାଇ ଯାଇଥିବା ରାସ୍ତାରେ ଲାଗିଥିବା ସିସି ଟିଭି ଯାଞ୍ଚ କରିଥିଲା। ଏପରି କି ଘଟଣାର ୧୨ ଘଣ୍ଟା ମଧ୍ୟରେ ପୋଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିବା ଜଣାପଡିଛି । ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଶୀଘ୍ର ଧରାଯିବ ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ କହିଛନ୍ତି।

# ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ ଲୟର୍ସ ଡେ


ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ କୋର୍ଟ ଛକରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଉଛି।

**ବୌଦ୍ଧ, ୨୮।୪(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ ସୋମବାର ଦିନ ଲୟର୍ସ ଡେ ପାଳିତ ହୋଇଯାଇଛି । ପ୍ରଥମେ ଜିଲା ଓକିଲ ସଂଘର ସଦସ୍ୟମାନେ କୋର୍ଟ ଛକ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ । ଏହାପରେ ଜିଲା ଓକିଲ ସଂଘର ସଭାପତି ଧୂରୀଣ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଜିଲା ଓକିଲ ସଂଘ କାର୍ଯ୍ୟାଳୟଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବରିଷ୍ଠ ଆଇନଜୀବୀ ସୁଧୀର କୁମାର କର୍ଣ୍ଣ, ଚିତ୍ତରଞ୍ଜନ ପାଣିଗ୍ରାହୀ, ସୁରେନ୍ଦ୍ର କୁମାର ପ୍ରଧାନ ଓ ସଂଘର ସଭାପତି ଦେହୁରୀ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିବା ସହ ସେ ସମସ୍ତ ଓଡିଆ ଜାତି ପାଇଁ ଗର୍ବ ବୋଲି ମତବ୍ୟକ୍ତ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ଜ୍ଞାନରଞ୍ଜନ ପଟ୍ଟନାୟକ, ମନୋଜ ମହାରଣା, ଅମ୍ରିତ ପ୍ରଧାନ, ପରମେଶ୍ୱର ବିଶି, ତାରେଣୀ ଜେନା, ପରଦେଶୀ ବେହେରା, ଜୁଲିୟସ ସିଜର ମହାକୁଲ, ତୁଷାରକାନ୍ତ ଦୀପ, ଜାମିନି ମୁଖି , ଅଙ୍କିତା ଶତପଥୀ, ସାଲୋନି ଷଡଙ୍ଗୀ , ଓକିଲ ସଂଘର ସମସ୍ତ ଆଇନଜୀବୀ ଓ ସଂଘର କର୍ମଚାରୀ ରଙ୍କନିଧି ଲୋଇ ଯୋଗ ଦେଇଥିଲେ ।

# ବିକାଶ ଲ ସ୍କୁଲରେ ଲୟର୍ସ ଡେ

**ବରଗଡ଼, ୨୮।୪(ପ୍ରେମାନନ୍ଦ ଖମାରୀ)**


ବିକାଶ ଲ ସ୍କୁଲରେ ଲୟର୍ସ ଡ଼େ ପାଳନ।

ବରଗଡ଼ର ବିକାଶ ଲ ସ୍କୁଲରେ ସୋମବାର ଲୟର୍ସ ଡ଼େ ତଥା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ବିକ୍ରମ କୁମାର ଦାସ ସଭାପତିତ୍ୱ କରିବା ସହିତ ଲୟର୍ସ ଡ଼େ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମଧୁବାବୁଙ୍କ ଜୀବନୀକୁ ଆପଣାଇବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲର ଅଧ୍ୟାପିକା ରୋଜି ମେହେର, ସନ୍ତୋଷିନୀ ସାହୁଙ୍କ ସମେତ ଛାତ୍ରୀଛାତ୍ର ମଧ୍ୟ ଲୟର୍ସ ଡ଼େ ଉପରେ ବକ୍ତବ୍ୟ ରଖିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅଧ୍ୟାପିକା ସୁଶୋଭିତା ଦାଶଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ସ୍ୱାଗତିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଗାଇସିଲେଟ, ୨୮।୪ (ଦୁର୍ଗା ପ୍ରସାଦ ତ୍ରିବେଦୀ):** ଗାଇସିଲେଟ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ସୋମବାର ସକାଳ ୮ଟାରେ ବରଗଡ଼ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୧୧ ଟି ବ୍ୟକ୍ତିଗତ ଓ ୫୦ଟି ସାମୁହିକ ଅଭିଯୋଗ ଆସିଥିଲା। ଶିବିରରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋଏଲ, ପଦ୍ମପୁର ଉପ-ଜିଲାପାଳ ଉରଗୁଲା ସ୍ନେହା, ପି.ଡି. ଡି.ଆର.ଡି.ଏ. ଲଲାଟ କୁମାର ଲୁହା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିବ ପ୍ରସାଦ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ବି.ଡି.ଓ ଲକ୍ଷ୍ମଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ଆବାସିକ ବିଦ୍ୟାଳୟରେ ଗ୍ରୀଷ୍ମ ଶିବିର

**ବରଗଡ଼, ୨୮।୪(ପ୍ରେମାନନ୍ଦ ଖମାରୀ)**


କ୍ରୀଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବରଗଡ଼ ବରାହଗୋଡ଼ା ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ଶନିବାର ଗ୍ରୀଷ୍ମ ଶିବିର-୨୦୨୫ ଉଦ୍‌ଘାଟିତ ହୋଇଛି। ଉକ୍ତ ଶିବିରରେ କ୍ରୀଷ୍ଣା ବିକାଶ ଗ୍ରୁପ ସମୂହର ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ଅଭିବୃଦ୍ଧିରେ ଏହି ଶିବିର ସହାୟକ ହେବ ବୋଲି ସେ କହିଥିଲେ। ସେହିପରି ଏଭଳି ଶିବିରରେ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ସମ୍ଭବ ବୋଲି ଉକ୍ତ ଅନୁଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୫ଜଣ ଏମ.ଏଡ୍ ଏବଂ ବି.ଏଡ୍ ଛାତ୍ରୀଛାତ୍ର ଯୋଗଦେଇ ବିଦ୍ୟାଳୟ ପରିସରରେ ରହିଥିବା ଲାଇବ୍ରେରୀ, ସୁଇମିଂପୁଲ୍, ଅତ୍ୟାଧୁନିକ ଶ୍ରେଣୀକକ୍ଷ, କିଣ୍ଡର କସମସ୍ ପରିଦର୍ଶନ କରି ଖୁସିବ୍ୟକ୍ତ କରିଥିଲେ। ଶିବିରରେ ଯୋଗ, ସନ୍ତରଣ, ଆତ୍ମରକ୍ଷା କଳା, ନୃତ୍ୟ, ସଙ୍ଗୀତ, ବାଦ୍ୟ, କ୍ରିକେଟ, ଫୁଟବଲ, ବ୍ୟାଡ଼ମିଣ୍ଟନ, ବାସ୍କେଟବଲ୍, ଲାଇଫ୍ ସ୍କିଲ, ପ୍ରେରଣାଦାୟକ ବକ୍ତୃତା, ଦୁଃସାହସିକ କାର୍ଯ୍ୟକ୍ରମ ହୋଇଥିଲା ଏବଂ ଏଥିରେ ୫୭ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିକାଶ କ୍ରୀଡ଼ା ଓ ସି.ସି.ଏ ବିଭାଗର ସହଯୋଗରେ କ୍ୟାମ୍ପ କୋଅର୍ଡ଼ିନେଟର ପିତାମ୍ବର ପ୍ରଧାନ ଶିବିରକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଯୋଗଦେଇ ଶିବରାର୍ଥିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲୀ କ୍ରୀଷ୍ଣା ଶିବିର ପାଇଁ କାର୍ଯ୍ୟ କରୁଥିବା କ୍ରୀଡ଼ା ଓ ସି.ସି.ଏ ବିଭାଗର ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ପ୍ରଶଂସା କରିବା ସହିତ ଶିବିରାର୍ଥିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।


ଗ୍ରୀଷ୍ମ ଶିବିରରେ ଆୟୋଜକ ଏବଂ ଶିବିରାର୍ଥୀ।

# ମଧୁବାବୁଙ୍କ ପଦାଙ୍କ ଅନୁସରଣ ଆହ୍ୱାନ

**ଜିଲା ଓକିଲ ସଂଘରେ ଲୟର୍ସ ଡେ**

**ବରଗଡ, ୨୮।୪(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ଅନୁଷ୍ଠିତ ଲୟର୍ସ ଡେ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ସୋମବାର ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜୟନ୍ତୀ ଓ ଲୟର୍ସ ଡେ ସମାରୋହରେ ପାଳିତ ହୋଇଯାଇଛି। ବରଗଡ଼ ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ଲଲାଟେନ୍ଦୁ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲା ଓ ସେସନ୍ସ ଜଜ୍ ଲୁନା ମହାନ୍ତି କହିଥିଲେ, ଓଡ଼ିଆ ଅସ୍ମିତା ସହ ଓଡ଼ିଶାର ଅର୍ଥନୈତିକ, ସାଂସ୍କୃତିକ ପରିଚୟ ପାଇଁ ମଧୁସୂଦନ ଦାସ ନିଜକୁ ଉତ୍ସର୍ଗ କରିଥିଲେ। ଓଡ଼ିଶାର ପରିଚୟ ଏବଂ ଉନ୍ନତି ପାଇଁ ଉତ୍କଳ ସମ୍ମିଳନୀ, ଉତ୍କଳ ଟାନେରୀ ଆଦି ମଧୁବାବୁଙ୍କ ଅନବଦ୍ୟ ଅବଦାନ। ସେହିପରି ମୁଖ୍ୟବକ୍ତା ଭାବରେ ଆଇଆଇଏମ, ସମ୍ବଲପୁରର ପ୍ରଫେସର ଡଃ ସୁଜିତ କୁମାର ପୃଷ୍ଟେଠ ଯୋଗଦେଇ ୧୮୮୫ର ପୁରୀ ଗଜପତିଙ୍କ କେସ, ୧୯୨୫ରେ ମହାତ୍ମା ଗାନ୍ଧୀ ଏବଂ ମଧୁସୂଦନ ଦାସଙ୍କ ସାକ୍ଷାତ, ମଧୁବାବୁଙ୍କ ଦ୍ୱାରା ଗୋପାଳ ପ୍ରହରାଜଙ୍କ ଟ୍ରେନିଂ ତଥା ଆଗାମୀ ଦିନରେ ନ୍ୟାୟ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ମହାତ୍ମା ଗାନ୍ଧୀ ଓ ମଧୁବାବୁଙ୍କ ବିଷୟରେ ବହୁ ଅନାଲୋଚିତ ଦିଗ ଉପରେ ସେ ଗଭୀର ଆଲୋକପାତ କରିଥିଲେ ଏବଂ ଉପସ୍ଥିତ ଓକିଲ ସଂଘର ଯୁବ ସଦସ୍ୟମାନଙ୍କୁ ଏହି ପୂର୍ବସୁରି ମାନଙ୍କ ପଦାଙ୍କ ଅନୁସରଣ କରି ଜନସାଧାରଣଙ୍କ ନ୍ୟାୟ ପ୍ରଦାନ କରିବା ସହ ସମାଜର ଅବହେଳିତ ବର୍ଗଙ୍କ ସ୍ୱର ହେବାକୁ ଆହାନ ଦେଇଥିଲେ। ଏହି ଅବସରରେ ଫେମିଲି କୋର୍ଟ ଜଜ୍ ସଂଘମିତ୍ରା ଶର୍ମା ମଧୁବାବୁଙ୍କ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅବଦାନ ଉପରେ ଆଲୋକପାତ କରିଥିଲେ। ଓକିଲ ସଂଘ ପକ୍ଷରୁ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଓକିଲ ସଂଘର ୩୫ରୁ ଊର୍ଦ୍ଧ୍ୱ ବର୍ଷ ହେଲା ଓକିଲାତି ପେଶା ସମ୍ପୂର୍ଣ୍ଣ କରି ସାରିଥିବା ୭ଜଣ ବରିଷ୍ଠ ଆଇନଜୀବୀ ଶରଦ ପ୍ରଧାନ, ଦିଲୀପ ଦାଶ, କୁଶ ପ୍ରଧାନ, ସୂର୍ଯ୍ୟ ପାଢ଼ୀ, ଭରତ ଚନ୍ଦ୍ର ତ୍ରିପାଠୀ, ଦୁଃଶାସନ ମହାରଣା, ଅଶ୍ୱିନୀ ପଣ୍ଡାଙ୍କୁ ଓକିଲ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ସହ ମା’ ସମଲେଶ୍ୱରୀ ଓ ମଧୁସୁଦନ ଦାସଙ୍କ ପ୍ରତିଛବିରେ ପୂଜାର୍ଚ୍ଚନା କରାଯାଇଥିଲା। ହଂଶିକା ସିକନ୍ଦର ଓ ତପସିନୀ ଦାଶ ରତନ ପୂଜାରୀଙ୍କ ଲିଖିତ ଓ ବୁଦ୍ଧଦେବ ବାରିକଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ମା ସମଲେଶ୍ୱରୀଙ୍କ ଆରାଧନା ଗୀତ ଗାଇଥିଲେ। ଏହି ସଭାରେ ବରଗଡ଼ର ସମସ୍ତ କୋର୍ଟର ଜଜ୍‌ମାନଙ୍କ ସମେତ, ଓକିଲ ସଂଘର ସମସ୍ତ କର୍ମକର୍ତ୍ତା, ବହୁ ବରିଷ୍ଠ ଓ କନିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ। ସଂଘର ଉପ ସଭାପତି ହେମନ୍ତ ପୁରୋହିତ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ବୈକୁଣ୍ଠ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କାର୍ ଧକ୍କାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଧର୍ମଗଡ଼, ୨୮।୪ (ଘାସିରାମ ଜଗତ): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ଚିଲିଚିଲା ଗ୍ରାମର ହେମନ୍ତ ନାଏକ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବାବେଳେ ରବିବାର ଏକ କାର୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଚିଲିଚିଲା ଗ୍ରାମର ଅନ୍ୟ କେତେଜଣ ଯୁବକଙ୍କ ସହ ହେମନ୍ତ କିଛିଦିନ ତଳେ ତାମିଲନାଡୁ ରାଜ୍ୟ କାନଗେୟାମ ଥାନାର ଏକ ସୂତା କମ୍ପାନୀକୁ କାମ କରିବା ପାଇଁ ଯାଇଥିଲେ। ରବିବାର ସେଠାରେ ଏକ ରାସ୍ତା ପାରି ହେଉଥିବା ବେଳେ ଏକ କାର୍ (ଟିଏନ୍ ୪୭ଏଇ-୬୮୮୩) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ପୋଲିସ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ଭାଇ ଜୀବନ୍ତ ନାଏକଙ୍କୁ ହସ୍ତାନ୍ତର କରିଛି। ମଙ୍ଗଳବାର ରାତିରେ ମୃତଦେହ ଗାଁରେ ପହଞ୍ଚିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି। ତାଙ୍କ ମୃତ୍ୟୁରେ ସରପଞ୍ଚ ମନୋଜ କୁମାର ନାଏକ, ସମିତି ସଭ୍ୟା ଇନ୍ଦୁମତି ମାଝୀ, ଗାଁ ଝାଙ୍କର ତ୍ରିଭୁବନ ମାଝୀ, ଢଗ ନାଏକ, ସତ୍ୟବାନ ନାଏକ, ସୁବାସ ଚନ୍ଦ୍ର ଧଙ୍ଗଡ଼ାମାଝୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ବାଘ ଆକ୍ରମଣରେ ଗାଈର ମୃତ୍ୟୁ ସନ୍ଦେହ

ଲାଞ୍ଜିଗଡ଼, ୨୮।୪ (ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ କାନକୁଟରୁଠାରେ ରବିବାର ବାଘ ଆକ୍ରମଣରେ ଗୋଟିଏ ଗାଈର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଗତ କିଛିଦିନ ହେଲା ଅଞ୍ଚଳରେ ଏକ ବାଘ ବୁଲୁଥିବା ଲୋକେ ଆଲୋଚନା କରୁଥିଲେ। ଏହାକୁ ନେଇ ଲୋକେ ଭୟରେ ଜଙ୍ଗଲକୁ ମଧ୍ୟ ଯାଉ ନ ଥିଲେ। ସୂଚନା ଅନୁସାରେ କାନକୁଟରୁ ଗାଁର ଋଷି ମାଝୀଙ୍କ ଗାଈ ଜଙ୍ଗଲକୁ ଚରିବାକୁ ଯାଇଥିବା ବେଳେ ବାଘ ଆକ୍ରମଣରେ ମୃତ୍ୟୁ ହୋଇଥିବା କୁହାଯାଉଛି। ଖବର ପାଇ ମୃଷାନାଳ ଫରେଷ୍ଟର ଚିନ୍ତାମଣି ମାଝୀ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଛୋଟ କଲରା ପତରିଆ ଚିତା ଆକ୍ରମଣରେ ଗାଈର ମୃତ୍ୟୁ ହୋଇଛି ବୋଲି ବନବିଭାଗ ସ୍ପଷ୍ଟ କରିଥିଲା। ଏ ନେଇ ବିଶ୍ୱନାଥପୁର ରେଞ୍ଜର ନରଉମ ମାଝୀଙ୍କୁ ପଚାରିବାରୁ ପ୍ରକୃତରେ ତାହା ବାଘ ନୁହେଁ କଲରାପତରିଆ ଚିତା ଅଟେ। ଆମ କର୍ମଚାରୀ ଘଟଣାସ୍ଥଳକୁ ଯାଇଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଗାଈ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପ୍ରକାଶ କରିଥିଲେ।

### ଆଇନଜୀବୀ ଦିବସ ଓ ମଧୁବାବୁ ଜୟନ୍ତୀ

ଖଡ଼ିଆଲ, ୨୮।୪ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଲ ଜୁଡିସିଆଲ ବାର୍ ଆସୋସିଏଶନ ପକ୍ଷରୁ ସୋମବାର ଆଇନଜୀବୀ ଦିବସ ଓ ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ପ୍ରତାପ କିଶୋର ଜଗତ ଅଧ୍ୟକ୍ଷତା କରିଥିବା ବେଳେ ଉପସଭାପତି ଭବେଶ ପାଣିଗ୍ରାହୀ, ସମ୍ପାଦକ ଶଙ୍କର୍ଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ସିଂଦେଓ, ବାଞ୍ଛାନିଧି ବେହେରା, ଯୁଧିଷ୍ଠିର ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଟିକେଶ୍ୱର ବେହେରା, ସୁରେଶ ଅଗ୍ରୱାଲ, ବିରଜା ସିଂ ଦଳପତି ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ତଥା ମଧୁବାବୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ।

### ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତା ମଶାରି ବଣ୍ଟନ

ଜୟପାଟଣା, ୨୮।୪ (ଓମ୍ ପ୍ରକାଶ ବୈଠାରୁ): କଳାହାଣ୍ଡି ଜିଲା ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସୋମବାର ସ୍ଥାନୀୟ ମଙ୍ଗଳପୁର ପଞ୍ଚାୟତ ଅଫିସ ପରିସରରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତା ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୟପାଟଣା ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁଭ୍ରଜିତ ବିଶାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି, ମୁଖ୍ୟ ବକ୍ତା ଭାବେ ସାଂସଦ ପ୍ରତିନିଧି ଗଙ୍ଗାଧର ମାଝୀ, ସମ୍ମାନିତ ଅତିଥି ଭାବେ ଜୟପାଟଣା ଏବିଡ଼ିଓ ବିଶ୍ୱନାଥ ରାଉତ, ସ୍ଥାନୀୟ ସରପଞ୍ଚ ଇପ୍ସିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଲେରିଆ ଓ ଡେଙ୍ଗୁ ଭଳି ମଶାବାହିତ ରୋଗରୁ ରକ୍ଷା ପାଇବାକୁ ହେଲେ ଶୋଇବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଉଥିବା ଔଷଧ ବୋଳା ମଶାରୀ ବ୍ୟବହାର କରିବାକୁ ଅତିଥିମାନେ ଲୋକଙ୍କୁ ବୁଝାଇଥିଲେ।

# ଜିଲାର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା

ଭବାନୀପାଟଣା, ୨୮।୪ (ଉତ୍ତମ କୁମାର ଦାଶ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଜିଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ସୋମବାର ଜିଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା, ସାଂସଦ ପ୍ରତିନିଧି ଜୟଶଙ୍କର ନାୟକ, ଡ. ଉମେଶଚନ୍ଦ୍ର ଶତପଥି, ସମବାୟ ସମିତି ଉପନିବନ୍ଧକ ପ୍ରମୋଦ କୁମାର ସାହୁ, ଏଆର୍‌ସିଏସ୍ ମଧୁସୂଦନ ମେହେର, ସମବାୟ ବ୍ୟାଙ୍କ ନିର୍ବାହୀ ଅଧିକାରୀ ବନଲତା ଧଳ ଯୋଗଦେଇଥିଲେ। ପ୍ରଥମେ ଅତିଥିମାନେ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା’ ମାଣିକେଶରୀଙ୍କ ଫଟୋଚିତ୍ର ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମଧୁବାବୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ର ଆଲୋଚ୍ୟ ବିଷୟ ‘ସଶକ୍ତ ସମବାୟ, ସୁଦୃଢ଼ ସମାଜ, ସମୃଦ୍ଧ ଜୀବନ’ ଓଡିଶା ସମବାୟ ଆନ୍ଦୋଳନର କର୍ଣ୍ଣଧାର ମଧୁସୂଦନ ଦାସଙ୍କ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମବାୟ ସମିତି କାର୍ଯ୍ୟରେ ଉତ୍କର୍ଷତା ପ୍ରତିପାଦନ କରିଥିବା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପ୍ରାଥମିକ ସମବାୟ ସମିତି, କୋକସରା ବ୍ଲକର ଟେମରା ସମବାୟ ସମିତି, ଭବାନୀପାଟଣା ଓ ମଦନପୁର ରାମପୁର ସମବାୟ ସମିତିକୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଜିଲା ଉପନିବନ୍ଧକ ସମବାୟ ସମିତି ପ୍ରମୋଦ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ରୁପକିଶୋର ଦଳାଇ ପରିଚାଳନା କରିଥିଲେ।

# ମଶାରି ବ୍ୟବହାର ସୁସ୍ଥ ଜୀବନର ମୂଳମନ୍ତ୍ର

କୋକସରା, ୨୮।୪ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)



ହିତାଧିକାରୀଙ୍କୁ ମଶାରି ବଣ୍ଟନ କରାଯାଉଛି।

ଶୋଇବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଉଥିବା ଔଷଧ ବୋଳା ମଶାରୀ ବ୍ୟବହାର କଲେ ଆମେ ସବୁ ରୋଗରୁ ନିଜକୁ ସୁରକ୍ଷିତ ରଖିବା ସହ ସୁସ୍ଥ ଜୀବନଯାପନ କରିପାରିବା। ସୋମବାର କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତା ମଶାରୀ ବଣ୍ଟନର ଉଦ୍‌ଘାଟନ ଅବସରରେ ଉପସ୍ଥିତ ପ୍ରଶାସନିକ, ସ୍ୱାସ୍ଥ୍ୟ ଅଧିକାରୀ ଓ ଜନ ପ୍ରତିନିଧି ଏହା କହିଛନ୍ତି। କୋକସରା ସିଏଚ୍‌ସି ପକ୍ଷରୁ ବରାଡଙ୍ଗା ପଞ୍ଚାୟତ ଶିଉନି ଗ୍ରାମ ଅଙ୍ଗନୱାଡି କେନ୍ଦ୍ର ନିକଟରେ ହିତାଧିକାରୀଙ୍କୁ ମଶାରୀ ବଣ୍ଟନ କରାଯାଇଛି। ସିଏଚ୍‌ସି ଇନ ଚାର୍ଜ ଡ଼. ତତ୍ତ୍ୱଦର୍ଶୀ ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ମୁଖ୍ୟବକ୍ତା ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ସାଂସଦ ପ୍ରତିନିଧି ଗୋପିଚନ ନାଏକ, ସ୍ଥାନୀୟ ସରପଞ୍ଚ ନିରୂପମା ସେଠୀ, ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ମଶାରୀ ବଣ୍ଟନ କରିଥିଲେ। ଫାର୍ମାସିଷ୍ଟ ସୁଧୀର କୁମାର ଧଙ୍ଗଡାମାଝୀ ମଞ୍ଚ ପରିଚାଳନା କରିଥିଲେ।

# ବେଞ୍ଚ ଓ ବାର୍ ଗୋଟିଏ ମୁଦ୍ରାର ୨ ପାର୍ଶ୍ୱ

ଭବାନୀପାଟଣା, ୨୮।୪ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଓକିଲ ସଂଘ ପକ୍ଷରୁ ସୋମବାର ଭବାନୀପାଟଣାସ୍ଥିତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ମଧୁବାବୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଜିଲା ଓକିଲ ସଂଘ ସଭାପତି ସୁଧାଂଶୁ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ଓ ଦୌରା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ କମ୍ବୁପାଣି ପାଢ଼ୀ, ଉପସଭାପତି ଗଣେଶ୍ୱର ପଟ୍ଟନାୟକ, ବରିଷ୍ଠ ଓକିଲ ନିହାର ମିଶ୍ର, ଛବିଲାଲ ନିଆଲ, ନିମାନ ନାଏକ, ଭବେନ୍ଦ୍ର ପଣ୍ଡା, ପୂର୍ଣ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଅଶୋକ ପଟ୍ଟନାୟକ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଜିଲା ଓ ଦୌରା ଜଜ୍ ତାଙ୍କ ଅଭିଭାଷଣରେ ବେଞ୍ଚ ଓ ବାର୍ ଗୋଟିଏ ମୁଦ୍ରାର ୨ ପାର୍ଶ୍ୱ। ଏଣୁ ଉଭୟ ମିଳିମିଶି କାମ କଲେ ଲୋକେ ଦ୍ୱରିତ ନ୍ୟାୟ ପାଇ ପାରିବେ ବୋଲି ମତ ରଖିଥିଲେ। ମୁଖ୍ୟ ବକ୍ତା ପାଢ଼ୀ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଂଘ ସଭାପତି ନନ୍ଦ ଓକିଲମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନା କରିବା ସହ ନ୍ୟାୟିକ ବ୍ୟବସ୍ଥାରେ ସମନ୍ୱୟ ରହିଲେ ଗ୍ରାମାଞ୍ଚଳରେ ଥିବା ଲୋକ ନ୍ୟାୟ ପାଇପାରିବେ ବୋଲି ଯୁକ୍ତି ବାଢିଥିଲେ। ଏହି ଅବସରରେ ଜିଲାର ବରିଷ୍ଠ ଆଇନଜୀବୀ ଗଜେନ୍ଦ୍ର ପ୍ରସାଦ ପାଢ଼ୀ ଓ ରସିକ ମୋହନ ଦାସଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଓକିଲ ସଂଘର ଯୁଗ୍ମ ସମ୍ପାଦକ ସାରଣୀ ବେମାଲ ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ନୂଆପଡ଼ା/କୋମନା, ୨୮।୪ (ମକାରୁ ବେମାଲ/ସୋବିନ ଛତ୍ରିଆ)




ଶିବିରରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

ନୂଆପଡ଼ା ଜିଲା କୋମନା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାଶ ଯୋଗଦେଇ ୬୮ ଗୋଟି ବ୍ୟକ୍ତିଗତ ଓ ୨୦ ଗୋଟି ଗୋଷ୍ଠୀଗତ ମୋଟ ୮୮ ଅଭିଯୋଗ ଶୁଣାଣିକରି ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଏସ୍‌ପି ଜିଆର୍ ରାଘବେନ୍ଦ୍ର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ୍ ଅଧ୍ୟକ୍ଷା ଅନସୂୟା କୁମ୍ଭାର, ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଜୋଷୀ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇ ସହଯୋଗ କରିଥିଲେ।

# ମଧୁବାବୁ ଆଇନଜୀବୀଙ୍କ ଆଦର୍ଶର ପ୍ରତୀକ

ନୂଆପଡ଼ା, ୨୮।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା ଏବିପି ସମ୍ମିଳନୀ କକ୍ଷଠାରେ ସୋମବାର ଜିଲା ସିଭିଲ ବାର ଆସୋସିଏଶନ ପକ୍ଷରୁ ଆଇନଜୀବୀ ଦିବସ ଓ ୧୭୭ତମ ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି। ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲା ସିଭିଲ ବାର ଆସୋସିଏଶନ ସଭାପତି ବିଶ୍ୱମଣି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପ୍ରାକ୍ତନ ନ୍ୟାୟଧିଶ ଜଷ୍ଟିସ ରଘୁବିର ଦାସ ମୁଖ୍ୟ ଅତିଥି, ବରପାଲିର ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଓ ଉଚ୍ଚ ନ୍ୟାୟାଳୟ ଅତିରିକ୍ତ ସ୍ଥାୟୀ ପରାମର୍ଶଦାତା ଅରବିନ୍ଦ ମହାନ୍ତି, ଜିଲା ଦୌରାଜଜ୍ ନିରଞ୍ଜନ ପଣ୍ଡା, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ପୂର୍ବତନ ସଭାପତି ଘାସିରାମ ମାଝୀ ସୁଶାନ୍ତ ପତି, ଦେବଦତ୍ତ ଦୀକ୍ଷିତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ମଧୁବାବୁ ଓଡ଼ିଆ ଜାତିର ପରିଚୟ ଓ ଆଇନଜୀବୀଙ୍କ ଆଦର୍ଶର ପ୍ରତୀକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ଆଇନଜୀବୀଙ୍କ ସମେତ କୋର୍ଟ କର୍ମଚାରୀ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ଥୁଆମୂଳ ରାମପୁରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଥୁଆମୂଳ ରାମପୁର, ୨୮।୪ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଧ୍ରୁବଚରଣ ଚରଣ ମୁଦୁଲି ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାପାଳ ପାଓ୍ୱାର ସଚିନ ପ୍ରକାଶ, ଏସ୍‌ପି ନାଗରାଜ ଦେବେରକୋଣ୍ଡା, ତହସିଲଦାର ନିରୋଜ କୁମାର ଭତ୍ରା, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ହିତାଧିକାରୀଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ବ୍ଲକର ସମସ୍ତ ଲାଇନ ବିଭାଗ, ଜେଇ, ଏଏଇ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଦେବେନ୍ଦ୍ର କୁମାର ମହାନନ୍ଦ, ଜିପିଡିଓ ତ୍ରିଲୋଚନ ନାଏକ, ବିଏସ୍‌ଏସ୍‌ଓ ସୁନାରାମ ସୋରେନ, ବ୍ଲକ ଯୋଗାଣ ଅଧିକାରୀ ବିଭୁ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ନୂତନ ଫାଣ୍ଡି ଅଧିକାରୀଙ୍କ ଯୋଗଦାନ

ରିଷିଡ଼ା, ୨୮।୪ (ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା ମ ରାମପୁର ଥାନା ଅଧୀନ ରିଷିଡ଼ା ଫାଣ୍ଡିରେ ସୋମବାର ନୂତନ ଅଧିକାରୀ ଭାବେ ମନୁଆ ବିଡିକା ଯୋଗଦେଇଛନ୍ତି। ଏହି ଅବସରରେ ତାଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରେସ କ୍ଲବ ସଭାପତି ନରୋତ୍ତମ ସେଲମା, ଯୁବ ସଂଗଠକ ବିଶ ଦୀପକ ପାତ୍ର, ରମେଶ ବାରିକ, ମହେନ୍ଦ୍ର ପ୍ରଧାନୀ ପ୍ରମୁଖ ତାଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ବିଡିକା ସମସ୍ତଙ୍କ ସହଯୋଗ କାମନା କରିଥିଲେ।

### ମନ୍ଦିର ରତ୍ନମୁଦ ପାଇଁ କଳସ ଯାତ୍ରା

ଥୁଆମୂଳ ରାମପୁର, ୨୮।୪ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବିଜେ ମା’ ମାଣିକେଶ୍ୱରୀ, ପ୍ରଭୁ ଶ୍ରୀ ଜଗନ୍ନାଥ ଓ ମହାଦେବ ଶ୍ରୀ ରାମେଶ୍ୱରଙ୍କ ଭବ୍ୟ ମନ୍ଦିରର ୩୦ରେ ହେବାକୁ ଥିବା ରତ୍ନ ମୁଦ ଉତ୍ସବ ପାଇଁ ବୁଧବାର କଳସ ଯାତ୍ରା ଓ ଅଧିବାସ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳାପୁରୁଷ, ପୂର୍ବତନ କଳାହାଣ୍ଡି ସାଂସଦ ଅର୍କକେଶରି ଦେଓ ଓ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଉପସ୍ଥିତିରେ ଶଙ୍ଖ, ଘଣ୍ଟ, ଘୁମୁରା, ସଂକୀର୍ତ୍ତନ ବାଦ୍ୟ ସହ କଳସ ଶୋଭାଯାତ୍ରା ହୋଇଥିଲା।

# ଭୈରବୀ ନାଟ୍ୟକଳା ସଂଘର ପୁନର୍ଗଠନ ପ୍ରସ୍ତୁତି

ରୁପ୍ରାରୋଡ୍, ୨୮।୪ (ସଞ୍ଜୀବ ଦାସ)

ନର୍ଲା ବ୍ଲକ୍ ରୁପ୍ରାରୋଡ୍ ପଞ୍ଚାୟତ ବଲବସପୁର ଗ୍ରାମରେ ଭୈରବୀ ନାଟ୍ୟକଳା ସଂଘର ପୁନର୍ଗଠନ ପ୍ରସ୍ତୁତି ବୈଠକ ସୋମବାର ଗ୍ରାମସ୍ଥିତ ସ୍ୱପ୍ନେଶର ଶିବମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନକୁ ପୁନର୍ଗଠିତକରି ଭବିଷ୍ୟତରେ କିପରି ଏକ ଅଗ୍ରଣୀ ଅନୁଷ୍ଠାନରେ ପରିଣତ କରିବାକୁ ହେବ ସେ ନେଇ ଆଲୋଚନା କରାଯାଇଥିଲା। ପ୍ରକାଶଥାଉ କି ବଲବସପୁର ଗ୍ରାମ କଳାହାଣ୍ଡି ଜିଲାର ଏକ ସଂସ୍କୃତିସମ୍ପନ୍ନ ଗ୍ରାମ ଭାବେ ବେଶ୍ ଜଣାଶୁଣା। ଅତୀତରେ ଏ ଗାଁ ଭୈରବୀ ନାଟ୍ୟକଳା ସଂଘ ମାଧ୍ୟମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ନାଟ୍ୟକଳା ପରିବେଷଣକରି ସୁନାମ ଅର୍ଜନ କରିଥିଲା। କିନ୍ତୁ ସରକାରୀ ପ୍ରୋତ୍ସାହନ ଅଭାବ, ଆର୍ଥିକ ସମସ୍ୟା ଆଦି କାରଣରୁ ବିଗତ ପ୍ରାୟ ୩ ଦଶନ୍ଧି ହେବ ଧିମେଇଯାଇଛି ଏହି ସଂଘ। ଏ ଅନୁଷ୍ଠାନ ଅଞ୍ଚଳର ଗର୍ବ ଓ ଗୌରବ। ଏଣୁ ଖୁବ୍‌ଶୀଘ୍ର ଏହାର ପୁନର୍ଗଠନ ସହ କାର୍ଯ୍ୟପନ୍ଥା ସ୍ଥିରହେବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଶେଷରେ ଅସ୍ଥାୟୀ କମିଟି ସଭାପତି ଗୋବିନ୍ଦ ବ୍ରହ୍ମା ଧନ୍ୟବାଦ ଦେଇଥିବା ବେଳେ କମିଟି ସଦସ୍ୟ ମକୁନ୍ଦ ଭୋଇ, ପ୍ରକାଶ ଦୀପ, ଧର୍ମେନ୍ଦ୍ର ପୋଢ଼, ଭୂପେନ୍ଦ୍ର ସେଠ, ସ୍ୱାଧୀନ ଭୋଇ ଓ ରଞ୍ଜନ ଗୌଡ଼ ପରିଚାଳନା କରିଥିଲେ। ବରିଷ୍ଠ କଳାକାର ପୁରାଣ ସେଠୀ, ରଘୁ ମାହାର, ସ୍ୱପ୍ନେଶର ମନ୍ଦିର କମିଟି ସମ୍ପାଦକ ଭବାନୀ ବାରିକ, ଦିଲୀପ ସା, ଗୋପାଳ ପ୍ରଧାନ, କୈଳାସ ମାଝୀ, ମୀନକେତନ ତାଣ୍ଡିଙ୍କ ସମେତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁଲାଗି ଜଳିଗଲା ଟ୍ରକ୍

ଲାଞ୍ଜିଗଡ଼, ୨୮।୪ (ରମେଶ ଚନ୍ଦ୍ର ନାୟକ)



ଟ୍ରକ୍‌ରେ ନିଆଁ ଲିଭାଉଛନ୍ତି ଅଗ୍ନିଶମ କର୍ମଚାରୀ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ନର୍ଲା ଥାନା ସିକେରକୁପା ଫାଣ୍ଡି ଅନ୍ତର୍ଗତ ଭବାନୀପାଟଣା-ରାୟଗଡା ୬ନଂ. ରାଜ୍ୟ ରାଜପଥ କିଡିଙ୍ଗ ଗ୍ରାମ ନିକଟରେ ସୋମବାର ଏକ ମାଲବାହୀ ଟ୍ରକ୍‌ରେ ବିଦ୍ୟୁତ୍ ଶର୍ଟ ସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ମହାରାଷ୍ଟ୍ର ନାଗପୁରରୁ ସିଜି୦୮ଏଏକ୍ସ-୧୮୨୭ନଂ. ବିଶିଷ୍ଟ ଟ୍ରକ୍ ଲାଞ୍ଜିଗଡ କାରଖାନାକୁ ଜେନେରେଟର ନେଇ ଆସୁଥିବା ବେଳେ ଏଭଳି ଘଟଣା ଘଟିଥିଲା। ନିଆଁ ଲାଗିବା ଦେଖି ଟ୍ରକ୍ ଚାଳକ ଓ ହେଲ୍‌ପର ଗାଡିରୁ ବାହାରିଯାଇ ଜୀବନ ବଞ୍ଚାଇଥିଲେ। ଖବରପାଇ ନର୍ଲା, ଭବାନୀପାଟଣା ଓ ଲାଞ୍ଜିଗଡ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫାଣ୍ଡି ଅଧିକାରୀ ମୀନକେତନ ଶବର ଓ ଏସ୍‌ଆଇ ବିଶ୍ୱନାଥ ମହଲା ସହ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ଗୋଟିଏ ନମ୍ବର ପ୍ଲେଟରେ ୨ ବସ୍

ଭବାନୀପାଟଣା, ୨୮।୪ (ଉତ୍ତମ କୁମାର ଦାଶ)




କଳାହାଣ୍ଡି ଜିଲାରେ ସମାନ ନମ୍ବର ପ୍ଲେଟ ଥାଇ ୨ଟି ଘରୋଇ ବସ୍ ଚାଲୁଥିବାବେଳେ ପରିବହନ ଓ ପୋଲିସ ବିଭାଗ ହାତରେ ଧରାପଡିଛି। ଏହାକୁ ନେଇ ଜିଲାରେ ଏବେ ଚର୍ଚ୍ଚା ଚାଲିଛି। ମାଣିକେଶ୍ୱରୀ ଟ୍ରାଭେଲ୍ସର ଏହି ୨ଟି ଏକ୍ସପ୍ରେସ ବସ୍ କଳାହାଣ୍ଡିରୁ କଟକ, ଭୁବନେଶ୍ୱରକୁ ଯାଉଥିଲା। ଏହି ୨ଟି ବସ୍‌ର ନମ୍ବର ଓଡି୦୮ଜି- ୩୧୮୮ ରହିଛି। ୨ ବସ୍‌ର ନମ୍ବର ଗୋଟିଏ ଜଣାପଡିବା ପରେ ପରିବହନ ବିଭାଗ ପକ୍ଷରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ଟାଉନ ଥାନା ଅଧିକାରୀ ଯଶୋବନ୍ତ ହିଆଲଙ୍କୁ ପଚାରିବାରୁ ୨ ବସ୍‌କୁ ଜବତ କରାଯାଇ ଘଟଣାର ଅଧିକ ଯାଞ୍ଚ ଚାଲିଛି ବୋଲି କହିଥିଲେ।

# ରାସ୍ତା ନିର୍ମାଣ ବେଳେ ପେଟି ଠିକାଦାରଙ୍କୁ ଆକ୍ରମଣ

କେସିଙ୍ଗା, ୨୮।୪ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମ ପଞ୍ଚାୟତ ମଶାଣିବନ୍ଧ ଗ୍ରାମଠାରେ ଆର୍‌ଡ଼ି ବିଭାଗ ପକ୍ଷରୁ ରାସ୍ତାକାମ ଚାଲୁରହିଛି। ଏପରିସ୍ଥଳେ ଗ୍ରାମର ଜଣେ ବ୍ୟକ୍ତି ସୋମବାର ରାସ୍ତାକାମକୁ ବିରୋଧ କରି ପେଟି ଠିକାଦାର ନେପାଳ ବାଗ(୩୪) ଓ ମୁନ୍‌ସି ଚୌଧୁରୀ ସାହୁଙ୍କୁ ଆକ୍ରମଣ କରି ଜୀବନରେ ମାରିଦେବା ପାଇଁ ଧମକ ଦେଇଛନ୍ତି। ଏ ନେଇ ପେଟି ଠିକାଦାର ବାଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ମଶାଣିବନ୍ଧ ଗ୍ରାମଠାରୁ କଳାରପଦର ଗ୍ରାମ ଯାଏ ଆର୍‌ଡ଼ି ବିଭାଗ ପକ୍ଷରୁ ୧୪.୫କିମି ପିଚୁ ରାସ୍ତା ନିର୍ମାଣାଧୀନ ରହିଛି। ସୋମବାର ମଧ୍ୟାହ୍ନରେ ସମ୍ପୃକ୍ତ ବ୍ୟକ୍ତି ଜଣକ କାର୍ଯ୍ୟସ୍ଥଳରେ ପହଞ୍ଚି ଗ୍ରାମରେ ବିବାହ କାମ ଅଛି, ଗର୍ଭବତୀ ମହିଳା ହସ୍ପିଟାଲକୁ ଯିବା ଅସୁବିଧା ହେବ କହି ପେଟି ଠିକାଦାର ଓ ମୁନ୍‌ସିଙ୍କୁ ଆକ୍ରମଣ କରିଥିଲେ। ଏ ସଂକ୍ରାନ୍ତରେ ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ପଚାରିବାରୁ ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ ଯାହା ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ସିପିଆଇର ବିକ୍ଷୋଭ

**ଭୂମିହୀନଙ୍କୁ ଘରଡିହ, ସ୍ଥାୟୀ ପଟ୍ଟା ପ୍ରଦାନ ଦାବି**

ଭବାନୀପାଟଣା, ୨୮।୪ (ଉତ୍ତମ କୁମାର ଦାଶ)




ଜିଲାପାଳଙ୍କ ଅଫିସ ସମ୍ମୁଖରେ ସିପିଆଇର ବିକ୍ଷୋଭ ସମାବେଶ।

କଳାହାଣ୍ଡି ଜିଲାରେ ବସବାସ କରୁଥିବା ଭୂମିହୀନଙ୍କୁ ଘରଡିହ, ଦଖଲ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ ଓ ୨୦୦୬ ଜଙ୍ଗଲ ଅଧିକାର ଆଇନକୁ କଡାକଡି ଲାଗୁ କରିବା ଦାବିନେଇ ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେହିପରି ଦୀର୍ଘ ଦଶନ୍ଧି ଧରି ବସବାସ କରି ଆସୁଥିବା ବେଲପଡା ଗାଁର ୮୫ ପରିବାରକୁ ଘରଡିହ ପ୍ରଦାନ ଓ ଜାକମ ଗାଁକୁ ବିଦ୍ୟୁତ ସଂଯୋଗୀକରଣ ଦାବି କରାଯାଇଥିଲା। ଶୀଘ୍ର ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ପରେ ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ବିକ୍ଷୋଭ ସମାବେଶରେ ସିପିଆଇ ପୂର୍ବତନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲା ସହ ସମ୍ପାଦକ ସଞ୍ଜୟ ସୁନାନୀ, ଜଗଦୀଶ ଦୁର୍ଗା, ଜୁନାଗଡ଼ ଜୋନ ସମ୍ପାଦକ ବାନାମ୍ବର ମେହେର, ମାଧବ ଚନ୍ଦ୍ର ସାହୁ, ଜିଲା ପରିଷଦ ବଡ ଜାଲ, ହିମାଂଶୁ ନାଏକ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାମୋଦର ବେହେରା, କଳମପୁର ଶାଖା ସମ୍ପାଦକ ଯଶୋବନ୍ତ ବେମାଲ ପ୍ରମୁଖ ସାମିଲ ଥିଲେ। ପୂର୍ବରୁ ସିପିଆଇ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା।

## ସଂକ୍ଷେପରେ

### କୋଇଲା ଖଣି ଭିତରେ ଓଲଟିଲା ବସ୍, ଜଣେ ମୃତ

ସୁନ୍ଦରଗଡ,୨୮।୪(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ହେମଗିରି ଥାନା ଅନ୍ତର୍ଗତ ଏନଟିପିସି ଡୁଲଙ୍ଗା କୋଇଲା ଖଣି ଭିତରେ ରବିବାର ରାତିରେ ବସ୍ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁଡାପାଲିର ନିତ୍ୟାନନ୍ଦ ନାଏକ। ଅନ୍ୟ ୬ଜଣ ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସୋମବାର ସକାଳେ ହେମଗିର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଏକ ଦୁର୍ଘଟଣା ମାମଲା ନଂ.୧୬୪/୨୦୨୫ ରୁଜୁ କରି ବସ୍‌କୁ ଜବତ କରିଛି। ମୃତକଙ୍କ ପରିବାର ଲୋକଙ୍କୁ କ୍ଷତି ପୂରଣ ଦାବିରେ ସ୍ଥାନୀୟ ଲୋକେ ଆନ୍ଦୋଳନ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ କ୍ଷତି ପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ। ସୂଚନା ଅନୁଯାୟୀ, ବସ ଖଣି ଭିତରେ କାର୍ଯ୍ୟ କରୁଥିବା ସୈନିକ ମାଇନିଂ କମ୍ପାନୀର ଅପରେଟର ଓ ଶ୍ରମିକଙ୍କୁ ନେଇ ଆସୁଥିଲା ବେଳେ ଓଲଟି ପଡ଼ିଥିଲା। ଆହତମାନଙ୍କୁ ଝାରସୁଗୁଡ଼ା ବେଲପାହାଡ ଟିଆରଏଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ।

### ଆଇନଜୀବୀ ଦିବସ ଓ ମଧୁବାବୁ ଜୟନ୍ତୀ

ଖଡ଼ିଆଳ,୨୮।୪ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଜୁଡିସିଆଲ ବାର୍ ଆସୋସିଏଶନ ପକ୍ଷରୁ ସୋମବାର ଆଇନଜୀବୀ ଦିବସ ଓ ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ପ୍ରତାପ କିଶୋର ଜଗତ ଅଧ୍ୟକ୍ଷତା କରିଥିବା ବେଳେ ଉପସଭାପତି ଭବେଶ ପାଣିଗ୍ରାହୀ, ସମ୍ପାଦକ ଶଙ୍କର୍ଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ସିଂଦେଓ, ବାଞ୍ଛାନିଧି ବେହେରା, ଯୁଧିଷ୍ଠିର ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଟିକେଶ୍ୱର ବେହେରା, ସୁରେଶ ଅଗ୍ରୱାଲ, ବିରଜା ସିଂ ଦଳପତି ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ତଥା ମଧୁବାବୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ।

### ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତା ମଶାରି ବଣ୍ଟନ

ଜୟପାଟଣା,୨୮।୪(ଓମ୍ ପ୍ରକାଶ ବୈଠାରୁ): କଳାହାଣ୍ଡି ଜିଲା ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସୋମବାର ସ୍ଥାନୀୟ ମଙ୍ଗଳପୁର ପଞ୍ଚାୟତ ଅଫିସ ପରିସରରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତା ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୟପାଟଣା ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁଭ୍ରଜିତ ବିଶାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି, ମୁଖ୍ୟ ବକ୍ତା ଭାବେ ସାଂସଦ ପ୍ରତିନିଧି ଗଙ୍ଗାଧର ମାଝୀ, ସମ୍ମାନିତ ଅତିଥି ଭାବେ ଜୟପାଟଣା ଏବିଡ଼ିଓ ବିଶ୍ୱନାଥ ରାଉତ, ସ୍ଥାନୀୟ ସରପଞ୍ଚ ଇପ୍ସିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଲେରିଆ ଓ ଡେଙ୍ଗୁ ଭଳି ମଶାବାହିତ ରୋଗରୁ ରକ୍ଷା ପାଇବାକୁ ହେଲେ ଶୋଇବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଉଥିବା ଔଷଧ ବୋଳା ମଶାରୀ ବ୍ୟବହାର କରିବାକୁ ଅତିଥିମାନେ ଲୋକଙ୍କୁ ବୁଝାଇଥିଲେ।

# ଭୋଟ ଗ୍ରହଣ ସରିଲା, ଫଳାଫଳ ଘୋଷଣା ବାକି


ମତଦାନ ପରେ ୱାର୍ଡ ସଭ୍ୟାସଭ୍ୟ।

- କେନ୍ଦ୍ରିକଳା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ପ୍ରସଙ୍ଗ
- ଭୋଟ ଗ୍ରହଣ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଥିଲା
- ଅନାସ୍ଥା ଭୋଟ ସମୟରେ ସରପଞ୍ଚଙ୍କ ସମେତ ୪ ୱାର୍ଡସଭ୍ୟ ଅନୁପସ୍ଥିତ

ବଣାଇଁ,୨୮।୪(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବ୍ଲକ କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତର ଅନାସ୍ଥା ପ୍ରସ୍ତାବ ଗୃହୀତ ଓ ଭୋଟ ଗ୍ରହଣକୁ ନେଇ ଲାଗି ରହିଥିବା ଛକାପଞ୍ଝାର ସୋମବାର ଅବସାନ ଘଟିଛି। ଉଚ୍ଚନ୍ୟାଳୟଙ୍କ ହସ୍ତକ୍ଷେପ ପରେ ସୋମବାର ଅନାସ୍ଥା ଭୋଟ ଗ୍ରହଣ କରାଯାଇଥିଲା। ପଞ୍ଚାୟତର ୧୪ ଜଣ ୱାର୍ଡସଭ୍ୟଙ୍କ ମଧ୍ୟରୁ ସରପଞ୍ଚଙ୍କ ସମେତ ୪ଜଣ ଭୋଟ ଗ୍ରହଣ ବେଳେ ଅନୁପସ୍ଥିତ ରହିଥିଲେ। କିନ୍ତୁ ପଞ୍ଚାୟତିରାଜ ନିୟମ ଅନୁସାରେ ଦୁଇ ତୃତୀୟାଂଶ ସଭ୍ୟ ଉପସ୍ଥିତ ଥିବାରୁ ଆଲୋଚନା ପରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେବା ସହ ଭୋଟ ଗ୍ରହଣ ହୋଇଥିଲା। ବଣାଇଁ ବ୍ଲକ ସହକାରୀ ବିଡିଓ ସାରିଆ ଲାକ୍ରା, ଲହୁଣୀପଡ଼ା ସହକାରୀ ତହସିଲଦାର ଜ୍ଞାନ ରଞ୍ଜନ ବେହେରା ନିର୍ବାଚନ ଅଧିକାରୀଭାବେ ଭୋଟ ଗ୍ରହଣ କାର୍ଯ୍ୟ ସମ୍ପାଦନ କରିଥିଲେ। ଭୋଟ ଗ୍ରହଣ ପରେ ବାଲଟ ବକ୍ସକୁ ସମସ୍ତଙ୍କ ସମ୍ମୁଖରେ ସିଲ କରାଯାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ଭୋଟ ଗ୍ରହଣ ହୋଇଥିଲେ ମଧ୍ୟ ସରକାରୀଭାବେ ଫଳାଫଳ ଘୋଷଣା କରାଯାଇନାହିଁ।

ସୂଚନା ଅନୁସାରେ, ଦେଢ଼ବର୍ଷ ହେଲା ସମ୍ପୃକ୍ତ ପଞ୍ଚାୟତର ନାଏବ ସରପଞ୍ଚ ଲବଙ୍ଗ ପାତ୍ରଙ୍କ ସମେତ ୧୧ଜଣ ୱାର୍ଡସଭ୍ୟ ସରପଞ୍ଚ ଉଗ୍ରସେନ କିଷାନଙ୍କ ବିରୋଧରେ ନାନା ଅଭିଯୋଗ କରି ଆସୁଥିଲେ। ୨୦୨୪ ନଭେମ୍ବରରେ ପଞ୍ଚାୟତର ୧୪ଜଣ ୱାର୍ଡସଭ୍ୟଙ୍କ ମଧ୍ୟରୁ ୧୧ ଜଣ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ଡିସେମ୍ବରରେ ୧୧ୱାର୍ଡସଭ୍ୟ ବଣାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଅନଶନରେ ବସିଥିଲେ। ଅନଶନର ୨୪ ଦିନ ପରେ ଜିଲାପାଳ ୨୦୨୫ ଜାନୁଆରୀ ୯ ତାରିଖରେ ସ୍ଥାନୀୟ ପ୍ରଶାସନକୁ ଘଟଣାର ତଦନ୍ତ କରିବାକୁ ଚିଠି କରିଥିଲେ। ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବାଧ ହୋଇ ୱାର୍ଡସଭ୍ୟମାନେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ ପରେ ସ୍ଥାନୀୟ ପ୍ରଶାସନ ଅନାସ୍ଥା ପ୍ରସ୍ତାବ ଉପରେ ବୈଠକ ପାଇଁ ସୋମବାରକୁ ଧାର୍ଯ୍ୟ କରିଥିଲା। କେନ୍ଦ୍ରିକଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଜିଷ୍ଟ୍ରେଟ ଭାବେ ବଣାଇଁ ତହସିଲଦାର ଉପସ୍ଥିତ ରହିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବଣାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅଦାଲତ ପ୍ରଶାସନକୁ କୈଫିୟତ ତଲବ ପରେ ପ୍ରଶାସନ ସାମ୍ବିଧାନିକ ପ୍ରକ୍ରିୟାକୁ ଗୁରୁତ୍ୱ ଦେବା ଓ ପ୍ରଶାସନ ସରପଞ୍ଚଙ୍କୁ କରୁଥିବା ସମର୍ଥନ ଭଣ୍ଡୁର ହେଲା ବୋଲି ପଞ୍ଚାୟତ ନାଏବ ସରପଞ୍ଚ ଲବଙ୍ଗ ପାତ୍ର ଓ ୱାର୍ଡସଭ୍ୟ ବାଇଧର ପାତ୍ର ଭୋଟ ଗ୍ରହଣ ପରେ ଗଣମାଧ୍ୟମକୁ ବିବୃତି ଦେଇଛନ୍ତି।।

## ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀମାନେ।

ରାଜଗାଙ୍ଗପୁର,୨୮।୪(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଓକିଲ ସଂଘ ପକ୍ଷରୁ ସୋମବାର ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ପ୍ରଥମେ କୋର୍ଟ ପରିସରରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ସ୍ଥାନୀୟ ଜେଏମ୍ଏଫ୍‌ସି ଶ୍ରୀୟା ରତ୍ନପର୍ଣ୍ଣା ସାହୁଙ୍କ ସମେତ ସଂଘର ସଭାପତି ଓ ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସଂଘ କାର୍ଯ୍ୟାଳୟରେ ଏକ ସଭାକାର୍ଯ୍ୟ ସଭାପତି ଅଶୋକ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାପତି ସ୍ୱାଗତ ଭାଷଣ ରଖିବା ସହ ଏହି ଗୌରବମୟ ଦିବସ ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ମୁରଲୀଧର ଦାସ, ପ୍ରଳୟ ହାଜରା, ରଞ୍ଜିତା ଦଣ୍ଡସେନା, ସଞ୍ଜୟ ଦେ ପ୍ରମୁଖ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଜେଏମ୍ଏଫ୍‌ସି ନିଜ ବକ୍ତବ୍ୟରେ ନୂତନ ଆଇନଜୀବୀଙ୍କୁ ଅଧ୍ୟୟନରତ ହେବାକୁ ପରାମର୍ଶ ଦେଇଥିଲେ। ଉପସଭାପତି ଅର୍ଚ୍ଚନା ମୁଦୁଲି ଧନ୍ୟବାଦ ଜ୍ଞାପନ କରିଥିଲେ। ସମ୍ପାଦକ ବିକାଶ ସରପଟିଆଙ୍କ ସହ ରବୀନ୍ଦ୍ର ଦାସ, ରାଜେନ୍ଦ୍ର ଗିରି, ବିନୋଦ ଶର୍ମା, ଦିଲୀପ ସାହୁ, ଦିଲୀପ ସିଂ, ରବି କିଶାନ, ଜେମ୍ସ କେର୍‌କେଟା, ଲଳିତ ବେକଙ୍କ ସହ ସଂଘର ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଲହୁଣୀପଡା,୨୮।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ବଣେଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ବଣେଇ ଡିଏଫଓ ଲଳିତ କୁମାର ପାତ୍ର, ପୋଲିସ ଅଧିକାରୀ ରମାକାନ୍ତ ସାହୁ, ଏସିଏଫ ସୌମ୍ୟ ରଞ୍ଜନ ଗୋଛାୟତ, ଲହୁଣୀପଡା ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାବୁଲ ପେରେଇ ପ୍ରମୁଖ ମଞ୍ଚାସୀନ ଥିଲେ। ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଯୁଗ୍ମ ଜନଶୁଣାଣି କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୫୭ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୨୬ଟି ବ୍ୟକ୍ତିଗତ ଏବଂ ୩୧ଟି ଅଭିଯୋଗ ଦଳଗତ ଭାବେ ସ୍ଥାନ ପାଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଜମି ବାଡି, ବଦଳି ଇତ୍ୟାଦି ରହିଥିବା ବେଳେ ଦଳଗତ ଅଭିଯୋଗ ମଧ୍ୟରେ ବିଜୁଳି, ଜଳସେଚନ, ରାସ୍ତା, ଜବରଦଖଲ, ପାନୀୟ ଜଳ ଆଦି ସମସ୍ୟା ଗୁଡ଼ିକ ସ୍ଥାନ ପାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଚିକିତ୍ସା ସହାୟତା ପାଇଁ ୪ ଜଣଙ୍କୁ ମୋଟ ୧୮ ହଜାର ଟଙ୍କା ପ୍ରଦାନ କରଯାଇଥିଲା। ଏହି ଯୁଗ୍ମ ଜନଶୁଣାଣିରେ ଜିଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଓ ବଣେଇ ଉପଖଣ୍ଡର ବିଭିନ୍ନ ବିଭାଗର ଅଧିକାରୀ ଓ ସହକାରୀ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଥାନା ପରିସରରେ ଉନ୍ମତ୍ତକାଣ୍ଡ: ୫ ଗିରଫ

ବଡ଼ଗାଁ,୨୮।୪(ଅଶୋକ ଷଡଙ୍ଗୀ )

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପରିସରରେ ରବିବାର ରାତିରେ ଉନ୍ମତ୍ତ କାଣ୍ଡ ଘଟାଇଥିବା ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ଗାଁର ରାଜେଶ ଦାସ (୩୮), ଜ୍ଞାନେନ୍ଦ୍ର କର୍ସେଲ (୨୫), ବିକାଶ ସା (୨୪), ସୁନ୍ଦରଗଡ଼ ଖମାରିପଡାର ବଳରାମ ସାହୁ (୨୫), ମୋହନ ଗୁପ୍ତା (୨୧)। ଏନେଇ ବଡ଼ଗାଁ ଥାନାରେ ୨ଟି ପୃଥକ ମାମଲା ନଂ .୧୦୯/୨୫ ଏବଂ ୧୧୦/୨୫ ରୁଜୁ ହୋଇ ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଘଟଣା ଅନୁଯାୟୀ, ରବିବାର ସନ୍ଧ୍ୟାରେ ଥାନା ଏଏସଆଇ ଶ୍ରୀକାନ୍ତ ପଣ୍ଡା ବିଜୁ ଏକ୍ସପ୍ରେସ ୱେରେ ଏମଭି ଚେକିଂ କରୁଥିବା ବେଳେ ନିଶାଶକ୍ତ ଅବସ୍ଥାରେ ରାଜେଶଙ୍କୁ ଧରିଥିଲେ। ରାଜେଶ ପୋଲିସଙ୍କୁ ଗାଳିଗୁଲଜ ସହ ଧମକ ଚମକ ଓ ଦୁର୍ବ୍ୟବହାର କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ରାତି ପ୍ରାୟ ୧୧ଟା ୫୫ରେ ବଡ଼ଗାଁ ଥାନା ଏଏସଆଇ ଉମାକାନ୍ତ ନାଏକ ଓ ଅରୁପାନନ୍ଦ ଦାସ ପାଟ୍ରୋଲିଂରେ ବାହାରିବା ସମୟରେ ଏକ ଟାଟା ମେଜିକରେ ୬ରୁ୭ ଜଣ ଯୁବକ ଅଚାନକ ଥାନା ପରିସରକୁ ପଶି ଉନ୍ମତ୍ତ କାଣ୍ଡ ଘଟାଇ ଥିଲେ। ସେମାନେ ଉଭୟ ପୋଲିସ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଉଦ୍ୟମ କରିଥିଲେ। ପୋଲିସ ଏହି ଯୁବକଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଭୁଜାଲି, ଲୁହା ପାଇପ ଜବତ କରିଛି। ବଡ଼ଗାଁ ଥାନା ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲା ରୁଜୁ ହୋଇଥିବା ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ ପ୍ରକାଶ କରିଛନ୍ତି।

## କୁଆଁରମୁଣ୍ଡା ଲ୍ୟାମ୍ପସ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ


କୁଆଁରମୁଣ୍ଡା ଲ୍ୟାମ୍ପସ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଉଛି।

କୁଆଁରମୁଣ୍ଡା,୨୮।୪(ମହେନ୍ଦ୍ର କୁମାର ସାହୁ)

ଓଡ଼ିଶା ମାଟିରେ ସମବାୟ ଆନ୍ଦୋଳନର ମୂଳଦୁଆ ସ୍ଥାପନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ୧୭୭ତମ ଜୟନ୍ତୀ ଅବସରରେ କୁଆଁରମୁଣ୍ଡା ଲ୍ୟାମ୍ପସ ପରିସରରେ ନୂତନ ଭାବେ ସ୍ଥାପନା କରାଯାଇଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିକୁ ସୋମବାର ଅନାବରଣ କରାଯାଇ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କର ଜୀବନୀ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ମୁଖ୍ୟ ଭୂମିକା ସମ୍ପର୍କରେ ପାନପୋଷ ସମବାୟ ସଂସ୍ଥାର ପରିଦର୍ଶକ ବନମାଳୀ ନାଏକ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲ୍ୟାମ୍ପସର ସଭାପତି ଟାଇରସ ମିଞ୍ଜ, ନିର୍ଦ୍ଦେଶକ ତ୍ରିଲୋଚନ ପରିଡ଼ା, ଜୟଶଙ୍କର ନନ୍ଦ, ରବୀନ୍ଦ୍ର ନନ୍ଦ, ମାରିଆମ ଲାକ୍ରା, କୁଆଁରମୁଣ୍ଡା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଶିବ ନାରାୟଣ ସାହୁ, ରବୀନ୍ଦ୍ର ସାହୁ, ସୁବାସ ତ୍ରିପାଠୀ, ରଙ୍ଗାଧର ଦାସ, ମହେଶ୍ୱର ମିଶ୍ର, କେଶବ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଲ୍ୟାମ୍ପସ ପକ୍ଷରୁ କୁଆଁରମୁଣ୍ଡା ଶିଶୁ ମନ୍ଦିରରେ ସ୍ୱାଭିମାନ ଦିବସର ଏକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ମଧୁ ବର୍ଣ୍ଣବୋଧ, କଲମ, ପେନସିଲ ଓ ଜ୍ୟାମିତି ବାକ୍ସ ଛାତ୍ରୀଛାତ୍ରମାନଙ୍କୁ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ରଣଜିତ ଲାକ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଲ୍ୟାମ୍ପସର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

## ରାସ୍ତା ନିର୍ମାଣବେଳେ ପେଟି ଠିକାଦାରଙ୍କୁ ଆକ୍ରମଣ

କେସିଙ୍ଗା,୨୮।୪ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମ ପଞ୍ଚାୟତ ମଶାଣିବନ୍ଧ ଗ୍ରାମଠାରେ ଆର୍‌ଡ଼ି ବିଭାଗ ପକ୍ଷରୁ ରାସ୍ତାକାମ ଚାଲୁରହିଛି। ଏପରିସ୍ଥଳେ ଗ୍ରାମର ଜଣେ ବ୍ୟକ୍ତି ସୋମବାର ରାସ୍ତାକାମକୁ ବିରୋଧ କରି ପେଟି ଠିକାଦାର ନେପାଳ ବାଗ(୩୪) ଓ ମୁନ୍‌ସି ଚୌଧୁରୀ ସାହୁଙ୍କୁ ଆକ୍ରମଣ କରି ଜୀବନରେ ମାରିଦେବା ପାଇଁ ଧମକ ଦେଇଛନ୍ତି। ଏ ନେଇ ପେଟି ଠିକାଦାର ବାଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ମଶାଣିବନ୍ଧ ଗ୍ରାମଠାରୁ କଳାରପଦର ଗ୍ରାମ ଯାଏ ଆର୍‌ଡ଼ି ବିଭାଗ ପକ୍ଷରୁ ୧୪.୫କିମି ପିଚୁ ରାସ୍ତା ନିର୍ମାଣାଧୀନ ରହିଛି। ସୋମବାର ମଧ୍ୟାହ୍ନରେ ସମ୍ପୃକ୍ତ ବ୍ୟକ୍ତି ଜଣକ କାର୍ଯ୍ୟସ୍ଥଳରେ ପହଞ୍ଚି ଗ୍ରାମରେ ବିବାହ କାମ ଅଛି, ଗର୍ଭବତୀ ମହିଳା ହସ୍ପିଟାଲକୁ ଯିବା ଅସୁବିଧା ହେବ କହି ପେଟି ଠିକାଦାର ଓ ମୁନ୍‌ସିଙ୍କୁ ଆକ୍ରମଣ କରିଥିଲେ। ଏ ସଂକ୍ରାନ୍ତରେ ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ପଚାରିବାରୁ ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ ଯାହା ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

## କାର୍ ଧକ୍କାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଧର୍ମଗଡ଼, ୨୮।୪ (ଘାସିରାମ ଜଗତ): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ଚିଲିଚିଲା ଗ୍ରାମର ହେମନ୍ତ ନାଏକ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବାବେଳେ ରବିବାର ଏକ କାର୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଚିଲିଚିଲା ଗ୍ରାମର ଅନ୍ୟ କେତେଜଣ ଯୁବକଙ୍କ ସହ ହେମନ୍ତ କିଛିଦିନ ତଳେ ତାମିଲନାଡୁ ରାଜ୍ୟ କାନଗେୟାମ ଥାନାର ଏକ ସୂତା କମ୍ପାନୀକୁ କାମ କରିବା ପାଇଁ ଯାଇଥିଲେ। ରବିବାର ସେଠାରେ ଏକ ରାସ୍ତା ପାରି ହେଉଥିବା ବେଳେ ଏକ କାର୍ (ଟିଏନ୍ ୪୭ଏଇ–୬୮୮୩) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଡିଏଭି ପବ୍ଲିକ୍ ସ୍କୁଲରେ ପୋଷଣ ସଚେତନତା ପଦକ୍ଷେପ ଆରମ୍ଭ

ରାଉରକେଲା,୨୮।୪(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ପୋଷଣ ସଚେତନତା ପଦକ୍ଷେପ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲୋକନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେଶକୁ ସମୃଦ୍ଧ ଓ ବିକାଶ ଦିଗରେ ଆଗେଇନେବା ପାଇଁ ଏକ ସୁସ୍ଥ ସମାଜର ଆବଶ୍ୟକତା ରହିଛି। ଏକ ବିକଶିତ ସମାଜର ଚିତ୍ରଣ ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ଅଧ୍ୟକ୍ଷ ପ୍ରଧାନ ମତବ୍ୟକ୍ତ କରିଥିଲେ। ସହ ସଂଯୋଜକ ବିଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ କୁପୋଷଣର ଦୂରୀକରଣ ସହ ଏକ ସୁସ୍ଥ ସମାଜ ଗଠନକୁ ନେଇ ବିଭିନ୍ନ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ପୌଷ୍ଟିକ ଆହାର ଉପରେ ଶିକ୍ଷା ପ୍ରଦାନ କରାଯାଇ ଅବିକଶିତ ଶିଶୁମାନଙ୍କର ଭୟାଭୟ ବାସ୍ତବିକତା ଉପରେ ଜ୍ଞାନ ଦିଆଯାଇଥିଲା। ପରେ କୁପୋଷଣର ଦୂରୀକରଣକୁ ନେଇ ବିଦ୍ୟାର୍ଥୀଙ୍କ ମଧ୍ୟରେ ଚିତ୍ରକଳା, ରଚନା ଓ ପୌଷ୍ଟିକ ଆହାର ପରିବେଷଣ, କୁଇଜ ଖେଳ ସ୍ଲୋଗାନ ପ୍ରତିଯୋଗିତା ସହ ପୋଷଣ ଅଭିଯାନ ଉପରେ ସୁନ୍ଦର ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

# ମଧୁବାବୁ ଥିଲେ ସମବାୟ ପ୍ରତିଷ୍ଠାର ଅଗ୍ରଦୂତ

ସୁନ୍ଦରଗଡ,୨୮।୪(ଜୟ ନାରାୟଣ ମେଣ୍ଡୁଲି)

ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ସୁରକ୍ଷା ସହ ସମବାୟ ପ୍ରତିଷ୍ଠାର ଅଗ୍ରଦୂତ ଥିଲେ। ଓଡ଼ିଆ ଜାତିର ଆର୍ଥିକ ଉନ୍ନତି ପାଇଁ ସେ ଥିଲେ ଶତତ ଚେଷ୍ଟିତ। ସୋମବାର ଜିଲା ସମବାୟ ବିଭାଗ ଆନୁକୂଲ୍ୟରେ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ସୁନ୍ଦରଗଡ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସ୍ଥିତ ସଭା ଗୃହରେ ଆୟୋଜିତ ସମବାୟ ଆନ୍ଦୋଳନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭୂମିକା ଉପରେ ଆୟୋଜିତ ଜିଲା ସ୍ତରୀୟ ଆଲୋଚନା ଚକ୍ରରେ ଯୋଗଦେଇ ବକ୍ତା ଏହା ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ସମବାୟ ଅଧିକାରୀ ଉମାଶଙ୍କର ଦାସ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଉପ ସଭାପତି କାମିନୀ ମହାପାତ୍ର, ମୁଖ୍ୟ କାର୍ଯ୍ୟ ନିର୍ବାହୀ ରବିନ୍ଦ୍ରନାଥ କାଲୁଣ୍ଡିଆ, ୟୁନିଅନ ସଭାପତି ପ୍ରଦ୍ୟୁମ୍ନ ନନ୍ଦ, ନାର୍ବାଡର ଡିଡିଏମ ତାପସ ବେହେରା, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ବରିଷ୍ଠ ସହକାରୀ ନିବନ୍ଧକ ମୋହନ ଚନ୍ଦ୍ର ପ୍ରଧାନ ଓ ସହକାରୀ ନିବନ୍ଧକ ଅମନ କୁମାର ମଣ୍ଡଳ, ସହକାରୀ ମହା ସମୀକ୍ଷକ ଚୈତନ୍ୟ ବେମାଲ ବକ୍ତାଭାବେ ଅଧାପିକା ସୁସ୍ମିତା ଭୋଇ, ସହକାରୀ ପ୍ରଧାପକ ନୂତନ ଖମାରୀ ଯୋଗଦେଇଥିଲେ। ପ୍ରଦ୍ୟୁମ୍ନ ନନ୍ଦ ଏହାକୁ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ମଧୁ ବାବୁଙ୍କର ପ୍ରଥମ ଓଡ଼ିଆ ଭାବେ ସମବାୟ ପ୍ରତି ଅବଦାନ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଉତ୍କଳ ଭାଷା, ସାହିତ୍ୟ ପ୍ରଚାର ପ୍ରସାର ଠୁ ଆରମ୍ଭ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପର୍ଯ୍ୟନ୍ତ ତାଙ୍କ ଅବଦାନ ଉପରେ ବିଶେଷ ଆଲୋଚନା ହୋଇଥିଲା। ଏହି ଅବସରରେ ଏସଏଚଜିକୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ନିମନ୍ତେ ମହିଳା ଶାଖା ଓ ବିଶ୍ରା ଲାମ୍ପସକୁ ପୁରସ୍କୃତ କରାଯାଇଥିଲା। ସମବାୟବିତଭାବେ ସନ୍ଧ୍ୟାରାଣୀ ନାୟକ, ବିମଳ ପଟେଲଙ୍କୁ ପୁରସ୍କୃତ କରାଯାଇଥିଲା। ଓଏମକେୟୁୱାଇ କ୍ଷେତ୍ରରେ ପଲିହାଉସ ମାଧ୍ୟମରେ ପନିପରିବା ଚାଷ ପାଇଁ ୩୭.୫ ଲକ୍ଷ ଋଣ ସମବାୟ ବ୍ୟାଙ୍କ ମାଧ୍ୟମରେ ସନ୍ତୋଷ କୁମାର ଜୈଶୱାଲଙ୍କୁ ପ୍ରଦାନ କରାଯାଇଥିଲା। ପହଲଗାମଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବ୍ୟାଙ୍କର ନିର୍ଦ୍ଦେଶକ ଜଟିଆ ମୁଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ସୁଦର୍ଶନ ତାଜନ ଓ ସାଥୀ ପାଲା ମାଧ୍ୟମରେ ସମବାୟ ଆନ୍ଦୋଳନ ଓ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଉତ୍ତମ ଭୋଇ ହତ୍ୟା ଘଟଣାର ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୨୮।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଚେରୁଆପରେ ଗତ ଘଟିଥିବା ଉତ୍ତମ ଭୋଇ(୧୯) ହତ୍ୟା ଘଟଣାର ଅଭିଯୁକ୍ତ ଜଗତ ବଗର୍ତ୍ତୀ ଓରଫ କାହ୍ନା(୨୩)ଙ୍କୁ ପୋଲିସ ରବିବାର ରାତିରେ ଗିରଫ କରିଛି। ଏ ନେଇ ଟାଉନ ଥାନାରେ ଭାରତୀୟ ନ୍ୟାୟ ସଂହିତା ଦଫା ୧୦୩(୧)ରେ ଏକ ମାମଲା(ନଂ.୧୩୭/୨୫)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏସ୍‌ଡିଜେଏମ କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ଶନିବାର ରାତି ପ୍ରାୟ ୮ଟାରେ ଚେରୁଆପରେ କୌଣସି କଥାକୁ ନେଇ କେତେଜଣ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସାଙ୍ଗମାନଙ୍କ ମଧ୍ୟରେ ହେଉଥିବା ଗଣ୍ଡଗୋଳର ସମାଧାନ କରିବାକୁ ପ୍ରୟାସ କରି କ୍ଷେତରାଜପୁର ଥାନା ଅନ୍ତର୍ଗତ ଫାର୍ମରୋଡ ଟେଲିକମ କଲୋନୀ ବାସିନ୍ଦା ଶ୍ରୀରମ ଭୋଇଙ୍କ ପୁତ୍ର ଉତ୍ତମ ଭୋଇ ବିଫଳ ହୋଇଥିଲେ। ଏହାବାଦ ନିକଟରେ ଥିବା ହାଉସିଂବୋର୍ଡ କଲୋନୀ କ୍ରିକେଟ ପଡ଼ିଆରେ ବସି ସାଙ୍ଗମାନଙ୍କ ସହିତ କଥାବାର୍ତ୍ତା କରୁଥିଲେ। ଏହି ସମୟରେ ଅଭିଯୁକ୍ତ କାହ୍ନା ପୂର୍ବ ଶତ୍ରୁତାରୁ ପ୍ରତିଶୋଧ ପରାୟଣ ହୋଇ ଉତ୍ତମଙ୍କୁ ଏକ ଛୁରିରେ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ରେଲ୍‌ୱେ ସାଇଡିଂ ବିବାଦର ଅବସାନ

### ଏନ୍‌ଓସି ପାଇଁ ଗ୍ରାମସଭାରେ ପାରିତ ହେଲା ପ୍ରସ୍ତାବ

**କୁଚିଣ୍ଡା,୨୮।୪(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ବାମରା ବ୍ଲକ ସଗରାଠାରେ ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ କମ୍ପାନୀ ପକ୍ଷରୁ ବିନା ଏନଓସି(ଆପତ୍ତି ବିହୀନ ସାର୍ଟିଫିକେଟ)ରେ ରେଲୱେ ସାଇଡିଂ ନିର୍ମାଣକୁ ନେଇ ସଗରା ପଞ୍ଚାୟତରେ ଲାଗିରହିଥିବା ବିବାଦର ଅବସାନ ଘଟିଛି। ଏନଓସି ପାଇଁ ଗ୍ରାମସଭାରେ ପ୍ରସ୍ତାବ ପାରିତ ହୋଇ ପରବର୍ତ୍ତୀ ପଦକ୍ଷେପ ପାଇଁ ସରପଞ୍ଚଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସଗରା ରାଜୀବ ଭବନରେ ସରପଞ୍ଚ ଗୋଲାପି ବାଘଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ପୋଲିସର କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସକାଳ ୮ଟାରେ ଆରମ୍ଭ ହୋଇଥିବା ଏହି ସଭାରେ ଉପସ୍ଥିତ ଜନସାଧାରଣଙ୍କ ତରଫରୁ ୩୫ଜଣଙ୍କ ମତାମତ ନିଆଯାଇଥିଲା। ଏହାକୁ ନେଇ ରେଲୱେ ସାଇଡିଂ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା।

ଲୋକଙ୍କ ଯୁକ୍ତି ଥିଲା ୨୦୨୧ରୁ ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ କମ୍ପାନୀ ଗ୍ରାମସଭାର ବିନା ଏନଓସିରେ ତାର ନିର୍ମାଣ କାମ ଆରମ୍ଭ କରିଛି। ଏଭଳି ବେଆଇନ ନିର୍ମାଣ ଦ୍ୱାରା ଜଙ୍ଗଲ ନଷ୍ଟ ହୋଇ ରାସ୍ତାଘାଟ ଖରାପ ହେବା, ପରିବେଶ ପ୍ରଦୂଷଣ ସାଙ୍ଗକୁ ଚାଷଜମି ନଷ୍ଟହେବା ଆଦି ଉପରେ ଗ୍ରାମବାସୀ ପ୍ରଶ୍ନ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ରେଲୱେ ସାଇଡିଂ ପାଇଁ ଥିବା ସରକାରୀ ସର୍ତ୍ତାବଳୀ ଉପରେ ଆଲୋଚନା ହୋଇ ପରେ ଗ୍ରାମସଭା କରାଯିବାକୁ ଲୋକେ ଜିଦ ଧରିଥିଲେ। ଦୀର୍ଘ ସମୟର ବାଦବିବାଦ ପରେ ଉପସ୍ଥିତ ଅଧିକାରୀଙ୍କ ଦ୍ୱାରା ଏନଓସି ଉପରେ ଭୋଟ ଗ୍ରହଣ କରାଯାଇଥିଲା। ଗ୍ରାମସଭାରେ ଉପସ୍ଥିତ ୨୭୬ଜଣଙ୍କୁ ନେଇ ଭୋଟ କରାଯାଇଥିଲା। ତନ୍ମଧ୍ୟରୁ ୨୪୧ଜଣ ଏଥିରେ ଅଂଶଗ୍ରହଣ କରିଥିଲେ। ୧୩୭ ଜଣ ଏନଓସି ସପକ୍ଷରେ ମତ ଦେଇଥିବା ବେଳେ ୧୦୪ଜଣ ବିପକ୍ଷରେ ମତ ରଖିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଦିଲୀପ ପ୍ରଧାନ, ସମିତି ସଭ୍ୟ ହାବିଲ ଏକ୍କା, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ନାଏବ ସରପଞ୍ଚ ଦିଲୀପ ସାହୁ, ପିଇଓ ପ୍ରବୀଣ ଛୁରିଆ, ଜିପିଇଓ ଗଗନ ବିହାରୀ ପଟେଲ, ରାଜସ୍ୱ ନିରୀକ୍ଷକ ଦେବାଶିଷ ପଣ୍ଡାଙ୍କ ସମେତ ୱାର୍ଡ ସଭ୍ୟା ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପାଇଁ କୁଚିଣ୍ଡା ଏସଡିପିଓ ପ୍ରଦୀପ ଦାସ, ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର ବେହେରା, କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ,ଜମନକିରା ଆଇଆଇସି ପଦ୍ମାଳୟା ସାହୁ, ମହୁଲପାଲି ଥାନା ଅଧିକାରୀ ସୁମିତ ଫିରୋଜ ଏକ୍କାଙ୍କ ସମେତ ବହୁସଂଖ୍ୟକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଏନଓସି ପାଇଁ ଗତ ଫେବୃୟାରୀ ୨୩ରେ ସରପଞ୍ଚ ଗ୍ରାମସଭା ଡାକିଥିଲେ ହେଁ ପରବର୍ତ୍ତୀ ସମୟରେ ପଞ୍ଚାୟତ ପକ୍ଷରୁ ଏହାକୁ ବାତିଲ କରାଯାଇଥିଲା।

ସୁନ୍ଦରଗଡ ଜିଲାର କୁତ୍ରାରୁ ସଗରା ରେଳ ଷ୍ଟେଶନ ଦୂରତା ୧୨କି.ମି। ଟ୍ରେନରୁ କୋଇଲା ପଥର କୁତ୍ରା ପ୍ଲାଣ୍ଟକୁ ଯିବା ଓ ସେଠାରୁ ନିର୍ଗତ କ୍ଲିଙ୍କର ପାଉଁଶ ଆସି ପୁଣି ଟ୍ରେନରେ ପରିବହନ କରିବା ଉଦ୍ଦେଶ୍ୟରେ ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ କମ୍ପାନୀ ଏଠାରେ ରେଲୱେ ସାଇଡିଂ ନିର୍ମାଣ କରୁଥିବାରୁ ଲୋକେ ଏହାକୁ ବିରୋଧ କରିଥିଲେ। ସଗରାରେ ସାଇଡିଂ ହେବା ଦ୍ୱାରା ପରିବେଶ ପ୍ରଦୂଷଣ ସହ ଜଙ୍ଗଲନଷ୍ଟ ହୋଇ ପଞ୍ଚାୟତ ଅଧୀନ ଗ୍ରାମଗୁଡିକ ପ୍ରଭାବିତ ହେବା ଆଶଙ୍କା କରି ଲୋକେ ଏହାକୁ ବିରୋଧ କରିଆସୁଥିଲେ। ଏନଓସି ନଥିବାରୁ ରେଲୱେ ସାଇଡିଂ ପାଇଁ କମ୍ପାନୀ ଇଡକୋକୁ ପ୍ରାୟ ସାଢେ ୮ଏକର ଜମି ଲିଜ ଆବେଦନ କରିଥିଲେ ହେଁ ତହସିଲ ପକ୍ଷରୁ ଏହାର ଅଗ୍ରଗତି ହୋଇ ପାରୁ ନ ଥିଲା।



ସରପଞ୍ଚଙ୍କ ସହ ଗ୍ରାମସଭାରେ ଉପସ୍ଥିତ ଅଧିକାରୀ।

## ପୋଲ ଉପରେ ବାହାରି ପଡିଛି ଲୁହାପ୍ଲେଟ

**ନାକଟିଦେଉଳ, ୨୮।୪(ବୈକୁଣ୍ଠନାଥ ସାହୁ)**

ରାସ୍ତା ମଝିରେ ପୋଲ ଉପରେ ବାହାରି ପଡିଛି ଲୁହା ପ୍ଲେଟ। ଏଥିଯୋଗୁ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ରାସ୍ତା ଉପରେ ଏପରି ଲୁହା ପ୍ଲେଟ ବାହାରି ଥିବାରୁ ବହୁ ସମୟରେ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟିଦେଉଳ-ବାଟଗାଁ ରାସ୍ତାରେ । ଦୀର୍ଘ ଦିନ ହେଲା ରାସ୍ତା ମଝିରେ ଏହି ଲୁହା ପ୍ଲେଟ ବାହାରି ବିପଦକୁ ଆମନ୍ତ୍ରଣ କରୁଥିଲେ ସୁଦ୍ଧା ବିଭାଗ ପକ୍ଷରୁ ଆଜି ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ନିଆ ଯାଇନାହିଁ। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥର ଅଂଶବିଶେଷ ନାକଟିଦେଉଳ -ବାଟଗାଁ ରାସ୍ତାର ଶ୍ରୀଗିଡା ନାଳ ଉପରେ ଜାତୀୟ ରାଜପଥ ପକ୍ଷରୁ ରାସ୍ତା ସହିତ ପୋଲ କାର୍ଯ୍ୟ କରାଯାଇଥିଲା। ଦୀର୍ଘ ବର୍ଷ ହେଲା ନିର୍ମାଣ କରାଯାଇଥିଲେ ମଧ୍ୟ ଗତ ୪ ଦିନ ହେଲା ପୋଲ ଉପରେ ରାସ୍ତା ମଝିରେ ପୋଲର ଏକ ସ୍ଥାନରୁ ସେଣ୍ଟ୍ରିଂ ସମୟରେ ବ୍ୟବହୃତ ଏକ ଲୁହା ପ୍ଲେଟ ବାହାରକୁ ବାହାରି ପଡିଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଏଥିରେ ଛନ୍ଦି ହୋଇ କ୍ଷତାକ୍ତ ହେଉଛନ୍ତି। ଲୁହା ପ୍ଲେଟ ବାହାରିବାର ୪ ଦିନ ବିତିଥିଲେ ମଧ୍ୟ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଜାତୀୟ ରାଜପଥ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।



ପୋଲରେ ବାହାରି ରହିଥିବା ଲୁହାପ୍ଲେଟ।

## ବିଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର କର




ହିନ୍ଦୁ ଆକ୍ରୋଶ ରାଲିରେ ସାମିଲ କର୍ମକର୍ତ୍ତା।

**ସମ୍ବଲପୁର,୨୮।୪(ଭବାନୀ ଶଙ୍କର ଭୋଇ)**

ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟଣା ବିରୋଧରେ ସୋମବାର ସମ୍ବଲପୁର ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ହିନ୍ଦୁ ଆକ୍ରୋଶ ରାଲି ଅନୁଷ୍ଠିତ ହୋଇଥିଲା । ଲକ୍ଷ୍ମୀ ଟକିଜ ଛକରୁ ଜିଲାପାଳ କାର୍ଯ୍ୟାଳୟ ଯାଏ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ଏକ ସଭା ହୋଇଥିଲା। ସମନ୍ୱୟ ସମିତି ସଭାପତି ତଥା ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ନାଉରୀ ନାଏକ, ସମିତି ସଂଯୋଜକ ଜୟବ୍ରତ ଦେ, ଉପସଭାପତି ଡ଼. ପ୍ରମୋଦ ରଥ, ସମ୍ପାଦକ ରାଜୀବ ଶତପଥୀ, ପ୍ରଚାର ପ୍ରମୁଖ ସୁଶାନ୍ତ କୁମାର ପୁରୋହିତ, ବଜରଙ୍ଗ ଦଳର ପଶ୍ଚିମ ପ୍ରାନ୍ତ ପ୍ରମୁଖ ରାମଚନ୍ଦ୍ର ନାଏକ, ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ପ୍ରାନ୍ତ ସଙ୍ଗଠନ ମହାମନ୍ତ୍ରୀ ସତ୍ୟ ନାରାୟଣ ଥାନାପତି ଉଦ୍‌ବୋଧନ ଦେଇଥିଲେ। ଦେଶରେ ହିନ୍ଦୁମାନଙ୍କ ପ୍ରତି ହେଉଥିବା ଆକ୍ରମଣ ଘଟଣାକୁ ସଭାରେ ନିନ୍ଦା କରାଯାଇଥିଲା। ଆତଙ୍କବାଦୀଙ୍କୁ ସହାୟତା କରୁଥିବା ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏହାସହ ପଶ୍ଚିମବଙ୍ଗରେ ବାଂଲାଦେଶୀ ଅନୁପ୍ରବେଶକାରୀ ସ୍ଥାନୀୟ ଅସାମାଜିକ ତତ୍ତ୍ୱଙ୍କ ସହିତ ମିଶି ବର୍ବର କାଣ୍ଡ ବିଶେଷକରି ହିନ୍ଦୁ ମହିଳାଙ୍କ ବିରୋଧରେ ଅପରାଧ ଘଟାଉଥିବା ନେଇ ଆକ୍ରୋଶ ପ୍ରକଟ କରାଯାଇଥିଲା। ସେହିପରି ସମ୍ବଲପୁର, ଝାରସୁଗୁଡା, ବରଗଡ଼ ଏବଂ ଦେବଗଡ ଜିଲାରେ ଅବୈଧ ବସତି ସ୍ଥାପନ କରି ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶାନ୍ତର କରିବା ପାଇଁ ଏକ ସ୍ୱତନ୍ତ୍ର ଜାତୀୟ ଅଭିଯାନ ଆରମ୍ଭ କରିବାକୁ ଦାବି କରାଯାଇଥିଲା। ପରେ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଭାକୁ ସମୀର ରଞ୍ଜନ ବାବୁ ପରିଚାଳନା କରିଥିଲେ।

## ଜିଲାପାଳ ଅଫିସ ସମ୍ମୁଖରେ ସିପିଆଇର ବିକ୍ଷୋଭ

**ସମ୍ବଲପୁର,୨୮।୪(ଭବାନୀ ଶଙ୍କର ଭୋଇ)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ସୋମବାର ସାମ୍ପ୍ରତିକ ଜନଜୀବନ ସମସ୍ୟା ଓ ତା'ର ପ୍ରତିକାର ପାଇଁ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିପିଆଇ ଜିଲା ସମ୍ପାଦକ ଏନ.ଗୋପାଳଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସୁଧାଂଶୁ ଶେଖର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ନିୟନ୍ତ୍ରଣ, ନିର୍ବାଚନ ପୂର୍ବରୁ ଭାଜପା ଦେଇଥିବା ପ୍ରତିଶ୍ରୁତି ମୁତାବକ ସମସ୍ତ ଉପଭୋକ୍ତାଙ୍କୁ ୩୦୦ୟୁନିଟ ବିଦ୍ୟୁତ୍ ବିଲ୍ ଛାଡ଼ କରିବା ଓ ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା ଆଦ ଦାବି ରହିଥିଲା। ଏହାସହ କୃଷିଋଣ ଛାଡ଼ ଓ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। ଖାଦ୍ୟ ସୁରକ୍ଷା ଆଇନରେ ସମସ୍ତ ପରିବାରକୁ ରାସନ କାର୍ଡ ପ୍ରଦାନ କରି ୬୦ବର୍ଷରେ ପଦାର୍ପଣ କରିଥିବା କୃଷକ, ଶ୍ରମିକ, ଖଟିଖିଆ ମେହନତୀ ମଣିଷକୁ ମାସକୁ ୧୦ହଜାର ଟଙ୍କା ପେନସନ ପ୍ରଦାନ ପାଇଁ ଦଳ ଦାବି କରିଥିଲା। ଆୟୁଷ୍ମାନ ଭାରତ ଯୋଜନାରେ ରହିଥିବା ସମସ୍ତ ତ୍ରୁଟି ସଂଶୋଧନ କରି ପରିବାରର ସମସ୍ତ ସଦସ୍ୟଙ୍କୁ ଗୋଟିଏ କାର୍ଡରେ ଅନ୍ତର୍ଭୁକ୍ତ କରବା, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ ରୋଜଗାର ଆଇନରେ ସହରାଞ୍ଚଳ, କୃଷିକ୍ଷେତ୍ର ଏବଂ ବେକାର ଯୁବତୀଯୁବକଙ୍କୁ ଏଥିରେ ସାମିଲ କରି ଦୈନିକ ମଜୁରି ୬୦୦ଟଙ୍କାକୁ ବୃଦ୍ଧି କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କ୍ଷିରୋଦ ସିଂଦେଓ, ଅରୁଣ ଖୁଣ୍ଟିଆ, ଜଗନ୍ନାଥ ପଣ୍ଡା, ସହ ସମ୍ପାଦିକ ସରୋଜିନୀ ଆଚାର୍ଯ୍ୟ, ମିତ୍ରଭାନୁ ପୋଢ, ସୁଦାମ ଚନ୍ଦ୍ର ଆଚାର୍ଯ୍ୟ, ପ୍ରତିକ୍ଷା ସୋହେଲା, ରଶ୍ମିତା ଜଗଦଲା ପ୍ରମୁଖ ଉପସ୍ଥିତ ଥିଲେ।




ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଉଥିବା ସିପିଆଇ ପ୍ରତିନିଧି ଦଳ।

## ପର୍ଶୁରାମ ଜୟନ୍ତୀରେ ବାହାରିବ ଭବ୍ୟ ଶୋଭାଯାତ୍ରା




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜ କର୍ମକର୍ତ୍ତା।

**ସମ୍ବଲପୁର, ୨୮।୪(ପ୍ରମୋଦ ବହିଦାର)**

ପଶ୍ଚିମ ଓଡିଶା ବ୍ରାହ୍ମଣ ସମାଜ ପକ୍ଷରୁ ଆସନ୍ତା ୩୦ ତାରିଖ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ଉତ୍ସବ ପାଳିତ ହେବ। ଏହି ପରିପ୍ରେକ୍ଷୀରେ ଏକ ଭବ୍ୟ ଶୋଭାଯାତ୍ରା ନଗର ପରିକ୍ରମା କରିବ। ସମ୍ବଲପୁର ପୌର ପରିଷଦ ଛକ ନିକଟ ସାମ୍ବାଦିକ ଭବନରେ ସୋମବାର ପୂର୍ବାହ୍ନରେ ବ୍ରାହ୍ମଣ ସମାଜ ମୁଖ୍ୟ ସଂଯୋଜକ ବେଣୁଧର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ସମାଜର ମୁଖ୍ୟ ସଂଯୋଜକ ଦାଶ ଓ ପର୍ଶୁରାମ ଜୟନ୍ତୀ କମିଟି ସଂଯୋଜକ ନିଶିକାନ୍ତ ବିଶ୍ୱାଳ ମିଳିତଭାବେ ଜୟନ୍ତୀ ଉତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ସେମାନଙ୍କ ସୂଚନା ଅନୁସାରେ ଅକ୍ଷୟ ତୃତୀୟା ଦିନ ସକାଳ ୮ଟାରେ ବୈଦ୍ୟନାଥ ଛକ ସ୍ଥିତ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତିରେ ପୂଜନ ହେବ। ଏହାବାଦ ଏଠାରୁ ଘଣ୍ଟ, ଶଙ୍ଖବାଦ୍ୟ ମଧ୍ୟରେ ସଂକୀର୍ତ୍ତନ ମଣ୍ଡଳୀ ସହିତ ଏକ ଶୋଭାଯାତ୍ରା ବାହାରି ନୃସିଂହ ଗୁରୁ ଟାଉନ୍ ହାଇସ୍କୁଲ, କଂସାରୀପଡ଼ା, ମହାନ୍ତିପଡ଼ା, ନନ୍ଦପଡ଼ା ଦେଇ ନଗର ପରିକ୍ରମା ପୂର୍ବକ ଝାଡୁଆପଡ଼ାସ୍ଥିତ ବ୍ରହ୍ମପୁରା ମନ୍ଦିରରେ ପହଞ୍ଚିବ। ସେଠାରେ ବ୍ରହ୍ମପୁରା ମହାପ୍ରଭୁଙ୍କ ବିଧିବିଧାନରେ ପୂଜାର୍ଚ୍ଚନା କରାଯିବ। ଏହି ଅବସରରେ ବ୍ରାହ୍ମଣ ସମାଜର ବରିଷ୍ଠ ଉପଦେଷ୍ଟା ରାମେଶ୍ୱର ପୁରୋହିତ ସମାଜ ଗଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ମିଡିଆ ସଂଯୋଜକ ବ୍ୟୋମକେଶ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସମାଜ ଆବାହକ ଦେବାଶିଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜ କାର୍ଯ୍ୟକାରୀ ଅଧ୍ୟକ୍ଷ ଫଣିନ୍ଦ୍ର ପଣ୍ଡା, ସୌରଭ ରଞ୍ଜନ ମହାପାତ୍ର, ଅରବିନ୍ଦ ମହାପାତ୍ର, ତୃପ୍ତି ପଣ୍ଡା, ବସନ୍ତ ମିଶ୍ର ଓ ବ୍ରହ୍ମପଣ୍ଡିତ ମହାସଭା ସଭାପତି ରବିନାରାୟଣ ପଣ୍ଡା ଉପସ୍ଥିତ ଥିଲେ।

## କୁଚିଣ୍ଡା ଭାଜପା ପକ୍ଷରୁ ମଧୁ ଜୟନ୍ତୀ ପାଳିତ

**କୁଚିଣ୍ଡା,୨୮।୪(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା ଭାଜପା ନଗର ମଣ୍ଡଳ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। କୁଚିଣ୍ଡା କୋର୍ଟପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପୂର୍ତ୍ତବିଭାଗ ଡାକବଙ୍ଗଳାରେ କୁଚିଣ୍ଡା ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ବରିଷ୍ଠ ଆଇନଜୀବୀ ଶୈଳେନ୍ଦ୍ର ନାୟକ ମଧୁ ବାବୁଙ୍କ ଜୀବନୀ ଉପରେ କହିଥିଲେ। ଏମ୍‌ପି ପ୍ରତିନିଧି ଅରୁଣ ଅଗ୍ରୱାଲ, ପୂର୍ବତନ ନଗର ସଭାପତି କାହ୍ନୁଚରଣ ନାୟକ, ଶୁଶିଲ ଅଗ୍ରୱାଲ, ସଚ୍ଚିଦାନନ୍ଦ ଶର୍ମା, ମହେଶ ରାୟ, କୁମାରେଶ ଦଶଭାୟା, କୁଞ୍ଜଲତା ନାଏକ, ଗାୟତ୍ରୀ ଚାଲାନ, ପୁଷ୍ପାଞ୍ଜଳି ପଟେଲଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

## ସମ୍ଭାଗସ୍ତରୀୟ ବାସ୍କେଟ୍‌ବଲ ପ୍ରତିଯୋଗିତା

**ସମ୍ବଲପୁର,୨୮।୪(ବି.ଶଙ୍କର)**

ଭୁବନେଶ୍ୱର ସମ୍ଭାଗସ୍ତରୀୟ ବସ୍କେଟ୍ ବଲ କ୍ରୀଡା ଉତ୍ସବ ସମ୍ବଲପୁରସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ ଖେଳ ପଡିଆରେ ରବିବାର ଅପରାହ୍ନ ୫ଟାରେ ଉଦ୍‌ଯାପିତ ହୋଇଛି। କ୍ରୀଡା ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର କେନ୍ଦ୍ରିୟ ବିଦ୍ୟାଳୟ ଅଧ୍ୟକ୍ଷ ରଣରଞ୍ଜୟ ସିଂହ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷ ବଳରାମ ମିଶ୍ର, ପ୍ରଧାନଶିକ୍ଷକ ଚକ୍ରଧର ଦେହୁରୀ, ସେକେଣ୍ଡାରୀ ବିଭାଗର ଖେଳ ପ୍ରଭାରୀ ସୋନାଲି କିସ୍ପୋଟା ଓ ପ୍ରାଥମିକ ବିଭାଗର ଖେଳ ପ୍ରଭାରୀ ସୁଦାମ ଚରଣ ଭୋଇ ଯୋଗଦେଇଥିଲେ । ପ୍ରମୋଦ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ଏହି କ୍ରୀଡା ପ୍ରତିଯୋଗୀତାରେ ଭୁବନେଶ୍ୱର ସମ୍ଭାଗର ୧୨ଟି କେନ୍ଦ୍ରୀୟ ବିଦ୍ୟାଳୟରୁ ୧୫୪ ଜଣ କ୍ରୀଡା ପ୍ରତିଭାଗୀ, ୧୭ ଜଣ ଅନୁରକ୍ଷଣ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସୁକାନ୍ତ ଧର, ସଙ୍ଗମ ନାୟକ, ଭି. ନାଗେଶ୍ୱର ରାଓ ଓ ଗୌତମ ଗଜପତି, ଆର୍ଯ୍ୟନ ସିଂହ ଓ ଚିରଞ୍ଜିତ କରନ ଖେଳ ପରିଚାଳନା କରିଥିଲେ। ୧୪ ବର୍ଷରୁ କମ ବାଳିକା ଓ ବାଳକ ବର୍ଗରେ ବ୍ରହ୍ମପୁର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ, ପୁରୀ କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱିତୀୟ, ସମ୍ବଲପୁର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ବାଳକ ବର୍ଗରେ ସମ୍ବଲପୁର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ଦ୍ୱିତୀୟ ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୨ ତୃତୀୟ ସ୍ଥାନରେ ହାସଲ କରିଥିଲେ। ୧୭ବର୍ଷରୁ କମ୍ ବାଳିକା ବର୍ଗରେ ପୁରୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ, ସମ୍ବଲପୁର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୨ ଦ୍ୱିତୀୟ, ସମ୍ବଲପୁର ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ତୃତୀୟ ସ୍ଥାନରେ ରହିଥିଲେ। ବାଳକ ଶ୍ରେଣୀରେ ପୁରୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ, କଟକ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ଦ୍ୱିତୀୟ ଓ ଗୋପାଳପୁର କେନ୍ଦ୍ରୀୟ ବିଦ୍ୟାଳୟ ତୃତୀୟ ସ୍ଥାନରେ ଥିଲେ ।




ବାସ୍କେଟ୍ ବଲ କ୍ରୀଡା ଉତ୍ସବରେ ଅତିଥିଙ୍କ ସହ କୃତୀ ଖେଳାଳିମାନେ।

## ଘିକୁଣ୍ଡି ଯୋଦ୍ଧା ଚାମ୍ପିୟନ

### ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ସମ୍ବଲପୁର,୨୮।୪(ବି.ଶଙ୍କର)**

ସମ୍ବଲପୁର କବାଡ଼ି କ୍ଲବ ଓ ସମ୍ବଲପୁର ବଏଜ ମିଳିତ ଆୟୋଜିତ ଦ୍ୱିତୀୟ ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ(ଏସ୍‌କେପିଏଲ) ରବିବାର ରାତି ୧୦ଟା ୩୦ରେ ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ସମ୍ବଲପୁର କବାଡି ପ୍ରିମିୟର ଲିଗରେ ମା' ଘିକୁଣ୍ଡି ଯୋଦ୍ଧା ଚାମ୍ପିୟନ ଟ୍ରଫି ହାସଲ କରିଥିବା ବେଳେ ଅଯୋଧ୍ୟା ସରୋବର ରନର ଅପ ହୋଇଛି। ସମ୍ବଲପୁର କବାଡି କ୍ଲବ ସଭାପତି ସିଦ୍ଧାର୍ଥ ସାହାଙ୍କ ସଭାପତିତ୍ୱ ଓ ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲଚନ୍ଦ୍ର ପ୍ରଧାନ, ଏକେଏଫଆଇ ଯୁଗ୍ମ ସମ୍ପାଦକ ଜୟଶ୍ରୀ ସ୍ୱାଇଁ, ଓଡ଼ିଶା କବାଡି ଆସୋସିଏସନ ସମ୍ପାଦକ ଅଜୟ ବେହେରା, ଯୁକ୍ତ ସମ୍ପାଦକ ସୂର୍ଯ୍ୟ ମହାନ୍ତି ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଉନ୍ନତ ଖେଳ ପ୍ରଦର୍ଶନ ସକାଶେ ମା' ଘିକୁଣ୍ଡି ଯୋଦ୍ଧାର ଭୂପେନ ରାଉତଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଅଯୋଧ୍ୟା ସରୋବର ଦଳର ଖେଳାଳି ଆରିୟନ ମହାନନ୍ଦ ବେଷ୍ଟ ରିଡର ଓ ଜଗଦୀଶ ପରିଡା ବେଷ୍ଟ ଡିଫେଣ୍ଡର ଏବଂ ଘିକୁଣ୍ଡି ଯୋଦ୍ଧା ଖେଳାଳି ରୋଶନ ମହନ୍ତମଙ୍କୁ ବେଷ୍ଟ ଡ଼ିଫେଣ୍ଡର ଭାବେ ପୁରସ୍କୃତ କରାଯାଇଥିଲା। ଏଥିସହ ପଶ୍ଚିମାଞ୍ଚଳ ପାନ୍ଥର୍ସ ଦଳକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ଟ୍ରଫି ଦିଆଯାଇଥିଲା। ସେହିପରି ପ୍ରତିଯୋଗିତାରେ ବୁଢ଼ିମା ଟାଇଗର୍ସ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଘଣ୍ଟେଶ୍ୱରୀ ୱାରିୟର୍ସ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ପ୍ରକାଶ ସାହୁ, ସରୋଜ ସେଠୀ, କେ ମାଧବ ରାଓ, ସତ୍ୟପ୍ରକାଶ ଦାଶ, ଭାଗବତ ମହାନ୍ତି, ପପୁନ ମଲ୍ଲିକ, ଦିନେଶ ସତନାମୀ, ରାଜେଶ ସେଟ ମ୍ୟାଚ ପରିଚାଳନା କରିଥିଲେ। ଜଗବନ୍ଧୁ ବେହେରା ମ୍ୟାଚ କିମସନର ଥିଲେ। ସମ୍ବଲପୁର କବାଡି କ୍ଲବ ସମ୍ପାଦକ ଉମାପତି ତ୍ରିପାଠୀ, ଟୁର୍ନାମେଣ୍ଟ ଆୟୋଜନ କମିଟି ସଭାପତି ରବି ମୁଖି, ସମ୍ପାଦକ ଭଜନ ତରିଆ, ଅଭିନାଶ ମିତ୍ର, ବଚନ ବେରିହା, ଇନ୍ଦ୍ରଜିତ ବାଗ, ବିଭଲ ବେରିହା, ଅଭିନାଶ ବେହେରା ଓ ରାହୁଲ ଦାଶ ଟୁର୍ନାମେଣ୍ଟ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ପଶ୍ଚିମ ଓଡ଼ିଶାସ୍ତରୀୟ ଏହି ପ୍ରିମିୟର ଲିଗରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ୩ ଶହ କବାଡି ଖେଳାଳି, କୋଚ, ମ୍ୟାନେଜର ଟୁର୍ନାମେଣ୍ଟ ଆୟୋଜନରେ ସାମିଲ ହୋଇଥିଲେ।




ଟ୍ରଫି ସହ ଚାମ୍ପିୟନ ଘିକୁଣ୍ଡି ଯୋଦ୍ଧା ଦଳର ଖେଳାଳିମାନେ।

# ଗଛ ପଡ଼ି ସେବାଶ୍ରମ ପାଚେରି ଭାଙ୍ଗିଲା

ଲାଠୋର,୨୮।୪(ଭୁବନେଶ୍ୱର ବାରିକ)

ସୋମବାର ଗଛପଡି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତ ସଦର ଗ୍ରାମରେ ଥିବା ସେବାଶ୍ରମ ପାଚେରି ଭାଙ୍ଗିଯାଇଛି । ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଉକ୍ତ ସେବାଶ୍ରମରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ଦେବାର ବ୍ୟବସ୍ଥା ରହିଛି । ସେବାଶ୍ରମ ପାଚେରି ସମ୍ମୁଖ ମୁଖ୍ୟ ରାସ୍ତା କଡ଼ରେ ଏକ ବିରାଟ ନିମ ଗଛ ଥିଲା । ସନ୍ଧ୍ୟାରେ ଝଡତୋଫାନ ହେବାରୁ ଗଛଟି ପାଚେରି ଉପରେ ପଡ଼ି ଯାଇଥିଲା । ଫଳରେ ପାଚେରି ଭାଙ୍ଗିଥିଲେ ମଧ ଅନ୍ୟ କୌଣସି କ୍ଷତି ଘଟିନାହିଁ । ଏନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଯଦୁମଣି ଭୁଏଁଙ୍କୁ ପଚାରିବାରେ ଘଟଣା ବିଷୟରେ ଉପରସ୍ଥ ଅଧିକାରୀଙ୍କୁ ଅବଗତ କରିଛୁ ବୋଲି କହିଥିଲେ । ତେବେ ଯଥାଶୀଘ୍ର ଭାଙ୍ଗି ଯାଇଥିବା ପାଚେରି ନିର୍ମାଣ କରିବାକୁ ଦାବି ହେଉଛି ।

# ଲୋକଙ୍କୁ ଆଇନ ସେବା ଯୋଗାଇବା ଉପରେ ଗୁରୁତ୍ୱାରୋପ

## ବଲାଙ୍ଗୀର ବାର୍ ଆସୋସିଏଶନ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ

ବଲାଙ୍ଗୀର,୨୮।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ବାର୍ ହଲଠାରେ ମଧୁବାବୁଙ୍କ ଜୟନ୍ତୀ ଓ ଅଧିବକ୍ତା ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲା ଓକିଲ ସଂଘ ସଭାପତି ବାସୁଦେବ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ପେଶାଲ ଭିଜିଲାନ୍ସ ଜଜ୍ ମଳୟ ରଞ୍ଜନ ଦାଶ ଓ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର କିଟ୍ ସ୍କୁଲ ଅଫ୍ ଲ'ର ପ୍ରାଧ୍ୟାପକ ଡ. ସିଦ୍ଧାର୍ଥ ଶେଖର ଦାସ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଦାଶ ତାଙ୍କ ବକ୍ତବ୍ୟରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ମାନ୍ୟତା ପ୍ରଦାନ କରିବା ଦିଗରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହିବା ସହ ମଧୁବାବୁଙ୍କ ପ୍ରଗତିଶୀଳ ଚିନ୍ତାଧାରା ଓ ନ୍ୟାୟିକ ଆଭିମୁଖ୍ୟ ଉପରେ କହିଥିଲେ। ମକଦ୍ଦମା ପରିଚାଳନା କ୍ଷେତ୍ରରେ ମଧୁବାବୁ ନିଜ ମହକିଲ ପ୍ରତି ବ୍ୟବସାୟିକ ମନୋବୃତ୍ତି ନରଖି କିଭଳି ଉଦାର ମନୋଭାବ ପୋଷଣ କରିଥିଲେ ତାହା ସବୁଦିନ ସ୍ମରଣୀୟ ହୋଇରହିବ ବୋଲି କହିଥିଲେ। କୋର୍ଟରେ କାମ କରୁଥିବା ଓକିଲମାନେ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଡ. ଦାସ ତାଙ୍କ ବକ୍ତବ୍ୟରେ ସାମ୍ପ୍ରତିକ ସ୍ଥିତିରେ ଆଇନବୃତ୍ତିରେ କିଭଳି ବିଶ୍ୱସନୀୟତା ଅଣାଯାଇପାରିବ ଏବଂ ଆଇନର ସଫଳ ଉପଯୋଗ କରାଯାଇ ଅଧିକରୁ ଅଧିକ ଲୋକଙ୍କୁ କିଭଳି ଆଇନ ସହାୟତା ଯୋଗାଇ ଦିଆଯାଇ ପାରିବ ସେ ଉପରେ ତର୍ଜମା କରିଥିଲେ। ବରିଷ୍ଠ ଆଇନଜୀବୀ ପ୍ରମୋଦ ତ୍ରିପାଠୀଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ଓ ଜୟକୃଷ୍ଣ ସାହୁ ଅଧିବକ୍ତା ଦିବସର ତାତ୍ପର୍ଯ୍ୟ ଓ କାର୍ଯ୍ୟରତ ଓକିଲମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ । ଏହି ଅବସରରେ ଆଇନବୃତ୍ତିରେ ୫୦ରୁ ଊର୍ଦ୍ଧ୍ୱ ବର୍ଷ ଧରି କାର୍ଯ୍ୟ କରିଥିବା ୯ ଜଣ ବରିଷ୍ଠ ଆଇନଜୀବୀ ଶୁଭ୍ରାଂଶୁ ଶେଖର ମିଶ୍ର, ମୋତିରାମ ମାଝି, ଶରତ ଚନ୍ଦ୍ର ରଥ, ଲିଙ୍ଗରାଜ ପାଢ଼ୀ, କୃଷ୍ଣଚନ୍ଦ୍ର ରଣା, ଜଗନ୍ନାଥ ଆଚାର୍ଯ୍ୟ, ଗୋପାଳଚନ୍ଦ୍ର ପାଣିଗ୍ରାହୀ, ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ ଓ ପ୍ରକାଶ ପଟ୍ଟନାୟକଙ୍କୁ ସଂଘ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଓକିଲ ସଂଘ ସମ୍ପାଦକ ସଞ୍ଜୟ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜୟନ୍ତୀ ସମାରୋହକୁ ସଫଳ କରିବାରେ ସଂଘ ସମ୍ପାଦକ ସଞ୍ଜୟ ବଗର୍ତ୍ତୀ, ଉପସଭାପତି ସୁଧାଂଶୁ ଦେଓ, କାର୍ଯ୍ୟକାରୀ କମିଟି ସଭ୍ୟ ସରୋଜ ଗୁପ୍ତା, ଦୀପ୍ତି ଶର୍ମା, ଶଙ୍କର ପ୍ରସାଦ ମିଶ୍ର, ସବିତାରଣୀ ମିଶ୍ର ସହଯୋଗ କରିଥିଲେ।



ଜିଲା ଓକିଲ ସଂଘ ପକ୍ଷରୁ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

# ଗଛରେ ପିଟିହେଲା ବାଇକ୍: ଜଣେ ମୃତ

ଲୋଇସିଂହା,୨୮।୪(ସୁଶାନ୍ତ ବାରିକ)

ସୋମବାର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଭଇଁଶା– ମନହୀରା ରାସ୍ତାରେ ଏକ ବାଇକ୍ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବାନିପାଲି ଗ୍ରାମର ସୁଶାନ୍ତ ଚନ୍ଦନ । ପୋଲିସ ସୂଚନା ଅନୁଯାୟୀ, ଏକ ବାଇକ୍ ଯୋଗେ ସୁଶାନ୍ତ ଓ ଡିଲେଶ୍ୱର ବଗର୍ତ୍ତି ଭଇଁଶା– ମନହୀରାକୁ ଆସୁଥିଲେ। ହେଲେ କୌଣସି କାରଣରୁ ବାଇକ୍‌ଟି ଭାରସାମ୍ୟ ହରାଇ ମନହୀରା ସାପ୍ତାହିକ ବଜାର ନିକଟସ୍ଥ ବରଗଛରେ ପିଟି ହୋଇ ଯାଇଥିଲା। ଦୁର୍ଘଟଣା ଏତେ ଜୋର ଥିଲା ଯେ ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ମନହୀରା ଗାଁର ଡିଲେଶ୍ୱର ଗୁରୁତର ହେଇଥିଲେ। ଖବର ପାଇ ଲୋଇସିଂହା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି । ଆହତଙ୍କୁ ଲୋଇସିଂହା ଡ଼ାକ୍ତରଖାନାରେ ଚିକିତ୍ସା କରାଯାଉଛି।

# ଟଙ୍କପାଣି ପଞ୍ଚାୟତରେ ଜନଶୁଣାଣି ଶିବିର


ଟଙ୍କପାଣି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀଙ୍କ ଧାରଣା।

ଲାଠୋର,୨୮।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଖପ୍ରାଖୋଲ ସହକାରୀ ଯନ୍ତ୍ରୀ କୁଳମଣି ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ତହସିଲଦାର ସତ୍ୟପ୍ରକାଶ ରାଉତରାୟ,ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପରମେଶ୍ୱର ନାଏକ, ସିଡ଼ିପିଓ ଅମିତା ରାଣୀ ପଣ୍ଡା ଓ ସରପଞ୍ଚ ସୁନାଫୁଲ ବାଗ ଯୋଗ ଦେଇଥିଲେ । ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଅଧିବାସୀ ମୋଟ ୩୬ ଗୋଟି ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ଏମଜିଏନଆରଇଜିଏସ ଅଭିଯୋଗ ୮ ଗୋଟି, ବାର୍ଦ୍ଧକ୍ୟ ଭତ୍ତା ୯ ଟି, ନଳକୂପ ମରାମତି ଏବଂ ଖନନ ୫ ଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ ଗୋଟିଏ , ରାଶନ କାର୍ଡ ୭ ଟି ଏବଂ ସୁଭଦ୍ରା ଯୋଜନା ସମ୍ପର୍କିତ ଅଭିଯୋଗ ୬ ଗୋଟି ରହିଥିଲା । ଏହି ଅବସରରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଖେସିଂ ମାଝୀଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ବୁଝି ସହଯୋଗ କରିଥିଲେ । ତେବେ ଶିବିରରେ ଚାଷ ଜମି ଉନ୍ନତୀକରଣ କରି ଟଙ୍କା ପାଇ ନ ଥିବା ହିତାଧିକାରୀମାନେ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା । ଗତ ୨୦୨୧–୨୨ ମସିହାରେ ଟଙ୍କପାଣି ପଞ୍ଚାୟତର ବିଭିନ୍ନ ଗ୍ରାମର ହିତାଧିକାରୀଙ୍କୁ ଜମି ଉନ୍ନତୀକରଣ କାର୍ଯ୍ୟ ପାଇଁ ଏମଜିଏନଆରଇଜିଏସରେ ସାମିଲ କରାଯାଇ ଟଙ୍କା ମଞ୍ଜୁର କରାଯାଇଥିଲା । ହେଲେ ଅନେକ ହିତାଧିକାରୀ ଟଙ୍କା ପାଇ ନ ଥିବାରୁ ସେମାନେ ଖରାରେ ଧାରଣା ଦେଇଥିଲେ । ସେମାନଙ୍କୁ ବୁଝାଶୁଝା କରାଯାଇଥିଲେ ମଧ ସେମାନେ ଧାରଣାରୁ ଓହରି ନ ଥିଲେ ଓ ଏହାର ତଦନ୍ତ କରିବାକୁ ଦାବି କରିଥିଲେ । ଶେଷରେ ଉପସ୍ଥିତ ଅଧିକାରୀମାନେ ଘଟଣାର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ହିତାଧିକାରୀମାନେ ଧାରଣାରୁ ଉଠିଥିଲେ । ତେବେ ଉକ୍ତ ପଞ୍ଚାୟତ ଅଞ୍ଚଳରେ ସମୁଦାୟ କେତେ ଜଣ ହିତାଧିକାରୀଙ୍କୁ ଜମି ମରାମତି କରିବାକୁ କାର୍ଯ୍ୟାଦେଶ ଦିଆଯାଇଛି । ସେଥିମଧ୍ୟରୁ କେତେ ଜଣ ଟଙ୍କା ପାଇଛନ୍ତି , କେତେ ଜଣ ଟଙ୍କା ପାଇନାହାନ୍ତି ତାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି।

# ସଇଁତଲା ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳିତ



ସଭାରେ ଯୋଗଦେଇଥିବା ଅତିଥିଗଣ ।

ସଇଁତଲା,୨୮।୪ (ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରସ୍ଥିତ ଓକିଲ ସଭାଗୃହଠାରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଓକିଲ ସଂଘ ସଭାପତି ସୁବୋଧ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଭାଗ୍ୟଶ୍ରୀ ପତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ତହସିଲଦାର ଆଶିଶ ଏକ୍କା, ଆଇନଜୀବୀ ଏଚ.ତାଣ୍ଡି ଯୋଗ ଦେଇଥିଲେ । ମୁଖ୍ୟଅତିଥି ପତି ମଧୁବାବୁଙ୍କ ସମ୍ପର୍କରେ ଆଲୋକପାତ କରିବା ସହ ଓକିଲମାନେ ସମାଜର ଆଗଧାଡ଼ିର ଜଣେ ଜଣେ ସମାଜସେବୀ ବୋଲି କହିଥିଲେ । ନ୍ୟାୟପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ କହିଥିଲେ । ସଭାରେ ଓକିଲ ସଂଘ ଉପସଭାପତି ହିମାଂଶୁ ଶେଖର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଫିରୋଜ ବଗର୍ତ୍ତି ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ସହ–ସମ୍ପାଦକ ମନୋଜ ପୃଷେଠ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ମାଝୀ, ଦେବରାଜ ପଣ୍ଡା, ମାନଭଞ୍ଜନ ପାଣିଗ୍ରାହୀ, ସତ୍ୟ ନାରାୟଣ ସାହୁ, ଜ୍ୟୋତ୍ସ୍ନାରାଣୀ ବାଗ, ଯୁବରାଜ ରଣା, ଟୁନୁ ରାଜପାଲିଆ, କୁନା ନାଏକ, ଜପେଶ୍ୱର ଜାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର



ଶିବିରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

କଣ୍ଟାବାଞ୍ଜି,୨୮।୪(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ମାରୱାଡ଼ି ଯୁବା ମଞ୍ଚ ବିକାଶ ଶାଖା ପକ୍ଷରୁ ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର ସହଯୋଗରେ କଣ୍ଟାବାଞ୍ଜିସ୍ଥିତ ଗୁଜରାଟୀ ସମାଜ ଭବନଠାରେ ୨ ଦିନିଆ ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଯୋଗଦେଇ ମାରୱାଡି ଯୁବ ମଞ୍ଚର ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ନଗରପାଳ ବରୀୟାମ ସିଂହ ସାଲୁଜା, ଅନ୍ୟତମ ଅତିଥି ଭାବେ ମୁମ୍ବାଇ ଆୟକର ବିଭାଗ ସହକମିଶନର ସାରିକା ଜୈନ, ଅଗ୍ରୱାଲ ସଭା ଟ୍ରଷ୍ଟ ସଂପାଦକ ସନ୍ତୋଷ ଅଗ୍ରୱାଲ, ଗୁଜରାଟୀ ସମାଜ ଅଧ୍ୟକ୍ଷ ପ୍ରକାଶ କୁମାର ସୋମୟା, ମାରୱାଡ଼ି ଯୁବା ମଞ୍ଚ ବିକାଶ ଶାଖା ସମ୍ପାଦକ ନବନିତ ଅଗ୍ରୱାଲ,ବିଜୁ ମହାବୀର ଜୟପୁର ଫୁଟ ସେଣ୍ଟରର ବରିଷ୍ଠ ଅଧିକାରୀ ଦିବ୍ୟାଞ୍ଜନା ବେଉରା ଯୋଗ ଦେଇଥିଲେ । ସ୍ୱାଗତ ଭାଷଣ ବରିଷ୍ଠ ସଦସ୍ୟ ଆଶିଷ ଖଇତାନ ଦେଇଥିବା ବେଳେ ସୁମିତ ଜୈନ ମଞ୍ଚ ପରିଚାଳନା କରିଥିଲେ । ଏହି ଶିବିରରେ ୫୫ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ହାତ ଓ ଗୋଡ଼ ଲଗାଯାଇଥିଲା । ଏହି ଅବସରରେ ସଭାପତି ନିଖିଲ ଅଗ୍ରୱାଲ, କାର୍ଯ୍ୟକ୍ରମ ସଂଯୋଜକ ମନୀଷ ଜୈନ, ଅନୁପ ଜୈନ, ନାରାୟଣ ଜିନ୍ଦଲ, ବଜରଙ୍ଗ ଅଗ୍ରୱାଲ, କୈଳାଶ ଜୈନ, ଅର୍ପଣ ଜୈନ, ଆଜାଦ ବଂଶଲ, ବିକାଶ ଜୈନ, ଦୀପକ ଜୈନ, ଆକାଶ ଜୈନ, ରାଜେଶ ଅଗ୍ରୱାଲ, ମୟଙ୍କ ଜୈନ, ଆଲୋକ ଗୋୟଲ, ଶୁଭମ ଅଗ୍ରୱାଲ, ଅଙ୍କିତ ଅଗ୍ରୱାଲ, ଆଦିତ୍ୟ ଅଗ୍ରୱାଲ, ହେମନ୍ତ ଅଗ୍ରୱାଲ, ରିଶବ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶର ଆଇନ ସୁରକ୍ଷାରେ ଓକିଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଓକିଲ ଦିବସ ପାଳନ ଅବସରରେ ଅନୁଷ୍ଠିତ ସଭାରେ ବିଧାୟକ ନବୀନ ଜୈନ ବକ୍ତବ୍ୟ ଦେଉଛନ୍ତି ।

ଟିଟିଲାଗଡ଼,୨୮।୪(ଶରତ ମିଶ୍ର/ତୀର୍ଥଙ୍କର ପଟେଲ)

ସୋମବାର ଟିଟିଲାଗଡ ଓକିଲ ସଂଘ ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଓକିଲ ଦିବସ ପାଳିତ ହୋଇଯାଇଛି । ଓକିଲ ସଂଘ ସଭାପତି ସଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଦେଶର ଆଇନ ସୁରକ୍ଷାରେ ଓକିଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ । ମୁଖ୍ୟବକ୍ତା ଭାବେ ଓଡିଶା ବାର୍ କାଉନସିଲ ସଦସ୍ୟ ଦେବଦତ୍ତ ମିଶ୍ର ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ ଓକିଲଙ୍କ ସ୍ୱାଭିମାନର ପ୍ରତୀକ ଥିଲେ ବୋଲି କହିଥିଲେ । ବିଶିଷ୍ଟ ଆଇନଜୀବୀ ପ୍ରହଲ୍ଲାଦ ଅଗ୍ରୱାଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମଧୁବାବୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସବ୍‌ଜଜ୍ ରବି କିରଣ ସ୍ୱାଇଁ, ବିଶିଷ୍ଟ ଆଇନଜୀବୀ ରାଧାକାନ୍ତ ପାଢ଼ୀ, ମୋହନଲାଲ ଜୈନ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

ଏହି ଅବସରରେ ଆଇନଜୀବୀ ସ୍ୱର୍ଗତ ହରେକୃଷ୍ଣ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପୁଅ ବରିଷ୍ଠ ଆଇନଜୀବୀ ସୁମନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପରିବେଶ ସୁରକ୍ଷା ସନ୍ଦର୍ଭ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଆଦ୍ୟାଶା ଦୀକ୍ଷିତ, ଦ୍ୱିତୀୟ ପ୍ରତୀକ୍ଷା ପଣ୍ଡା ତଥା ଯୁଗ୍ମ ଭାବରେ ତୃତୀୟ ହୋଇଥିବା ଶ୍ରିୟା ପଟ୍ଟନାୟକ ଏବଂ ବିନାୟକ ସାହୁଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ । ସଂଘ ଉପସଭାପତି ପ୍ରୀତମ ପଣ୍ଡା, କାଳୀ ପ୍ରସାଦ ମୁଖାର୍ଜୀ, ଶ୍ୟାମାପ୍ରସାଦ ଗରିଆ, ସୁମନ୍ତ ବେହେରା, ପଙ୍କଜ ପାଢ଼ୀ, ଉମ୍ବରୁଧର କର୍ମୀ, ଜୟରାଜ ସାହୁ, ରାଜଦୀପ ପଟ୍ଟନାୟକ, ତୁଳସୀ ସାହୁ, ପ୍ରଦୀପ ମହାନ୍ତି, ବୀରେନ୍ଦ୍ର ବାଗ, ସନ୍ଧ୍ୟା ଥାପା, ଦେବେନ୍ଦ୍ର ମିଶ୍ର, ସଞ୍ଜୀବ ପାଢ଼ୀ, ରାଜେଶ ବାବୁ, ବୀରେନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଂଘ ସମ୍ପାଦକ ମହେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଓକିଲ ଦିବସ ପାଳିତ

# ଓକିଲ ଦିବସ ପାଳିତ

କଣ୍ଟାବାଞ୍ଜି,୨୮।୪(ଗୁରୁ ଦୟାଲ ହଂସ )

କଣ୍ଟାବାଞ୍ଜି ଓକିଲ ସଂଘ ପକ୍ଷରୁ ସୋମବାର ଦିନ ସଂଘ ସଭାଗୃହଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଓକିଲ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ କୁମାର ନାୟାର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜେଏମ୍ଏଫସି ରାହୁଲ କୁମାର ଜେନା, ଓକିଲ ସଂଘ ସଭାପତି ପ୍ରଫୁଲ୍ଲ କୁମାର ନାୟକ, ସମ୍ପାଦକ ମନୋଜ ଦାସ ମଞ୍ଚାସୀନ ଥିଲେ । ଏହି ଅବସରରେ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ ।

# ଲୋଇସିଂହା ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳିତ

ଲୋଇସିଂହା,୨୮।୪(ସୁଶାନ୍ତ ବାରିକ)

ସୋମବାର ବଲାଙ୍ଗୀର ଜିଲା ଲୋଇସିଂହା ଓକିଲ ସଂଘ ପକ୍ଷରୁ ବାର୍ ହଲ ପରିସରରେ ମଧୁବାବୁଙ୍କ ଜୟନ୍ତୀ ତଥା ଓକିଲ ଦିବସ ପାଳିତ ହୋଇଯାଇଛି । ଏଥିରେ ସଭାପତି ପ୍ରଦୀପ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ସଞ୍ଜୟ କୁମାର ଷଡ଼ଙ୍ଗୀ, ସମ୍ପାଦକ ଜ୍ୟୋତି ରଞ୍ଜନ ପଟେଲ, ବରିଷ୍ଠ ଓକିଲ ରାଜେନ୍ଦ୍ର ନାଏକ, କ୍ଷେତ୍ରପାଳ ସାହୁ, ଆଶୋକ କୁମାର ସାହୁ, ଶୁଭେନ୍ଦୁ ସାହୁ, ରାଜକିଶୋର ମିଶ୍ର, ପ୍ରଶାନ୍ତ ବେହେରା, ଶଶାଙ୍କ ଶେଖର ଭୋଇ, ପ୍ରବୀଣ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦାନ ଦାସଙ୍କ ବହୁମୁଖୀ ପ୍ରତିଭା ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ମଧୁବାବୁଙ୍କ କୃତୀ ଉପରେ ଆଲୋଚନା କରାଯାଇଥିଲା।

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, pedsonepurssa.opepa@nic.in Ph.: 06654-220551 / 06654-220514 (fax)
No. 915 Date : 28.04.2025
**"TENDER CALL NOTICE FOR SUPPLY OF TLM (TEACHING LEARNING MATERIALS) FOR SHISHU VATIKA, CLASS-I, II & III FOR THE YEAR 2025-26"**
Sealed tenders are invited in prescribed format from reputed firms / Suppliers / Dealers having PAN, GST and IT clearance certificate for supply of TLM (Shisu Vatika, Class-I, II & III) of Subarnapur District. The tender paper will be submitted to District Project Coordinator, Samagra Shiksha, Subarnapur latest by 17.05.2025. Details Bid documents can be down loaded from the official website www.subarnapur.odisha.gov.in & www.opepa.nic.in
By order of Collector and Chairman, Samagra Shiksha, Subarnapur
Sd./- District Project Coordinator, Samagra Shiksha, Subarnapur

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/ SBP/Stores/Tender Publication/ Engg.-3/2025/28, ତା.23.04.2025ରିଖ
ଟେଣ୍ଡର ସଂ. 40255409A
ସାମଗ୍ରୀଗୁଡ଼ିକର ବିବରଣୀ : ଜଗଲ୍ଡ (Joggled) ଫିସ୍ ପ୍ଲେଟ୍।
ଟେଣ୍ଡର ମୂଲ୍ୟ : ₹ 1,65,49,075.20, EMD @ 2% : ₹ 3,30,980/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.05.2025ରିଖ 1500 ଘଟିକାରେ।
ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର
PR-74/Q/25-26

# 'ଆଚରଣ ପ୍ରସୂତ କର୍ମ ହିଁ ଅସଲ ଧର୍ମ'

## ମାସିକ ବିଚାର ଆଲୋଚନାଚକ୍ର

ବଲାଙ୍ଗୀର,୨୮।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବୌଦ୍ଧିକ ଅନୁଷ୍ଠାନ 'ବିଚାର' ପକ୍ଷରୁ ବଲାଙ୍ଗୀର ପତିତପାବନ ଏକାଡେମୀଠାରେ 'ଧର୍ମାଲୋଚନାର ପ୍ରାବଲ୍ୟ ଅଥଚ ଧର୍ମାଚାରର ଅବକ୍ଷୟ– ସମାଧାନ' ଶୀର୍ଷକ ଆଲୋଚନାଚକ୍ର ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶ୍ୱାତ୍ମ ଚେତନା ପରିଷଦର ସଂସ୍ଥାପକ ସ୍ୱାମୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ଯୋଗଦେଇ ଆଚରଣ ପ୍ରସୂତ କର୍ମ ହିଁ ଅସଲ ଧର୍ମ ବୋଲି କହିଥିଲେ। କୌଣସି ବ୍ୟକ୍ତି କେବଳ ପ୍ରବଚନ ଦେଇ ବ୍ୟକ୍ତି ବା ସମାଜକୁ ପରିବର୍ତ୍ତନ କରିପାରିବ ନାହିଁ। ଆଜି ସମାଜରେ ଧର୍ମ ଆଲୋଚନା ନାଁରେ କଥା ପ୍ରବଚନର ପ୍ରାବଲ୍ୟ ବଢ଼ିଛି। ଅନେକ ଲୋକ ପ୍ରବଚନକୁ ଧର୍ମାଚରଣ ବୋଲି ଭାବି ନେଉଛନ୍ତି। ଅସଲ ଧର୍ମାଚାରୀ ଏବଂ ପ୍ରବଚକଙ୍କ ପ୍ରଭେଦ ବୁଝୁନାହାନ୍ତି। ଅସଲ କର୍ମର ଉପାସନା କରା ନ ଯାଇ କେବଳ ଉଚ୍ଚାରଣକୁ ପ୍ରାଧାନ୍ୟ ଦିଆଯାଉଛି। ଧର୍ମାଚାରୀମାନେ ଧର୍ମର ଅସଲ ପାଳନ ନ କରି ରାଜନୀତିରେ ମାତୁଛନ୍ତି। ଏହାଦ୍ୱାରା ସମାଜରେ ବିସଙ୍ଗତି ଏବଂ ବିଭେଦ ଦେଖାଯାଉଛି। ମିଥ୍ୟାଚାରୀଙ୍କ ପ୍ରାଦୁର୍ଭାବ ଯୋଗୁ ସମାଜରେ ଧର୍ମାଚାର କଳୁଷିତ ହେଉଛି। ସମାଜର ସାଧାରଣବର୍ଗ ସବୁବେଳେ ସମାଜର ପ୍ରତିଷ୍ଠିତ ବା ବଡ ଲୋକଙ୍କୁ ଅନୁସରଣ କରିଥାନ୍ତି। ଏଣୁ ବଡ ଲୋକମାନେ ନିଜ ଆଚରଣ ପ୍ରତି ସଜାଗ ରହିଲେ ସମାଜରେ ଧର୍ମ ଓ ସହାବସ୍ଥାନ ପ୍ରତିଷ୍ଠା ହୋଇପାରିବ ବୋଲି ସେ କହିଥିଲେ। ଯେତେଦିନ ପର୍ଯ୍ୟନ୍ତ ଲୋକଙ୍କ ଉଚ୍ଚାରଣ ଓ ଆଚରଣରେ ସ୍ଥିରତା ଦେଖାଦେବ ନାହିଁ ସମାଜରେ ଧର୍ମ ପ୍ରତିଷ୍ଠା ହୋଇ ପାରିବ ନାହିଁ ବୋଲି ସେ କହିଥିଲେ। ଅଖିଳ ଚନ୍ଦ୍ର ହୋତା ପରିଚାଳନା କରିଥିଲେ। ପ୍ରାରମ୍ଭରେ ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି ସ୍ୱାମୀ ସତ୍ୟ ପ୍ରଜ୍ଞାନନ୍ଦଜୀଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭବାନୀ ଶଙ୍କର ପଟେଲ, କନିଷ୍ଠ ପଧାନ, ରଘୁନନ୍ଦନ ସିଂ, ଜୟଦେବ ପାଣିଗ୍ରାହୀ, ଦତ୍ତାନନ୍ଦ ପଣ୍ଡା, ରାମଶରଣ ହୋତା, ରତ୍ନମୟ ତ୍ରିପାଠୀ, ଜିତେନ୍ଦ୍ର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାମୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀଙ୍କୁ ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି ସ୍ୱାଗତ କରୁଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB)
ପ୍ରଥମ ମହଲା, ପ୍ଲଟ୍ ନଂ.: ୭୭୮, ମହର୍ଷି କଲେଜ ରୋଡ, ସା/ପୋ: ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ ନଂ.: ୦୬୭୪-୨୫୪୯୬୬୩ / ୨୫୪୯୬୧୨, ଇ-ମେଲ ଆଇଡି: sbi.05174@sbi.co.in
**ଇ-ନିଲାମ / ବିକ୍ରୟ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: ତା୦୮.୦୫.୨୦୨୫ରିଖ ଅପରାହ୍ନ ୩.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ
ଗାଡି ଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୦୩.୦୫.୨୦୨୫ ଅପରାହ୍ନ ୪.୦୦ଘଟିକାରୁ ଅପରାହ୍ନ ୫.୦୦ ଘଟିକା

| କ୍ର ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ଅକ୍ଷୟ କୁମାର ପରିଡ଼ା, ପରିଡ଼ା ସାହି, ଅଳତିରି, ପାଣିକୋଇଲି ଉଚ୍ଚ ବିଦ୍ୟାଳୟ ପଛପାର୍ଶ୍ୱ, ପୋ.: ପାଣିକୋଇଲି, ଯାଜପୁର, ଓଡ଼ିଶା, ପିନ୍-୭୫୫୦୪୩ / ଆକାଉଣ୍ଟ ନଂ.: ୩୯୭୯୮୯୬୫୬୫୪ | ASHOK LEYLAND LTD., Regd. No.: OD-04-Q-4343, Year Manufacturing : Oct. 2020, Chasis No.: OT42022012025, Engine No.: LYPZ107701 | ୨୮.୦୪.୨୦୨୫ ସୁଦ୍ଧା ଟ.୩୯,୫୬,୬୦୯/- + ୨୯.୦୪.୨୦୨୫, ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨୫,୫୦,୦୦୦/- ଟ.୨,୫୫,୦୦୦/- ଟ.୨୦,୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://baanknet.com.ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦କୁ କଲ୍ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡ଼ି ସ୍ଥିତି ପାଇଁ support.BAANKNET@psballiance.comକୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ https://baanknet.com ଦେଖନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ https://baanknet.com କୁ ଇମେଲ କରନ୍ତୁ। ଗାଡିର ବିବରଣୀ ଏବଂ ଗାଡିର ଫଟୋଗ୍ରାଫ୍ https://baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd, ଯୋଗାଯୋଗ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।
https://baanknet.com ୱେବସାଇଟ୍‌ରେ ଗାଡି ଖୋଜିବାବେଳେ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ।
ନିୟମ ଏବଂ ସର୍ତ୍ତାବଳୀ ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : www.sbi.co.in & https://baanknet.com
ଗାଡିର ପାର୍କିଂ ସ୍ଥାନ: ମା କମଳା ଷ୍ଟକୟାର୍ଡ୍, ଚଣ୍ଡିଖୋଲ, ସୟୀ, ହରିଦାସପୁର, ଧର୍ମଶାଳା, ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୪
ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ: ୯୪୩୭୫୫୨୫୩୫ ଏବଂ ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ (ସିଟି କେସ୍ ଅଫିସର), ମୋ.: ୯୪୩୭୯୫୩୬୪୨
ତାରିଖ : ୨୮.୦୪.୨୦୨୫, ସ୍ଥାନ : ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ରବି ଧାନକିଣାରେ ବାଧା ଆଶଙ୍କା

**ସୋନପୁର,୨୮।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଧାନ ଉତ୍ପାଦନରେ ବଳକା ଜିଲା। ହୀରାକୁଦ କମାଣ୍ଡ ଏରିଆରେ ଆସୁଥିବା ଜିଲାର ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ ରବିରେ ରେକର୍ଡ ପରିମାଣରେ ଧାନ ଉତ୍ପାଦନ ହୋଇଥାଏ। ଏହି ଜିଲାରୁ ଅନ୍ୟ ଜିଲା ଓ ବାହାର ରାଜ୍ୟକୁ ଚାଉଳ ଯାଇଥାଏ। ମେ ତୃତୀୟ ସପ୍ତାହରୁ ସୁବର୍ଣ୍ଣପୁର ଜିଲାରେ ରବି ଧାନକିଣା ଆରମ୍ଭ ହେବାର ସମ୍ଭାବନା ରହିଛି। ଜିଲାର ପଞ୍ଜିକୃତ ୩୫ହଜାର ୪୮୦ଚାଷୀଙ୍କ ନିକଟରୁ ଧାନ ସଂଗ୍ରହ ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚାଲିଛି। ଏଥିପାଇଁ ବୁଧବାର ପୂର୍ବାହ୍ନରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହେବ। ତେବେ ଚଳିତ ଥର ଧାନ କିଣାରେ ବାଧା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। କଷ୍ଟମ ମିଲିଂ ଚାଉଳ(ସିଏମ୍ଆର) ସଂଗ୍ରହରେ ଧିମା ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। କାରଣ ସୋମବାର ସକାଳ ସୁଦ୍ଧା ଜିଲାର ମିଲର୍ସ ମାନେ ଖରିଫ ଋତୁର ମାତ୍ର ୩୧.୭୮% ସିଏମ୍ଆର ସରକାରଙ୍କୁ ପ୍ରଦାନ କରିଛନ୍ତି। ସେମାନଙ୍କ ଗୋଦାମରେ ଧାନ ଭର୍ତ୍ତି ହୋଇ ରହିଛି। ତେଣୁ ଚାଷୀଙ୍କ ନିକଟରୁ ସଂଗୃହୀତ ହେବାକୁ ଥିବା ରବି ଧାନ କେଉଁଠି ରଖିବେ ସେ ଚିନ୍ତା ଜିଲା ପ୍ରଶାସନକୁ ଘାରିଛି। ଅଦିନିଆ କାଳବୈଶାଖି ହେଲେ ଚାଷୀଙ୍କ ଧାନ ମଣ୍ଡିରେ ରହି ଓଦା ହେବ। ଅନ୍ୟପକ୍ଷେ ମିଲର୍ସଙ୍କ ଧାନ ଗୋଦାମରେ ସୁରକ୍ଷିତ ନ ରହିଲେ ମାନ ନଷ୍ଟ ହେବାର ଆଶଙ୍କା ରହିଛି।

୨୦୨୪-୨୫ ଖରିଫରେ ଏହି ଜିଲାରୁ ସୁବର୍ଣ୍ଣପୁର ଜିଲାର ୫୪ ମିଲର୍ସ ୩୭ଲକ୍ଷ ୨୦ହଜାର ୩୪୦କୁଇଣ୍ଟାଲ ଧାନ ସଂଗ୍ରହ କରିଥିଲେ। ନିୟମ ଅନୁଯାୟୀ ମିଲର୍ସମାନେ ୨୫ଲକ୍ଷ ୩୭ହଜାର ୨୮୧କୁଇଣ୍ଟାଲ କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ପ୍ରଦାନ କରିବା କଥା। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନେ ୮ଲକ୍ଷ ୬ହଜାର ୨୫୮କୁଇଣ୍ଟାଲ ଚାଉଳ ସରକାରଙ୍କୁ ଦେଇଛନ୍ତି। ଆହୁରି ୧୭ଲକ୍ଷ ୩୧ହଜାର କୁଇଣ୍ଟାଲ ଚାଉଳ ଦେବାକୁ ବାକି ଅଛି। ମିଲର୍ସମାନେ ଖରିଫରେ ନେଇଥିବା ଧାନର ଶତପ୍ରତିଶତ ସିଏମ୍ଆର ଏପ୍ରିଲ ୩୦ ତାରିଖ ସୁଦ୍ଧା ସରକାରଙ୍କୁ ଦେବା କଥା। ଜିଲାର ୩୫ ରାଇସ୍ ମିଲ ଡୁଙ୍ଗୁରିପାଲି ସ୍ଥିତ ଏଫ୍‌ସିଆଇ ଡିପୋରେ ଓ ୧୯ ରାଇସ୍ ମିଲ ସୋନପୁରସ୍ଥିତ ଏଫ୍‌ସିଆଇ ଡିପୋରେ ଚାଉଳ ଦେଉଛନ୍ତି। କିନ୍ତୁ ଟ୍ରେନ୍‌ରେ ବାହାର ରାଜ୍ୟକୁ ଚାଉଳ ଯାଉ ନ ଥିବାରୁ ଉଭୟ ଡିପୋରେ ସିଏମ୍ଆର ସଂଗ୍ରହ ଧିମା ଗତିରେ ଚାଲିଛି। ରାଜ୍ୟ ସରକାରଙ୍କ ଚାଉଳ ସଂଗ୍ରହ କେନ୍ଦ୍ର ଗୁଡିକ ସ୍ୱଳ୍ପ ପରିମାଣର ଚାଉଳ ଗଚ୍ଛିତ ରଖୁଛନ୍ତି। ରେକ୍ଙ୍କ ମୋମେଣ୍ଟ ନଥିବାରୁ କେନ୍ଦ୍ର ସରକାରଙ୍କ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ)ର ଚାଉଳ ସଂଗ୍ରହ ମନ୍ଥର ଗତିରେ ଚାଲିଛି। ସୋନପୁର ସ୍ଥିତ ଏଫ୍‌ସିଆଇର ଡିପୋରେ ଗତ ୧୦ ଦିନ ଧରି ଚାଉଳ ସଂଗ୍ରହ ବନ୍ଦ ରହିଛି। ଫଳରେ ମିଲର୍ସମାନେ ଠିକ୍ ସମୟରେ ସରକାରଙ୍କୁ କଷ୍ଟମ ମିଲିଂ ଚାଉଳ ଦେଇ ପାରିନାହାନ୍ତି। ଆଉ ୨୫ ଦିନ ପରେ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ତେବେ ମିଲର୍ସ ମାନେ ଏକ ସମୟରେ ମଣ୍ଡିରୁ ଧାନ ସଂଗ୍ରହ କରିବା ସହିତ ସରକାରଙ୍କୁ କଷ୍ଟମ ମିଲିଂ ଚାଉଳ ଦେବେ। ଏଥିଯୋଗୁ ଟ୍ରକ୍ ଅଭାବ ଲାଗିରହିବ। ଫଳରେ ଚାଷୀଙ୍କ ଧାନ ମଣ୍ଡିରୁ ଉଠିବା ନେଇ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଜିଲା କୃଷକ ସଂଗଠନର ସଭାପତି ବୈକୁଣ୍ଠନାଥ ଶତପଥୀ ଓ ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢୀ କହିଛନ୍ତି।



ମିଲର୍ସଙ୍କ ଗୋଦାମରେ ରହିଥିବା ଖରିଫ୍ ଧାନ।

- ଖରିଫ୍‌ରେ ମିଲର୍ସ ଦେଇଛନ୍ତି ୩୧.୭୮% ଚାଉଳ
- ବାହାର ରାଜ୍ୟକୁ ଯାଉନି, କଷ୍ଟମ ମିଲିଂ ଚାଉଳ ସଂଗ୍ରହ ଧିମା

ଚଳିତ ରବିରେ ଜିଲାରେ ପ୍ରାୟ ୩୪ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଧାନ ବିକ୍ରି ପାଇଁ ଚାଷୀ ପାକ୍ସ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ପଞ୍ଜୀକରଣ କରିଛନ୍ତି। ଜିଲା ଧାନ ସଂଗ୍ରହ କମିଟି ବୈଠକରେ କୃଷି ବିଭାଗର ମତାମତ କ୍ରମେ ଧାନ ସଂଗ୍ରହ ଆରମ୍ଭ ପାଇଁ ତାରିଖ ଧାର୍ଯ୍ୟ ହେବାର ସମ୍ଭାବନା ରହିଛି। ଜିଲାର ଚାଷୀଙ୍କ ନିକଟରୁ ପ୍ରାୟ ୨୫ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ରାଜ୍ୟ ସରକାର ତ୍ରୁଟିଶୂନ୍ୟ ତଥା ସୁବ୍ୟବସ୍ଥିତ ଭାବେ ଧାନ ସଂଗ୍ରହ ପାଇଁ ଗୁରୁତ୍ୱ ଦେଉଛନ୍ତି। ତେବେ ଧାନ ଉତ୍ପାଦନ ବୃଦ୍ଧି ପାଉଥିବା ବେଳେ ଚାଷୀଙ୍କ ନିକଟରୁ ଧାନ କିଣିବା ପାଇଁ ସେହି ଅନୁଯାୟୀ ସିଏମ୍ଆର ସଂଗ୍ରହକୁ ସରକାର ଗୁରୁତ୍ୱ ଦେବାକୁ ଚାଷୀ ସଂଗଠନ ଗୁଡିକ ପକ୍ଷରୁ ଦାବି ହେଉଛି।

## ମଧୁବାବୁ ଥିଲେ ଓଡ଼ିଶାର ସ୍ୱାଭିମାନ



ଓକିଲ ସଂଘ ସଭାଗୃହରେ ପାଳିତ ଜୟନ୍ତୀ ସଭାରେ ଆଇନଜୀବୀମାନେ।

**ବୀରମହାରାଜପୁର, ୨୮।୪ (ଯୁଗଳ କିଶୋର ମିଶ୍ର)**

### ଓକିଲ ସଂଘ କାର୍ଯ୍ୟାଳୟରେ ମଧୁବାବୁ ଜୟନ୍ତୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓକିଲ ସଂଘ କାର୍ଯ୍ୟାଳୟରେ ସୋମବାର ସକାଳ ୯ଟାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି ବରିଷ୍ଠ ଆଇନଜୀବୀ ରାଧାକାନ୍ତ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧୁବାବୁ ଓଡ଼ିଶାର ସ୍ୱାଭିମାନ ଥିଲେ ବୋଲି ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ଉପସଭାପତି ସନ୍ତୋଷ ଚାନ୍ଦ, ସମ୍ପାଦକ ଉମାଶଙ୍କର ପଣ୍ଡା, ସହ ସମ୍ପାଦକ ବିଭୁତି ଭୂଷଣ ହୋତା, ସବିତା ପଣ୍ଡା, ରାଧାକାନ୍ତ ମହାକୁଡ଼, ଗଣପତି ପଣ୍ଡା, ସଞ୍ଜିବ ପ୍ରଧାନ, ଭରତ ଲାଲ ଅଗ୍ରୱାଲ, ପ୍ରଦୀପ କୁମାର ରଥ, ଅଜିତ ପାଣିଗ୍ରାହୀ, ବିଷ୍ଣୁ ଚରଣ ପଣ୍ଡା, ପ୍ରଦିପ କୁମାର ମିଶ୍ର, ସତ୍ୟପ୍ରିୟ ପାଢ଼ୀ, ସମିର ସାଇ, ଯୁଧିଷ୍ଠିର ସାହୁ ଉପସ୍ଥିତ ମଧୁବାବୁଙ୍କ ସ୍ମୃତି ଚାରଣ କରିଥିଲେ।

## ନୂତନ ଶନିମନ୍ଦିର ପାଇଁ ଶୁଭସ୍ତମ୍ଭ ସ୍ଥାପନ



ଶୁଭସ୍ତମ୍ଭ ସ୍ଥାପନ ପାଇଁ ପୂଜାର୍ଚ୍ଚନା କରାଯାଉଛି।

**ପଡିଆବାହାଲ, ୨୮।୪(ରାଧାମୋହନ ଷଡ଼ଙ୍ଗୀ )**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ଜାତୀୟ ରାଜପଥ ୫୩ ଖଲିଆପାଲି ହନୁମାନ ମନ୍ଦିର ଛକ ତଥା ଗ୍ରାମୀଣ ପାର୍କ ନିକଟରେ ଶନିମନ୍ଦିର ନିର୍ମାଣ ପାଇଁ ସୋମବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ପଣ୍ଡିତ ଅଭୟ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱରଞ୍ଜନ ବଡ଼ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପ୍ରବୀଣ କୁମାର ସୁପକାର, ବରୁଣ ସାହୁ, କପିଳ ପଧାନ, ଶକ୍ତି ପ୍ରସନ୍ନ ବଡ଼ପଣ୍ଡା, ସଞ୍ଜୀବ କୁମାର ପଣ୍ଡା ଉପସ୍ଥିତ ଥିଲେ। ରବିବାର ଶନି ଜୟନ୍ତୀ ଉପଲକ୍ଷେ ହୋମଯଜ୍ଞ କରାଯାଇଥିଲା।

**୫୮ ପଞ୍ଜୀକୃତ ଅଭିଯୋଗରୁ ୮ ସାମୂହିକ**

## ଉଲୁଣ୍ଡାରେ ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସୋନପୁର,୨୮।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଉଲୁଣ୍ଡା ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର କୁମାର ନାୟକ ଶିବିରରେ ଯୋଗଦାନ କରି ୫୮ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୫୦ଟି ବ୍ୟକ୍ତିଗତ ଓ ୮ଟି ସାମୂହିକ ଥିଲା। ଗୋଟିଏ ଦରଖାସ୍ତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି। ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉଲୁଣ୍ଡା ବିଡିଓ ଚିନ୍ମୟ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଉଲୁଣ୍ଡା ତହସିଲଦାର ମମତା ମେହେର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲା ସାମଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଡେପୁଟି କଲେକ୍ଟର କୃଷ୍ଣ ମୋହନ ସିଂଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗଦାନ କରିଥିଲେ।

## ଆମ୍ବେଡକରଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ ଆହ୍ୱାନ



ଜୟନ୍ତୀ ପାଳନ ସଭାରେ ମଞ୍ଚାସୀନ ଅତିଥିମାନେ।

**ଡୁଙ୍ଗୁରିପାଲି, ୨୮।୪ (ଦୀନବନ୍ଧୁ ସୁନା )**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏସ୍‌ସି, ଏସ୍‌ଟି ଷ୍ଟଲ ପରିସରରେ ରବିବାର ରାତି ୮ଟା ୩୦ରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଡ଼.ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ସଭା ପାଳିତ ହୋଇଯାଇଛି। ବ୍ଲକ ଲକ୍ଷେଘର ଗଣ୍ଡା ସମାଜ ସଭାପତି ନୀଟେଇ ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଡୁଙ୍ଗୁରିପାଲି ଥାନା ଏସଆଇ ପ୍ରେମରାଜ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଚାଷୀ ନେତା ବିପ୍ରଚରଣ ସାହୁ, ସେବା ଫାଉଣ୍ଡେଶନ ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳ, ଏମ୍‌ପିଙ୍କ ବ୍ଲକ ନୋମିନି ହେମନ୍ତ ବିଶ୍ୱାଳ, ସମାଜସେବୀ କନ୍ଦର୍ପ ସାହୁ, ବଦ୍ରିନାରାୟଣ ପାଣ୍ଡିଆ, ଲକ୍ଷେଘର ଗଣ୍ଡା ସମାଜ ସମ୍ପାଦକ ପ୍ରକାଶ କୁମ୍ଭାର, ଆଇନଜୀବୀ ବୀରେନ୍ଦ୍ର ଦଣ୍ଡସେନା, ବିବେକାନନ୍ଦ ତ୍ରିପାଠୀ ଯୋଗ ଦେଇଥିଲେ। ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟ ପୂର୍ବତନ ପ୍ରାଧ୍ୟାପକ କିଶୋର ମେହେର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ।

ଡୁଙ୍ଗୁରିପାଲି ସାର୍ବଜନୀନ ଆମ୍ବେଦକର ସ୍ମୃତି କମିଟି ଆବାହକ ଦୀନବନ୍ଧୁ ସୁନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ମୁଖ୍ୟବକ୍ତା ପ୍ରାଧ୍ୟାପକ ମେହେର କହିଥିଲେ, ଆମ୍ବେଡ଼କର ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦୃଢ଼ ଇଚ୍ଛାଶକ୍ତି ଏବଂ ସାମର୍ଥ୍ୟ ବଳରେ ସଫଳତାର ଶୀର୍ଷରେ ପହଞ୍ଚି ପାରିଥିଲେ। ସମସ୍ତଙ୍କ ପାଇଁ ସେ ପ୍ରେରଣାର ଉତ୍ସ। ତାଙ୍କ ଦର୍ଶନ, ଶିକ୍ଷାକୁ ଆମେ ବାସ୍ତବ ଜୀବନରେ କାର୍ଯ୍ୟରେ ଲଗାଇବାକୁ ପ୍ରୟାସ କରିବା ଉଚିତ। ସାମାଜିକ ନ୍ୟାୟ ପ୍ରତି ସମସ୍ତେ ଅଙ୍ଗୀକାର ହେବାକୁ ସେ ଆହ୍ୱାନ କରିଥିଲେ। ମୁଖ୍ୟ ଅତିଥି ଏସଆଇ ସାହୁ କହିଥିଲେ, ବାବା ସାହେବ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ଭାରତୀୟଙ୍କୁ ସାମ୍ବିଧାନିକ ଅଧିକାର ବଳରେ ଏକତାବଦ୍ଧ କରିଥିଲେ। କବି ବିପ୍ରଚରଣ ସାହୁ କବିତା ମାଧ୍ୟମରେ ବାବା ସାହେବଙ୍କ ଜୀବନୀକୁ ଆଧାରିତ କବିତା ପଠନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସେବା ଦେଇ ଆସୁଥିବା ସେବା ଫାଉଣ୍ଡେଶନର ମିତା ପଟେଲ, ପ୍ରଜ୍ଞାପରମିତା ତ୍ରିପାଠୀ, ଜ୍ୟୋତ୍ସ୍ନା ବାରିକ, ସୁଶାନ୍ତ ବାରିକ, କଲିମ ଖାନ, ଇନ୍ଦ୍ରା ସାହୁ, ଡ଼କ୍ଟର ସୁବାଷ ପାତ୍ର, ପଦ୍ମନାଭ ବାଗ, ମହେଶ୍ୱର ସୁନା, ଲୀଳାମ୍ବର ବାଗ, ପବିତ୍ର ହରିପାଲଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅଭିରାମ ବାରିକ, ରବୀନ୍ଦ୍ର କୁମ୍ଭାର, ରାଜେନ୍ଦ୍ର ସା, ବିଦ୍ୟା ତାଣ୍ଡି, ଦହିଲାଲ ଦୀପ, ସରୋଜ ପାଣ୍ଡେ, ଉଦ୍ଧବ ପଧାନ, ପ୍ରେମାନନ୍ଦ ସୁନା, ଭୁବନ ନାଗ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଆମ୍ବେଡ଼କର ପ୍ରେମୀ ଉପସ୍ଥିତ ଥିଲେ। ଦୀନବନ୍ଧୁ ସୁନା ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଘୁଙ୍ଗି ଜୋର ସେତୁ ପାଇଁ ମୃତ୍ତିକା ପରୀକ୍ଷଣ

**ବୀରମହାରାଜପୁର, ୨୮।୪ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ରାସ୍ତା ଭୁଡିଆପାଲି ଘୁଙ୍ଗିନାଳ ଉପରେ ସେତୁ ନିର୍ମାଣପାଇଁ ସୋମବାର ମଧ୍ୟାହ୍ନରେ ମୃତ୍ତିକା ପରୀକ୍ଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବର୍ଷାଦିନେ ଘୁଙ୍ଗି ଜୋର ଉପରେ ପାଣି ପ୍ରବାହିତ ହୋଇଥାଏ। ଏଥିଯୋଗୁ ସମ୍ପୃକ୍ତ ପଥରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥାଏ। ଉକ୍ତ ଜୋର ଉପରେ ସେତୁ ନିର୍ମାଣ ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଥିଲା। ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କ ପ୍ରଚେଷ୍ଟାରେ ଆଜି ସେତୁ ନିର୍ମାଣ ପୂର୍ବରୁ ମୃତ୍ତିକା ପରୀକ୍ଷଣ ଆରମ୍ଭ ହୋଇଛି।

## ସୁବର୍ଣ୍ଣପୁରରେ ଓକିଲ ଦିବସ ପାଳିତ

**ସୋନପୁର,୨୮।୪ (ମୃତ୍ୟୁଞ୍ଜୟ ଶତପଥୀ)**

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପବିତ୍ର ଜୟନ୍ତୀ ଅବସରରେ ଓକିଲ ଦିବସ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ପକ୍ଷରୁ ସୋମବାର ପାଳିତ ହୋଇଯାଇଛି। ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଓକିଲ ସଂଘ ସଭାପତି ପ୍ରତାପ ପୁରୋହିତ ଅଧ୍ୟକ୍ଷତା କରିଥିଲେ। ସଂଘ ସମ୍ପାଦକ ଗଦାଧର ନେଗୀ, ବରିଷ୍ଠ ଓକିଲ ବ୍ୟୋମକେଶ ଦାଶ, ଇନ୍ଦ୍ରମଣି ଦାଶ, ଭଗବତୀ ପ୍ରସାଦ ମିଶ୍ର, ଶରତ ଭୋଇ, ଦାଶରଥି ମାହାନା, ଆଦିକନ୍ଦ ପାଣିଗ୍ରାହୀ, ରାମଶଙ୍କର ମେହେର, ଅଟଳ ବିହାରୀ ମହାପାତ୍ର, ସୀତାରାମ ପ୍ରସାଦ ମିଶ୍ର, ଦେବେନ୍ଦ୍ର ପର୍ଡିଆ, ଚମ୍ପେଶ୍ୱର ଥନାପତି, ରାଜେନ୍ଦ୍ର ଅଗ୍ରୱାଲ, ଦେବ କିଶୋର ମିଶ୍ର, ବିପିନ ବିହାରୀ ବିଦ୍ୟାଧର, ରସାନନ୍ଦ ସାହୁ, ଅଞ୍ଜଳି କୁମ୍ଭାର, ପ୍ରଦୀପ ପୁରୋହିତ, ସନ୍ତୋଷ ମେହେର ଓ ଶ୍ୟାମା ଓଁ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଓଡିଶା ଗଠନ, ଭାଷା ସୁରକ୍ଷା ଓ ଓକିଲାତିରେ ମଧୁବାବୁଙ୍କ ଅବଦାନ ଓ ତାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରାଯାଇଥିଲା।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ବୀରମହାରାଜପୁର, ୨୮।୪ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ସକାଳ ୭ଟା୩୦ରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଜୀବ ହାଁସଦା ଏଥିରେ ଯୋଗଦେଇ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ନିରନ୍ତର ପାନୀୟ ଜଳଯୋଗାଣ ଉପରେ ଶୁଣାଣିରେ ଗୁରୁତ୍ୱାରୋପ କରାଯାଇଥିଲା। ଶିବିରରେ ୧୬ଟି ଅଭିଯୋଗ ଶୁଣାଣି ହୋଇଥିଲା। ସେଥି ମଧ୍ୟରୁ ୧୨ଟି ବ୍ୟକ୍ତିଗତ ଓ ୪ଟି ସାମୂହିକ ଅଭିଯୋଗ ଥିଲା। ସମସ୍ତ ଅଭିଯୋଗଗୁଡ଼ିକର ତତ୍କାଳ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବିଡିଓ ହାଁସଦା। ଶିବିରରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସୁବଳୟା ସରପଞ୍ଚ ପ୍ରମୋଦ କୁମାର ମହାପାତ୍ର, ସ୍ୱାସ୍ଥ୍ୟ, ଶିକ୍ଷା ଖାଉଟି, ବନ ବିଭାଗ କର୍ମଚାରୀଙ୍କ ସହିତ ପଞ୍ଚାୟତର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ
E-mail : dpcsonepurssa.opepa@nic.in, pedsonepurssa.opepa@nic.in Ph.: 06654-220551 / 06654-220514 (fax)
No. 915 Date : 28.04.2025
**"TENDER CALL NOTICE FOR SUPPLY OF TLM (TEACHING LEARNING MATERIALS) FOR SHISHU VATIKA, CLASS-I, II & III FOR THE YEAR 2025-26"**
Sealed tenders are invited in prescribed format from reputed firms / Suppliers / Dealers having PAN, GST and IT clearance certificate for supply of TLM (Shisu Vatika, Class-I, II & III) of Subarnapur District. The tender paper will be submitted to District Project Coordinator, Samagra Shiksha, Subarnapur latest by 17.05.2025. Details Bid documents can be down loaded from the official website www.subarnapur.odisha.gov.in & www.opepa.nic.in
By order of Collector and Chairman, Samagra Shiksha, Subarnapur
Sd./- District Project Coordinator, Samagra Shiksha, Subarnapur

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/ SBP/Stores/Tender Publication/ Engg.-3/2025/28, ତା.23.04.2025ରିଖ
ଟେଣ୍ଡର ସଂ. 40255409A
ସାମଗ୍ରୀଗୁଡ଼ିକର ବିବରଣୀ : ଜଗଲ୍ଡ (Joggled) ଫିସ୍ ପ୍ଲେଟ୍।
ଟେଣ୍ଡର ମୂଲ୍ୟ : ₹ 1,65,49,075.20, EMD @ 2% : ₹ 3,30,980/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.05.2025ରିଖ 1500 ଘଟିକାରେ।
ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
PR-74/Q/25-26 ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର

## ସମବାୟ ଆନ୍ଦୋଳନର ପୁରୋଧା ଥିଲେ ମଧୁସୂଦନ



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିମାନେ।

### ଜିଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ

**ସୋନପୁର,୨୮।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସମବାୟ ସମିତି ଉପନିବନ୍ଧକଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ଅବସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମବାୟ ସଶକ୍ତ ହେଲେ ସୁଦୃଢ ସମାଜ ଓ ସମୃଦ୍ଧ ଜୀବନ ସମ୍ଭବ ହୋଇପାରିବ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିଧାଣୀ ମଧୁସୂଦନ ଓଡିଶାରେ ସମବାୟ ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ। ସମବାୟ ଆନ୍ଦୋଳନକୁ ସମୃଦ୍ଧ କରିବାରେ ତାଙ୍କର ବହୁମୂଲ୍ୟ ଅବଦାନ ପାଇଁ ସେ ଚିରସ୍ମରଣୀୟ ବୋଲି ମୁଖ୍ୟ ଅତିଥି ପ୍ରଧାନ କହିଥିଲେ।

ସୁବର୍ଣ୍ଣପୁର ବିଭାଜନ ସମବାୟ ସମିତି ସମୂହ ଉପନିବନ୍ଧକ ରଶ୍ମିଲତା ବେହେରାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ପାଣ୍ଡୁଚରଣ ସାହୁ, ବୀରମହାରାଜପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଗିରିଶ ଚନ୍ଦ୍ର ପୁରୋହିତ, ବିଡିସିସି ବ୍ୟାଙ୍କର ସ୍କିମ୍ ଅଫିସର ଜ୍ୟୋତି ପ୍ରକାଶ ପଧାନ, ମାର୍କଫେଡ ସାର ଗୋଦାମର ଭାରପ୍ରାପ୍ତ ପରିଚାଳକ ଗଣେଶ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ ମଧୁସୂଦନ ଜଣେ ଦୂରଦ୍ରଷ୍ଟା ଥିଲେ। ସେ ସମବାୟ ଆନ୍ଦୋଳନର ପିତାମହ ଭୀଷ୍ମ ବୋଲି ମତପ୍ରକାଶ କରିବା ସହ ସମବାୟ ସମିତି ଦ୍ୱାରା ବୁଣାକାର, ଚାଷୀ, ମହିଳାଙ୍କ ଉନ୍ନତି ଓ ଲୋକଙ୍କ ମଧ୍ୟରେ ସଞ୍ଚୟ ମନୋଭାବର ଉଦ୍ରେକ ହୋଇ ପାରୁଥିବା କହିଥିଲେ। ଆଗାମୀ ଦିନରେ ସମବାୟ ସଂସ୍ଥାଗୁଡିକୁ ଆହୁରି ସୁଦୃଢ ଓ ପରିଚାଳନା ପରିଷଦକୁ କ୍ରିୟାଶୀଳ କରାଯିବ ବୋଲି କହିବା ସହ ମଧବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ସମବାୟ ସମିତି ନିରୀକ୍ଷକ ପ୍ରଶାନ୍ତ ବରାଡ ସଭା ସଂଯୋଜନା କରିଥିଲେ। ବୀରମହାରାଜପୁର ଉପ ସହକାରୀ ନିବନ୍ଧକ ପ୍ରେମାନନ୍ଦ ଦୀପ, ସମବାୟ ସମିତି ନିରୀକ୍ଷକ ଶାଶ୍ୱତ ଶତପଥୀ, ଶଙ୍କର ଘିବେଲା, ଜ୍ଞାନରଞ୍ଜନ ସାହୁ ଓ ଲକ୍ଷ୍ମଣ ବାଙ୍କ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଜିଲାର ସମବାୟ ସମିତିର ସମ୍ପାଦକ, ସହସମ୍ପାଦକ ଓ ସମବାୟ ବିଭାଗର କର୍ମଚାରୀମାନେ ସମାରୋହରେ ଉପସ୍ଥିତ ଥିଲେ।

**SBI**
**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB)
ପ୍ରଥମ ମହଲା, ପ୍ଲଟ୍ ନଂ.: ୭୭୮, ମହର୍ଷି କଲେଜ ରୋଡ, ସା/ପୋ: ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍ ନଂ.: ୦୬୭୪-୨୫୪୯୬୬୩ / ୨୫୪୯୬୧୨, ଇ-ମେଲ ଆଇଡି: sbi.05174@sbi.co.in
**ଇ-ନିଲାମ / ବିକ୍ରୟ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: **ତା୦୮.୦୫.୨୦୨୫ରିଖ ଅପରାହ୍ନ ୩.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**
ଗାଡି ଗୁଡ଼ିକ ତନଖି କରିବାର ତାରିଖ ଓ **ସମୟ: ୦୩.୦୫.୨୦୨୫ ଅପରାହ୍ନ ୪.୦୦ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

| କ୍ର ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ଅକ୍ଷୟ କୁମାର ପରିଡ଼ା, ପରିଡ଼ା ସାହି, ଅଳତିରି, ପାଣିକୋଇଲି ଉଚ୍ଚ ବିଦ୍ୟାଳୟ ପଛପାର୍ଶ୍ୱ, ପୋ.: ପାଣିକୋଇଲି, ଯାଜପୁର, ଓଡ଼ିଶା, ପିନ୍-୭୫୫୦୪୩ / ଆକାଉଣ୍ଟ ନଂ.: ୩୯୭୯୮୯୬୫୬୫୪ | ASHOK LEYLAND LTD., Regd. No.: OD-04-Q-4343, Year Manufacturing : Oct. 2020, Chasis No.: OT42022012025, Engine No.: LYPZ107701 | ୨୮.୦୪.୨୦୨୫ ସୁଦ୍ଧା ଟ.୩୯,୫୬,୬୦୯/- + ୨୯.୦୪.୨୦୨୫, ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨୫,୫୦,୦୦୦/- / ଟ.୨,୫୫,୦୦୦/- / ଟ.୨୦,୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ **PSB Alliance Pvt. Ltd.**ର ୱେବସାଇଟ୍ **https://baanknet.com.**ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦କୁ କଲ୍ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡ଼ି ସ୍ଥିତି ପାଇଁ **support.BAANKNET@psballiance.com**କୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ **https://baanknet.com** ଦେଖନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ **https://baanknet.com** କୁ ଇମେଲ କରନ୍ତୁ। ଗାଡିର ବିବରଣୀ ଏବଂ ଗାଡିର ଫଟୋଗ୍ରାଫ୍ **https://baanknet.com** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ **PSB Alliance Pvt. Ltd,** ଯୋଗାଯୋଗ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।

**https://baanknet.com** ୱେବସାଇଟ୍‌ରେ ଗାଡି ଖୋଜିବାବେଳେ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ।

ନିୟମ ଏବଂ ସର୍ତ୍ତାବଳୀ ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : **www.sbi.co.in & https://baanknet.com**

ଗାଡିର ପାର୍କିଂ ସ୍ଥାନ: ମା କମଳା ଷ୍ଟକୟାର୍ଡ୍, ଚଣ୍ଡିଖୋଲ, ସୟୀ, ହରିଦାସପୁର, ଧର୍ମଶାଳା, ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୪

ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ: ୯୪୩୭୫୫୨୫୩୫ ଏବଂ ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ (ସିଟି କେସ୍ ଅଫିସର), ମୋ.: ୯୪୩୭୯୫୩୬୪୨

ତାରିଖ : ୨୮.୦୪.୨୦୨୫, ସ୍ଥାନ : ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କଲେ ଡିଜିପି

■ ପଡ଼ୋଶୀ ରାଜ୍ୟ, ସୀମାନ୍ତରେ ମାଓବାଦୀ ଦମନ ଅଭିଯାନ ତନଖି

■ ୩ ଆପରାଧିକ ଆଇନର କାର୍ଯ୍ୟବିକାଶ ଅନୁଧ୍ୟାନ

ରାଉରକେଲା, ୨୮।୪(ସଙ୍ଗୀତା ଜେନା)



ଡିଜିପି ସମୀକ୍ଷା କରୁଛନ୍ତି।

ଓଡ଼ିଶା ପୋଲିସ ବିଭାଗ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ରବିବାର ୨ ଦିନିଆ ରାଉରକେଲା ଗସ୍ତରେ ଆସି ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ସୋମବାର ଦ୍ୱିତୀୟ ଦିବସରେ ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଉଭୟ ଝାଡ଼ଖଣ୍ଡ ଏବଂ ଓଡ଼ିଶା ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ସମସ୍ୟା ନେଇ ସେ ଆଲୋଚନା କରିଥିଲେ। ବୈଠକ ପରେ ଖୁରାନିଆ ଗଣମାଧ୍ୟମକୁ ସୂଚନାଦେଇ କହିଥିଲେ, ସୀମାନ୍ତ ଏବଂ ପଡୋଶୀ ରାଜ୍ୟ ଝାଡଖଣ୍ଡରେ ମାଓବାଦୀ ଅଭିଯାନ, ପାକିସ୍ତାନ ନାଗରିକଙ୍କ ଭିସା ରଦ୍ଦ କରିବା ଓ ପ୍ରତ୍ୟାବର୍ତ୍ତନ କରିବା, ରାଉରକେଲାରେ ୩ଟି ନୂତନ ଆପରାଧିକ ଆଇନ କାର୍ଯ୍ୟଧାରା, ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ପଡୋଶୀ ରାଜ୍ୟ ସହ ମାଓବାଦୀ ଅପରେଶନ ସମ୍ପର୍କରେ ପଶ୍ଚିମ ସିଂ ଭୂମ ପୋଲିସ ନିରୀକ୍ଷକ, ସିଆରପିଏଫ୍ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ରାଉରକେଲାରେ ୩ଟି ଆପରାଧିକ ଆଇନର ସଫଳ ପରିଚାଳନା, କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ରାଉରକେଲା ସହରର ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ ଓ କାର୍ଯ୍ୟକ୍ଷମ ସମ୍ପର୍କରେ ଆଲୋଚନା ହୋଇଛି। ଖୁବଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରାଯିବ। ରାଜ୍ୟରେ ଅଦ୍ୟାବଧି ୧୬ ହଜାର ୫ଶହ ପୋଲିସ ପଦବୀ ରିକ୍ତ ଅଛି। ଜିଲାରେ ପୋଲିସର ବିଭିନ୍ନ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ୨୦୨୫-୨୬ରେ ପ୍ରକ୍ରିୟା ଜାରି ରହିଛି। ପ୍ରଥମ ପର୍ଯ୍ୟାୟରେ କନ୍‌ଷ୍ଟେବଲ୍, ଏସ୍‌ଆଇ ନିଯୁକ୍ତି ତଥା ଚୟନ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ସବ୍‌ଇନ୍ସପେକ୍ଟର ପଦବୀରେ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ପଦବୀ ପୂରଣ ହେବାକୁ ଯାଉଛି। ସେହିପରି ରାଜ୍ୟରେ ଥିବା ପାକିସ୍ତାନୀମାନଙ୍କ ଭିସା ରଦ୍ଦ କରିବା ତଥା ସେମାନଙ୍କୁ ତାଙ୍କ ଦେଶକୁ ପ୍ରତ୍ୟାବର୍ତ୍ତନ କରାଇବା କାର୍ଯ୍ୟଧାରା ମଧ୍ୟ ତ୍ୱରାନ୍ୱିତ ହେଉଛି। ପଡୋଶୀ ରାଜ୍ୟରେ ମାଓବାଦୀ ଦମନ, ତୃଣମୂଳସ୍ତରରେ ମାଓବାଦୀ ସମସ୍ୟାର ସମାଧାନ ଆଦି ପାଇଁ ପଡୋଶୀ ରାଜ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ଓ ଅଭିଯାନର ସମୀକ୍ଷା କରାଯାଇଛି। ଏହାବ୍ୟତୀତ ପୋଲିସ ଜିଲାରେ ଆପରାଧିକ ସ୍ଥିତି ଅନୁଧ୍ୟାନ ପାଇଁ ଡିଏସ୍‌ପି, ଏସଡିପିଓ, ଆଇଆଇସି ସ୍ତରରେ ଆଲୋଚନା କରାଯାଇଛି। ଅଞ୍ଚଳରେ ଆଇନ ବ୍ୟବସ୍ଥା ସୁଦୃଢ଼ କରିବା ଲାଗି ବ୍ୟବସ୍ଥା କରାଯାଉଛି। ତେଣୁ ପୋଲିସ ବ୍ୟବସ୍ଥାକୁ ଆଧୁନିକୀକରଣ କରାଯାଉଛି ବୋଲି ଖୁରାନିଆ କହିଥିଲେ। ତାଙ୍କ ସହ ଆଇଜି(ଅପରେଶନ୍) ଡ. ଦୀପକ କୁମାର, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ୩ଟାରେ ଡିଜିପି ରାଉରକେଲାରୁ ଫେରିଥିଲେ। ଉଲ୍ଲେଖଯୋଗ୍ୟ, ରବିବାର ଅପରାହ୍ନ ପ୍ରାୟ ୧୨ଟାରେ ଡିଜିପି ରାଉରକେଲାରେ ପହଞ୍ଚିଥିଲେ।

## ବିଶ୍ୱ କାର୍ଯ୍ୟସ୍ଥଳୀ ସୁରକ୍ଷା, ସ୍ୱାସ୍ଥ୍ୟ ଦିବସରେ ଆଲୋଚନାଚକ୍ର

ରାଉରକେଲା,୨୮।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିରେ ବିଶ୍ୱ କାର୍ଯ୍ୟସ୍ଥଳୀ ସୁରକ୍ଷା ଓ ସ୍ୱାସ୍ଥ୍ୟ ଦିବସ ପାଳନ ଉପଲକ୍ଷେ ସୋମବାର ଏକ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଓ ମାନସ ମନ୍ଥନ ଅଧିବେଶନ ଆୟୋଜିତ ହୋଇଯାଇଛି। ଆରଏସପିର ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ସୁରକ୍ଷାରେ କ୍ରାନ୍ତୀକାରୀ ପରିବର୍ତ୍ତନ ପାଇଁ କର୍ମସ୍ଥଳୀରେ କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲଇଜେଶନର ଭୂମିକା ଶିର୍ଷକରେ ଏକ ଆଲୋଚନା ହୋଇଥିଲା। ଏଥିରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ସୁଶ୍ରୀ ଆଶା ଏସ୍ କାର୍ଥାଙ୍କ ସମେତ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ବିଭାଗୀୟ ସୁରକ୍ଷା ଅଧିକାରୀଗଣଙ୍କ ସମେତ ଲାଇନ ମ୍ୟାନେଜରମାନେ ଏହି ଆଲୋଚନା ଚକ୍ରରେ ଯୋଗଦାନ ଦେଇଥିଲେ। ଏନେଇ ଅନୀଲ କୁମାର ବିଭାଗ ଗୁଡିକର ଦ୍ୱାରା ନିଆଯାଇଥିବା ବିଭିନ୍ନ ଡିଜିଟାଲାଇଜେଶନ ପ୍ରୟାସ ଏବଂ ଏଥିସହ ଜଡ଼ିତ ସୁରକ୍ଷା ସମ୍ବନ୍ଧରେ ସଚେତନତା ବୃଦ୍ଧି କରିବା ଦିଗରେ ଏପରି ଅଧିବେଶନ ଆୟୋଜନର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାର ବୈଷୟିକ ଅଧିବେଶନ ଏନ୍‌ଆଇଟି, ରାଉରକେଲାର ପ୍ରଫେସର ଡ. ପଙ୍କଜ କୁମାର ସା ପରିଚାଳନା କରିଥିଲେ। ଏହି ଅଧିବେଶନରେ କୃତ୍ରିମ ବୁଦ୍ଧିମତାର ବିଭିନ୍ନ ଦିଗ ଏବଂ କାର୍ଯ୍ୟ କ୍ଷେତ୍ରରେ ଡିଜିଟଲାଇଜେଶନର ବହୁଳ ବ୍ୟବହାର ଉପରେ ଆଲୋଚନା ହୋଇଥିଲା। ଗ୍ରୀଷ୍ମତାପ ଜନିତ ଚାପକୁ ବୁଝିବା ଏବଂ ଏହାର ନିବାରଣର ବିଷୟରେ ଅନ୍ୟଏକ ବୈଷୟିକ ଅଧିବେଶନରେ ଓଏଚ୍‌ଏସ୍‌ସିର ଡେପୁଟି ସିଏମ୍‌ଓ ଡ. ସୁରେନ୍ଦ୍ର କୁମାର ତଥ୍ୟ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମାବେଶକୁ ସୁଶ୍ରୀ ଆଶା କାର୍ଥା ସ୍ୱାଗତ କରିଥିବା ବେଳେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସୁରକ୍ଷା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ପ୍ରଜ୍ଞା ନାଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଆଇନଜୀବୀ ଦିବସ ଓ ମଧୁସୂଦନ ଜୟନ୍ତୀ

ରାଉରକେଲା,୨୮।୪(ବିପ୍ଳବ ରଞ୍ଜନ ଦାଶ)




ଅତିଥିଙ୍କ ସହ ଅନ୍ୟମାନେ।

ରାଉରକେଲା ଆଇନ ମହାବିଦ୍ୟାଳୟରେ ସୋମବାର ପୂର୍ବାହ୍ନ ୧୦ଟାରେ ଆଇନଜୀବୀ ଦିବସ ଓ ମଧୁସୂଦନ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଭୂରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ମଧୁବାବୁଙ୍କ ଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ସାମୁହିକ ଭାବେ ବନ୍ଦେ ଉତ୍କଳ ଗାନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ.ସମ୍ପାଦିକା ମହାନ୍ତି, ଡା ପ୍ରଜ୍ଞା ପାରମିତା ପଣ୍ଡା, ପ୍ରାଧ୍ୟାପକ ତନ୍ମୟ ରାଜ ପାଢ଼ୀ, ହିତେନ୍ଦ୍ର କୁମାର ପଣ୍ଡା, କର୍ମଚାରୀ ଲକ୍ଷ୍ମୀପ୍ରିୟା ସାହୁ, ମନୋରଞ୍ଜନ ମହାନ୍ତି, ସୁଜାତା ନାୟକ, ଦେବାଶିଷ ବେହେରା, ଅକ୍ଷୟ ଦାସ, ଅମିତ ଜେନା, ହୃଦୟ ରଞ୍ଜନ ମହାନ୍ତି, ଆୟୁଷ୍ମାନ ସାହୁ, ଦେବକୀ କରୁଆ, ନିତ୍ୟାନନ୍ଦ ବିଶୋଇ, ରବୀନ୍ଦ୍ର ବାଗଲୁଡ଼ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷ ଡ. ପଟ୍ଟନାୟକ ମଧୁବାବୁଙ୍କ ଜୀବନ ଉପରେ ସବିଶେଷ ଆଲୋକପାତ କରିବା ସହିତ ଆଇନଜୀବୀମାନଙ୍କ ନୈତିକତା ଉପରେ ଏକ ସାମୁହିକ ଆଲୋଚନା ହେଇଥିଲା।

## ରାଉରକେଲାରେ ଇଏସ୍ଆଇସି ହସ୍ପିଟାଲ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି

ରାଉରକେଲା,୨୮।୪(ବିପ୍ଳବ ରଞ୍ଜନ ଦାଶ)

ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ତରଫରୁ ରାଉରକେଲାଠାରେ ଇଏସ୍ଆଇସି ମେଡିକାଲ କଲେଜ ସହିତ ଇଏସ୍ଆଇ ବୀମାଭୁକ୍ତ ଉପଭୋକ୍ତାମାନଙ୍କ ପାଇଁ ଏକ ଆରୋଗ୍ୟ କେନ୍ଦ୍ର ସ୍ଥାପନ କରିବାକୁ ସୋମବାର ମଧ୍ୟାହ୍ନ ୧୨ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ପ୍ରେରଣ ହୋଇଛି। ଓଡ଼ିଶାର ରାଉରକେଲା ହେଉଛି ଏକ ସର୍ବବୃହତ୍ ଉଦ୍ୟୋଗ ଶିଳ୍ପଭରା ଅଞ୍ଚଳ। ଏଠାରେ ବିଭିନ୍ନ ଉଦ୍ୟୋଗ କ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକ କାର୍ଯ୍ୟ କରି ନିଜର ଜୀବନ ଜୀବିକା ନିର୍ବାହ କରୁଥିବା ବେଳେ ଇଏସ୍ଆଇ ସଦସ୍ୟ ଭାବେ ମଧ୍ୟ ଅନ୍ତର୍ଭୁକ୍ତ ହୋଇଛନ୍ତି। ରାଉରକେଲା ଅଞ୍ଚଳର ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଇଏସ୍ଆଇ କାର୍ଡଭୁକ୍ତ ହୋଇଥିବା ବେଳେ କାର୍ଡଧାରୀମାନଙ୍କ ପରିବାରର ୩ଲକ୍ଷରୁ ଊର୍ଦ୍ଧ୍ୱ ସଦସ୍ୟ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ରାଉରକେଲା ସମେତ ଖଣ୍ଡାଧାର, ବଣାଇଗଡ଼ ଓ ଟେନ୍‌ସା ଅଞ୍ଚଳରେ ଲୁହା, କୋଇଲା, କ୍ରୋମାଇଟ୍ ଆଦି ଖଣି ଖାଦାନ ଭରପୁର ମାତ୍ରାରେ ରହିଛି। ଅନ୍ୟପଟେ ରାଉରକେଲା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ବୃହତ୍ ବୃହତ୍ ଶିଳ୍ପ ଉଦ୍ୟୋଗ ଅଛି। ଏହି ଶିଳ୍ପ ଉଦ୍ୟୋଗରେ କାମ କରି ମାସିକ ୨୧ହଜାର ଟଙ୍କା ରୋଜଗାର କରୁଥିବା କର୍ମଚାରୀମାନେ ଇଏସ୍ଆଇ ବୀମାଭୁକ୍ତ ହୋଇଛନ୍ତି। ଏଭଳି ସମଗ୍ର ପଶ୍ଚିମ ଓଡ଼ିଶାର ୬ଲକ୍ଷ ଇଏସ୍ଆଇ ଉପଭୋକ୍ତାଙ୍କ ସହିତ ସୁନ୍ଦରଗଡ଼ ଝାଡ଼ଖଣ୍ଡ, ଛତିଶଗଡ଼ ସୀମାଞ୍ଚଳ ଲୋକ ମଧ୍ୟ ଇଏସ୍ଆଇ ବୀମାଭୁକ୍ତ ହୋଇଛନ୍ତି। ତେଣୁ ଇଏସ୍ଆଇ ବୀମାଭୁକ୍ତ ହୋଇଥିବା ଜନସଂଖ୍ୟା ଆଧାରରେ ରାଉରକେଲାଠାରେ ଇଏସ୍ଆଇସି ହସ୍ପିଟାଲ ସ୍ଥାପନ ଜରୁରୀ ହୋଇପଡ଼ିଛି। ପ୍ରକାଶଥାଉ କି, ୮ବର୍ଷ ତଳେ ରାଉରକେଲାଠାରେ କେନ୍ଦ୍ର ସରକାର ଏକ ଇଏସ୍ଆଇସି ମେଡିକାଲ କଲେଜ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବର୍ତ୍ତମାନ କେତେଜଣ ଅଧିକାରୀ ରାଉରକେଲା ପରିବର୍ତ୍ତେ ଏହି ମେଡିକାଲ କଲେଜକୁ ଭୁବନେଶ୍ୱରରେ ସ୍ଥାପନ କରିବାକୁ ମସୁଧା କରୁଛନ୍ତି। ଭୁବନେଶ୍ୱରରେ ଇଏସ୍ଆଇ ମେମ୍ବର ୧ଲକ୍ଷରୁ କମ୍ ଅଛନ୍ତି। କିନ୍ତୁ ପଶ୍ଚିମ ଓଡ଼ିଶାରେ ଇଏସ୍ଆଇ ମେମ୍ବର ୬ଲକ୍ଷରୁ ଊର୍ଦ୍ଧ୍ୱ ରହିଛନ୍ତି। ଅନ୍ୟପଟେ ଭୁବନେଶ୍ୱରରେ ୪ଟି ମେଡିକାଲ କଲେଜ ରହିଛି। ଏଣୁ ଭୁବନେଶ୍ୱର ପରିବର୍ତ୍ତେ ଏହି ମେଡିକାଲ ରାଉରକେଲାରେ ସ୍ଥାପନ କରିବାକୁ ଅନୁରୋଧ କରିଛନ୍ତି। ଏହା ନ ହେଲେ ଆଗକୁ ସମଗ୍ର ପଶ୍ଚିମ ଓଡ଼ିଶାରେ ଏକ ବଡ଼ ଆନ୍ଦୋଳନର ରୂପ ନେବା ନିଶ୍ଚିତ ବୋଲି ମଞ୍ଚ ପକ୍ଷରୁ ଚିଠିରେ ଦର୍ଶାଯିବା ସହିତ ବିଭିନ୍ନ ଅନୁଷ୍ଠାନ ମଞ୍ଚ ପକ୍ଷରୁ ମଧ୍ୟ ଦାବି କରାଯାଇଛି। ଏଥିସହିତ ପ୍ରେରିତ ହୋଇଥିବା ଚିଠିର ଏକ ନକଲ ରାଷ୍ଟ୍ରପତି, ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ରୀୟ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ, କେନ୍ଦ୍ରୀୟ ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି।

## କୂଅରୁ ଯୁବକଙ୍କ ମୃତଦେହ ଜବତ

ବଡ଼ଗାଁ,୨୮।୪(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସିଆଁମାଲ ଗ୍ରାମ ନିକଟସ୍ଥ ଏକ ପରିତ୍ୟକ୍ତ କୂଅରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ରେଙ୍ଗାଲମାଲ ଗ୍ରାମର କିଶୋର ଗରଡିଆ ଓରଫ ତପନ (୨୬)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବଡ଼ଗାଁ ଥାନା ଏଏସଆଇ ବିଜୟ କର ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଥିବା କହିଛନ୍ତି। ସୂଚନା ଅନୁଯାୟୀ, ସୋମବାର ସକାଳୁ ଗ୍ରାମବାସୀ କୂଅରେ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି କୂଅରୁ ମୃତଦେହ ଉଦ୍ଧାର କରିଥିଲା। ରବିବାର ବିଳମ୍ବିତ ରାତିରେ ଗରଡିଆ କୂଅରେ ଖସି ପଡିଥିବା ଅନୁମାନ କରାଯାଉଛି।

# ଅବ୍ୟବସ୍ଥାରେ ଚାଲିଛି ଡାକ୍ତରଖାନା

■ ଡିଏଭି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର: ରୋଗୀ ହନ୍ତସନ୍ତ

■ ତଦନ୍ତ ପରେ ନିଆଯିବ ଉଚିତ ପଦକ୍ଷେପ: ଏଡିଏମ୍

ରାଉରକେଲା,୨୮।୪(ଦିନେଶ ମିଶ୍ର)




ଡିଏଭି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

ସହରରେ ବସବାସ କରୁଥିବା ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ରାଉରକେଲା ସହରରେ କୋଏଲନଗର, ପାୱାର ହାଉସ୍‌ରୋଡ, ଉଦିତନଗର, ବାସନ୍ତୀ କଲୋନୀ, ସିଭିଲଟାଉନଶିପ, ପାନପୋଷ, ଛେଣ୍ଡ ଭଳି ବିଭିନ୍ନ ଜନଗହଳି ଅଞ୍ଚଳରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ରାତି ପାହିଲେ ଏହି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶତାଧିକ ଲୋକେ ନିଜର ସ୍ୱାସ୍ଥ୍ୟସେବା ପାଇବା ଆଶାରେ ଆସିଥାନ୍ତି। ମାତ୍ର ସହରରେ ଏଭଳି କିଛି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି ଯେଉଁଠି ଅବ୍ୟବସ୍ଥାରେ ଚାଲୁଥିବା ଅଭିଯୋଗ ହୋଇଛି। ଏଭଳି ଦୃଶ୍ୟ ବାସନ୍ତୀ କଲୋନୀ ଅଞ୍ଚଳରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡିଏଭି ଏମଏସିରେ ଦେଖିବାକୁ ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ରାତି ପାହିଲେ ବାସନ୍ତୀ କଲୋନୀ, ମାଲଗୋଦାମ, ଡିଏଭି ବସ୍ତି, କୁମ୍ଭାରପଡା, ଆମ୍ବେଡକର ନଗର, ଗାନ୍ଧିୟାନ ବସ୍ତି ଭଳି ବିଭିନ୍ନ ଅଞ୍ଚଳରୁ ବହୁ ରୋଗୀ ଚିକିତ୍ସିତ ହେବାକୁ ଆସିଥାନ୍ତି। ଡାକ୍ତରଖାନା ସକାଳ ୮ଟାରୁ ୧୧ଟା ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ୫ଟାରୁ ୮ଟା ପର୍ଯ୍ୟନ୍ତ ଖୋଲିବାର ନିୟମ ରହିଛି। ଏହି ଡାକ୍ତରଖାନା ପ୍ରତିଦିନ ସକାଳ ୮ଟାରେ ନିୟମିତ ଖୋଲୁଥିଲେ ମଧ୍ୟ କୌଣସି କର୍ମଚାରୀ ଓ ଡାକ୍ତର ଠିକ ସମୟରେ ଆସୁନଥିବା ଦେଖିବାକୁ ମିଳିଛି। ଏଥିସହ ନାମ ପଞ୍ଜୀକରଣ କରୁଥିବା କର୍ମଚାରୀ ବିଳମ୍ବରେ ଆସୁଥିବାରୁ ରୋଗୀମାନେ ଘଣ୍ଟାଘଣ୍ଟା ଧରି ଲାଇନରେ ଠିଆ ହୋଇ ଅସୁବିଧା ଭୋଗୁଛନ୍ତି। ଡାକ୍ତରଖାନାରେ କେଉଁ ବିଭାଗ କେଉଁଠାରେ ରହିଛି ତାହାର ସୂଚନା ଫଳକ ରୋଗୀମାନଙ୍କୁ ସୂଚିତ କରାଯାଉ ନାହିଁ। ଫଳରେ ଜଣେ ରୋଗୀ ସ୍ୱାସ୍ଥ୍ୟସେବା ପାଇଁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଲେ କେଉଁ ଡାକ୍ତର କେଉଁ କକ୍ଷରେ ବସୁଛନ୍ତି ତାହା ଜଣାପଡୁ ନାହିଁ। ସେହିଭଳି ନିଦାନ ବିଭାଗରେ ରିପୋର୍ଟ ଦେବାପାଇଁ ସନ୍ଧ୍ୟା ୫ଟା ସମୟ ରହିଥିବାବେଳେ ଏଠାରେ ବିଭିନ୍ନ ସମୟରେ ରୋଗୀଙ୍କୁ ରିପୋର୍ଟ ପ୍ରଦାନ କରିବାରେ ବିଳମ୍ବ ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀଙ୍କ ପଞ୍ଜିକରଣ କାଉଣ୍ଟର ସମ୍ମୁଖରେ ପୁରୁଷ ଓ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଟ୍ ବ୍ୟବସ୍ଥା ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କେତେଜଣ ଡାକ୍ତର ପୂର୍ବାହ୍ନ ୧୧ଟା ବାଜିବା ପୂର୍ବରୁ ପଳାଇଯାଉଛନ୍ତି। ଏନେଇ ଡାକ୍ତରଖାନା ଦାୟିତ୍ୱରେ ଥିବା ଫାର୍ମାଷ୍ଟିସ୍ ଡାକ୍ତର ଗୋଲକ ବିହାରୀ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ଡାକ୍ତରଖାନା ୮ଟା ପୂର୍ବରୁ ଖୋଲିଯାଉଛି। କିନ୍ତୁ ବିଭିନ୍ନ ସମୟରେ କର୍ମଚାରୀ ଆସିବା ବିଳମ୍ବ ହେଉଛି। ଆମେ ଏନେଇ କର୍ମଚାରୀଙ୍କୁ ଅବଗତ କରି ଆଗାମୀ ଦିନରେ ଏଥିପ୍ରତି ଧ୍ୟାନ ଦେବୁ ବୋଲି କହିଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ ସେ କହିଥିଲେ, ଡିଏଭି ସହରାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଠିକ ସମୟରେ କର୍ମଚାରୀ ଆସୁ ନ ଥିବା ନେଇ ମୋ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ମୁଁ ଆସନ୍ତା ୨ ଦିନ ଭିତରେ ଘଟଣାର ପ୍ରକୃତ ତଦନ୍ତ କରି ଖୁବ ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବି ବୋଲି ମତ ପ୍ରକାଶ କରିଥିଲେ।

## ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା,୨୮।୪(ଦିନେଶ ମିଶ୍ର): ବାସନ୍ତୀ କଲୋନୀ ସ୍ଥିତ ମା' ତାରିଣୀ ଶାନ୍ତି କମିଟିପକ୍ଷରୁ ଡିଏଭି ବସ୍‌ଷ୍ଟାଣ୍ଡ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଦିବସ ସୋମବାର ପାଳିତ ହୋଇଯାଇଛି। ଯୁବନେତା ତଥା ସମାଜସେବୀ କହରା ଜେନାଙ୍କ ଅଧ୍ୟକ୍ଷତାରେ ଏହା ପାଳିତ ହୋଇଥିଲା। ଏହି ଅବସରରେ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଉପରେ ବିଭିନ୍ନ ବକ୍ତାମାନେ ଏହି ସଭାରେ ମତପୋଷଣ କରିଥିଲେ। ଏହି ସଭାରେ ସଭାପତି ବାସୁଦେବ ବରାଳ, ଗୁକ ଦାସ, ଗୁନୁ କର, ଅମୀୟ ପୋଥାଳ, ଭଞ୍ଜ ସିଂ, ଅରବିନ୍ଦ ମହାନ୍ତି, ବିଦ୍ୟାଧର ବେହେରା, ଗଣେଶ ଡୋରା, ରବିନାରାୟଣ ପଣ୍ଡା, କବିତା ଜେନା, ହରପ୍ରସାଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/Engg.-3/2025/28, ତା.23.04.2025ରିଖ
ଟେଣ୍ଡର ସଂ. 40255409A
ସାମଗ୍ରୀଗୁଡ଼ିକର ବିବରଣୀ : ଜଗଲ୍ଡ (Joggled) ଫିସ୍ ପ୍ଲେଟ୍।
ଟେଣ୍ଡର ମୂଲ୍ୟ : ₹ 1,65,49,075.20, EMD @ 2% : ₹ 3,30,980/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.05.2025ରିଖ 1500 ଘଟିକାରେ।
ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର
PR-74/Q/25-26

## ପହଲଗାମ୍ ମୃତକଙ୍କ ପାଇଁ ମହମବତି ଶୋଭାଯାତ୍ରା

ରାଉରକେଲା,୨୮।୪(ସଙ୍ଗୀତା ଜେନା): କାଶ୍ମୀରର ପହଲଗାମଠାରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କୁ ନ୍ୟାୟ ଓ ଆତ୍ମାର ସଦ୍‌ଗତି ପାଇଁ ସାମାଜିକ ଅନୁଷ୍ଠାନ ଆରାଧ୍ୟା ମହିଳା ସମିତି ପକ୍ଷରୁ ସୋମବାର ସନ୍ଧ୍ୟା ୭ଟାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଏକ ମହମବତି ଶୋଭାଯାତ୍ରା ଜଗଦା ଉତ୍କଳ ବିହାର ମାର୍ଗରୁ ଆରମ୍ଭ ହୋଇ ସରଣୀଛକରେ ପହଞ୍ଚିଥିଲା। ସମିତିର ସଭାନେତ୍ରୀ ହରପ୍ରିୟା ପଟ୍ଟନାୟକ, ପ୍ରେମଲତା ମହାନ୍ତି, ରୋଜାଲିନ୍ ରାଉତ, ଶାନ୍ତି ଟପ୍ପୋ, ସବିତା ମହାରଣା, ଅଲିଅଲ ମିଶ୍ର, ମମତା ତ୍ରିପାଠୀ, ମଧୁ ପଟ୍ଟନାୟକ, ଜୟଶ୍ରୀ ପାଣ୍ଡେଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋଭାଯାତ୍ରା ପୂର୍ବରୁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।




ଜଗଦା ସରଣୀଛକରେ ମହିଳା ସମିତି ପକ୍ଷରୁ ଶ୍ରଦ୍ଧାଳି ଅର୍ପଣ କରାଯାଉଛି।

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ
E-mail : dpcsonepurssa.opepa@nic.in, pedsonepurssa.opepa@nic.in Ph.: 06654-220551 / 06654-220514 (fax)
No. 915 Date : 28.04.2025
"TENDER CALL NOTICE FOR SUPPLY OF TLM (TEACHING LEARNING MATERIALS) FOR SHISHU VATIKA, CLASS-I, II & III FOR THE YEAR 2025-26"
Sealed tenders are invited in prescribed format from reputed firms / Suppliers / Dealers having PAN, GST and IT clearance certificate for supply of TLM (Shisu Vatika, Class-I, II & III) of Subarnapur District. The tender paper will be submitted to District Project Coordinator, Samagra Shiksha, Subarnapur latest by 17.05.2025. Details Bid documents can be down loaded from the official website www.subarnapur.odisha.gov.in & www.opepa.nic.in
By order of Collector and Chairman, Samagra Shiksha, Subarnapur
Sd./- District Project Coordinator, Samagra Shiksha, Subarnapur

## ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ସମାଜର ବିକାଶ ହେବ

ରାଉରକେଲା,୨୮।୪(ସଂଗୀତା ଜେନା)



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର, ଓଡ଼ିଶାର ପ୍ରଥମ ବାରିଷ୍ଟର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ ତମ ଜୟନ୍ତୀ ଓ ଆଇନଜୀବୀ ଦିବସ ସୋମବାର ସକାଳ ୮ଟାରେ ପାଳିତ ହୋଇଯାଇଛି। ରାଉରକେଲା ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ଉଦିତ ନଗରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅନ୍ୟତମ ବିଚାରପତି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବରେ ଓଡ଼ିଶା ମାନବ ଅଧିକାର କମିଶନର ଅସୀମ ଅମିତାଭ ଦାଶ, ସମ୍ମାନୀୟ ଅତିଥି ଭାବରେ ସୁନ୍ଦରଗଡ଼ ଜିଲା ଦୌରା ଜଜ୍ ଶିଖାରାଣୀ ରଥ, ଅନ୍ୟତମ ଅତିଥି ଭାବରେ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଡ. ଅନିନ୍ଦିତା ପୂଜାରୀ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଗଠନ କରିବା ପାଇଁ ମଧୁବାବୁଙ୍କ ଜୀବନ କାଳ ସଂଘର୍ଷ ତାଙ୍କୁ ସବୁ ଓଡ଼ିଆଙ୍କ ଭିତରେ ଜୀବିତ କରି ରଖିବ ବୋଲି କହିଥିଲେ।

ରାଉରକେଲା ଓକିଲ ସଂଘର ସଭାପତି ସଦାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଓକିଲ ସଂଘର ପ୍ରାୟ ୨୨ ଜଣ ବରିଷ୍ଠ ସଦସ୍ୟଙ୍କୁ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସାଧାରଣ ଲୋକଙ୍କୁ ଆଇନ ସେବା ଯୋଗାଇଦେବା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଅତିଥିମାନେ ସମ୍ମାନିତ କରିଥିଲେ। ଏଥିସହ ୨୦୨୪ରେ ରାଉରକେଲା ଓକିଲ ସଂଘରେ ନୂତନ କରି ସଦସ୍ୟ ହୋଇଥିବା ୩୪ ଜଣ ନବାଗତ ଆଇନଜୀବୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂଘର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଂଘର ସମ୍ପାଦକ ଦେବାନନ୍ଦ ତନ୍ତୀ ଯୋଗ ଦେଇଥିବା ବେଳେ ସଂଘର ଉପ ସଭାପତି ରାଜ କିଶୋର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ଅନନ୍ତ ନାରାୟଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ମରଣିକା ସଂପାଦକ କୈଳାସ କୁମାର ସାବତ ସ୍ମରଣିକା ଉନ୍ମୋଚନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘର ସମସ୍ତ ବରିଷ୍ଠ ସଦସ୍ୟ, ରାଉରକେଲାର ପ୍ରଥମ ଅତିରିକ୍ତ ଜିଲା ଦୌରା ଜଜ୍ ମୁକ୍ତି ରଞ୍ଜନ ଶତପଥୀ, ପୋକ୍‌ସୋ ସ୍ୱତନ୍ତ୍ର କୋର୍ଟ ଜଜ୍ ପି ସୁରିୟା ରାଓ, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ମନୋଜ କୁମାରଙ୍କ ସମେତ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ଓକିଲ ସଂଘର ଯୁଗ୍ମ ସମ୍ପାଦକ ଅନୁସୁର ହରି ଦୋରା, କୋଷାଧ୍ୟକ୍ଷ ଅକ୍ଷୟ କୁମାର ସିଂହଦେଓ, ସହ ସମ୍ପାଦକ ତାପସ ପରିଡ଼ା, ଲାଇବ୍ରେରୀ ସହ ସମ୍ପାଦିକା ରାଜଶ୍ରୀ ମିଶ୍ର କାର୍ଯ୍ୟକାରୀ କମିଟି ସଦସ୍ୟ ବ୍ରିଜେଶ ମିଶ୍ର, ଗଙ୍ଗାଧର ଦାସ, ଜେ ପି ମୁର୍ମୁ ପ୍ରମୁଖ ଆଇନଜୀବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB)
ପ୍ରଥମ ମହଲା, ପ୍ଲଟ୍ ନଂ.: ୭୭୮, ମହର୍ଷି କଲେଜ ରୋଡ, ସା/ପୋ: ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍ ନଂ.: ୦୬୭୪-୨୫୪୯୬୬୩ / ୨୫୪୯୬୧୨, ଇ-ମେଲ ଆଇଡି: sbi.05174@sbi.co.in
**ଇ-ନିଲାମ / ବିକ୍ରୟ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: ତା୦୮.୦୫.୨୦୨୫ରିଖ ଅପରାହ୍ନ ୩.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ
ଗାଡି ଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୦୩.୦୫.୨୦୨୫ ଅପରାହ୍ନ ୪.୦୦ଘଟିକାରୁ ଅପରାହ୍ନ ୫.୦୦ ଘଟିକା

| କ୍ର ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ଅକ୍ଷୟ କୁମାର ପରିଡ଼ା, ପରିଡ଼ା ସାହି, ଅଲତିରି, ପାଣିକୋଇଲି ଉଚ୍ଚ ବିଦ୍ୟାଳୟ ପଛପାର୍ଶ୍ୱ, ପୋ.: ପାଣିକୋଇଲି, ଯାଜପୁର, ଓଡ଼ିଶା, ପିନ୍-୭୫୫୦୪୩ / ଆକାଉଣ୍ଟ ନଂ.: ୩୯୭୯୮୯୭୫୬୫୪ | ASHOK LEYLAND LTD., Regd. No.: OD-04-Q-4343, Year Manufacturing : Oct. 2020, Chasis No.: OT42022012025, Engine No.: LYPZ107701 | ୨୮.୦୪.୨୦୨୫ ସୁଦ୍ଧା ଟ.୩୯,୫୬,୬୦୯/- + ୨୯.୦୪.୨୦୨୫, ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨୫,୫୦,୦୦୦/- / ଟ.୨,୫୫,୦୦୦/- / ଟ.୨୦,୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://baanknet.com.ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦କୁ କଲ୍ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.BAANKNET@psballiance.comକୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ https://baanknet.com ଦେଖନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ https://baanknet.com କୁ ଇମେଲ କରନ୍ତୁ। ଗାଡିର ବିବରଣୀ ଏବଂ ଗାଡିର ଫଟୋଗ୍ରାଫ୍ https://baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd, ଯୋଗାଯୋଗ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।
https://baanknet.com ୱେବସାଇଟ୍‌ରେ ଗାଡି ଖୋଜିବାବେଳେ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ।
ନିୟମ ଏବଂ ସର୍ତ୍ତାବଳୀ ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : www.sbi.co.in & https://baanknet.com
ଗାଡିର ପାର୍କିଂ ସ୍ଥାନ: ମା କମଳା ଷ୍ଟକୟାର୍ଡ଼, ଚଣ୍ଡିଖୋଲ, ସୟୀ, ହରିଦାସପୁର, ଧର୍ମଶାଳା, ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୪
ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ: ୯୪୩୭୫୫୨୫୩୫ ଏବଂ ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ (ସିଟି କେସ୍ ଅଫିସର), ମୋ.: ୯୪୩୭୯୫୩୬୪୨
ତାରିଖ : ୨୮.୦୪.୨୦୨୫, ସ୍ଥାନ : ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଅଧାପନ୍ତରିଆ ଅବସ୍ଥାରେ ହିର୍ମା-ମଳଦା ସେତୁ

## ଯାତାୟାତ ପାଇଁ ଅସୁବିଧା ଭୋଗୁଛନ୍ତି ୨ ପଞ୍ଚାୟତବାସୀ

ଝାରସୁଗୁଡା, ୨୮।୪, (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ହିର୍ମା-ମଳଦା ଗ୍ରାମ ମଧ୍ୟବର୍ତ୍ତୀ ଅଞ୍ଚଳର ଭେଡେନ୍ ନଦୀ ଉପରେ ନିର୍ମାଣାଧୀନ ସେତୁ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ମଳଦା ଓ ପତ୍ରାପାଲି ପଞ୍ଚାୟତର ୧୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯାତାୟତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସେତୁ କାମ ଶେଷ କରାଯାଇ ଯାତାୟାତ ଉପଯୋଗୀ କରିବା ପାଇଁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଝାରସୁଗୁଡାରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଅନେକ ସରକାରୀ କାର୍ଯ୍ୟାଳୟ, ହସ୍ପିଟାଲ, ବିଭିନ୍ନ କମ୍ପାନୀ, ହାଇସ୍କୁଲ ଓ କଲେଜ ରହିଛି। ଉପରୋକ୍ତ ୨ ପଞ୍ଚାୟତର ଜନସାଧାରଣ ବିଭିନ୍ନ କାର୍ଯ୍ୟ ସହ ଛାତ୍ରୀଛାତ୍ର ପାଠ ପଢିବା ପାଇଁ ଝାରସୁଗୁଡା ସହର ଉପରେ ନିର୍ଭର କରିଥାନ୍ତି। ହେଲେ ଭେଡେନ ନଦୀରେ ସେତୁ ନ ଥିବାରୁ ୨ ପଞ୍ଚାୟତବାସୀ ସମ୍ବଲପୁର ଜିଲା ଠେଲାକୋଳି ଦେଇ ପ୍ରାୟ ୧୮ କିଲୋମିଟର ରାସ୍ତା ବୁଲି ଝାରସୁଗୁଡା ସହରକୁ ବିଭିନ୍ନ କାମ ପାଇଁ ଯାଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ୬ବର୍ଷ ତଳେ ବିଜୁ ସେତୁ ଯୋଜନାରେ ଭେଡେନ ନଦୀ ଉପରେ ସେତୁ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୧୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ୨୦୧୮ ନଭେମ୍ବର ୨୮ରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭୁବନେଶ୍ୱରର ଏକ ଠିକା ସଂସ୍ଥା ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ପାଇଥିଲା। ହେଲେ ଉକ୍ତ ସଂସ୍ଥା ମାତ୍ର ୨୦ ପ୍ରତିଶତ କାମ କରି ବିଲ୍ ବାବଦକୁ ୩ କୋଟି ୯୭ ଲକ୍ଷ ଟଙ୍କା ପାଇସାରିଛି। ପରବର୍ତ୍ତୀ ସମୟରେ କୌଣସି କାରଣରୁ ଉକ୍ତ ସଂସ୍ଥା ସେତୁ ନିର୍ମାଣ କାର୍ଯ୍ୟରୁ ଓହରିଯାଇଛି। ଫଳରେ ୩ ବର୍ଷ ଭିତରେ ସରିବାକୁ ଥିବା ଏହି କାମ ଆଜିପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ହୋଇରହିଛି।

ଏ ସମ୍ପର୍କରେ ମଳଦା ଗ୍ରାମର ସୁରେଶ ବିଶି, ପ୍ରଫୁଲ୍ଲ ପାତ୍ର ଓ ପତ୍ରାପାଲି ଗ୍ରାମର କୁନା ସେଠ୍ କହିଛନ୍ତି, ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ଆନ୍ତରିକତାର ଅଭାବ ଯୋଗୁ ମଳଦା ଓ ପତ୍ରାପାଲି ପଞ୍ଚାୟତର ଜନସାଧାରଣ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧାପନ୍ତରିଆ ସେତୁ ଯୋଗୁ ଲୋକମାନେ ୧୮ କିଲୋମିଟର ରାସ୍ତା ବୁଲି ଜିଲା ମୁଖ୍ୟାଳୟକୁ ଯାତାୟାତ କରୁଛନ୍ତି। ଅପରପକ୍ଷରେ ନଦୀ ପାର ହେବା ପାଇଁ ଲୋକମାନଙ୍କୁ ଦୀର୍ଘ ସମୟ ଧରି କୂଳରେ ଡଙ୍ଗାକୁ ଅପେକ୍ଷା କରିବାକୁ ପଡୁଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀଯନ୍ତ୍ରୀ ବିନୋଦ ବିହାରୀ ଛୁରିଆ କହିଛନ୍ତି, ଏହି ସେତୁର ଅଧାପନ୍ତରିଆ କାମ ସମ୍ପୂର୍ଣ୍ଣ କରିବା ପାଇଁ ପୁନଃ ଟେଣ୍ଡର କରାଯିବ। ଏ ବାବଦକୁ ଆଉ କିଛି ଅର୍ଥ ମଞ୍ଜୁର ପାଇଁ ସରକାରଙ୍କୁ ଚିଠି ମାଧ୍ୟମରେ ଜଣାଇଛୁ।



# ଧାର୍ଯ୍ୟ ସମୟରେ ପ୍ରକଳ୍ପ କାର୍ଯ୍ୟ ସରିବ



ରକ୍ସାପଡା ହନୁମାନ ମନ୍ଦିର ନବୀକରଣ ପାଇଁ ବିଧାୟକ ଶିଳାନ୍ୟାସ କରୁଛନ୍ତି।

## ୧୯ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ଝାରସୁଗୁଡା, ୨୮।୪
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ଅଞ୍ଚଳରେ ସୋମବାର ୧୯ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଏଥିରେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ବିଶେଷକରି ବରପାଏନ ଗ୍ରାମରେ ଜଗନ୍ନାଥ ମନ୍ଦିର, ଚନ୍ଦ୍ରପୁରସ୍ଥିତ ମାଉସୀମା' ଓ ରକ୍ସାପଡ଼ା ହନୁମାନ ମନ୍ଦିରର ନବୀକରଣ, ଖଇରାକାନି ନିକଟରେ ନାଗେନ ଚଉଠି ମନ୍ଦିରର ନବୀକରଣ କାର୍ଯ୍ୟ ସମେତ ଅନ୍ୟ ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ଏହି ଅବସରରେ ବିଧାୟକ ତ୍ରିପାଠୀ କହିଛନ୍ତି, ନିର୍ବାଚନ ପ୍ରଚାରବେଳେ ଲୋକମାନେ କରିଥିବା ଦାବି ପୂରଣ କରାଯାଇଛି। କିର୍ମିରା ବ୍ଲକ ଅଞ୍ଚଳରେ ବିଭିନ୍ନ ପୋଖରୀ ଖନନ କରାଯାଇ ପାହାଚ ନିର୍ମାଣ କରାଯିବ। ଶିଳାନ୍ୟାସ କରାଯାଇଥିବା ପ୍ରକଳ୍ପର କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ସରିବ ବୋଲି ତ୍ରିପାଠୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ଲାକ୍ରା, ମଣ୍ଡଳ ସଭାପତି ଉଦ୍ଧବ ସିଂ ନାଏକ, ବରିଷ୍ଠ ଭାଜପା ନେତା ବିଜୟ ଶର୍ମା, ମଣ୍ଡଳ ସାଧାରଣ ସମ୍ପାଦକ ଝସକେତନ ପ୍ରଧାନ, ବାବୁଲାଲ କିଷାନ, ଯାମିନିକାନ୍ତ ନାଏକ, ସନ୍ଦୀପ ପଟେଲ, ରସିକ ଆଡ଼େ, ପ୍ରଦୀପ କିଷାନ, କିର୍ମିରା ସରପଞ୍ଚ ସନ୍ତୋଷିନୀ ପଟେଲ୍, ଯେଠୁ ନେଟି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଷ୍ଟ୍ରଙ୍ଗ୍‌ମେନ୍, ଓମେନ୍ ପ୍ରତିଯୋଗିତା

ସମ୍ବଲପୁର,୨୮।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରରେ ସୋମବାର ଜିଲାସ୍ତରୀୟ ଷ୍ଟ୍ରଙ୍ଗମେନ ଏବଂ ଓମେନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭୂତପଡାସ୍ଥିତ ସୁଲତାନ ଜିମ୍ ଆଣ୍ଡ ଫିଟ୍‌ନେସ ସେଣ୍ଟରରେ ସମ୍ବଲପୁର ଷ୍ଟ୍ରଙ୍ଗମେନ ଆସୋସିଏଶନ ସହଯୋଗରେ ଏହି ପ୍ରତିଯୋଗିତା ହୋଇଥିଲା। ଭିନ୍ନ ବର୍ଗରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ୬୨ଜଣ ପୁରୁଷ ଏବଂ ମହିଳା ଅଂଶଗ୍ରହଣ କରିଥିଲେ। ପୁରୁଷବର୍ଗରେ ଏମଡି ଅମଜାଦ ସମ୍ବଲପୁର ଷ୍ଟ୍ରଙ୍ଗମେନଭାବେ ଟାଇଟଲ ବିଜୟୀ ହୋଇଥିଲେ। ମହିଳା ବର୍ଗରେ ସାଗରିକା ରାୟ ସମ୍ବଲପୁର ଷ୍ଟ୍ରଙ୍ଗ ମହିଳା ଟାଇଟଲ ଜିତିଥିଲେ। ସମ୍ବଲପୁର ଜିଲାରେ ସୁନ୍ଦର ସ୍ୱାସ୍ଥ୍ୟ ସହ ଶକ୍ତି ପ୍ରଦର୍ଶନ କରିବା ଦିଗରେ ଉଭୟ ପୁରୁଷ ଏବଂ ମହିଳାଙ୍କୁ ଆକର୍ଷିତ କରିବା ପାଇଁ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ୱାସେ ମଲ୍ଲିକ ଯୋଗଦେଇଥିଲେ।




ପୁରୁଷବର୍ଗ ସମ୍ବଲପୁର ଷ୍ଟ୍ରଙ୍ଗମେନ ଟାଇଟଲ ବିଜେତା ଏମ୍‌ଡି ଅମଜାଦ।

# ଆଇନଜୀବୀ ବିଚାର ବିଭାଗର ମେରୁଦଣ୍ଡ



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ସହିତ ଆଇନଜୀବୀ।

ଝାରସୁଗୁଡା, ୨୮।୪
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ବେହେରାମାଲଠାରେ ଥିବା ପୁରୁଣା ବାର୍ ଆସୋସିଏଶନ କକ୍ଷରେ ଜିଲାସ୍ତରୀୟ ଆଇନଜୀବୀ ଦିବସ ସୋମବାର ପୂର୍ବାହ୍ନ ୧୦ଟାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ ଯୋଗଦେଇ କହିଛନ୍ତି, ଆଇନଜୀବୀମାନେ ବିଚାର ବିଭାଗର ମେରୁଦଣ୍ଡ। ତେଣୁ ସେମାନେ ସମାଜକୁ ଉଚିତ୍ ନ୍ୟାୟ ଦେଇପାରିବେ। ସେହିପରି ସମ୍ମାନିତ ଅତିଥି ସିଭିଲ ଅଦାଲତର ରେଜିଷ୍ଟ୍ରାର ରାଜେନ୍ଦ୍ର ଦାସ କହିଛନ୍ତି, ବିଚାରପତି, ଓକିଲ ତଥା ବିଚାର ବିଭାଗୀୟ ଅଧିକାରୀଙ୍କ ସମନ୍ୱୟରେ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ କରିହେବ। ଏଥିରେ ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଳ, ସମ୍ପାଦକ ନୀଳାଦ୍ରି ପଣ୍ଡାଙ୍କ ସମେତ ଓକିଲ ସଂଘ ବହୁ ସଦସ୍ୟ ଯୋଗଦେଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଶିବିରରେ ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ଦେବଗଡ଼,୨୮।୪
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଦୁଧିଆନାଲି ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୪୪ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ପାନୀୟ ଜଳ, ଘରଡିହ ପଟ୍ଟା, ରାଶନ କାର୍ଡରେ ନାମ ସଂଯୋଗ, ଖେଳପଡିଆ ଉନ୍ନତୀକରଣ ଓ ରାସ୍ତା ମରାମତି ଆଦି ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଉପଜିଲାପାଳ ପରିକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ସହକାରୀ ଜିଲାପାଳ ହେମନ୍ତ ସିଂ ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଓଡ଼ିଶା ଗଠନରେ ମଧୁବାବୁଙ୍କ ଅବଦାନ ଅତୁଳନୀୟ

ସମ୍ବଲପୁର,୨୮।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ସୋମବାର କଚେରି ପରିସରରେ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଆଇନଜୀବୀ ଦିବସ ଭାବେ ପାଳନ କରାଯାଇଛି। ଜିଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେ ମଧୁବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧା ସୁମନ ଅର୍ପଣ ସ୍ୱରୂପ ତାଙ୍କର ଆଦର୍ଶ ଉପରେ ପରିଚାଳିତ ହେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତାଭାବେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ସେ ମଧୁବାବୁଙ୍କ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଅବଦାନ ଏବଂ ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ ଆଇନଗତ ଲଢେଇ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମ୍ବଲପୁରର ୫ ଜଣ ବରିଷ୍ଠ ଓକିଲ ବିପିନ ବିହାରୀ ମେହେର, ଚିତ୍ତରଞ୍ଜନ ପଣ୍ଡା, ପ୍ରଫୁଲ୍ଲ ହୋତା, ସୁଶାନ୍ତ ନାୟକ ଏବଂ ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ଜିଲା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ଓକିଲ ସଂଘ ସମ୍ପାଦକ ପ୍ରଦ୍ୟୋତ କୁମାର ଶର୍ମା, ଉପସଭାପତି ଅରବିନ୍ଦ ନାୟକ, ସହସମ୍ପାଦକ ପ୍ରଦୀପ କୁମାର ସୁପକାର, ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାର ବଡାଇ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବନ୍ଦିତାରାଣୀ ମିଶ୍ର ସଂଯୋଜନା କରିଥିଲେ।




ଆଇନଜୀବୀ ଦିବସରେ ମଞ୍ଚାସୀନ ଅତିଥି।

# ୪୫ ଅଭିଯୋଗର ଶୁଣାଣି କଲେ ଜିଲାପାଳ



ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ।

ଝାରସୁଗୁଡା/ଲଖନପୁର ୨୮।୪,
(ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ସକାଳ ୭ଟାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମଧୁସିକ୍ତା ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ପଟେଲ, ତହସିଲଦାର ପ୍ରସନ୍ନ ପଟେଲ, ଡେପୁଟି କଲେକ୍ଟର ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ୧୯ଟି ସାମୂହିକ ଓ ୨୬ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ବିଶେଷକରି କଟୁଜୋରରେ ରାସ୍ତା ମରାମତି, ଭଅଁରଖୋଲରେ ବିଦ୍ୟୁତ୍ ସଂଯୋଗ ଓ ପାଇପ ଯୋଗେ ପାନୀୟଜଳ ଯୋଗାଣ, ଦେଓପାଲିରେ ଜଳମଗ୍ନ ହୋଇଥିବା ଚାଷଜମି ପାଇଁ କ୍ଷତିପୂରଣ, କତରବଗାରେ ଘରଡିହ ପଟ୍ଟା ପ୍ରଦାନ, ବିଦ୍ୟାଳୟ ରୋଷେଇ ଗୃହ ଏବଂ ପାଚେରି ନିର୍ମାଣ, ଲିମେଇଟିକ୍ରାରେ ଉଠାଜଳସେଚନ ପ୍ରକଳ୍ପ ପୁନଃ କାର୍ଯ୍ୟକ୍ଷମ କରାଯିବା ଭଳି ବିଭିନ୍ନ ଅଭିଯୋଗର ଶୁଣାଣି ହୋଇଥିଲା। ସେହିପରି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ମଧ ଶୁଣାଣି କରାଯାଇଥିଲା। ଚିକିତ୍ସା ବାବଦକୁ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅପରପକ୍ଷରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଅଭିଯୋଗ ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ମଧୁବାବୁ ଜୟନ୍ତୀ ପାଳିତ

ଝାରସୁଗୁଡା,୨୮।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଡିଏଭି ସ୍କୁଲ ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସୋମବାର ସକାଳ ୮ଟାରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ସ୍କୁଲ ପରିସରରେ ଥିବା ମଧୁବାବୁ ଓ ଅନ୍ୟ ଆଦର୍ଶପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଓଡ଼ିଆ ଭାଷା, ସଂସ୍କୃତି ଓ ଅସ୍ମିତା ପ୍ରତି ବିଶେଷ ଅବଦାନ ଥିବା ମଧୁବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ଗୀତାଞ୍ଜଳି ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମଧୁସ୍ମିତା ପଲେଇ ବକ୍ତବ୍ୟ ଦେଇଥିଲେ। ପ୍ରମୋଦ ନାଥ ଓ ଆଲୋକ ପଣ୍ଡିତ କବିତା ପାଠ, ରାହାସ ବିହାରୀ ଦାଶ ମଧୁବାବୁଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ। ସତ୍ୟନାରାୟଣ ଜେନା ଧନ୍ୟବାଦ ଦେଇଥିଲେ।

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, pedsonepurssa.opepa@nic.in Ph.: 06654-220551 / 06654-220514 (fax)
No. 915 Date : 28.04.2025
**"TENDER CALL NOTICE FOR SUPPLY OF TLM (TEACHING LEARNING MATERIALS) FOR SHISHU VATIKA, CLASS-I, II & III FOR THE YEAR 2025-26"**
Sealed tenders are invited in prescribed format from reputed firms / Suppliers / Dealers having PAN, GST and IT clearance certificate for supply of TLM (Shisu Vatika, Class-I, II & III) of Subarnapur District. The tender paper will be submitted to District Project Coordinator, Samagra Shiksha, Subarnapur latest by 17.05.2025. Details Bid documents can be down loaded from the official website www.subarnapur.odisha.gov.in & www.opepa.nic.in
By order of Collector and Chairman, Samagra Shiksha, Subarnapur
Sd./- District Project Coordinator, Samagra Shiksha, Subarnapur

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/Engg.-3/2025/28, ତା.23.04.2025ରିଖ
ଟେଣ୍ଡର ସଂ. 40255409A
ସାମଗ୍ରୀଗୁଡ଼ିକର ବିବରଣୀ : ଜଗଲ୍ଡ (Joggled) ଫିସ୍ ପ୍ଲେଟ୍।
ଟେଣ୍ଡର ମୂଲ୍ୟ : ₹ 1,65,49,075.20, EMD @ 2% : ₹ 3,30,980/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.05.2025ରିଖ 1500 ଘଟିକାରେ।
ଇ-ଟେଣ୍ଡର ହସ୍ତାନ୍ତରଯୋଗ୍ୟ ନୁହେଁ ଏବଂ ଏହାକୁ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାକ୍ ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ପାଖରେ ଦାଖଲ କରାଯିବା ଆବଶ୍ୟକ।
କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପାଖରେ ସଂରକ୍ଷିତ ଅଟେ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ସମ୍ବଲପୁର
PR-74/Q/25-26

# ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମଧୁବାବୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ

## ଜିଲାସ୍ତରୀୟ ସମବାୟ ମହୋତ୍ସବ, ଉତ୍କଳ ଗୌରବଙ୍କ ଜୟନ୍ତୀ ପାଳିତ

ଦେବଗଡ଼,୨୮।୪(ଶଶାଙ୍କ ଶେଖର ଝାଙ୍କର)- ଦେବଗଡ଼ ସମବାୟ ସମିତି ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଜିଲାସ୍ତରୀୟ ସମବାୟ ମହୋତ୍ସବ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଦେବଗଡ଼ ସମବାୟ ସମିତିର ଉପନିବନ୍ଧକ ମୋନିକା ରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ବରିଷ୍ଠ ସହକାରୀ ନିବନ୍ଧକ ଭବାନୀକାନ୍ତ ନାୟକ, ଜିଲା ବିକାଶ ପ୍ରବନ୍ଧକ ଧୀରେନ୍ଦ୍ର କୁମାର ଦାସ ଯୋଗଦେଇ କହିଛନ୍ତି, ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମଧୁବାବୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ଫେକ୍ସ ସମବାୟ ବିଭାଗ ପକ୍ଷରୁ ବାରକୋଟ ବ୍ଲକର କଣ୍ଢେଲ, ତିଳେଇବଣି ବ୍ଲକର ଲଇମରା, ରିଆମାଳ ବ୍ଲକର ନାଉଲପଡାର ବେଷ୍ଟ ଡିପୋଜିଟରଙ୍କୁ ଟ୍ରଫି, ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ, ସମବାୟ ବିଭାଗର ସଭାପତି, ସମ୍ପାଦକ ଓ ଚାଷୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**SBI** **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB)
ପ୍ରଥମ ମହଲା, ପ୍ଲଟ୍ ନଂ.: ୭୭୮, ମହର୍ଷି କଲେଜ ରୋଡ, ସା/ପୋ: ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍ ନଂ.: ୦୬୭୪-୨୫୪୯୬୬୩ / ୨୫୪୯୬୧୨, ଇ-ମେଲ ଆଇଡି: sbi.05174@sbi.co.in
**ଇ-ନିଲାମ / ବିକ୍ରୟ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: ତା୦୮.୦୫.୨୦୨୫ରିଖ ଅପରାହ୍ନ ୩.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ
ଗାଡି ଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୦୩.୦୫.୨୦୨୫ ଅପରାହ୍ନ ୪.୦୦ଘଟିକାରୁ ଅପରାହ୍ନ ୫.୦୦ ଘଟିକା

| କ୍ର ନଂ. | ରଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ରଣଗ୍ରହୀତା: ଶ୍ରୀ ଅକ୍ଷୟ କୁମାର ପରିଡ଼ା, ପରିଡ଼ା ସାହି, ଅଳତିରି, ପାଣିକୋଇଲି ଉଚ୍ଚ ବିଦ୍ୟାଳୟ ପଛପାର୍ଶ୍ୱ, ପୋ.: ପାଣିକୋଇଲି, ଯାଜପୁର, ଓଡ଼ିଶା, ପିନ୍-୭୫୫୦୪୩ / ଆକାଉଣ୍ଟ ନଂ.: ୩୯୭୯୮୯୬୫୬୫୪ | ASHOK LEYLAND LTD., Regd. No.: OD-04-Q-4343, Year Manufacturing : Oct. 2020, Chasis No.: OT42022012025, Engine No.: LYPZ107701 | ୨୮.୦୪.୨୦୨୫ ସୁଦ୍ଧା ଟ.୩୯,୫୬,୬୦୯/- + ୨୯.୦୪.୨୦୨୫, ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୨୫,୫୦,୦୦୦/- / ଟ.୨,୫୫,୦୦୦/- / ଟ.୨୦,୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ **PSB Alliance Pvt. Ltd.**ର ୱେବସାଇଟ୍ **https://baanknet.com.**ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦କୁ କଲ୍ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ **support.BAANKNET@psballiance.com**କୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ **https://baanknet.com** ଦେଖନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ **https://baanknet.com** କୁ ଇମେଲ କରନ୍ତୁ। ଗାଡିର ବିବରଣୀ ଏବଂ ଗାଡିର ଫଟୋଗ୍ରାଫ୍ **https://baanknet.com** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ **PSB Alliance Pvt. Ltd,** ଯୋଗାଯୋଗ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।

**https://baanknet.com** ୱେବସାଇଟ୍‌ରେ ଗାଡି ଖୋଜିବାବେଳେ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ।
ନିୟମ ଏବଂ ସର୍ତ୍ତାବଳୀ ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ରଣଦାତାଙ୍କ ୱେବସାଇଟ୍ : **www.sbi.co.in & https://baanknet.com**
ଗାଡିର ପାର୍କିଂ ସ୍ଥାନ: ମା କମଳା ଷ୍ଟକୟାର୍ଡ଼, ଚଣ୍ଡିଖୋଲ, ସୟୀ, ହରିଦାସପୁର, ଧର୍ମଶାଳା, ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୪
ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ: ୯୪୩୭୫୫୨୫୩୫ ଏବଂ ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ (ସିଟି କେସ୍ ଅଫିସର), ମୋ.: ୯୪୩୭୯୫୩୬୪୨
ତାରିଖ : ୨୮.୦୪.୨୦୨୫, ସ୍ଥାନ : ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ




ପ୍ରଦେଶ କଂଗ୍ରେସ ପକ୍ଷରୁ ସୋମବାର ଭୁବନେଶ୍ୱରର ରାଜମହଲ ଛକଠାରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଯାଉଥିବା ସମ୍ବିଧାନ ବଞ୍ଚାଅ ଶୋଭାଯାତ୍ରା।

# ଭାଜପା ସରକାର ଲୋକଙ୍କ ସାମ୍ବିଧାନିକ ଅଧିକାର ଛଡ଼େଇ ନେଇଛି: ଭକ୍ତ

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

■କଂଗ୍ରେସର ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ
■ସମ୍ବିଧାନ ଆମ ରକ୍ଷାକବଚ

ଦେଶର ସମ୍ବିଧାନ ସଙ୍କଟରେ। ସମ୍ବିଧାନର ସୁରକ୍ଷା ପାଇଁ ଲଢ଼େଇ କରିବା ପ୍ରତ୍ୟେକ ରାଜନୈତିକ ଦଳ ଓ ସାଧାରଣ ଜନତାଙ୍କର କର୍ତ୍ତବ୍ୟ। ମୋଦି ସରକାର ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ଦୁରୁପଯୋଗ କରୁଛନ୍ତି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି।

ସୋମବାର ସନ୍ଧ୍ୟାରେ ପ୍ରଦେଶ କଂଗ୍ରେସ ପକ୍ଷରୁ ରାଜମହଲ ଛକଠାରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ କରାଯାଇଥିବା 'ସମ୍ବିଧାନ ବଞ୍ଚାଅ' ଶୋଭାଯାତ୍ରା ଅବସରରେ ଭକ୍ତ କହିଛନ୍ତି, ସମ୍ବିଧାନ ସଶକ୍ତ ହେଲେ ଆମ ଗଣତନ୍ତ୍ର ସଶକ୍ତ ହେବ ଏବଂ ଆମ ଅଧିକାର ସୁରକ୍ଷିତ ରହିବ। ଭାରତ ବର୍ଷର ଭାଜପା ସରକାର ସମ୍ବିଧାନକୁ ବିକୃତ କରିଚାଲିଛନ୍ତି। ଭାଜପା ଓ ଆର୍‌ଏସ୍‌ଏସ୍‌ର ବିଚାରଧାରାରେ ସମ୍ବିଧାନକୁ ବଦଳାଇବା ପାଇଁ ନିଷ୍ପତ୍ତି ନିଆଯାଉଛି। ଘୃଣା, ହିଂସା, ଭେଦଭାବ ସୃଷ୍ଟିକରି ଭାଇଚାରାକୁ ନଷ୍ଟ କରାଯାଉଛି। ଏହାଦ୍ୱାରା ଦେଶରେ ଥିବା ବିବିଧତା ଭିତରେ ଐକ୍ୟତା ଓ ଜାତୀୟ ସଂହତି ନଷ୍ଟ ହେଉଛି। ଏଥିପାଇଁ ଆମ ସମସ୍ତଙ୍କୁ ସତର୍କ ରହିବା ସହିତ ଭାରତବର୍ଷର ସାଧାରଣ ଜନତାଙ୍କୁ ଏଭଳି ପରିସ୍ଥିତି ପାଇଁ ସଚେତନ କରିବାକୁ ପଡ଼ିବ। କେନ୍ଦ୍ରର ଭାଜପା ସରକାର ଶାସନକାଳରେ ନିର୍ବାଚନ ଆୟୋଗ ନିଜର ଗରିମା ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇସାରିଛି। ନିର୍ବାଚନ ଆୟୋଗ ଏବେ ଭାଜପାର ଖେଳନା ସାଜିଛି। ଗଣଙ୍କ ନିଷ୍ପତ୍ତିକୁ ଗୌଣ କରିଦିଆଯାଉଛି। ନ୍ୟାୟାଳୟ ଆଉ ନିରପେକ୍ଷ ନାହିଁ। ବିରୋଧୀ ଦଳର ନେତୃବର୍ଗଙ୍କୁ ଇଡି, ସିବିଆଇ, ଆଇଟି ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ମିଛ ମାମଲା ଦାଏର କରି ଭୟଭୀତ କରାଯାଉଛି। ଫଳସ୍ୱରୂପ ସରକାରର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ମୁହଁ ଖୋଲିବାକୁ ନିର୍ବାଚିତ ପ୍ରତିନିଧିମାନେ ଭୟ କରୁଛନ୍ତି। ସରକାରୀ ଚାପ, ଭୟ ଓ ବିଭିନ୍ନ ଆର୍ଥିକ ପ୍ରଲୋଭନରେ ଆଜି ଚତୁର୍ଥସ୍ତମ୍ଭ ସମ୍ପୂର୍ଣ୍ଣ ରୂପେ କବଳିତ। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ସତ୍ୟ ଓ ନ୍ୟାୟର ଲଢ଼େଇ ପାଇଁ ଚତୁର୍ଥ ସ୍ତମ୍ଭ ସୃଷ୍ଟି କରାଯାଇଥିଲା, ତାହା ଆଜି ଲକ୍ଷ୍ୟଠାରୁ ବହୁଦୂରରେ। ଏଥିପାଇଁ ଆମ ସମ୍ବିଧାନ ସୁରକ୍ଷାର ଆବଶ୍ୟକତା ରହିଛି। ସମ୍ବିଧାନ ବଞ୍ଚିଲେ ଗଣତନ୍ତ୍ର ବଞ୍ଚିବ ଓ ଦେଶ ମଧ୍ୟ ବଞ୍ଚିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି, ଦେଶରେ ଭାଜପା ସରକାର ଏକ ନୂଆ ସମ୍ବିଧାନ ପ୍ରଣୟନ ପାଇଁ ଅପଚେଷ୍ଟା କରୁଛି। ଦୁର୍ନୀତି ଭାଜପାର ନୀତି ହୋଇଯାଇଛି। ଆଜି ଭାରତ ବର୍ଷର ଖଣିଜ ସମ୍ପଦ, ଜଳ ସମ୍ପଦ, ଜଙ୍ଗଲ ସମ୍ପଦକୁ ମୋଦିଙ୍କ ବନ୍ଧୁ ବ୍ୟବସାୟୀଙ୍କ ମଧ୍ୟରେ ବଣ୍ଟନ କରାଯାଉଛି। ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ଉପରେ ପ୍ରହାର କରାଯାଉଛି। ଆଦିବାସୀମାନଙ୍କ ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରାଯାଉଛି। ଚାଷୀ, ଯୁବକ, ଛାତ୍ର ଓ ମହିଳା ସମ୍ପୂର୍ଣ୍ଣରୂପେ ସରକାରୀ ଷଡ଼ଯନ୍ତ୍ରର ଶିକାର। ସମସ୍ତଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ କଂଗ୍ରେସ ସଂଗ୍ରାମ ଜାରି ରଖିବ ଏବଂ ଏଥିପାଇଁ ଜୀବନ ଦେବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଅନ୍ୟ ନେତାମାନେ ସାମିଲ ଥିଲେ।

# ୩୦୦ ଦିନରେ ସରକାର କରିପାରିନି ଆଖିଦୃଶିଆ କାର୍ଯ୍ୟ: ବିଜେଡି

ଭୁବନେଶ୍ୱର, ୨୮।୪(ସୁନିତ୍ ମିଶ୍ର)

ସରକାରକୁ ଆସିବାର ଶହେ ଦିନ ଭିତରେ ରାଜ୍ୟରେ ଆଖିଦୃଶିଆ କାର୍ଯ୍ୟ କରି ଦେଖାଇବେ ବୋଲି କହିଥିବା ଭାଜପା ସରକାରକୁ ୩ ଶହ ଦିନ ବିତିଯାଇଛି। ହେଲେ ଏଯାଏଁ କୌଣସି ଆଖି ଦୃଶିଆ କାର୍ଯ୍ୟ ହୋଇପାରିନାହିଁ ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର ଓ ବିଧାୟକ ଅରୁଣ ସାହୁ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଭାଜପା ସରକାରର ବିଫଳତାକୁ ନେଇ ପ୍ରଶ୍ନ କରିଛନ୍ତି। ଏହି ଅବସରରେ ଦେବୀ ମିଶ୍ର କହିଛନ୍ତି, ସରକାରକୁ ଆସିବା ପରେ ରାଜ୍ୟ ସରକାର ୩୦୦ ଦିନର ଉପଲବ୍ଧି କ'ଣ ? ସ୍ୱତନ୍ତ୍ର ଓଡ଼ିଶା ଗଠନର ଶହେବର୍ଷ ପୂର୍ତ୍ତି ବେଳକୁ ଓଡ଼ିଶାକୁ ଏକ ବିକଶିତ ରାଜ୍ୟଭାବେ ଗଢ଼ି ତୋଳିବା ପାଇଁ ଆସନ୍ତା ବର୍ଷର ରୋଡ୍‌ମ୍ୟାପ୍ ପ୍ରକାଶ କରିବେ କି ? ଓଡ଼ିଶା ଲଗାତର କେନ୍ଦ୍ର ଅବହେଳାର ଶିକାର ହୋଇ ଆସୁଥିବା ବେଳେ ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ବା ଫୋକସ ଷ୍ଟେଟ୍‌ର ମାନ୍ୟତା ପାଇଁ ବିଜେଡି ଦାବି କରିଆସୁଛି। ପରବର୍ତ୍ତୀ ସମୟରେ ନବୀନବାବୁଙ୍କ ନେତୃତ୍ୱରେ ଦିଲ୍ଲୀର ରାମଲୀଳା ମଇଦାନରେ ଏକ ବିଶାଳ ସମାବେଶ ଆୟୋଜିତ ହେବା ସହ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାଜପା ୨୦୧୪ ନିର୍ବାଚନ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଁ ଦେଇଥିବା ପ୍ରତିଶ୍ରୁତି କେବେ ପୂରଣ କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଅରୁଣ ସାହୁ କହିଛନ୍ତି, ଡବଲ ଇଞ୍ଜିନ ଡବଲ ବିକାଶ ସ୍ଲୋଗାନ ଦେଇ ସରକାରକୁ ଆସିଥିବା ଭାଜପାଠାରୁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁଦାନ ପାଇଁ ଆଶା କରାଯାଉଥିଲା। କିନ୍ତୁ କେନ୍ଦ୍ର ସରକାର ଓଡ଼ିଶାକୁ ମିଳୁଥିବା ଅନୁଦାନରେ ଟଙ୍କାଟିଏ ମଧ୍ୟ ବୃଦ୍ଧି କରିନାହାନ୍ତି ବୋଲି ଅରୁଣ ପ୍ରଶ୍ନ କରିଛନ୍ତି।

# ଭାଜପାର ଦୁଇଗୋଷ୍ଠୀ ମଧ୍ୟରେ ପୁଣି ମାର୍‌ପିଟ୍

ବାସୁଦେବପୁର,୨୮।୪(ନାରାୟଣ ପ୍ରସାଦ ବାରିକ୍)

**ରଣକ୍ଷେତ୍ର ପାଲଟିଲା ବ୍ଲକ କାର୍ଯ୍ୟାଳୟ ପରିସର**

ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସର ସୋମବାର ପୂର୍ବାହ୍ନରେ ରଣକ୍ଷେତ୍ର ପାଲଟିଛି। ଭାଜପାର ଦୁଇଗୋଷ୍ଠୀ ମୁହାଁମୁହିଁ ହେବା ପରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ପରସ୍ପର ଆକ୍ରମଣ ଓ ପ୍ରତିଆକ୍ରମଣ ଦେଖି ଭୟରେ ସାଧାରଣ ଲୋକେ ବ୍ଲକ କାର୍ଯ୍ୟାଳୟ ପରିସରରୁ ପଳାଇ ଯାଇଥିଲେ। ବ୍ଲକ କର୍ମଚାରୀମାନେ ମଧ୍ୟ ଗଣ୍ଡଗୋଳ ଦେଖି ଛାନିଆ ହୋଇପଡ଼ିଥିଲେ। ତୀବ୍ର ଉତ୍ତେଜନା ସହ ମାର୍‌ପିଟ୍ ବଢ଼ିବାରୁ ବାସୁଦେବପୁର ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ସୂଚନା ଅନୁଯାୟୀ, ପୂର୍ବାହ୍ନରେ ବାସୁଦେବପୁର ନିର୍ବାଚନମଣ୍ଡଳୀର ଭାଜପାର ବିଧାନସଭା ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି କୌଣସି କାର୍ଯ୍ୟ ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନା ସାରି ନିଜ ଗାଡ଼ିରେ ବ୍ଲକ ଅଫିସ୍‌ରୁ ବାହାରିଥିଲେ। ଏହି ସମୟରେ ଅନ୍ୟ ଗୋଷ୍ଠୀର କେତେଜଣ ଯୁବକ ତାଙ୍କୁ ଇଙ୍ଗିତ କରି କିଛି କଥା କହିଥିଲେ। ଏହି ଘଟଣାରୁ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଦୁଇ ଗୋଷ୍ଠୀର ଲୋକଙ୍କ ସଂଖ୍ୟା କିଛି ସମୟ ମଧ୍ୟରେ ବଢ଼ିଯିବା ପରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଗଣ୍ଡଗୋଳ ବଢ଼ିଯାଇଥିଲା। ପ୍ରକାଶଥାଉ କି, ନିକଟରେ ପଞ୍ଚାୟତିରାଜ ଦିବସ ପାଳନ ବେଳେ ମଧ୍ୟ ଭାଜପାର ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହି ବିବାଦ ପ୍ରାୟତଃ ତୁଟି ନ ଥିବାବେଳେ ପୁଣି ବ୍ଲକ ଅଫିସ୍ ପରିସରରେ ଏପରି ଗଣ୍ଡଗୋଳ ଘଟିବା ଭାଜପାର ତୀବ୍ର ଗୋଷ୍ଠୀ ବିବାଦକୁ ପଦାରେ ପକାଇବା ସହ ଜିଲା ଓ ରାଜ୍ୟ ସଭାପତିଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବାବେଳେ ବ୍ଲକ କାର୍ଯ୍ୟାଳୟ ପରିସର ଅଶାନ୍ତ ହୋଇପଡ଼ିଛି। ସୋମବାର ମଧ ଜଣେ ମଣ୍ଡଳ ସଭାପତିଙ୍କୁ ମାଡ଼ ମରାଯାଇଥିବା ଜଣାପଡ଼ିଛି।




ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଦେଖାଦେଇଥିବା ଉତ୍ତେଜନା।

## Business

# ୮୦,୦୦୦ ଉପରେ ସେନ୍‌ସେକ୍ସ

ମୁମ୍ବାଇ,୨୮।୪

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂରାଜନୈତିକ ଘଟଣାବଳୀ ମଧ୍ୟରେ ଭାରତୀୟ ଷ୍ଟକ୍ ମାର୍କେଟ କାରବାର ୮୦,୦୦୦ ଅଙ୍କ ପାର କରିଛି। ଏପରିକି ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାରରେ ସୁଧାର ଆସିଛି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସରେ ବିଏସ୍‌ଇ ସେନ୍‌ସେକ୍ସ ୧୦୦୬ ପଏଣ୍ଟ ବଢ଼ି ୮୦,୨୧୮ ଅଙ୍କରେ ବନ୍ଦ ହୋଇଥିଲାବେଳେ ନିଫ୍ଟି-୫୦ର କାରବାର ୧.୨୦% ବୃଦ୍ଧି ଘଟି ୨୪,୩୨୮.୫୦ ଅଙ୍କରେ କାରବାର ଶେଷ କରିଥିଲା। ବିଶେଷକରି ୨୦୨୪-୨୫ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ ଫଳାଫଳ ଏବଂ ଅକ୍ଷୟ ତୃତୀୟା ଉପଲକ୍ଷେ ବଜାର କାରବାର ବେଶ ଉତ୍ସାହଜନକ ରହିଛି। ଅପରପକ୍ଷରେ ରିଲାଏନ୍ସ ଗ୍ରୁପ୍‌ର ନିବେଶ ବୃଦ୍ଧି ସହ କମ୍ପାନୀ ବିଶ୍ୱର ଶ୍ରେଷ୍ଠ ୨୫ କମ୍ପାନୀ ମଧ୍ୟରେ ସ୍ଥାନ ପାଇବାର ପ୍ରଭାବ ପୁଞ୍ଜି ବଜାରରେ ଉତ୍ସାହକୁ ବୃଦ୍ଧି କରାଇଛି। ସେହିପରି



## ଶେୟାର ବଜାରରେ ଉତ୍ସାହ

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୦୬ (୧୦୦୫.୮୪) ପଏଣ୍ଟ ବୃଦ୍ଧି ଘଟି ୮୦,୨୧୮ (୮୦,୨୧୮.୩୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୮୯ (୨୮୯.୧୫) ପଏଣ୍ଟ ବଢ଼ି ୨୪,୩୨୮ (୨୪,୩୨୮.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

ସେକ୍ଟରାଲ କ୍ଷେତ୍ରରେ ବ୍ୟାଙ୍କ, ଅଟୋ, ଅଏଲ ଆଣ୍ଡ ଗ୍ୟାସ୍, ଆଇଟି, ଫାର୍ମା ଏବଂ ମେଟାଲ ଭଳି କ୍ଷେତ୍ରର ନିବେଶକମାନେ ୨ରୁ ୩% ନିବେଶ ବୃଦ୍ଧି କରିଛନ୍ତି।

# ୩୦ରୁ ସ୍ମାର୍ଟ ବଜାରରେ ଫୁଲ୍ ପଇସା ଅସୁଲ ସେଲ୍

ଭୁବନେଶ୍ୱର,୨୮।୪

ରିଲାଏନ୍ସ ରିଟେଲର ପ୍ରମୁଖ ବ୍ରାଣ୍ଡ ତଥା ସ୍ମାର୍ଟ ବଜାରର ବହୁ ପ୍ରତୀକ୍ଷିତ ଅଫର 'ଫୁଲ୍ ପଇସା ଅସୁଲ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ବା ସେଲ୍ ୨୦୨୫ ଏପ୍ରିଲ ୩୦ରୁ ଆରମ୍ଭ ହେଉଛି। ଉକ୍ତ ସେଲ୍ ଏପ୍ରିଲ ୩୦ ରୁ ମେ ୪ ପର୍ଯ୍ୟନ୍ତ ସମସ୍ତ ସ୍ମାର୍ଟ ବଜାରରେ ଉପଲବ୍ଧ ରହିବ। ସେହିଭଳି ୯୩୦ରୁ ଅଧିକ ସ୍ମାର୍ଟ ବଜାରରୁ ଗ୍ରାହକମାନେ ଗ୍ରୋସେରି, ଫ୍ୟାଶନ, ହୋମ୍‌କେୟାର, ଆପ୍ଲାଏନ୍ସ ଭଳି ଅନେକ କିଛି ସାମଗ୍ରୀ ସୁଲଭ ମୂଲ୍ୟରେ କ୍ରୟ କରିପାରିବେ। ସେହିପରି ମାଧୁରୀ ଦୀକ୍ଷିତ ଏବଂ ଗୋପଳ ଦତ୍ତଙ୍କୁ ନେଇ ଏକ ସୁନ୍ଦର ଟିଭିସି ପରିବେଷଣ କରାଯାଉଛି। ଗ୍ରାହକଙ୍କୁ ସଚେତନ କରିବା ସହ ସୁଲଭ ମୂଲ୍ୟରେ କିପରି ଅତ୍ୟାବଶ୍ୟକ ସାମଗ୍ରୀ ଗୋଟିଏ ସ୍ଥାନରୁ କ୍ରୟ କରିପାରିବେ ସେନେଇ ମଧ୍ୟ ସମସ୍ତ ସୂଚନା ଟିଭିସି ଜରିଆରେ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ରିଲାଏନ୍ସ ରିଟେଲର ସିଇଓ (ଭିଏଫ୍) ଦାମୋଦର ମଲ କହିଛନ୍ତି, ଆମେ ଆମର ବହୁ ପ୍ରତୀକ୍ଷିତ ଅଫର (ସେଲ୍)କୁ ଆନୁଷ୍ଠାନିକ ଭାବେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକମାନେ ମଧ୍ୟ ଏହି ସମୟରେ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ ସୁଲଭ ମୂଲ୍ୟରେ କ୍ରୟ କରିପାରିବେ ବୋଲି ବିସ୍ତୃତ ଭାବେ ସେ ମତପ୍ରକାଶ କରିଛନ୍ତି।




# ସ୍କ୍ରାପିଙ୍ଗ୍ ଗାଡ଼ି ଉପରେ ଆକର୍ଷଣୀୟ ରିହାତି

ଭୁବନେଶ୍ୱର,୨୮।୪

ଟାଟା ମୋଟର୍ସ ଆର୍‌ଇ-ଡବ୍ଲୁଆଇ-ଆର୍‌ଇରେ ସ୍କ୍ରାପିଙ୍ଗ୍ ଗାଡ଼ି ଉପରେ ଆକର୍ଷଣୀୟ ରିହାତି ଅଫର ପ୍ରଦାନ କରାଯାଉଛି। ଏପରିକି ଏଠାରେ ଯାନର ସ୍କ୍ରାପିଙ୍ଗ୍ ଅତ୍ୟନ୍ତ ସରଳ ଏବଂ ସ୍ୱଚ୍ଛ ହୋଇଥାଏ। ଗ୍ରାହକମାନେ ଯେକୌଣସି ବ୍ୟବସାୟିକ କିମ୍ବା ବ୍ୟକ୍ତିଗତ ବ୍ରାଣ୍ଡର ଯାନକୁ ଏଠାରେ ସ୍କ୍ରାପ୍ କରିପାରିବେ। ଟାଟା ମୋର୍ଟସର ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧାଠାରେ ଏକ ଆର୍‌ଭିଏସ୍‌ଏଫ୍ ରହିଛି। ଯାନର ସ୍କ୍ରାପିଙ୍ଗ୍ ପଦ୍ଧତି ଆରମ୍ଭ ପୂର୍ବରୁ ଗ୍ରାହକମାନେ ଆର୍‌ଇ-ଡବ୍ଲୁଆଇ-ଆର୍‌ଇ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରିବା ସହ ଆମକୁ ଟୋଲ୍ ଫ୍ରି ନମ୍ବର ୧୮୦୦ ୨୦୯ ୭୯୭୯ ଜରିଆରେ ସମ୍ପର୍କ କରିପାରିବେ କିମ୍ବା ବ୍ୟକ୍ତିଗତ ଭାବେ ନିକଟସ୍ଥ ଟାଟା ମୋଟର୍ସର ଯେ କୌଣସି ଅଧିକୃତ ବିକ୍ରୟ କେନ୍ଦ୍ରକୁ ପରିଦର୍ଶନ କରିପାରିବେ। ଅପରପକ୍ଷରେ ପୁରୁଣା ଯାନର ସ୍କ୍ରାପିଙ୍ଗ୍‌ରେ ଅନେକ ସୁବିଧା ମିଳିଥାଏ। ଗ୍ରାହକମାନେ ସେମାନଙ୍କ ଯାନ ଉପରେ ଉଚିତ ମୂଲ୍ୟ ପ୍ରାପ୍ତ ହୋଇଥାନ୍ତି, ଯାହାକି ଏକ୍ସଶୋ'ରୁମ୍ ମୂଲ୍ୟର ସାଧାରଣତଃ ୪ରୁ୬% ରହିଥାଏ। ଅତିରିକ୍ତ ଭାବେ ଅନେକ ରାଜ୍ୟ ସରକାର ଏହା ଉପରେ ପ୍ରୋତ୍ସାହନ ରାଶି ପ୍ରଦାନର ବ୍ୟବସ୍ଥା ରଖିଛନ୍ତି, ଯାହା ମଧ୍ୟରେ ପରିବହନ ଯାନ ଉପରେ ୧୫%ର ରୋଡ୍ ଟ୍ୟାକ୍ସ ରିହାତି ତଥା ଅଣପରିବହନ ଯାନ ଉପରେ ୨୫% ର ରିହାତି ସାମିଲ ରହିଛି। ଏଥିସହସ୍ ମୁକ୍ତ ପଞ୍ଜୀକରଣ ଓ ଗ୍ରାହକମାନଙ୍କ ଦ୍ୱାରା ସାର୍ଟିଫିକେଟ୍ ଅଫ୍ ଡିପୋଜିଟ (ସିଓଡି) ଭଳି କାର୍ଯ୍ୟ ରହିଛି, ଯେତେବେଳେ ସମସ୍ତ କାର୍ଯ୍ୟ ଉପସ୍ଥାପିତ ହୋଇଥାଏ। ସେତେବେଳେ ନୂତନ ଯାନ କ୍ରୟ ଉପରେ ଯାନର ଉତ୍ପାଦକଙ୍କ ପକ୍ଷରୁ ୩ %ର ରିହାତି ବ୍ୟବସ୍ଥା ପ୍ରଦାନ କରାଯାଏ। ଏ ସବୁକୁ ମିଶାଇ ନୂଆ ଯାନ ମୂଲ୍ୟ ଉପରେ ୮ରୁ ୧୦ % ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଇ ସ୍କ୍ରାପିଙ୍ଗ୍‌ର ଏଭଳି ଏକ ବ୍ୟବସ୍ଥାକୁ ଆହୁରି ଅଧିକ ଆର୍ଥିକ ପସନ୍ଦଯୋଗ୍ୟ କରିବା ଦିଗରେ ପ୍ରଣାଳୀଟିକୁ ଆକର୍ଷଣ କରାଯାଏ। ଯାନର ପରିସ୍ଥିତିକୁ ନେଇ ଗ୍ରାହକଙ୍କ ଦ୍ୱାରଦେଶରେ ଏହାର ମୂଲ୍ୟାୟନ କରାଯିବ। ପଞ୍ଜୀକରଣ ରଦ୍ଦ, ସିଓଡି ପ୍ରସ୍ତୁତ, ମାଗଣା ଯାନକୁ ସ୍ଥାନାନ୍ତରୀକରଣ ପାଇ ଆଣିବା ତଥା ମୂଲ୍ୟାୟନ ଆଧାରରେ ଏହାର ମୂଲ୍ୟକୁ ଅନ୍‌ଲାଇନ ମାଧ୍ୟମରେ ସୁନିଶ୍ଚିତ କରାଯାଇଥାଏ।

# କାର୍ଯ୍ୟକ୍ଷେତ୍ରରେ ସ୍ମାର୍ଟ ଟେକ୍ନୋଲୋଜିର ଉପଯୋଗ

ଭୁବନେଶ୍ୱର,୨୮।୪ (ଅଭୟ ଦାଶ)

ଚଳିତ ବର୍ଷ ମଧ୍ୟ ବେଦାନ୍ତ ଲିମିଟେଡ୍‌ରେ ୱାର୍ଲଡ ଡେ ଫର୍ ସେଫ୍ଟି ଆଣ୍ଡ ହେଲ୍‌ଥ ଆଟ୍ ୱର୍କ (କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ) ପାଳିତ ହୋଇଯାଇଛି। ଏହି ଅବସରରେ ବେଦାନ୍ତ ଲିମିଟେଡ୍ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମର୍ଥିତ ଭବିଷ୍ୟବାଣୀ ଏବଂ ଅନ୍ତର୍ଭୁକ୍ତିମୂଳକ ସୁରକ୍ଷାରେ ମୂଳ ଥିବା ସ୍ମାର୍ଟ ଟେକ୍ନୋଲୋଜିର ଉପଯୋଗ କରିଛି। ଏପରିକି ଏକ ବ୍ୟାପକ ପଦକ୍ଷେପ ମାଧ୍ୟମରେ କମ୍ପାନୀ ସୁରକ୍ଷା-ପ୍ରଥମ ସଂସ୍କୃତି ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃ ନିର୍ଦ୍ଦିଷ୍ଟ କରିଛି, କମ୍ପାନୀ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ନେତୃତ୍ୱାଧୀନ ମନିଟରିଂ ସିଷ୍ଟମ, ଡ୍ରୋନ୍, ଫାଟିଗ ଡିଟେକ୍ସନ ସିଷ୍ଟମ, ସ୍ମାର୍ଟ ହେଲ୍‌ମେଟ୍ ଏବଂ ଟେଲି-ରିମୋଟ୍ ଅପରେଶନ୍ସ ସମେତ ଅନେକ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟାକୁ କାର୍ଯ୍ୟ କ୍ଷେତ୍ରରେ ନିୟୋଜିତ କରିଛି, ଯାହା ଏହାର କାର୍ଯ୍ୟକ୍ଷେତ୍ରରେ ଶିଳ୍ପ ସୁରକ୍ଷାକୁ ରୂପାନ୍ତରିତ କରୁଛି ବୋଲି କୁହାଯାଉଛି।

ସେହିଭଳି କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ-୨୦୨୫ର ବିଷୟବସ୍ତୁ କାର୍ଯ୍ୟସ୍ଥଳ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଡିଜିଟାଲାଇଜେଶନ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଏପରିକି କାର୍ଯ୍ୟସ୍ଥଳଗୁଡ଼ିକ ଏଆଇ, ରୋବୋଟିକ୍ସ, ଏକ୍ସୋସ୍କେଲେଟନ୍ ଏବଂ ଦୂରବର୍ତ୍ତୀ କାର୍ଯ୍ୟ ସହ ବିକଶିତ ହେଉଥିବାରୁ ଏହି ପ୍ରଯୁକ୍ତିବିଦ୍ୟାଗୁଡ଼ିକ ସୁଯୋଗ ଏବଂ ଚ୍ୟାଲେଞ୍ଜ ଉଭୟ ଆଣିଥାଏ। ଭାରତରେ ବେଦାନ୍ତର ଜିଙ୍କ୍ ବ୍ୟବସାୟ ଦେଶରେ ପ୍ରଥମ ଯାହା ଭର୍ଚୁଆଲ୍ ରିଆଲିଟି (ଭିଆର)-ଆଧାରିତ ୱିଣ୍ଡର ଟ୍ରେନିଂ ସିମୁଲେଟର ସିଷ୍ଟମକୁ ନିୟୋଜିତ କରିଛି, ଯାହା ସାମଗ୍ରୀ ଏବଂ ମାନବ ଶକ୍ତି ଚଳାଚଳ ପାଇଁ ବ୍ୟବହୃତ ଅଫଶାଫ୍ଟ (ଲିଫ୍ଟ)ର କାର୍ଯ୍ୟକୁ ଅନୁକରଣ କରିଥାଏ। କମ୍ପାନୀ ଭାରତରେ ମଧ୍ୟ ପ୍ରଥମ ଯିଏ ଭିଆର୍-ଆଧାରିତ ଭୂତଳ ଯାନ ସିମୁଲେଟର ପ୍ରଚଳନ କରିଛି, ଯାହା କର୍ମଚାରୀମାନଙ୍କୁ ଖଣିରେ ଯାନ ଚଳାଇବାରେ ତାଲିମ ଦେଇଥାଏ। ବେଦାନ୍ତର ଆଲୁମିନିୟମ ବ୍ୟବସାୟ ଏହାର କାର୍ଯ୍ୟରେ ସାମଗ୍ରୀ ନିଷ୍କାସନ ପୂର୍ବରୁ ଯାଞ୍ଚ କରିବା ପାଇଁ ଡ୍ରୋନ୍ ମଧ୍ୟ ନିୟୋଜିତ କରିଛି।



ବେଦାନ୍ତ କାର୍ଯ୍ୟ ପରିସରରେ କର୍ମଚାରୀମାନେ ଡ୍ରୋନ୍ ଉଡାଉଛନ୍ତି।

# ବଜାରରେ ବାଗିର ନୂତନ ଉତ୍ପାଦ

ଭୁବନେଶ୍ୱର,୨୮।୪

ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସ(ବାଗି)ର ନୂତନ ଉତ୍ପାଦ ତଥା ଅଭିନବ ପାରାମେଟ୍ରିକ୍ ଇନ୍‌ସ୍ୟୁରାନ୍ସ ପ୍ରଡକ୍ଟ 'କ୍ଲାଇମେଟ୍‌ସେଫ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଜଳବାୟୁ ସମ୍ବନ୍ଧିତ ବିପଦର ବର୍ଦ୍ଧିତ ମାତ୍ରାକୁ ଦେଖି କମ୍ପାନୀ ଏହି ପ୍ରଡକ୍ଟ ଆରମ୍ଭକରିବା ସହ ସେହିମାନଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯେଉଁମାନେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପ୍ରତି ଅଧିକ ସମ୍ବେଦନଶୀଳ । ସେହିଭଳି ଏହି ଉଦ୍ୟୋଗରେ ପ୍ରଥମ ଭାବେ ଆରମ୍ଭ ହୋଇଥିବା କ୍ଲାଇମେଟ୍ ରିସ୍କ ଇନ୍‌ସ୍ୟୁରାନ୍ସ ବିଶେଷଭାବେ ରିଟେଲ କଷ୍ଟମର, ଅଫିସ୍ ଯାଉଥିବା ବ୍ୟକ୍ତି, ଅଟୋ/ଟ୍ୟାକ୍ସି ଡ୍ରାଇଭର, ରିଟେଲ ଶପ୍‌ର ମାଲିକ, ଡେଲିଭରି ଏଜେଣ୍ଟ, ହୋମ୍ ସର୍ଭିସ୍ ପ୍ରଫେସନାଲ୍, ଗିଗ୍ ୱାର୍କ ହୋମ୍ ରେସିଡେଣ୍ଟ ଏବଂ ଇଭେଣ୍ଟରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କର ଆବଶ୍ୟକତା ପୂରଣକରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଅତ୍ୟଧିକ ଗରମ, ଶୀତ ଲହରି ଏବଂ ଅତ୍ୟଧିକ ବର୍ଷା ସହ ଜଳବାୟୁ ସମ୍ବନ୍ଧିତ ବିପଦ କାରଣରୁ ଜଳବାୟୁ ସମ୍ବନ୍ଧିତ ଆୟ ହାନି କିମ୍ବା ବର୍ଦ୍ଧିତ ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଡ. ତପନ ସିଂଘେଲ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଏକ ଦୂରର ବିପଦ ହୋଇରହିନାହିଁ। ଏହା ହେଉଛି ଏକ ବାସ୍ତବିକତା, ଯାହା ଆମର ଦୈନନ୍ଦିନ ଜୀବନକୁ ଦୃଶ୍ୟମାନ ଓ ପ୍ରାୟତଃ ବିଭ୍ରାନ୍ତକାରୀ ଉପାୟରେ ପ୍ରଭାବିତ କରିଥାଏ। ପ୍ରତିକୂଳ ପାଣିପାଗ କାରଣରୁ ଫ୍ଲାଇଟ୍ କ୍ୟାନ୍‌ସେଲେସନଠାରୁ ଆରମ୍ଭକରି ଲଜିଷ୍ଟିକ୍ସ, ସପ୍ଲାଏ ଚେନ୍ ଓ ଦୈନିକ ଯାତ୍ରାରେ ବିଳମ୍ବ ପର୍ଯ୍ୟନ୍ତ ଜଳବାୟୁ ସମ୍ବନ୍ଧିତ ଘଟଣାର ଆର୍ଥିକ ଓ ଭାବପ୍ରବଣଗତ ହାନି କ୍ରମାଗତ ଭାବେ ବୃଦ୍ଧି ପାଉଛି। ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସରେ ଆମେ ବିଶ୍ୱାସ କରୁ ଯେ ଏବେ ନିର୍ଣ୍ଣାୟକ ପଦକ୍ଷେପ ନେବାର ସମୟ ଆସିଯାଇଛି।

# ଶ୍ରୀମନ୍ଦିର ଭକ୍ତ ନିବାସ ନାମରେ ଜାଲ୍ ୱେବ୍‌ସାଇଟ୍



ଗିରଫ ଅଭିଯୁକ୍ତମାନେ

**କଟକ,୨୮।୪(କାର୍ତ୍ତିକ ସାହୁ)**

- ୫ ମାମଲାରେ ଗିରଫ ହେଲେ ୭ ଅଭିଯୁକ୍ତ
- କ୍ରାଇମବ୍ରାଞ୍ଚ ଟିମ୍‌ର ରାଜ୍ୟ ବାହାରେ ଚଢ଼ାଉ

ପୁରୀ ଶ୍ରୀମନ୍ଦିରର ନୀଳାଦ୍ରି ଭକ୍ତନିବାସରେ ରହିବା ନିମନ୍ତେ ଜାଲ୍ ୱେବସାଇଟ୍ ଖୋଲି ଭକ୍ତଙ୍କୁ ଠକିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ଆଗ୍ରା ଜିଲା ତାଜଗଞ୍ଜ ଥାନା ଅନ୍ତର୍ଗତ କହରାଇ ବାସିନ୍ଦା ଅଂଶୁମାନ ଶର୍ମା (୨୪) ଓ କୁଣ୍ଡୁ ଥାନା ଅନ୍ତର୍ଗତ ମନର୍ଥ ବାସିନ୍ଦା ଅରବିନ୍ଦ କୁମାର (୩୫)। ସେମାନଙ୍କ ନିକଟରୁ ଏକ ଲାପଟପ୍, ମୋବାଇଲ ଫୋନ୍, ସିମ୍ କାର୍ଡ, ଜାଲ ୱେବସାଇଟ୍‌ର ସମ୍ପୂର୍ଣ୍ଣ ବିବରଣୀ, ଆଧାର କାର୍ଡ, ପାନ୍ କାର୍ଡ ଆଦି ଜବତ ହୋଇଛି ବୋଲି କଟକ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଏହି ସୂଚନା ଦେଇଛନ୍ତି। ଏ ନେଇ କ୍ରାଇମବ୍ରାଞ୍ଚରେ ଏକ ମାମଲା (ନଂ.୦୯/୨୦୨୫) ରୁଜୁ ହୋଇଛି।

ସୂଚନାନୁସାରେ, ଭକ୍ତମାନଙ୍କ ନିକଟରୁ ଅଭିଯୋଗ ପାଇବା ପରେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଏ ନେଇ କ୍ରାଇମବ୍ରାଞ୍ଚରେ ଲିଖିତ ଅଭିଯୋଗ କରିଥିଲେ। ଭକ୍ତନିବାସର ପ୍ରଶାସନିକ କାର୍ଯ୍ୟାଳୟରୁ ବହୁ ଅଭିଯୋଗ ଆସିଥିଲା ଯେ, ତୀର୍ଥଯାତ୍ରୀମାନେ ଅନ୍‌ଲାଇନ ଜରିଆରେ ଭକ୍ତନିବାସରେ ରହିବା ପାଇଁ ବୁକିଂ କରିବା ବେଳେ ତାହା ଏକ ଜାଲ୍ ୱେବସାଇଟ୍‌କୁ ଚାଲିଯାଉଛି। ଉକ୍ତ ଜାଲ୍ ୱେବସାଇଟ୍‌ରେ ଏକ ନକଲି ହ୍ୱାଟ୍ସଆପ ମୋବାଇଲ ନମ୍ବର ରହୁଛି। ସେହି ମୋବାଇଲ ନମ୍ବରରେ କଥା ହେଉଥିବା ବ୍ୟକ୍ତି ପୁରୀସ୍ଥିତ ନୀଳାଦ୍ରି ଭକ୍ତନିବାସରେ ରହିବା ବ୍ୟବସ୍ଥା କରାଇବାର ପ୍ରତିଶ୍ରୁତି ଦେଇ ଅନ୍‌ଲାଇନ ଯୋଗେ ଟଙ୍କା ଜମା କରିବାକୁ କହୁଛନ୍ତି। ସେମାନେ କାନାରା ବ୍ୟାଙ୍କର ଏକ ଜମାଖାତା ନମ୍ବର ମଧ୍ୟ ଏଥିପାଇଁ ତୀର୍ଥଯାତ୍ରୀମାନଙ୍କୁ ଦେଉଛନ୍ତି। କ୍ରାଇମବ୍ରାଞ୍ଚ ଏହି ଅଭିଯୋଗର ତଦନ୍ତ କରି ଉକ୍ତ ଜାଲ୍ ୱେବସାଇଟ୍ ୨୦୨୪ ମେ ୨୨ରେ ଅଭିଯୁକ୍ତ ଅଂଶୁମାନ ତିଆରି କରିଥିବା ଜାଣିବାକୁ ପାଇଥିଲେ। ସେହିପରି ଅର୍ଥ ଜମା ପାଇଁ ବ୍ୟବହାର କରାଯାଉଥିବା ବ୍ୟାଙ୍କ ଆକାଉଣ୍ଟ ଅନ୍ୟତମ ଅଭିଯୁକ୍ତ ଅରବିନ୍ଦଙ୍କ ଥିଲା।

ଏହାବାଦ୍ କ୍ରାଇମବ୍ରାଞ୍ଚ ଟିମ୍ ଅନ୍ୟ ଠକେଇ ମାମଲା (ନଂ.୫୦/୨୦୨୪, ୬୦/୨୦୨୪, ୫୭/୨୦୨୪ ଓ ୦୩/୨୦୨୫ରେ ଗୁଜରାଟ ଓ ଉତ୍ତରପ୍ରଦେଶରେ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ମାମଲା ନଂ. ୫୦/୨୦୨୪ରେ ୧.୨୮ କୋଟି ଟଙ୍କାର ଠକେଇ ହୋଇଥିଲା। ଏହି ମାମଲା ସହ ଜଡ଼ିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ସୁରଟରେ ରହୁଥିବା ବାଲେଶ୍ୱର ଅଞ୍ଚଳର ହିତେଶଭାଇ ପାତ୍ର(୩୯)। ସେ ଜଣେ ୱେବସାଇଟ୍ ଡେଭଲପର। ହିତେଶଙ୍କ ଆକାଉଣ୍ଟକୁ ଠକେଇ ଅର୍ଥରୁ ୨୭ ଲକ୍ଷ ଟଙ୍କା ସିଧା ଯାଇଥିଲା। ତାଙ୍କ ନିକଟରୁ ୬ଟି ବ୍ୟାଙ୍କ ଚେକ୍ ବୁକ୍, ୩୧ଟି ଡେବିଟ/କ୍ରେଡିଟ୍ କାର୍ଡ ଆଦି ଜବତ କରାଯାଇଛି। ମାମଲା ନଂ. ୬୦/୨୦୨୪ରେ ୭.୫ କୋଟି ଟଙ୍କାର ଠକେଇ ହୋଇଥିଲା। ଏହି ମାମଲାରେ ଅହମଦାବାଦର ପାର୍ଥ ପରମର (୨୫)ଙ୍କୁ ଗିରଫ କରାଯାଇଛି। ଠକେଇ ଅର୍ଥରୁ ୨୫ ଲକ୍ଷ ଟଙ୍କା ପାର୍ଥଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ଅଭିଯୁକ୍ତଙ୍କ ମୋବାଇଲ, ଆଧାର କାର୍ଡ, ପାନ୍ କାର୍ଡ ଆଦି ଜବତ ହୋଇଛି। ମାମଲା ନଂ. ୫୭/୨୦୨୪ରେ ୮୭.୮ ଲକ୍ଷ ଟଙ୍କା ଠକେଇ ହୋଇଥିଲା। ଏହି ମାମଲାର ୨ ଅଭିଯୁକ୍ତ ଗୁଜୁରାଟର ଠାକ୍କର କାରସାଞ୍ଜି ସୋଭାଜୀ(୪୮)ଙ୍କ ଆକାଉଣ୍ଟରେ ୯.୩ଲକ୍ଷ ଜମା ହୋଇଥିଲା। ଅନ୍ୟ ଅଭିଯୁକ୍ତ ଗୁଜରାଟର କୁରେଶୀ ମହମ୍ମଦ ଅସଲମ (୩୧)ଙ୍କ ଆକାଉଣ୍ଟରେ ୬ ଲକ୍ଷ ଟଙ୍କା ଜମା ହୋଇଥିଲା। ଉଭୟଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମୋବାଇଲ, ଆଧାର କାର୍ଡ ଓ ପାନ କାର୍ଡ ବତ କରାଯାଇଛି। ମାମଲା ନଂ.୦୩/୨୦୨୫ରେ ୧.୪ କୋଟି ଟଙ୍କା ଠକେଇ ହୋଇଥିଲା। ଏହି ମାମଲାର ଅଭିଯୁକ୍ତ ଆକାଶ କେଶରୱାନି(୩୩)ଙ୍କ ଆକାଉଣ୍ଟରେ ୩.୭ ଲକ୍ଷ ଟଙ୍କା ଜମା ହୋଇଥିଲା। ଉତ୍ତରପ୍ରଦେଶ ପ୍ରୟାଗରାଜରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତାଙ୍କଠାରୁ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ଏହି ମାମଲାଗୁଡ଼ିକର ତଦନ୍ତ ଚାଲିଛି। ତେବେ ଲୋକମାନେ ସାଇବର ଠକେଇ ପ୍ରତି ସଚେତନ ରହିବା ସହ ଠକେଇର ଶିକାର ହେଲେ ତୁରନ୍ତ ପୋଲିସକୁ ଜଣାଇବା ନିମନ୍ତେ କ୍ରାଇମବ୍ରାଞ୍ଚ ପକ୍ଷରୁ ନିବେଦନ କରାଯାଇଛି। କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ ଏବଂ ଡିଆଇଜି ବି. ଗଙ୍ଗାଧର ସମ୍ମିଳନୀରେ ଉପସ୍ଥିତ ଥିଲେ।

# ପ୍ରୟାଗରାଜରୁ ୯ମ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୮।୪ (ସତ୍ୟଜିତ୍ ରାଉତ)**

**ବିଧାୟକଙ୍କଠାରୁ ୧.୪ କୋଟି ଟଙ୍କା ସାଇବର ଠକେଇ ଘଟଣା**

- ଆକାଉଣ୍ଟକୁ ଯାଇଥିଲା ୩.୭ ଲକ୍ଷ ଟଙ୍କା
- ପୂର୍ବରୁ ଗିରଫ ହୋଇଥିଲେ ୮ ଅଭିଯୁକ୍ତ

ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ତୁଷାରକାନ୍ତି ବେହେରାଙ୍କଠାରୁ ୧ କୋଟି ୪୦ ଲକ୍ଷ ଟଙ୍କା ସାଇବର ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଆଉ ଜଣେ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶ ପ୍ରୟାଗରାଜରୁ ଗିରଫ କରିଛି। ସେ ହେଲେ ଆକାଶ କେଶରୱାନି (୩୩)। ତାଙ୍କଠାରୁ ମୋବାଇଲ, ଆଧାର, ପାନ କାର୍ଡ ଜବତ ହୋଇଛି। ଆକାଶଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ସୋମବାର ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ କ୍ରାଇମବ୍ରାଞ୍ଚ ମାର୍ଚ୍ଚ ଶେଷ ସପ୍ତାହରେ ୭ଜଣଙ୍କୁ କର୍ଣ୍ଣାଟକ ଓ ତାମିଲନାଡୁରୁ ଏବଂ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ହାଇଦ୍ରାବାଦରୁ ଅଷ୍ଟମ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ସମସ୍ତେ ଜେଲରେ ଅଛନ୍ତି। ୯ମ ଅଭିଯୁକ୍ତ ଆକାଶ ଏହି ଠକେଇ ଘଟଣାରେ ସେକେଣ୍ଡ ଲେୟର ଆକାଉଣ୍ଟ ହୋଲ୍ଡର ବୋଲି



ଆକାଶ କେସରୱାନି

କ୍ରାଇମବ୍ରାଞ୍ଚ କହିଛି। ଠକେଇ ଟଙ୍କାରୁ ତାଙ୍କ ଆକାଉଣ୍ଟକୁ ୩.୭ ଲକ୍ଷ ଟଙ୍କା ଟ୍ରାନ୍ସଫର୍ ହୋଇଛି। ପଚରାଉଚରା ବେଳେ ସେ ଆଉ ୪ଟି କରେଣ୍ଟ ବ୍ୟାଙ୍କ ଆକାଉଣ୍ଟକୁ ଏହି ଠକେଇ ପାଇଁ ଦେଇଥିବା କହିଛନ୍ତି। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଚେଷ୍ଟା ଚାଲିଥିବା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ବିଧାୟକଙ୍କୁ କିଛିମାସ ତଳେ ଠକମାନେ ହ୍ୱାଟ୍‌ସଆପ୍‌ରେ ମେସେଜ୍ କରି ଟ୍ରେଡିଂରେ ନିବେଶ କରି ଅଧିକ ଲାଭ ପାଇବାକୁ ଫସାଇଥିଲେ। ବିଧାୟକ ଓଟିସି (ଓଭର୍-ଦି-କାଉଣ୍ଟର) ଓ ଆଇପିଓ (ଇନିସିଆଲ୍ ପବ୍ଲିକ୍ ଅଫରିଙ୍ଗ୍) ଟ୍ରେଡିଂରେ ୨୦୨୪ ନଭେମ୍ବର ୧୩ରୁ ୨୦୨୫ ଜାନୁଆରୀ ୧ ମଧ୍ୟରେ ୧ କୋଟି ୪୦ ଲକ୍ଷ ଟଙ୍କା ଟ୍ରାନ୍ସଫର୍ କରି ଠକେଇର ଶିକାର ହୋଇଥିଲେ। ଅଭିଯୋଗ ପରେ ଜାନୁଆରୀ ୧୩ରେ କ୍ରାଇମବ୍ରାଞ୍ଚର ସାଇବର ଥାନା ଏକ ମାମଲା (ନଂ.୩/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ବାଇକ୍ ଚୋରି ଅଭିଯୋଗରେ ଯୁବକଙ୍କୁ ରାତିସାରା ବାନ୍ଧି ପିଟିଲେ

**ପାଣିକୋଇଲି,୨୮।୪(ବିକାଶ କୁମାର ମଲ୍ଲିକ)**

- ମାଡ଼ର ଭିଡିଓ ଭାଇରାଲ
- ଆହତ ଯୁବକଙ୍କ ଡାକ୍ତରଖାନାରେ ଭର୍ତ୍ତି

ଜଣେ ଯୁବକଙ୍କ ବିରୋଧରେ କେତେଜଣ ବ୍ୟକ୍ତି ବାଇକ୍ ଚୋରି ଅଭିଯୋଗ ଆଣିଥିଲେ। ଏହାପରେ ସମ୍ପୃକ୍ତ ବ୍ୟକ୍ତିମାନେ ସେହି ଯୁବକଙ୍କୁ ଆମାନୁଷିକ ଭାବେ ରାତିସାରା ହାତଗୋଡ ବାନ୍ଧି ମରଣାନ୍ତକ ଆକ୍ରମଣ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତ ଯୁବକଙ୍କୁ ପୋଲିସ ସୋମବାର ସକାଳୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ପରିସ୍ଥିତି ଏମିତି ହୋଇଛି ଯେ, ସମ୍ପୃକ୍ତ ଯୁବକ ଏବେ ଗାଁକୁ ଯିବାକୁ ଭୟ କରୁଛନ୍ତି। ଅନ୍ୟପକ୍ଷେ ଏହି ମାଡ଼ର ଭିଡିଓ ଭାଇରାଲ ପରେ ଆହତ ଯୁବକଙ୍କ ସ୍ତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତୁରନ୍ତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହତ ଯୁବକଙ୍କ ପରିବାର ଲୋକମାନେ ପାଣିକୋଇଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, ପାଣିକୋଇଲି ଥାନା ଜହ୍ନା ପଞ୍ଚାୟତ ଖଇରାବଦ ଗ୍ରାମର ଗୋପୀନାଥ ନାୟକଙ୍କ ସ୍ତ୍ରୀ କୁନି ନାୟକଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୨ ତାରିଖ ରାତିରେ ତାଙ୍କ ପୁଅ ସିପୁନା ଘରକୁ ଫେରୁଥିଲେ। ଖଇରାବାଦ ଗ୍ରାମର କେତେଜଣ ବ୍ୟକ୍ତି ମିଳିତ ହୋଇ ତାକୁ ଅଟକାଇ ତୁ ବାଇକ୍ ଚୋରି କରିଛୁ କହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ତାଙ୍କ ହାତଗୋଡ଼କୁ ବାନ୍ଧି ଏକ ବାରଣ୍ଡାରେ ପକାଇ ମନଇଚ୍ଛା ମାଡ଼ ମାରିବା ସହ ତାଙ୍କ ତଣ୍ଟି ଉପରେ ଚଢ଼ି ଯାଇଥିଲେ। ଖଇରାବାଦ ଗ୍ରାମର କାଳିନ୍ଦୀ ମଲ୍ଲିକ, ଅଭିନ୍ନ ମଲ୍ଲିକ ଓ କୁରୁପଦା ଗ୍ରାମର ଗଣେଶ୍ୱର ମଲ୍ଲିକ ପ୍ରମୁଖ ଲୁହାରଡ଼ ଓ ଠେଙ୍ଗାରେ ମାଡ଼ ମାରି ଲହୁ ଲୁହାଣ କରିବା ସହ ଘଟଣାର ଭିଡିଓ ଭାଇରାଲ କରିଥିଲେ। ଚୋରି କରିଛୁ ବୋଲି କହିବାକୁ ବାଧ୍ୟ କରି ସେମାନେ ନିସ୍ଥୁକ ମାଡ଼ ମାରି ପକାଇ ଦେଇଥିଲେ। ଖବର ପାଇ ସକାଳୁ ଶଙ୍ଖଚିଲା ଫାଣ୍ଡି ପୋଲିସ ସେଠାରେ ପହଞ୍ଚି ସିପୁନାଙ୍କୁ ଉଦ୍ଧାର କରି କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରି ଘରେ ଛାଡିଥିଲେ। ହେଲେ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଭିଡିଓ ଭାଇରାଲ ପରେ ଏବେ ସିପୁନାଙ୍କ ସ୍ତ୍ରୀ ଅପମାନିତ ହୋଇ ଆତ୍ମହତ୍ୟା କରିବା ଉଦ୍ୟମ କରିଛନ୍ତି। ସୋମବାର ସିପୁନାଙ୍କ ପରିବାର ପାଣିକୋଇଲି ଥାନାରେ ପହଞ୍ଚି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ସିପୁନାଙ୍କୁ ନ୍ୟାୟ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## ସ୍ୱାମୀ ଅନ୍ୟତ୍ର ବିବାହ କରିଥିବା ଅଭିଯୋଗ କଲେ ସ୍ତ୍ରୀ

**ଅନୁଗୋଳ,୨୮।୪(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ଜରପଡ଼ା ଥାନା ଦୁର୍ଗାପୁର ଗ୍ରାମର ସୁନୀତା ସାହୁ ସୋମବାର ତାଙ୍କ ସ୍ୱାମୀ ବଳରାମ ସାହୁଙ୍କ ବିରୋଧରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବଳରାମ ଅନ୍ୟତ୍ର ବିବାହ କରିଥିବା ସୁନୀତା ଅଭିଯୋଗ କରିଛନ୍ତି। ସୁନୀତା କହିଛନ୍ତି, ବଳରାମ ଓ ସେ ୭ ବର୍ଷ ତଳେ ଭଲପାଇ ବିବାହ କରିଥିଲେ। ପରିବାର ଲୋକଙ୍କ ଉପସ୍ଥିତିରେ ବୁଢ଼ୀ ଠାକୁରାଣୀ ମନ୍ଦିରରେ ବିବାହ ସମ୍ପନ୍ନ ହୋଇଥିଲା। କିଛି ବର୍ଷ ପରେ ମନୋମାଳିନ୍ୟ ହେବାରୁ ବଳରାମ ନିର୍ଯାତନା ଦେଇଥିଲେ। ହଇରାଣ ହରକତ କରିବାରୁ ସେ ବାଧ ହୋଇ ୩ ବର୍ଷ ହେଲା ବାପଘରେ ପଡ଼ି ରହିଛନ୍ତି। ଏହାର ସୁଯୋଗ ନେଇ ସ୍ୱାମୀ ଡେରଜାଙ୍ଗ ଗ୍ରାମର ଜଣଙ୍କୁ ବିବାହ କରିଛନ୍ତି। ଏ ନେଇ ସେ ଜରପଡ଼ା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ।

# ବାପାଙ୍କୁ ପିଟି ମାରିଦେଲେ ୨ ପୁଅ

**ପାରିବାରିକ ଅଶାନ୍ତି କାଳ ହେଲା**

**ପୁରୁଷୋତ୍ତମପୁର,୨୮।୪ (ସୀମାଞ୍ଚଳ ମିଶ୍ର)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ କୁଶପୁର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ଅଶାନ୍ତିରୁ ୨ ପୁଅ ନିଜ ବାପାଙ୍କୁ ରଡ୍‌ରେ ପିଟି ମାରି ଦେଇଛନ୍ତି। ମୃତକ ହେଲେ ଗୋପାଳକୃଷ୍ଣ ସାହୁ। ପୋଲିସ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ଅଭିଯୁକ୍ତ ଦୁଇ ପୁଅ ପିଣ୍ଟୁ ସାହୁ ଓ ରଞ୍ଜନ ସାହୁଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

ବାଘଲା ପଞ୍ଚାୟତ କୁଶପୁର ଗ୍ରାମର ଗୋପାଳଙ୍କ ପରିବାର ଗରିବ ଶ୍ରେଣୀର। ପ୍ରାୟ ୧୦ ବର୍ଷ ତଳେ ସେ ବଡ଼ ଝିଅର ବିବାହ କରାଇଥିଲେ। ଆର୍ଥିକ ଅନଟନ ମଧ୍ୟରେ ୨ ମାସ ତଳେ ସାନଝିଅକୁ ବାହା କରିଥିଲେ। ଦୁଇ ପୁଅ ପିଣ୍ଟୁ ଓ ରଞ୍ଜନ ଅବିବାହିତ ଅଛନ୍ତି। ଋଣ ଓ ଧାର କରଜକୁ ନେଇ ପରିବାରରେ ସବୁବେଳେ ଅଶାନ୍ତି ଲାଗି ରହିଥିଲା। ଋଣ ଶୁଝିବା ଚିନ୍ତାରେ ଥିବା ଗୋପାଳ ଅଧିକାଂଶ ସମୟରେ ବିରକ୍ତି ପ୍ରକାଶ କରି ସ୍ତ୍ରୀ ସୀତାଙ୍କୁ ମାଡ଼ ମାରୁଥିଲେ। ସୋମବାର କୌଣସି କଥାକୁ ନେଇ ସେ ଏକ ରଡ୍‌ରେ ସୀତାଙ୍କୁ ପିଟିବାକୁ ଉଦ୍ୟମ କରିବା ବେଳେ ଦୁଇ ପୁଅ ଏହାର ପ୍ରତିବାଦ କରିଥିଲେ। ହେଲେ ସେ କାହା କଥା ନ ଶୁଣି ସୀତାଙ୍କୁ ମାଡ଼ ମାରିବାକୁ ଗୋଡାଇଥିଲେ। ଘରେ ସବୁବେଳେ ଏପରି ଚାଲିଥିବାରୁ ପିଣ୍ଟୁ ଓ ରଞ୍ଜନ ଆଉ ସହ୍ୟ କରିପାରି ନ ଥିଲେ। ଉଭୟେ ଉତ୍ତ୍ୟକ୍ତ ହୋଇ ବାପାଙ୍କ ହାତରୁ ରଡ୍ ଛଡ଼ାଇ ନେଇ ସେଥିରେ ତାଙ୍କୁ ପିଟି ପିଟି ମାରି ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ଥାନା ଆଇଆଇସି ରାଜେଶ କୁମାର ନାୟକ ଓ ପୁରୁଷୋତ୍ତମପୁର ଏସ୍‌ଡିପିଓ ଡ. ଦୀପକ କୁମାର ମିଶ୍ର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ବାପା ସବୁବେଳେ ମା'ଙ୍କୁ ମାଡ଼ ମାରୁଥିବାରୁ ସହ୍ୟ କରି ପାରିଲୁନି ବୋଲି ପିତୃହନ୍ତା ପୁଅଦ୍ୱୟ ପୋଲିସ ଆଗରେ କହିଛନ୍ତି। ଅନ୍ୟପଟେ ଘଟଣାର ତଦନ୍ତ ଜାରି ରହିଥିବା ଆଇଆଇସି ନାୟକ କହିଛନ୍ତି।



ଗିରଫ ପିଣ୍ଟୁ ସାହୁ ଓ ରଞ୍ଜନ ସାହୁ।

# ୬୦ ଲକ୍ଷରୁ ଅଧିକ ଋଣ ଟଙ୍କା ନେଇ ଦମ୍ପତି ଫେରାର

**ଅନୁଗୋଳ,୨୮।୪(ମାନସ ବିଶ୍ୱାଳ)**

**ଏସ୍‌ପିଙ୍କୁ ଅଭିଯୋଗ କଲା ମହିଳା ସଂଘ**

ଅନୁଗୋଳ ଜିଲା ବଁଅରପାଳ ଥାନା ଅନ୍ତର୍ଗତ ଭୋଗବେରଣୀ ପଞ୍ଚାୟତ କୁସୁପଙ୍ଗି ଗ୍ରାମର ପ୍ରାୟ ୩୫ ମହିଳାଙ୍କ ଠାରୁ ସେହି ଗ୍ରାମର ସୁମନ୍ତ ନାଏକ ଏବଂ ତାଙ୍କ ସ୍ତ୍ରୀ ଧରିତ୍ରୀ ନାଏକ ପାଖାପାଖି ୬୦ ଲକ୍ଷରୁ ଅଧିକ ଋଣ ଟଙ୍କା ନେଇ ଫେରାର ହୋଇଯାଇଥିବା ମହିଳା ସଂଘ ଅଭିଯୋଗ କରିଛି। ସୋମବାର ସଂଘ କର୍ମକର୍ତ୍ତାମାନେ ଅନୁଗୋଳ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି।

ଅଭିଯୋଗ ଅନୁଯାୟୀ, କୁସୁପଙ୍ଗି ଗ୍ରାମର କେତୋଟି ମହିଳା ସଂଘର ସଦସ୍ୟା ଘରୋଇ ସଂସ୍ଥାରୁ ଲୋନ୍ ଉଠାଇ ସେହି ଗ୍ରାମର ସୁମନ୍ତ ନାଏକ ଏବଂ ତାଙ୍କ ସ୍ତ୍ରୀ ଧରିତ୍ରୀ ନାଏକଙ୍କୁ ଦେଇଥିଲେ। ଉକ୍ତ ଟଙ୍କା ଶୁଝିଦେବେ ବୋଲି ସମ୍ପୃକ୍ତ ଦମ୍ପତି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଗତ ବୁଧବାର ଅଭିଯୁକ୍ତ ଦମ୍ପତି ଘରେ ତାଲା ପକାଇ ଫେରାର ହୋଇଯାଇଥିବା ଗ୍ରାମର ମହିଳାମାନେ ଜାଣିବାକୁ ପାଇଥିଲେ। ଏ ନେଇ ସେମାନେ ଗତ ଗୁରୁବାର ସନ୍ଧ୍ୟାରେ ବଁଅରପାଳ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଥାନାରୁ ସୁଫଳ ନ ପାଇବାରୁ ବାଧ ହୋଇ ସେମାନେ ଜିଲା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଘଟଣା ବିଷୟରେ ବଁଅରପାଳ ଥାନା ଅଧିକାରୀ କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ ଚାଲିଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭୋକ କି ଜାଣଇ କଞ୍ଚା ଓଦା**
**ନିଦ କି ଜାଣଇ ଲଟାବୁଦା।**

କଥାରେ ଅଛି ଭୋକ ଲାଗୁଥିବାବେଳେ ଆମ୍ବିଳା ଆମ୍ବ ମଧ୍ୟ ପାଟିକୁ ସୁଆଦିଆ ଲାଗିଥାଏ। ତେଣୁ ଭୋକିଲା ବ୍ୟକ୍ତିଙ୍କୁ ଯେ କୌଣସି ଖାଦ୍ୟ ମିଳିଲେ ସେଥିରେ ସେ ବାଛବିଚାର ନ କରି ତାକୁ ଆନନ୍ଦରେ ଗ୍ରହଣ କରିଥାଏ। ସେହିପରି ନିଦ ମାଡ଼ି ଆସିଲେ ବ୍ୟକ୍ତିର ସ୍ଥାନ, ପାତ୍ର ଓ କାଳର କୌଣସି ଜ୍ଞାନ ରହେ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଭଙ୍ଗା ଢିଙ୍କିଶାଳ ରୁଅ,**
**ହେଲା ଚାଉଳକୁ କେତେ ଭଣ୍ଡାଉଛୁ**
**ପାଇଛୁ କି ପୋଲା ଦେହ?**

ସମ୍ପୂର୍ଣ୍ଣ ହୋଇଯାଇଥିବା କାମଟିକୁ ପୁନଶ୍ଚ କଷ୍ଟକରି କରିବାରେ କିଛି ଯଥାର୍ଥତା ନ ଥାଏ। ଏପରି ଲୋକଦେଖାଣିଆ କାମରେ କିଛି ମୂଲ୍ୟ ନ ଥାଏ ବା କିଛି ଲାଭ ମିଳି ନ ଥାଏ। ହୋଇସାରିଥିବା କାମରେ ହାତଦେଇ ମିଛ ବାହାଦୁରି ନେବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଇଇଡି ବିସ୍ଫୋରଣରେ ଯବାନ ଆହତ

**ମାଲକାନଗିରି,୨୮।୪ (ନୃସିଂହ ଚରଣ ମହାନ୍ତି)**

**ବହୁ ମାଓବାଦୀ ମୃତ ଆଶଙ୍କା**

ଛତିଶଗଡ଼ ବିଜାପୁରରେ କରିଗେଟା ଜଙ୍ଗଲରେ ମାଓବାଦୀ ଦମନ ନିମନ୍ତେ ଗତ ୭ ଦିନ ଧରି ବଡ ଧରଣର ଅପରେଶନ ଜାରି ରହିଛି। ଏଥିରେ ସୋମବାର ଏକ ଆଇଇଡି ବୋମା ବିସ୍ଫୋରଣରେ ଜଣେ ଯବାନ ଗୁରୁତର ହୋଇଛନ୍ତି। ଅନେକ ମାଓବାଦୀ ନିହତ ହୋଇଥିବା ସନ୍ଦେହ କରାଯାଉଛି। ଆହତ ଯବାନଙ୍କୁ ହେଲିକପ୍ଟର ଯୋଗେ ଚିକିତ୍ସା ପାଇଁ ରାୟପୁର ନିଆଯାଇଥିବା ବେଳେ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି। ଏହାସହ ଅଞ୍ଚଳରୁ ଯବାନମାନେ କେତେକ ବୋତଲ ବୋମା ଜବତ କରିଥିବା ଜଣାପଡ଼ିଛି।

# ୨୪ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୮।୪(ନୃସିଂହଚରଣମହାନ୍ତି)**

ଛତିଶଗଡ଼ ବିଜାପୁରରେ ୨୪ ମାଓବାଦୀ ସୋମବାର ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ରେ ମାଓବାଦୀ ଦମନ ଅଭିଯାନ ଜୋର୍‌ଦାରରେ ଚାଲିଥିବା ବେଳେ ଅନେକ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ଏହି କ୍ରମରେ ୨୪ ମାଓବାଦୀ ସଙ୍ଗଠନ ଛାଡ଼ି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୪ ଜଣଙ୍କ ନାମରେ ୨୮.୫୦ ଲକ୍ଷ ଟଙ୍କାର ପୁରସ୍କାର ରହିଥିବା ବେଳେ ଏମାନେ ଅନେକ ହିଂସାରେ ଜଡ଼ିତ ଥିଲେ। ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେଉଥିବା ବେଳେ ଏମାନେ ସାଧାରଣ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା କହିଛନ୍ତି।

# ନାବାଳିକା ଶାଳୀଙ୍କୁ ଗର୍ଭବତୀ କରି ଭିଣୋଇ ଫେରାର

**ଦିଗପହଣ୍ଡି,୨୮।୪ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଧୀନ ଏକ ଗାଁରେ ନାବାଳିକା ଶାଳୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଖବର ଜଣାପଡିବା ପରେ ସମ୍ପୃକ୍ତ ଭିଣୋଇ ଫେରାର ହୋଇଯାଇଛନ୍ତି। ଦଶମ ଶ୍ରେଣୀରେ ପଢୁଥିବା ଏହି ନାବାଳିକା (୧୫) ଏବେ ଗର୍ଭବତୀ ଅଛନ୍ତି। ପୀଡ଼ିତାଙ୍କ ଏତଲାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ ପାତ୍ର ନଂ.୧୫୫/୨୫ରେ ସମ୍ପୃକ୍ତ ଭିଣୋଇଙ୍କ ନାଁରେ ମାମଲା ରୁଜୁ କରିଛନ୍ତି। ଏସ୍‌ଆଇ ସୋଫିଆ ମିଶ୍ର ଅଭିଯୋଗର ତଦନ୍ତ ଦାୟିତ୍ୱ ନେଇଛନ୍ତି। ଗିରଫ ଭୟରେ ଅଭିଯୁକ୍ତ ଭିଣୋଇ ଫେରାର ଅଛନ୍ତି। ପୀଡ଼ିତାଙ୍କ ବଡ଼ ଭଉଣୀଙ୍କୁ ବିବାହ କରିଥିବା ସମ୍ପୃକ୍ତ ବ୍ୟକ୍ତି ପ୍ରାୟ ସମୟ ଶ୍ୱଶୁର ଘରକୁ ଯାଉଥିଲେ। ନାବାଳିକାଙ୍କ ମା'ବାପା କାମ ପାଇଁ ବାହାରକୁ ପଳାଉଥିବା ବେଳେ ଘରେ କେହି ରହୁ ନ ଥିଲେ। ଏହି ସୁଯୋଗର ଫାଇଦା ଉଠାଉଥିଲେ ଭିଣୋଇ। ନାବାଳିକା ଶାଳୀଙ୍କୁ ପ୍ରଲୋଭିତ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ଘଟଣା ସମ୍ପର୍କରେ କାହାରିକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ। ବାରମ୍ବାର ତାଙ୍କ ସହ ସମ୍ପର୍କ ରଖିବା ପରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ଏହା ଜଣାପଡିବା ପରେ ସେ ଭିଣୋଇଙ୍କୁ ଜଣାଇଥିଲେ। ଭିଣୋଇ ତାଙ୍କୁ ବ୍ରହ୍ମପୁର ନେଇ ଗର୍ଭନଷ୍ଟ କରିବାକୁ ବାଧ କରିଥିଲେ। ଏଥିରେ ନାବାଳିକା ରାଜି ହୋଇ ନ ଥିଲେ। ପରେ ତାଙ୍କୁ ଭିଣୋଇ ହତ୍ୟା ଧମକ ଦେଉଥିବା ପୀଡ଼ିତା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି।

# ବ୍ୟବସାୟୀଙ୍କୁ ଆକ୍ରମଣକରି ୫ ଲକ୍ଷର ଅଳଙ୍କାର ଲୁଟ୍

**କେନ୍ଦୁଝର,୨୮।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଟାଉନ ଥାନା ବ୍ଲକ୍ ଅନ୍ତର୍ଗତ ନରଣପୁରରେ ଥିବା ସାହୁ ଜୁଏଲେରି ୱାର୍କଶପ ମାଲିକ ଦୀପକ ସାହୁ ରବିବାର ରାତି ୮ଟାରେ ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତ ତାଙ୍କୁ ଆକ୍ରମଣକରି ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନା, ରୁପା ଅଳଙ୍କାର ଥିବା ବ୍ୟାଗ୍‌କୁ ଝାମ୍ପି ନେଇଛନ୍ତି। ଏ ନେଇ ମାଲିକ ଦୀପକ ସାହୁ ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଦୀପକ ରାତି ୮ଟାରେ ଦୋକାନ ବନ୍ଦକରି ବାଇକ୍ (ଜେଏଚ୍ ୦୫ ଏଜେଡ୍ ୯୯୧୧) ଯୋଗେ ସ୍ଥାନୀୟ ନରଣପୁର ଘରକୁ ଫେରୁଥିଲେ। ଏହି ସମୟରେ ୨ ବାଇକ୍‌ରେ ୫ ଜଣ ପିଛା କରିଥିଲେ। ସେମାନଙ୍କୁ ଦେଖି ଭୟରେ ଅନ୍ୟ ରାସ୍ତାରେ ପଳାଇ ଯିବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ଦୁର୍ବୃତ୍ତମାନେ ଠେଙ୍ଗାରେ ତାଙ୍କ ମୁଣ୍ଡ ଓ ହାତକୁ ଆକ୍ରମଣ ଫଳରେ ସେ ତଳେ ପଡ଼ିଯାଇଥିଲେ। ଦୁର୍ବୃତ୍ତମାନେ ତାଙ୍କ ବାଇକ୍ ଡିକି ଭାଙ୍ଗି ସୁନା, ରୁପା ଭର୍ତ୍ତି ବ୍ୟାଗ୍ ଧରି ଆଖି ପିଛୁଳା ଚମ୍ପଟ ମାରିଥିଲେ। ସୋମବାର ସକାଳେ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୪୬/୨୫)ରୁଜୁକରି ତଦନ୍ତ ଆରମ୍ଭ କରିଛି। ପୋଲିସ ଘର ନିକଟ ତାରିଣୀ ଗେଷ୍ଟ ହାଉସ୍‌ରେ ଲାଗିଥିବା ସିସି ଟିଭି ଫୁଟେଜ ସଂଗ୍ରହ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# କୋଟିଏ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

**ଭୁବନେଶ୍ୱର,୨୮।୪ (ସତ୍ୟଜିତ୍ ରାଉତ)**

- ଟ୍ରକ୍‌ରେ ତିଆରି ହୋଇଥିଲା ସିକ୍ରେଟ୍ ଚାମ୍ବର
- ଗନ୍ଧ ନ ହେବା ପାଇଁ ବ୍ୟବହାର କରିଥିଲେ ଗନ୍ଧକର୍ପୂର

ରାଜଧାନୀ ଭୁବନେଶ୍ୱର ଦେଇ ରାଜ୍ୟ ବାହାରକୁ ଚାଲାଣ ହେଉଥିଲା ଗଞ୍ଜେଇ। ଧରା ନ ପଡ଼ିବା ପାଇଁ ଟ୍ରକ୍‌ରେ ତିଆରି ହୋଇଥିଲା ସିକ୍ରେଟ୍ ଚାମ୍ବର ଓ ଗଞ୍ଜେଇ ଗନ୍ଧ ବାହାରକୁ ନ ଆସିବା ଲାଗି ବ୍ୟବହାର ହୋଇଥିଲା ଗନ୍ଧକର୍ପୂର। ତେବେ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ (ଏସ୍‌ସିୟୁ) ଏବଂ ଖଣ୍ଡଗିରି ଥାନା ପୋଲିସର ମିଳିତ ଟିମ୍ ସୋମବାର ଚଢ଼ାଉ କରି ଟ୍ରକ୍ (ଏପି୩୦ଏକ୍ସ୩୪୯୯) ସହ ସେଥିରୁ ପ୍ରାୟ ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କା ହେବ ବୋଲି ପୋଲିସ କହିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ପଞ୍ଜାବ ଅମୃତସରର ମନଦୀପ ସିଂ ଓ କନ୍ଧମାଳ ଜିଲା ଫିରିଙ୍ଗିଆର ମହେଶ୍ୱର ମଲ୍ଲିକ। ତେବେ ଏହି ଗଞ୍ଜେଇ ଫୁଲବାଣୀରୁ ପଶ୍ଚିମବଙ୍ଗ କିମ୍ବା ହିମାଚଳପ୍ରଦେଶ ଚାଲାଣ ହେଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏନେଇ ଖଣ୍ଡଗିରି ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ଟ୍ରକ୍‌ରେ ଡ୍ରାଇଭର ବସୁଥିବା ଚାମ୍ବରର ପଛପଟ ଡାଲା ସହ ସଂଲଗ୍ନ କରି ଏକ ସିକ୍ରେଟ୍ ଚାମ୍ବର କରାଯାଇଥିଲା ବୋଲି ଜୋନ୍-୩ ଏସିପି ତାପସ ପ୍ରଧାନ କହିଛନ୍ତି।

ସୂଚନା ଅନୁଯାୟୀ, ୧୬ ନଂ ଜାତୀୟ ରାଜପଥ ଦେଇ ଏକ ଟ୍ରକ୍‌ରେ ବିପୁଳ ଗଞ୍ଜେଇ ଚାଲାଣ ହେଉଥିବା ସ୍ପେଶାଲ କ୍ରାଇମ ୟୁନିଟ୍ ଖବର ପାଇଥିଲା। ସକାଳେ ମିଳିତ ପୋଲିସ ଟିମ୍ ଖଣ୍ଡଗିରି ଛକ ନିକଟରେ ଛକି ରହିଥିଲା। ଟ୍ରକ୍ ଆସିବା ପରେ ଭୁବନେଶ୍ୱର ଖଣ୍ଡଗିରି ଛକ ପୂର୍ବରୁ ଗାଡ଼ିକୁ ଅଟକାଇବା ପାଇଁ ପୋଲିସ ଚେଷ୍ଟା କରିଥିଲା। ହେଲେ ଟ୍ରକ୍ ଡ୍ରାଇଭର ହଠାତ୍ କୋଳଥିଆ ଛକ ଆଡକୁ ଟ୍ରକ୍ ମୁହାଁଇଥିଲେ। ହେଲେ ଅନ୍ୟ ଏକ ପୋଲିସ ଟିମ୍ ସାମ୍ନା ପାର୍ଶ୍ୱକୁ ଘେରି ଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଖଣ୍ଡଗିରି-କୋଳଥିଆ ରାସ୍ତା ଖାରବେଳ ପାର୍କ ପାଖରେ ପୋଲିସ ଟିମ୍ ଘେରି ଯାଇ ଟ୍ରକକୁ କାବୁ କରିବାରେ ସକ୍ଷମ ହୋଇଥିଲା। ତେବେ ଏହି ଗଞ୍ଜେଇ କେଉଁ ସ୍ଥାନକୁ ଏବଂ କାହା ପାଖକୁ ଚାଲାଣ ହେଉଥିଲା ସେନେଇ ପୋଲିସ ଜାଣିବାକୁ ତଦନ୍ତ କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................



ଆୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ


ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶ୍ରୀଜେଶଙ୍କୁ ପଦ୍ମ ଭୂଷଣ, ଅଶ୍ୱିନଙ୍କୁ ପଦ୍ମଶ୍ରୀ

ନୂଆଦିଲ୍ଲୀ, ୨୮।୪

ଭାରତୀୟ ହକି ଦଳର ପୂର୍ବତନ ଗୋଲକିପର ତଥା ବର୍ତ୍ତମାନର ଜୁନିୟର ହକି କୋଚ୍ ପି.ଆର. ଶ୍ରୀଜେଶ ସୋମବାର ସମ୍ମାନଜନକ ପଦ୍ମ ଭୂଷଣ ପୁରସ୍କାର ଲାଭ କରିଛନ୍ତି। ସେହିପରି ଅବସରପ୍ରାପ୍ତ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଛି। ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଏହି ପୁରସ୍କାର ପ୍ରଦାନ କରିଛନ୍ତି। କିମ୍ବଦନ୍ତୀ ଖେଳାଳି ମେଜର ଧ୍ୟାନ ଚାନ୍ଦଙ୍କ ପରେ ଭାରତର ଦ୍ୱିତୀୟ ହକି ଖେଳାଳିଭାବେ ଶ୍ରୀଜେଶ ଏହି ପୁରସ୍କାର ଲାଭ କରିବାର ଗୌରବ ଅର୍ଜନ କରିଛନ୍ତି। ଧ୍ୟାନ ଚାନ୍ଦ ୧୯୫୬ରେ ଏହି ପୁରସ୍କାର ଲାଭ କରିଥିଲେ। ଏହାର ୭ ଦଶନ୍ଧି ପରେ ଶ୍ରୀଜେଶ ଭାରତୀୟ ହକିକୁ ଏହି ସମ୍ମାନ ମିଳିଛି।

ଦୀର୍ଘ ୧୮ ବର୍ଷ ଭାରତୀୟ ହକିର ସେବା କରିଥିବା ଶ୍ରୀଜେଶ ଦେଶ ପାଇଁ ୩୩୬ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପରେ ସେ ହକିକୁ ଅଲ୍‌ବିଦା ଜଣାଇଥିଲେ। ତାଙ୍କର ଚମତ୍କାରୀ ଗୋଲକିପିଂ ଦକ୍ଷତା ବଳରେ ଭାରତ କ୍ରମାଗତ ୨ଟି ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ନିଜ କ୍ୟାରିୟର ମଧ୍ୟରେ ଶ୍ରୀଜେଶ ଅନେକ ପୁରସ୍କାର ହାସଲ କରିଥିଲେ। ଏହା ମଧ୍ୟରେ ଏଫ୍‌ଆଇଏଚ୍ ଗୋଲକିପର ଅଫ୍ ଦି ଇୟର ପୁରସ୍କାର ୩ ଥର (୨୦୨୧, ୨୦୨୨ ଓ ୨୦୨୪), ଅର୍ଜୁନ ପୁରସ୍କାର (୨୦୧୫), ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ ପୁରସ୍କାର (୨୦୨୧), ୱାର୍ଲ୍ଡ ଗେମ୍ସ ଆଥଲେଟ୍ ଅଫ୍ ଦି ଇୟର (୨୦୨୧) ଆଦି ଅନ୍ୟତମ। ୨୦୧୦ରେ ଅନ୍ତର୍ଜାତୀୟ ହକିରେ ପଦାର୍ପଣ କରିବାପରେ ସେ ଭାରତୀୟ ରକ୍ଷଣଭାଗର ମେରୁଦଣ୍ଡ ପାଲଟି ଯାଇଥିଲେ। ଚାପ ସ୍ଥିତିରେ ସେ ଭଲ ପ୍ରଦର୍ଶନ କରି ପାରୁଥିଲେ।




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପଦ୍ମ ଭୂଷଣ ପୁରସ୍କାର ଗ୍ରହଣ ଅବସରରେ ପି.ଆର. ଶ୍ରୀଜେଶ। ପଦ୍ମଶ୍ରୀ ସମ୍ମାନ ସହ ରବିଚନ୍ଦ୍ରନ ଅଶ୍ୱିନ।

ଖେଳାଳି ଜୀବନରେ ଶ୍ରୀଜେଶ ୪ଟି ଅଲିମ୍ପିକ୍ସ (ଲଣ୍ଡନ-୨୦୧୨, ରିଓ-୨୦୧୬, ଟୋକିଓ-୨୦୨୦, ପ୍ୟାରିସ-୨୦୨୪) ଖେଳିଥିବାବେଳେ ୨ଟି ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ (୨୦୧୪ ଓ ୨୦୨୨), ଥରେ ଏସିଆନ ଗେମ୍ସରେ ବ୍ରୋଞ୍ଜ (୨୦୧୮), ୨ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ (୨୦୧୪, ୨୦୨୨) ହାସଲ କରିଥିଲେ। ଏହା ବ୍ୟତୀତ ଭାରତ ୪ ଥର ଏସିଆନ ଚାମ୍ପିୟନ୍ସ ଟ୍ରଫି ଚାମ୍ପିୟନ (୨୦୧୧, ୨୦୧୬, ୨୦୧୮ ଓ ୨୦୧୩) ହେବାରେ

## ଧ୍ୟାନ ଚାନ୍ଦଙ୍କ ପରେ ଦ୍ୱିତୀୟ ହକି ଖେଳାଳି

ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଖେଳାଳିରୁ କୋଚ୍ ହୋଇଥିବା ଶ୍ରୀଜେଶଙ୍କ ତତ୍ତ୍ୱାବଧାନରେ ଭାରତୀୟ ଜୁନିୟର ଦଳ ୨୦୨୪ ନଭେମ୍ବରରେ ଜୁନିୟର ଏସିଆ କପ୍ ଟାଇଟଲ ହାସଲ କରିଥିଲା।

ଶ୍ରୀଜେଶଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି। "ପୂର୍ବରୁ ଖେଳାଳି ଓ ଏବେ କୋଚ୍‌ଭାବେ ଭାରତୀୟ ହକିକୁ ଶ୍ରୀଜେଶଙ୍କ ଅବଦାନ ଅସାଧାରଣ। ତ୍ୟାଗ, ଉତ୍କର୍ଷ ଓ ନେତୃତ୍ୱର ସେ ଉଦାହରଣ ପାଟଲି ଯାଇଛନ୍ତି। ପଦ୍ମ ଭୂଷଣ ହେଉଛି ତାଙ୍କ ଅବଦାନ ପ୍ରତି ଉପଯୁକ୍ତ ପୁରସ୍କାର। ଭାରତର ଯୁବପୀଢ଼ି ଏହାଦ୍ୱାରା ଉତ୍ସାହିତ ହେବେ। ହକି ଇଣ୍ଡିଆ ପକ୍ଷରୁ ମୁଁ ତାଙ୍କୁ ଏବଂ ତାଙ୍କ ପରିବାରକୁ ଅଭିନନ୍ଦନ ଜଣାଉଛି" ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ସମ୍ପାଦକ ଭୋଲାନାଥ ସିଂ ମଧ୍ୟ ଶ୍ରୀଜେଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଅଶ୍ୱିନ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ ଅବସରରେ ରାଷ୍ଟ୍ରପତି ଭବନରେ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କଠାରୁ ସମ୍ମାନ୍‌ଜନକ ପଦ୍ମଶ୍ରୀ ସମ୍ମାନ ପାଇଥିବାରୁ ଅଶ୍ୱିନଙ୍କୁ ଅଭିନନ୍ଦନ ବୋଲି ବିସିସିଆଇ ପକ୍ଷରୁ ଟୁଇଟ୍ କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ରେ ଅବସର ଘୋଷଣା କରିଥିବା ଅଶ୍ୱିନ ସର୍ବାଧିକ ଟେଷ୍ଟ ଉଇକେଟ ନେଇଥିବା ଭାରତୀୟ ବୋଲରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୦୬ ଟେଷ୍ଟ ଖେଳିଥିବା ଅଶ୍ୱିନଙ୍କ ନାମରେ ୫୩୭ ଟେଷ୍ଟ ଉଇକେଟ ରହିଛି। ଏହି ୩୮ ବର୍ଷୀୟ କ୍ରିକେଟର ଭାରତ ପାଇଁ ୧୧୬ ଦିନିକିଆ ଖେଳି ୧୫୬ ଉଇକେଟ ନେଇଥିବା ବେଳେ ୬୫ଗୋଟି ଟି୨୦ ମ୍ୟାଚ୍‌ରେ ୭୨ ଉଇକେଟ ନେଇଛନ୍ତି। ଚଳିତ ଆଇପିଏଲ୍‌ରେ ସେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।

# କିଟ୍‌ରେ ଭାରତୀୟ ଆଥଲେଟିକ୍ସ, ଟେବୁଲ ଟେନିସ ଦଳ ପାଇଁ ଚୟନ ଟ୍ରାଏଲ୍ସ ଆରମ୍ଭ



ଟେବୁଲ ଟେନିସ କୋର୍ଟ।

ଭୁବନେଶ୍ୱର, ୨୮।୪ (ତପନ ସ୍ୱାଇଁ)

ଜର୍ମାନୀରେ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ କିଟ୍ ପରିସରରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ(ଆଥ୍‌ଲେଟିକ୍ସ ଓ ଟେବୁଲ ଟେନିସ୍)ର ଚୟନ ଟ୍ରାଏଲ୍ସ ସୋମବାର ଆରମ୍ଭ ହୋଇଛି। ଉଭୟ ମହିଳା ଓ ପୁରୁଷ ବର୍ଗରେ ଆଥ୍‌ଲେଟିକ୍ସ ଟ୍ରାଏଲ୍ସ ଦୂତୀ ଚାନ୍ଦ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଏବଂ ଟେବୁଲ ଟେନିସ୍ ଟ୍ରାଏଲ୍ସ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଏହା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଟ୍ରାଏଲ୍ସରେ ପାଖାପାଖି ୪୦୦ ଖେଳାଳି ଓ ଆଫିସିଆଲ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଆଥ୍‌ଲେଟିକ୍ସରେ ୩୨୦ ଓ ଟେବୁଲ ଟେନିସ୍‌ରେ ୬୦ ଆଥଲେଟ୍ ସାମିଲ ଅଛନ୍ତି। ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଅନେକ ଆଥଲେଟ୍ ଏଠାରେ ଏକତ୍ରିତ ହୋଇଛନ୍ତି। ଟ୍ରାଏଲ୍ସ ପରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତରୁ ୫ ଜଣ ଲେଖାଏ ମହିଳା ଓ ପୁରୁଷ ଖେଳାଳି ଏବଂ ୪ ଅଫିସିଆଲ ପ୍ରତିନିଧିତ୍ୱ କରିବେ। ସେହିପରି ଆଥ୍‌ଲେଟିକ୍ସରେ ୫୪ ଜଣ ଲେଖାଏ ମହିଳା ଓ ପୁରୁଷ ଖେଳାଳି ଏବଂ ୨୨ ଅଫିସିଆଲ୍ ମନୋନୀତ ହେବେ। ଅଂଶଗ୍ରହଣକାରୀ ସମସ୍ତ ଖେଳାଳି, ଅଫିସିଆଲଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ କିଟ୍ ପରିସରରେ ଆର୍ଚେରୀ, ଭଲିବଲ, ଲନ୍ ଟେନିସ୍ ଓ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟର ଚୟନ ଟ୍ରାଏଲ୍ସ ଓ କୋଚିଂ କ୍ୟାମ୍ପ୍ ହୋଇସାରିଛି।


## ବିବାହ ବାର୍ଷିକୀ ଶୁଭେଚ୍ଛା



ଭଗବାନ ପ୍ରିୟଙ୍କା
ଧଉଳି, ଭୁବନେଶ୍ୱର
Happy 10th Anniversary wishing you both a lifetime of happiness and love.
ଆଜି ଆପଣ ନିଜର ବିବାହବାର୍ଷିକୀକୁ ରକ୍ତଦାନ ଭଳି ମହତ ରକ୍ତଦାନ ଶିବିର କାର୍ଯ୍ୟକ୍ରମର ଆୟୋଜନ କରିଥିବାରୁ ଆନ୍ତରିକ ଶୁଭେଚ୍ଛା।
Well wisher: Friends & Family
ଧ-୩୧୮

## ନବମ ବିବାହ ବାର୍ଷିକୀ ଶୁଭେଚ୍ଛା



ବାପିନା ରାଉତ ଓ ରୀତାଞ୍ଜଳି ରାଉତ
ଆଠଗଡ଼, କଦଳୀବାଡ଼ି
ତୁମ ଦୁହିଁଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହେଉ। ଏହା ହିଁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା ।
ଧ-୩୧୭


# ଜାତୀୟ ମହିଳା ହ୍ୟାଣ୍ଡବଲ ପାଇଁ ଚୟନ ଟ୍ରାଏଲ୍ସ

ଭୁବନେଶ୍ୱର, ୨୮।୪ (ତପନ ସ୍ୱାଇଁ)

ଗୁଜରାଟର ଭୁଜ୍‌ଠାରେ ମେ' ୨୦ରୁ ୨୫ ପର୍ଯ୍ୟନ୍ତ ୫୪ତମ ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଖେଳାଳି ମନୋନୟନ ଲାଗି ଏକ ଚୟନ ଟ୍ରାଏଲ୍ସ ଚଳିତ ମାସ ୨୭ ଓ ୨୮ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୨୦ ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୦ ଖେଳାଳିଙ୍କୁ କ୍ୟାମ୍ପ ପାଇଁ ମନୋନୟନ କରାଯାଇଛି। ମେ'୧ରୁ ଏହି କ୍ୟାମ୍ପ ୧୫ ଦିନଧରି ଚାଲିବ। ଏଥିରେ ଏନଆଇଏସ୍ କୋଚ୍ ପ୍ରସାଦ ରଥ ଓ ବରିଷ୍ଠ କୋଚ୍ ଅର୍ଣ୍ଣବ କୁମାର ସିହ୍ନା କୋଚିଂ ଦେବେ। ଏହାପରେ ପ୍ରଦର୍ଶନ ଭିତ୍ତିରେ ୧୮ ଜଣିଆ ଓଡ଼ିଶା ଦଳ ଚୟନ ହେବ ବୋଲି ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା ଜଣାଇଛନ୍ତି।

# ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଟେନିସ୍ ମ୍ୟାଚ୍ ସ୍ଥଗିତ

ମାଡ୍ରିଡ୍, ୨୮।୪(ଏପି)

ସ୍ପେନ୍ ଓ ପର୍ତ୍ତୁଗାଲ୍‌ରେ ଏକ ବଡ଼ଧରଣର ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସୋମବାର ମାଡ୍ରିଡ୍ ଓପନ୍ ଟେନିସ ଟୁର୍ନାମେଣ୍ଟର ଖେଳକୁ ସ୍ଥଗିତ ରଖାଯାଇଛି। ସ୍ଥାନୀୟ ସମୟ ଅପରାହ୍ନ ୧୨ଟା ୩୪ ମିନିଟ୍ ସମୟରେ ଦୁଇଟି ସିଙ୍ଗଲ୍ସ ଓ ଗୋଟିଏ ଡବଲ୍ସ ମ୍ୟାଚ ଖେଳାଯାଉଥିବା ବେଳେ ବିଦ୍ୟୁତ୍ ଚାଲିଯାଇଥିଲା। ଫଳରେ ମାନୋଲୋ ସାନ୍ତାନା ଷ୍ଟାଡିୟମ କୋର୍ଟ ଭିତରେ ଲାଗିଥିବା ସ୍ପାଇଡର କ୍ୟାମେରା ଓ କଲିଂ ସିଷ୍ଟମ ଅଚଳ ହୋଇପଡ଼ିଥିଲା। ସେତେବେଳେ ମୁଖ୍ୟ ଷ୍ଟାଡିୟମରେ ଜାକବ ପିଅର୍ନଲିଙ୍କ ବିପକ୍ଷ ଏକ ମ୍ୟାଚ୍‌ରେ ଗ୍ରିଗୋର ଦିମିତ୍ରି ଆଗୁଆ ରହିଥିଲେ। ମହିଳା ମ୍ୟାଚ୍ ମଧ୍ୟ ହେବାର ଥିଲା।


# Classified Everyday

0674-2580101, 9692975378



REAL ESTATE
SALE

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

2BHK flat for sale at Naharakanta, NH Facing. Contact- 7978209277, 7008789347. D-260

Gharabari plot with compound wall 52x40 2080sft. at lowest price 7 KM from Nakhara 12 KM from Bhubaneswar also instalment basis (middle of CTC & BBSR) no interest. 7809525452. D-76445

Duplex sale with gated society AIIMS Hospital, Bhubaneswar. 8455909543, 7735579312. D-76262

FOR RENT

Ground Floor Single Room with attached Toilet available at VSS Nagar for office space- 7873657633. D-314



Healthcare

Newly opened SPA in Bhubaneswar (ଖରାଦିନର ମଜା) good massage. Contact- 9853155914. D-75845

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I, Magdali Ekka, aged about 25 years, W/o- Budha Tirkey, resident of Vill- Malipada, P.O.- Khatkurbahal, P.S.- Kutra, Dist.- Sundargarh, Odisha do hereby solemnly affirm and declare as under I have Aadhaar Card vide No.- xxxx xxxx 7896 in which my name has been wrongly mentioned as Magdali Tirkey. That Magdali Ekka and Magdali Tirkey denotes to one and same person i.e. myself.
Magdali Ekka
D-321

I, Sri Sudhansu Sekhar Patro, S/o- Sri Khali Patro, residing at New Udhura, near Bellaguntha, P.O.- Udhura, Via-Bellaguntha, P.S.-Bellaguntha, Dist.-Ganjam, Odisha, PIN-761119 have changed my name to Sri Sudhansu Sekhar Mahapatra. This change has been made through an affidavit bearing No.- 1107, dated 28.04.2025 sworn before Sri Prashant Kumar Padhi, Hon'ble Notary, Aska. Henceforth, I shall be known as Sri Sudhansu Sekhar Mahapatra for all purposes. D-320

I, Liza Rani Sahoo, W/o- Nadir Hossen, age-27, residing at Motijharan, Sadar Sambalpur, Odisha-768001 have changed my name to Neha Naaz vide affidavit dated 18.02.2025 at Sambalpur. D-319

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


## LEGAL NOTICE

I.R. No.- 625
Date- 23.04.2025

ନୋଟିସ

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀ ପ୍ରଦୀପ କୁମାର ନାୟକ)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ.- ୨ନମ୍ବର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. ମୋକଦମା ନମ୍ବର- ୭୫୬/୨୦୨୩ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

(ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ)

ଡୁମନୀ ମାର୍ଣ୍ଡି, ପିତା- ସମାଇ ମାଝୀ, ଠିକଣା- ସା/ପୋଷ୍ଟ- ମହୁଲଡିହ, ଥାନା- ରାଇରଙ୍ଗପୁର, ଜିଲ୍ଲା- ମୟୂରଭଞ୍ଜ ....ବାଦିନୀ

ବନାମ

ତହସିଲଦାର, ଭୁବନେଶ୍ୱର ଓଗେର ....ପ୍ରତିବାଦୀମାନେ

ପ୍ରାପ୍ତେଷୁ-

ପ୍ରତିବାଦୀ ନମ୍ବର ୫ ପ୍ରଦୀପ୍ତ କୁମାର ଦାସ, ପିତା- ୰ବୀର କିଶୋର ଦାସ, ସା- ଜଜାରସିଂହ, ପୋଷ୍ଟ/ଥାନା/ଜିଲ୍ଲା/- ଖୋର୍ଦ୍ଧା, ଓଡ଼ିଶା

୬) ରାଜକିଶୋର ଦାସ, ପିତା- ବୀର କିଶୋର ଦାସ, ୭) ପ୍ରତିଭା ଦାସ, ସ୍ୱାମୀ- ପ୍ରମୋଦ କୁମାର ଦାସ, ପିତା- ବୀର କିଶୋର ଦାସ

ଏ ଦୁଇ ଜଣଙ୍କ ଠିକଣା:- ସା- ଗୁଡ଼ିଆନାଳି, ପୋଷ୍ଟ/ଥାନା/ଜିଲ୍ଲା- ଢେଙ୍କାନାଳ, ଓଡ଼ିଶା

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦିନୀ ନିମ୍ନଲିଖିତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବାପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀଙ୍କୁ ପଞ୍ଜୀକୃତ ଡାକଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀ ନମ୍ବର ୫, ୬ ଓ ୭ଙ୍କୁ ନୋଟିସ ଜାରି ନ ହୋଇ ଫେରିଆସିଅଛି। ଇତ୍ୟବସରେ ଉକ୍ତ କେସ୍‌ର ଶୁଣାଣି ତା୦୩।୦୬।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା:

ଜମିର ବିବରଣୀ

ମୌଜା: ଭୋଳା, ଥାନା- ଚନ୍ଦକା, ଥାନା ନଂ.- ୨୭ନମ୍ବର, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.- ୨୮୫ନମ୍ବର, ହାଲ୍ ପ୍ଲଟ୍ ନଂ.- ୭୧୧ନମ୍ବର, ରକବା ଏ୧.୦୫୦ ଡିସିମିଲ ସ୍ଥଧରୁ ଏ୦.୦୬୭.୯ ଡିସିମିଲ, ସ୍ୱତ୍ୱ- ସ୍ଥିତିବାନ, ସାବିକ ଖାତା ନମ୍ବର ୧୧୪, ସାବିକ ପ୍ଲଟ୍ ନମ୍ବର- ୨୧୪, ଏରିଆ ଏ୦.୦୬୭.୯ ଡିସିମିଲ।

ଏଣୁ ଉପରୋକ୍ତ ପ୍ରତିବାଦୀ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନଂ.୨ନମ୍ବରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିର ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୩୨୨

## ମନେ ପଡ଼ନ୍ତି

### ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ ହାଡୁବନ୍ଧୁ ପ୍ରଧାନ
(ମାଣିତରା, ବୁଗୁଡ଼ା)
ଆବିର୍ଭାବ : ୩୦.୦୧.୧୯୪୫
ତିରୋଧାନ : ୨୯.୦୪.୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ ଆମମାନଙ୍କ ପାଇଁ ଚିରପାଥେୟ ହେଉ । ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିଶ୍ୱଜିତ୍ ପାଢ଼ୀ
ଆବିର୍ଭାବ: ୦୬.୦୯.୧୯୬୫ ~ ତିରୋଧାନ: ୧୪.୦୫.୨୦୦୨
(ତିଥି- ବୈଶାଖ ଶୁକ୍ଳ ଦ୍ୱିତୀୟା)
ତୁମେ ଯିବାର ଚାହିଁ ଚାହିଁ ୨୩ ବର୍ଷ ବିତିଗଲେ ମଧ୍ୟ ତମେ ଆମ ସମସ୍ତଙ୍କ ହୃଦୟରେ ଅଲିଭାସ୍ମୃତି ହୋଇ ହୋଇ ରହିଛ ଓ ଆଉ ରହିଥିବ ମଧ୍ୟ । ଆଜିର ଏହି ଶ୍ରାଦ୍ଧ ଦିବସରେ ତମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ
ପତ୍ନୀ- ସୁନନ୍ଦା, ପୁତ୍ର- ରାଜନ୍, ରୋଷନ୍
ପୁତ୍ରବଧୂ- ଶେଫାଳି ଓ ପରିବାରବର୍ଗ ।
ଧ-୭୬୮୧୫


ପାଠକଙ୍କ ପାଇଁ ସୂଚନା : କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫିଟ୍‌ନେସ୍ ଫର୍ମୁଲା

ଅଧିକାଂଶ ମହିଳା କାର୍ଯ୍ୟବ୍ୟସ୍ତତା ମଧ୍ୟରେ ନିଜକୁ ଅବହେଳା କରି ବସନ୍ତି, ଯାହାର ଫଳସ୍ୱରୂପ ସେମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ହେଲେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ମାତ୍ର କେତୋଟି ଫିଟ୍‌ନେସ୍ ଫର୍ମୁଲା ମାନି ଚଳିଲେ ନିଜକୁ ସୁସ୍ଥ ରଖିବା ସହଜ ହୋଇପାରିବ...



**ଠିକ୍ ସମୟରେ ଏବଂ ସନ୍ତୁଳିତ ଖାଦ୍ୟ ଖାଇବା:** ଅଧିକାଂଶ ମହିଳା କାର୍ଯ୍ୟବ୍ୟସ୍ତତା ଭିତରେ ସକାଳ ଜଳଖିଆ ଖାଇ ନ ଥାନ୍ତି ଏବଂ ଅନ୍ୟ ସମୟରେ ବି ସମସ୍ତେ ଖାଇବା ପରେ ବିଳମ୍ବରେ ଖାଇଥାନ୍ତି। ଏମିତି କି ଖାଦ୍ୟ ନିଅଣ୍ଟ ହେଲେ ବାସି ଖାଦ୍ୟ କିମ୍ବା ସାମାନ୍ୟ ହଳକା ଖାଦ୍ୟରେ ଚଳାଇ ଦିଅନ୍ତି। ଏହାଦ୍ୱାରା ମଧ୍ୟ ସ୍ୱାସ୍ଥ୍ୟ ଖରାପ ହୋଇଥାଏ। ତେଣୁ ନିଜକୁ ଫିଟ୍ ରଖିବାକୁ ହେଲେ ଖାଇବା ସମୟ ଠିକ୍ ରଖିବା ସହ ସନ୍ତୁଳିତ ଖାଦ୍ୟ ଖାଇବା ନିହାତି ଆବଶ୍ୟକ।

**ବହୁତ ଜରୁରୀ ଆରାମ:** ଅନେକ ମହିଳାଙ୍କଠାରେ ଗ୍ୟାସ୍, ଏସିଡିଟି, ଅଣ୍ଟା ଆଦିରେ ପ୍ରେସର ପଡ଼ିଥାଏ ଏବଂ ଯନ୍ତ୍ରଣା ହୋଇଥାଏ। ସେହିପରି ଅଧିକାଂଶ କର୍ମଜୀବୀ ମହିଳାଙ୍କୁ ଦୀର୍ଘ ସମୟ ବସିବାକୁ ପଡୁଛି। ତା'ଛଡ଼ା ମୋବାଇଲ୍ ବ୍ୟବହାର ଏତେ ମାତ୍ରାରେ ବଢ଼ିଯାଇଛି ଯେ, ସମସ୍ତଙ୍କର ବସିବାଶୈଳୀ ବଦଳିଯାଇଛି। ଆରାମ ଲାଗିବା ଆଳରେ ଦୀର୍ଘ ସମୟ ଢାକି ହୋଇ ବା ବଙ୍କା ହୋଇ ବସିବା ଦ୍ୱାରା ମେରୁଦଣ୍ଡ ସହ ବେକ, ଅଣ୍ଟା ଆଦିରେ ଚାପ ପଡ଼ିଥାଏ। ସେହିପରି ଢାକି ହୋଇ ବସିବା ଦ୍ୱାରା ପେଟ ଚାପି ହୋଇ ରହିବା କାରଣରୁ ହଜମ କ୍ରିୟା,



ବଦହଜମି, ମେଦବହୁଳତା ଆଦି ସମସ୍ୟା ଦେଖା ଦେଇଥାଏ। ଏଥିପାଇଁ ଖାଦ୍ୟପେୟରେ ଅବହେଳା ସହ ଶୋଇବା ଅଭାବ ବା ପ୍ରତିଦିନ ଠିକ୍ ଭାବେ ନ ଶୋଇବା ମୁଖ୍ୟତଃ ଦାୟୀ। କାରଣ ଏସବୁ ନିଦ୍ରାହୀନତାଜନିତ ବିଭିନ୍ନ ସମସ୍ୟା ହୋଇଥିବା ବେଳେ ଏହା କେବେ କେବେ ହୃଦ୍‌ରୋଗ ଆଶଙ୍କା ବି ବୃଦ୍ଧି କରିଥାଏ। ତେଣୁ ଜୀବନଶୈଳୀ ଯେତେ ବ୍ୟସ୍ତବହୁଳ ହୋଇଥାଉ ନା କାହିଁକି ଶୋଇବା ପାଇଁ ସମୟ ବାହାର କରିବା ନିହାତି ଜରୁରୀ। କାରଣ ଠିକ୍ ଭାବେ ଶୋଇବା ଦ୍ୱାରା ଉଭୟ ଶରୀର ଏବଂ ମନ ଷ୍ଟ୍ରେସ୍ ଫ୍ରି ରହିବା ସହିତ ରୋଗ ପ୍ରତିରୋଧକ ଶକ୍ତି ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ।

**ଦୀର୍ଘ ସମୟ ବସିବା କିମ୍ବା ଠିଆହେବା:** ରୋଷେଇ ଘରେ ଦୀର୍ଘ ସମୟ ଠିଆ ହେବା ଦ୍ୱାରା ଅଧିକାଂଶ ମହିଳାଙ୍କ ଆଣ୍ଠୁ, ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ, ଯାହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ତେଣୁ ଅଧିକ ସମୟ ଠିଆ ହେବା କିମ୍ବା ବସିରହିବା ଅଭ୍ୟାସ ବଦଳାନ୍ତୁ। ଘରେ ହେଉ କିମ୍ବା ଅଫିସ୍‌ରେ କାମ କରିବା ବେଳେ କିଛି କିଛି ସମୟ ଅନ୍ତରାଳରେ ଅଳ୍ପ ସମୟ ଚାଲନ୍ତୁ କିମ୍ବା ଅଳ୍ପ ସମୟ ଷ୍ଟ୍ରେଚିଂ କରନ୍ତୁ।

**ଯୋଗ ବ୍ୟାୟାମ ହେବ ଉପକାରୀ:** ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀରେ ସୁସ୍ଥ ରହିବାର ସବୁଠୁ ଉତ୍ତମ ଉପାୟ ହେଉଛି ଯୋଗ। କାରଣ ଶାରୀରିକ ପରିଶ୍ରମ ଅଭାବରୁ ଅନେକଙ୍କଠାରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି, ଯାହାକୁ ଦୂର କରିବା ଲାଗି ପ୍ରତିଦିନ ଅତି କମ୍‌ରେ ଅଧଘଣ୍ଟା ଯୋଗ, ବ୍ୟାୟାମ କରନ୍ତୁ।

# ସମର କ୍ୟାମ୍ପ

ପ୍ରତ୍ୟେକ ଅଭିଭାବକ ନିଜ ପିଲାଙ୍କୁ ପାଠପଢ଼ା ସହ ନାଚ, ଗୀତ, ବକ୍ତୃତା, ଅଭିନୟ, ଚିତ୍ରାଙ୍କନ ଓ କ୍ରୀଡ଼ା ଭଳି ବିଭିନ୍ନ କ୍ଷେତ୍ରରେ ଦକ୍ଷ କରିବାକୁ ସ୍ୱପ୍ନ ଦେଖନ୍ତି। ହେଲେ ମାତ୍ର କେତେଜଣ ଅଭିଭାବକ ଏନେଇ ପିଲାଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇ ପାରୁଥିବା ବେଳେ ଆଉ କେତେଜଣ ଆଖପାଖରେ ଏସବୁ ଶିଖାଇବାର ସୁବିଧା ନ ଥିବାରୁ ହେଉ କିମ୍ବା ପାଠ ପଢ଼ାରେ ଅବହେଳା ହେବା ଭୟରେ ପିଲାଙ୍କୁ ଏସବୁ କ୍ଷେତ୍ରରେ ଆଗକୁ ବଢ଼ିବାର ସୁଯୋଗ ଦେଇପାରନ୍ତି ନାହିଁ। ଫଳରେ ଅନେକ ପିଲା ନିଜ କଳା ବିକାଶ କରିବା ସହ ଏହାକୁ ଲୋକଲୋଚନକୁ ଆଣିବାର ସୁଯୋଗରୁ ବଞ୍ଚିତ ହୋଇଥାନ୍ତି। ହେଲେ ବର୍ତ୍ତମାନ ଏସବୁ ସମସ୍ୟା ସମାଧାନର ଭଲ ଉପାୟ ପାଲଟିଛି ସ୍କୁଲ୍‌ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସମର୍ କ୍ୟାମ୍ପ୍...



ଅନେକ ପିଲାଙ୍କ ବିଭିନ୍ନ କ୍ଷେତ୍ରରେ ରୁଚି ଥାଏ। କିଏ ଭଲ ଗୀତ ଗାଏ ତ କିଏ ଭଲ ନୃତ୍ୟ, ଅଭିନୟ କିମ୍ବା ଚିତ୍ରାଙ୍କନ କରେ। ଆଉ ପୁଣି କାହାର କ୍ରୀଡ଼ା କ୍ଷେତ୍ରରେ ଥାଏ ବିଶେଷ ରୁଚି। ହେଲେ କେବେ ପାଖରେ ଶିଖିବାର ସୁବିଧା ନ ଥିବାରୁ ହେଉ କିମ୍ବା କେବେ ପାଠପଢ଼ା ଚାପରେ ଅନେକ ପିଲା ନିଜ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ କରିବାରୁ ବଞ୍ଚିତ ହୁଅନ୍ତି। ଏମିତିରେ ନିଜ ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ମାର୍ଜିତ କରିବା ସହ ଲୋକଲୋଚନକୁ ଆଣିବା ଲାଗି ଅଭିଭାବକଙ୍କ ପାଇଁ ବେଷ୍ଟ ଅପ୍ସନ ପାଲଟିଛି ସମର କ୍ୟାମ୍ପ୍। ଏବେ ଅନେକ ସ୍କୁଲ୍ ଏବଂ ବିଭିନ୍ନ ସଂସ୍ଥା ପକ୍ଷରୁ ସମର କ୍ୟାମ୍ପ୍ ଆୟୋଜନ କରାଯାଇ ପିଲାମାନଙ୍କୁ ଛୁଟି ସମୟରେ ବିଭିନ୍ନ କ୍ଷେତ୍ରରେ ସ୍ପେଶାଲ୍ ତାଲିମ ଦିଆଯାଉଛି। ଫଳରେ ପିଲାମାନେ ଖୁବ୍ ଉପକୃତ ହେଉଛନ୍ତି। ଯଥା:

- ଏଠାରେ ସେମାନେ ଯୋଗ, ଡାନ୍ସ, ଆକ୍ଟିଂ, ଆର୍ଟ ଆଣ୍ଡ କ୍ରାଫ୍ଟ, ସ୍ପୋର୍ଟ୍ସ, ସୁଇମିଂ, ସ୍ପୋକନ୍ ଇଂଲିଶ୍, ମ୍ୟାଥ୍, ସ୍କେଟିଂ, ହର୍ସ ରାଇଡିଂ, ଯୁଡୋ ଏବଂ ଆତ୍ମସୁରକ୍ଷା କୌଶଳ ଶିକ୍ଷା ଭଳି ରୁଚି ଥିବା ବିଭିନ୍ନ କ୍ଷେତ୍ରରେ ଦକ୍ଷ ଟ୍ରେନରମାନଙ୍କଠାରୁ ଶିକ୍ଷାଗ୍ରହଣ କରି ନିଜ ପ୍ରତିଭାକୁ ପରିପ୍ରକାଶ କରିବାର ସୁଯୋଗ ପାଇପାରୁଛନ୍ତି।
- ଏକାଠି ଶିଖିବା ଦ୍ୱାରା ପିଲାଙ୍କର ଆତ୍ମବିଶ୍ୱାସ ବଢ଼ିବା ସହ ପ୍ରତିଯୋଗିତା ମନୋଭାବ ବୃଦ୍ଧି ପାଉଛି। ତା'ଛଡ଼ା ଏଠାରେ ସମସ୍ତଙ୍କ ଆଗରେ କହିବା ଦ୍ୱାରା ପବ୍ଲିକ୍ ସ୍ପିକିଂ ଡର ଛାଡ଼ିଯାଉଥିବାରୁ ସମାନେ ଅଧିକ ଦକ୍ଷ ହୋଇପାରୁଛନ୍ତି।
- ପାଠପଢ଼ା ବ୍ୟତୀତ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି ଶିଖିବା ଦ୍ୱାରା ପିଲା ଅଧିକ ସ୍ମାର୍ଟ ହୋଇପାରୁଛନ୍ତି। ଏଠାରେ ନିଜ କ୍ଲାସ୍‌ମେଟ୍‌ଙ୍କ ବ୍ୟତୀତ ଅନ୍ୟ ପିଲାଙ୍କ ସହ ବନ୍ଧୁତା କରିବାର ସୁଯୋଗ ମିଳୁଛି।
- ଏହାଦ୍ୱାରା ସେମାନେ ନିଜେ ବିଭିନ୍ନ କାର୍ଯ୍ୟ କରିବା ସହ ଟାଇମ୍ ମ୍ୟାନେଜ୍‌ମେଣ୍ଟ ଶିଖିବାର ସୁଯୋଗ ପାଉଛନ୍ତି। ତା'ଛଡ଼ା ଛୁଟି ସମୟରେ ସେମାନଙ୍କ ଫିଜିକାଲ୍ ଫିଟ୍‌ନେସ୍ ଠିକ୍ ରଖିବା ଲାଗି ଏହା ବହୁତ କାମରେ ଆସୁଛି।

ପିଲାଙ୍କୁ ସମର କ୍ୟାମ୍ପ ଛାଡୁଥିଲେ କେତେକ କଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ...

– ପ୍ରତ୍ୟେକ ସମରକ୍ୟାମ୍ପରେ ଏକାପ୍ରକାରର ଆକ୍ଟିଭିଟି ଶିଖିବାର ବ୍ୟବସ୍ଥା ନ ଥାଏ। କେତେକ କ୍ୟାମ୍ପରେ ଏକାଧିକ କ୍ଷେତ୍ରରେ ତାଲିମ ଦିଆଯାଉଥିବା ବେଳେ ଆଉ କେତେକ କ୍ୟାମ୍ପ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ତାଲିମ ଦେବା ଲାଗି ଆୟୋଜନ କରାଯାଇଥାଏ। ତେଣୁ ନିଜ ପିଲାର କେଉଁଥିରେ ରୁଚି ଅଛି ଜାଣିବା ପରେ ଉକ୍ତ କ୍ୟାମ୍ପକୁ ପଠାନ୍ତୁ।

- ପିଲାଙ୍କୁ ସମର କ୍ୟାମ୍ପ୍ ଛାଡୁଥିଲେ ପ୍ରଥମେ କ'ଣ ଶିଖେଇବାକୁ ଛାଡୁଛନ୍ତି ଏବଂ ସେଥିପାଇଁ କେଉଁ ସବୁ ସାମଗ୍ରୀ ଆବଶ୍ୟକ ଭଲ ଭାବେ ବୁଝିବା ପରେ ସମସ୍ତ ସାମଗ୍ରୀ କିଣି ପିଲାଙ୍କୁ ଦିଅନ୍ତୁ। ଯେପରି ପେଣ୍ଟିଂ ପାଇଁ ଡ୍ରଇଂବୁକ୍, କଲର, ସ୍ୱିମିଂ ପାଇଁ ସ୍ୱିମିଂ ସୁଟ୍, କ୍ୟାପ୍, ଚଷମା ଆଦି, ଯୋଗ ପାଇଁ ମ୍ୟାଟ୍, କ୍ରାଫ୍ଟ ପାଇଁ କଲରପେପର୍, ଗ୍ଲୁ ଏବଂ ଅନ୍ୟ ଆବଶ୍ୟକ ସାମଗ୍ରୀ ଆଦି ଭଲ ଭାବେ ବୁଝି ପିଲା ସହ ପଠାନ୍ତୁ ଯେପରି ତା'ର ଶିଖିବାରେ କୌଣସି ଅସୁବିଧା ନ ହୁଏ।
- ସବୁବେଳେ ଘରଠାରୁ ଅଳ୍ପ ଦୂରରେ ଆୟୋଜିତ କ୍ୟାମ୍ପକୁ ପିଲାଙ୍କୁ ଛାଡ଼ିବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ପିଲାଙ୍କ ନେବା ଆଣିବା କରିବା ସହିତ ହଠାତ୍ ଆବଶ୍ୟକ ହେଲେ କୌଣସି ସାମଗ୍ରୀ ଯୋଗାଇ ଦେବା ସହଜ ହୋଇପାରିବ।
- ଯଦି ରହିବାର ବ୍ୟବସ୍ଥା ଥିବା କୌଣସି କ୍ୟାମ୍ପକୁ ପିଲାଙ୍କୁ ଛାଡୁଥାନ୍ତି ତେବେ ସେଠାରେ ରହିବା, ଖାଇବା ବ୍ୟବସ୍ଥା କିପରି ଭଲ ଭାବେ ବୁଝିନିଅନ୍ତୁ। ପିଲାଙ୍କ ବ୍ୟାଗ୍‌ରେ ଆବଶ୍ୟକ ପରିମାଣର ଶୁଖିଲା ଖାଦ୍ୟ ଏବଂ ଏକ୍ସଟ୍ରା ପୋଷାକ ଦିଅନ୍ତୁ। ଯଦି ପିଲା କୌଣସି ଔଷଧ ଖାଉଥାଏ ତେବେ ଏହାକୁ ଦେବା ସହ କ୍ୟାମ୍ପ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏସମ୍ପର୍କରେ ଜଣାନ୍ତୁ। ବିଶେଷକରି ପିଲାଙ୍କ ସହ ଯୋଗାଯୋଗ ପାଇଁ ଠିକ୍ ବ୍ୟବସ୍ଥା ଅଛି ନା ନାହିଁ ଦେଖିବାକୁ ଭୁଲନ୍ତୁ ନାହିଁ।





## ଏମାନେ କ'ଣ କରନ୍ତି




**ପ୍ରଜ୍ଞା ପାରମିତା ବାରିକ**(ଭୁବନେଶ୍ୱର)– ପିଲାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କେବଳ ପାଠପଢ଼ା ଯଥେଷ୍ଟ ନୁହେଁ, ତେଣୁ ସେମାନଙ୍କ ରୁଚିକୁ ଆଖିଆଗରେ ରଖି ଆମେ ଡାନ୍ସ, ଆକ୍ଟିଙ୍ଗ୍ ଏବଂ ମଡେଲିଂ ଶିକ୍ଷା ମଧ୍ୟ ଯୋଗାଇ ଦେଉଛୁ। ତଥାପି ସମୟ ଅଭାବରୁ ଆଉ କିଛି ରୁଚିକୁ ବାଧ୍ୟରେ ଅଣଦେଖା କରିବାକୁ ପଡୁଛି। କିନ୍ତୁ, ଏହି ଖରାଛୁଟିରେ ସେମାନେ ଯେପରି ବିଭିନ୍ନ ଗେମ୍ ଆକ୍ଟିଭିଟି, ସୁଇମିଂ, ଯୋଗ, ଆର୍ଟ ଆଣ୍ଡ କ୍ରାଫ୍ଟ ଶିଖିବାର ମଜା ନେଇପାରିବେ ସେଥିପାଇଁ ବିଭିନ୍ନ ସ୍ଥାନରେ ଆୟୋଜିତ ସମର କ୍ୟାମ୍ପ୍‌ରେ ଆଡ୍‌ମିଶନ୍ ପାଇଁ ଯୋଜନା ରଖିଛୁ। ଏହା ପିଲାଙ୍କର ଦକ୍ଷତା ବୃଦ୍ଧିରେ ବହୁତ ସାହାଯ୍ୟ କରେ ବୋଲି ପୂର୍ବ ବର୍ଷ ଅନୁଭୂତିରୁ କହିପାରିବି। ତେଣୁ ମୋ ମତରେ ପାଖରେ ସୁବିଧା ଥିଲେ ଏଭଳି ପିଲାଙ୍କୁ ସମର୍ କ୍ୟାମ୍ପ୍ ପଠାଇବାରେ ଆଦୌ ଅବହେଳା କରିବା କଥା ନୁହେଁ ।



**ସ୍ମିତିରୂପା ମହାନ୍ତି**(ଭୁବନେଶ୍ୱର)– ମୋ ଝିଅର ଡାନ୍ସରେ ଖୁବ୍ ଆଗ୍ରହ ରହିଛି। ତା'ଛଡ଼ା ଆର୍ଟ, କ୍ରାଫ୍ଟରେ ବି ରୁଚି ରହିଛି। ତେଣୁ ସ୍କୁଲ୍ ଛୁଟିରେ ସମର କ୍ୟାମ୍ପ୍‌ରେ ଏସବୁ ଶିଖିବାର ଭଲ ସୁଯୋଗ ଥିବାରୁ ଏବର୍ଷ ନିଶ୍ଚୟ ପଠାଇବି। ସେଠାକୁ ଗଲେ ଏସବୁ ଶିଖିବା ବଦଳରେ କମ୍ୟୁନିକେଶନ ସ୍କିଲ୍ ସହ ଟିମ୍ ୱାର୍କ, ପରସ୍ପର ମଧ୍ୟରେ ସାହାଯ୍ୟ ସହଯୋଗ ମନବୃତ୍ତି ମଧ୍ୟ ବଢ଼ିବ ବୋଲି ମୋର ବିଶ୍ୱାସ। ତା'ଛଡ଼ା ସମର ଭ୍ୟାକେଶନ୍‌ରେ ପିଲାଙ୍କୁ ମୋବାଇଲ୍‌ଠୁ ଦୂରେଇ ରଖି କିଛି ଭଲ ଶିକ୍ଷା ଦେବା ଲାଗି ଏହାଠାରୁ ଆଉ ଭଲ ଅପ୍ସନ କ'ଣ ବା ହୋଇପାରେ।

### ସୌନ୍ଦର୍ଯ୍ୟ

# ଖରାରେ ବି ଚମକିବ ତ୍ୱଚା



ଦିନକୁ ଦିନ ଖରା ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ସବୁଠୁ ଅଧିକ ପଡୁଛି ତ୍ୱଚା ଉପରେ। ଏମିତିରେ କେତୋଟି ଉପାୟ ଆପଣେଇ ତ୍ୱଚାକୁ ଟ୍ୟାନିଂ ଏବଂ ଡଲ୍‌ନେସ୍‌ରୁ ରକ୍ଷା କରିପାରିବେ। ଜାଣନ୍ତୁ ସେ ସମ୍ପର୍କରେ...

- ଯେଉଁମାନଙ୍କୁ ପ୍ରତିଦିନ ବାହାରକୁ ଯିବାକୁ ପଡୁଛି ସେମାନେ ଖରା ପ୍ରଭାବରୁ ତ୍ୱଚାକୁ ସୁରକ୍ଷିତ ରଖିବାଲାଗି ପ୍ରତି ୨ରୁ ୩ ଘଣ୍ଟା ବ୍ୟବଧାନରେ ଥରେ ସନ୍‌ସ୍କ୍ରିନ୍ ଲଗାଇବା ନିହାତି ଆବଶ୍ୟକ। ତେବେ ସନ୍‌ସ୍କ୍ରିନ୍ ଏସ୍‌ପିଏଫ୍ ୫୦ଯୁକ୍ତ ହୋଇଥିଲେ ତାହା ତ୍ୱଚାକୁ ସୂର୍ଯ୍ୟ ହାନିକାରକ କିରଣରୁ ସୁରକ୍ଷା ପ୍ରଦାନ କରିଥାଏ। ଯେଉଁମାନେ ଘରେ ରହୁଛନ୍ତି ସେମାନେ ବି ଦିନ ବେଳା ସନ୍‌ସ୍କ୍ରିନ୍ ଲଗାଇବା ଦରକାର।
- ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ପାଇଁ ସନ୍‌ସ୍କ୍ରିନ୍ ସମ୍ପୂର୍ଣ୍ଣ ସମାଧାନର ବାଟ ନୁହେଁ। ତେଣୁ ଖରାଦିନେ ବାହାରକୁ ଯିବାବେଳେ ଏହାକୁ ଲଗାଇବା ସହିତ କଟନ୍ କପଡ଼ାରେ ମୁହଁକୁ ଘୋଡ଼ାଇବାକୁ ଆଦୌ ଭୁଲନ୍ତୁ ନାହିଁ। ଏହା ବ୍ୟତୀତ ମୁଣ୍ଡରେ କ୍ୟାପ୍ ଲଗାନ୍ତୁ ଏବଂ ଚାଲିବା ବେଳେ ଛତା ଧରନ୍ତୁ।
- ମୁହଁରେ ଆଲୋଭେରା ଜେଲ୍, ଗୋଲାପ ଜଳ ଏବଂ କାକୁଡ଼ି ଲଗାଇଲେ ଟ୍ୟାନିଂ ସମସ୍ୟା ଦୂର ହୋଇଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବା ସହ ଗ୍ଲୋ ମଧ୍ୟ ବଢ଼ାଇଥାଏ।
- ଦହି, ବେସନ ପ୍ୟାକ୍ ଲଗାଇଲେ ମଧ୍ୟ ଖରାଦିନେ ସ୍କିନ୍ ଡଲ୍‌ନେସ୍ ଦୂର ହୋଇଥାଏ। ଏହା ତ୍ୱଚାକୁ ସୁନ୍ଦର ଏବଂ ଅଏଲ୍‌ଫ୍ରି ରଖିବାରେ ସାହାଯ୍ୟ କରେ।
- ଯଦି ପ୍ରତିଦିନ ଖରାରେ ବାହାରକୁ ଯିବା ଫଳରେ ସ୍କିନ୍ କଲର ଡଲ୍ ଲାଗୁଛି ତେବେ ବେସନ, ଦହି ପ୍ୟାକ୍ ଲଗାବା ଦ୍ୱାରା ସ୍କିନ୍ ଟୋନ୍ ବ୍ରାଇଟ୍ ହେବ।
- ଖରାଦିନେ ସ୍କିନ୍‌କୁ ଠିକ୍ ରଖିବା ଲାଗି ନାଇଟ୍ କେୟାରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ରାତିରେ ମୁହଁ ଧୁଅନ୍ତୁ, କେମିକାଲ୍‌ଯୁକ୍ତ କୌଣସି ଫେସ୍‌ୱାଶ୍ କିମ୍ବା କ୍ରିମ୍ ଆଦି ବ୍ୟବହାର କରନ୍ତୁ ନାହିଁ। ମୁହଁ ଧୋଇବା ପରେ ଟୋନର୍ ଲଗାନ୍ତୁ।



## ଖାଦ୍ୟରୁଚି // ଜହ୍ନି ଚୋପା ଚଟଣି



**ଆବଶ୍ୟକ ସାମଗ୍ରୀ:** ଏକ କପ୍ ଜହ୍ନି ଚୋପା, ମଧ୍ୟମ ଆକାରର ଟମାଟୋ ୨ଟି, ରାଶି ୧୦୦ଗ୍ରାମ, ତେଲ ଏକ ବଡ଼ ଚାମଚ, ଚିନି ୨ ଛୋଟ ଚାମଚ, ରସୁଣ କୋଳା ୫ଟି, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଜହ୍ନିକୁ ଭଲ ଭାବେ ଧୋଇ ଗ୍ରେଟର ସାହାଯ୍ୟରେ ଏହାର ଚୋପା ଛଡ଼ାନ୍ତୁ। ଏହାକୁ ଭଲ ଭାବେ ଧୋଇ ପାଣିରେ ଅଧଘଣ୍ଟା ଭିଜେଇ ଦିଅନ୍ତୁ। ଏହାକୁ ଛାଣି ସେଥିରେ ଟମାଟୋକୁ ଛୋଟ ଛୋଟ କାଟି ମିଶାନ୍ତୁ। ଏକ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରି ସେଥିରେ ଏସବୁ ପକାଇ କିଛି ସମୟ ଭାଜନ୍ତୁ। ଭାଜି ହୋଇଗଲେ ସେଥିରେ ଛୋଟ ଛୋଟ କଟା ରସୁଣ, ଲଙ୍କା ଗୁଣ୍ଡ ଏବଂ ଲୁଣ ପକାଇ ଅଳ୍ପ ଭାଜି ଚୁଲା ବନ୍ଦ କରିଦିଅନ୍ତୁ। ଗରମ କମିଯିବା ପରେ ସେଥିରେ ଅଳ୍ପ ପାଣି ମିଶାଇ ଗ୍ରାଇଣ୍ଡ କରି ଦିଅନ୍ତୁ। ଏହାକୁ ଏକ ପାତ୍ରରେ କାଢ଼ି ତା' ଉପରେ ଅଳ୍ପ ରାଶି ପକାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଯାଇଛି ଜହ୍ନି ଚୋପା ଚଟଣି।



# ଟି୨୦ରେ ବୈଭବଙ୍କ ରେକର୍ଡ

## ଗୁଜରାଟକୁ ହରାଇଲା ରାଜସ୍ଥାନ

ଜୟପୁର,୨୮।୪

ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ ବଳରେ ଏକ ହାଇସ୍କୋରିଂ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ୮ ଉଇକେଟରେ ଗୁଜରାଟ ଟାଇଟନ୍ସ (ଜିଟି)କୁ ପରାସ୍ତ କରିଛି। ଗୁଜରାଟ ଦ୍ୱାରା ପ୍ରଦତ୍ତ ୨୧୦ ରନର ଟାର୍ଗେଟକୁ ରାଜସ୍ଥାନ ୧୫.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହା ରାଜସ୍ଥାନର ତୃତୀୟ ବିଜୟ ଏବଂ ଏହି ବିଜୟ ସହ ଦଳ ତା'ର ପ୍ଲେଅଫ୍ ଆଶା ଉଜ୍ଜୀବିତ ରଖିଛି।

ଆମନ୍ତ୍ରଣପାଇବ୍ୟାଟିଂକରିଥିବାଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୯ ରନ କରିଥିଲା। ଦଳ ପକ୍ଷରୁ ସାଇ ସୁଦର୍ଶନ ୩୦ ବଲରେ ୩୯ ଏବଂ ଅଧିନାୟକ ଶୁବମନଗିଲ ୫୦ ବଲରେ ୫ ଚୌକା ଓ ୪ ଛକା ବଳରେ ୮୪ ରନ କରିଥିଲେ। ଶେଷ ଆଡ଼କୁ ବଟଲର ୨୬ ବଲରେ ୩ ଚୌକା ଓ ୪ ଛକା ସହିତ ୫୦ ରନ କରି ଅପରାଜିତ ରହିଥିଲେ। ଫଳରେ ଗୁଜରାଟ ରାଜସ୍ଥାନ ପକ୍ଷରୁ ମହିଶ ଥିକସାନା ଦୁଇ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନକୁ ୧୪ ବର୍ଷୀୟ ବୈଭବ ଓ ଯଶସ୍ୱୀ ଜୟସ୍ୱାଲ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ଗ୍ରାଉଣ୍ଡର ଚାରିଆଡ଼େ ଛକା ଓ ଚୌକା ବର୍ଷା କରି ୧୧.୫ ଓଭରରେ ୧୬୬ ରନ କରି ଦଳର ବିଜୟ ନିଶ୍ଚିତ କରିଥିଲେ। ୩୫ ବଲରେ ଶତକ ପୂରଣ କରିଥିବା ସୂର୍ଯ୍ୟବଂଶୀ ମୋଟ ଉପରେ ୩୮ ବଲରେ ୧୦୧ ରନ କରି ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୭ ଚୌକା ଓ ୧୧ ଛକା ସାମିଲ ଥିଲା। ନଂ-୩ରେ ଆସିଥିବା ନୀତିଶ ରାଣା (୪) ବିଫଳ ହୋଇଥିଲେ। ଏହାପରେ ଜୟସ୍ୱାଲ ଓ ଅଧିନାୟକ ରିୟାନ ପରାଗ ଅବିଭାଜିତ ତୃତୀୟ ଉଇକେଟରେ ୪୧ ରନ ଯୋଡ଼ି ଦଳକୁଜିତାଇଥିଲେ। ଜୟସ୍ୱାଲ ୪୦ ବଲରେ ୭୦ (୯ ଚୌକା ଓ ୨ ଛକା) ଓ ପରାଗ ୧୫ ବଲରେ ୩୨ (୨ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ


(ଆଜିର ମ୍ୟାଚ)

ଦିଲ୍ଲୀ ବନାମ କୋଲକାତା

ସ୍ଥାନ: ଦିଲ୍ଲୀ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଶତକ ହାସଲ ପରେ ବୈଭବ ସୂର୍ଯ୍ୟବଂଶୀ।

### ସଂକ୍ଷିପ୍ତ ସ୍କୋର

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୦୯/୪( ଶୁବମନ ଗିଲ-୮୪, ସାଇ ଜୋଶ ବଟଲର-୫୦*, ସୁଦର୍ଶନ-୩୯, ମହିଶ ଥିକସାନା-୨/୩୫, ସନ୍ଦୀପ ଶର୍ମା-୧/୩୩, ଜୋଫ୍ରା ଆର୍ଚ୍ଚର-୧/୪୯)। ରାଜସ୍ଥାନ ରୟାଲ୍ସ: ୧୫.୫ ଓଭରରେ ୨୧୨/୨ (ବୈଭବ ସୂର୍ଯ୍ୟବଂଶୀ-୧୦୧, ଯଶସ୍ୱୀ ଜୟସ୍ୱାଲ-୭୦*, ରିୟାନ ପରାଗ-୩୨*, ରଶିଦ ଖାନ-୧/୨୪)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଗୁଜରାଟ ଟାଇଟନ୍ସ | ୯ | ୬ | ୩ | ୦ | ୧୨ | +୦.୭୪୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୬ | ୩ | ୦ | ୧୨ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୩ | ୧ | ୧୧ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୧୦ | ୩ | ୭ | ୦ | ୬ | -୦.୩୪୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୦ | ୪ | -୧.୩୦୨ |

### ଟି୨୦ରେ ସର୍ବକନିଷ୍ଠ ସେଞ୍ଚୁରିଆନ

୧୪ ବର୍ଷ ୩୨ ଦିନ: ବୈଭବ ସୂର୍ଯ୍ୟବଂଶୀ, ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟନ୍ସ
୧୮ ବର୍ଷ ୧୧୮ ଦିନ: ବିଜୟ ଜୋଲ୍: ମହାରାଷ୍ଟ୍ର ବନାମ ମୁମ୍ବାଇ
୧୮ ବର୍ଷ ୧୭୯ ଦିନ: ପରଭେଜ ହୋସେନ, ଇମନ ବରିଶଲ ବନାମ ରାଜଶାହି
୧୮ ବର୍ଷ ୨୮୦ ଦିନ: ଗୁସ୍ତାଭ ମ୍ୟାକକେଓନ, ଫ୍ରାନ୍ସ ବନାମ ସ୍ୱିଜରଲାଣ୍ଡ

### ଆଇପିଏଲ୍‌ରେ ଦ୍ରୁତତମ ଶତକ

୩୦ ବଲ: କ୍ରିସ୍ ଗେଲ୍, ଆରସିବି ବନାମ ପିଡବ୍ଲ୍ୟୁଆଇ, ବେଙ୍ଗାଲୁରୁ, ୨୦୧୩
୩୫ ବଲ: ବୈଭବ ସୂର୍ଯ୍ୟବଂଶୀ, ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟନ୍ସ, ଜୟପୁର, ୨୦୨୫
୩୭ ବଲ୍: ୟୁସୁଫ ପଠାନ, ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ, ୨୦୧୦

## ଶୋଏବ ଅଖ୍‌ତରଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଭାରତରେ ନିଷିଦ୍ଧ

ନୂଆଦିଲ୍ଲୀ,୨୮।୪(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଜାତୀୟ ସୁରକ୍ଷା ସମ୍ପର୍କିତ ସରକାରୀ ନିର୍ଦ୍ଦେଶ ପ୍ରକାଶ ପାଇବା ପରେ ପାକିସ୍ତାନର ପୂର୍ବତନ କ୍ରିକେଟର ଶୋଏବ ଅଖ୍‌ତର ଓ ବସିତ ଅଲୀଙ୍କ ୟୁଟ୍ୟୁବ୍ ଚ୍ୟାନେଲକୁ ଭାରତରେ ନିଷିଦ୍ଧ କରି ଦିଆଯାଇଛି। ଏପ୍ରିଲ ୨୨ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ଅନେକ ପାକିସ୍ତାନୀ ଚ୍ୟାନେଲ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପରାମର୍ଶକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି।




## ୨୦୨୮ ସୁଦ୍ଧା ଆଇପିଏଲ୍ ସିଜନରେ ୯୪ ମ୍ୟାଚ୍

ନୂଆଦିଲ୍ଲୀ,୨୮।୪

ଚଳିତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ୮୪ ମ୍ୟାଚ୍ ଖେଳାଯିବାର ଯୋଜନା ଥିଲା। କିନ୍ତୁ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଓ ବ୍ରଡ୍‌କାଷ୍ଟରମାନେ ଅତ୍ୟଧିକ ଡବଲ ହେଡର ମ୍ୟାଚ୍ ଚାହୁଁ ନ ଥିବାରୁ ଚଳିତ ଆଇପିଏଲ୍‌ରେ ମ୍ୟାଚ୍ ସଂଖ୍ୟାକୁ ବୃଦ୍ଧି କରାଯାଇ ନ ଥିଲା। ହେଲେ ଟୁର୍ନାମେଣ୍ଟର ମ୍ୟାଚ୍ ସଂଖ୍ୟାକୁ ଭବିଷ୍ୟତରେ ବୃଦ୍ଧି କରିବାକୁ ଯୋଜନା ରଖାଯାଇଛି। ଫ୍ୟୁଚର ଟୁର୍‌ସ ପ୍ରୋଗ୍ରାମ(ଏଫ୍‌ଟିପି)ରେ ଆଇପିଏଲ୍ ଲାଗି ମାର୍ଚ୍ଚ ମଧ୍ୟରୁ ମେ' ଶେଷପର୍ଯ୍ୟନ୍ତ ସ୍ଲଟ୍ ଧାର୍ଯ୍ୟ କରାଯାଇଛି।

ଆଇପିଏଲ୍ ଚେୟାରମ୍ୟାନ ଅରୁଣ ଧୂମାଲ କହିଛନ୍ତି, ୨୦୨୮ରୁ ଆରମ୍ଭ ହେବାକୁ ଥିବା ପରବର୍ତ୍ତୀ ମିଡିଆ ରାଇଟ୍ସ ସାଇକେଲରେ ବିସିସିଆଇ ଗୁରୁତର ସହ ଟୁର୍ନାମେଣ୍ଟକୁ ବିସ୍ତାର କରିବା ସମ୍ପର୍କରେ ଚିନ୍ତା କରିବ। ଆମେ ଏ ସମ୍ପର୍କରେ ଆଇସିସି ସହ ଆଲୋଚନା କରୁଛୁ। ଦ୍ୱିପାକ୍ଷିକ ସିରିଜ ଓ ଆଇସିସି ଇଭେଣ୍ଟ ପ୍ରତି ପ୍ରଶଂସକଙ୍କ ଆଗ୍ରହ ହ୍ରାସ ପାଉଥିବାରୁ ଆମକୁ ଏ ସମ୍ପର୍କରେ ଅଧିକ ଗୁରୁତ୍ୱର ସହ ବିଚାର କରିବାର ଆବଶ୍ୟକତା ରହିଛି। ଆମକୁ ବର୍ତ୍ତମାନ ମିଳୁଥିବା ସ୍ଲଟ୍‌ଠାରୁ ବଡ଼ ସ୍ଲଟ୍‌ର ଆବଶ୍ୟକତା ପଡ଼ିପାରେ। ଟୁର୍ନାମେଣ୍ଟର ମ୍ୟାଚ୍ ସଂଖ୍ୟା ୭୪ରୁ ୯୪କୁ ବୃଦ୍ଧି କରାଯାଇପାରେ। ଯାହାଫଳରେ ପ୍ରତ୍ୟେକ ଦଳ ବିପକ୍ଷରେ ହୋମ୍ ଆଣ୍ଡ ଆୱେ ଫର୍ମାଟ୍‌ରେ ଖେଳିପାରିବେ। ଚଳିତବର୍ଷ ମ୍ୟାଚ୍ ସଂଖ୍ୟା ବୃଦ୍ଧି କରାଯିବାର ଯୋଜନା ଥିଲା।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ